# ମାଧ୍ୟମିକ ବ୍ୟାକରଣ

(ନବମ ଶ୍ରେଣୀ)

ପ୍ରକାଶକ

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

Download Form - BilimTook.com

# ମାଧ୍ୟମିକ ବ୍ୟାକରଣ

(ନବମ ଶ୍ରେଣୀ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁମୋଦିତ ଓ ପ୍ରକାଶିତ

© ସର୍ବସ୍ୱତ୍ୱ ସଂରକ୍ଷିତ

**ଲେଖକମଣ୍ଡଳୀ :**

ଡକ୍ଟର ବାଉରିବନ୍ଧୁ ସାହୁ (ସମୀକ୍ଷକ)

ଡ. ସଦାନନ୍ଦ ନାୟକ

ଡକ୍ଟର ରାମଚନ୍ଦ୍ର ନାୟକ

ପଣ୍ଡିତ ଭୂପତିଭୂଷଣ ମିଶ୍ର

**ସଂଯୋଜନା :**

ଡକ୍ଟର ମୀନାକ୍ଷୀ ଦାସ

**ପ୍ରଥମ ସଂସ୍କରଣ :** ୨୦୧୨

**ଆର୍ଟପୁଲ**

ଶ୍ରୀ ଜେରକ୍ସ ଆଣ୍ଡ ଅଫ୍‌ସେଟ

ବକ୍ସିବାଟି ରୋଡ଼, କଟକ-୧

**ମୁଦ୍ରଣ**

**ମୂଲ୍ୟ : ଟ.**

BilimTook.com

# ॥ ଭୂମିକା ॥

ଆମ ରାଜ୍ୟର ନବମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ 'ମାଧ୍ୟମିକ ବ୍ୟାକରଣ' ନାମକ ନୂତନ ପୁସ୍ତକଟି ପ୍ରସ୍ତୁତ କରାଯାଇ ଚଳିତ ଶିକ୍ଷାବର୍ଷରୁ ପ୍ରଚଳନ କରାଯାଉଛି । ଜାତୀୟ ପାଠ୍ୟଖସଡ଼ା -୨୦୦୫ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର - ୨୦୦୭ ଆଧାରରେ ପ୍ରସ୍ତୁତ ଏହି ପୁସ୍ତକଟିରେ ଅଭ୍ୟାସଭିତ୍ତିକ କାର୍ଯ୍ୟାବଳୀକୁ ଗୁରୁତ୍ୱ ଦିଆଯାଇଛି । ଭାଷାଜ୍ଞାନ ଆହରଣ ତଥା ଛାତ୍ରଛାତ୍ରୀମାନଙ୍କର କୌଶଳାତ୍ମକ ତଥା ପ୍ରାୟୋଗିକ ଦକ୍ଷତା ଅଭିବୃଦ୍ଧିରେ ପୁସ୍ତକଟି ସହାୟକ ହେବ ବୋଲି ଆଶା । ପୁସ୍ତକର ସଂପାଦନାମଣ୍ଡଳୀ, ଓଡ଼ିଆ ସିଲାବସ କମିଟିର ସଭ୍ୟବୃନ୍ଦ ଓ ସଂଯୋଜିକାଙ୍କୁ ପରିଷଦ ତରଫରୁ କୃତଜ୍ଞତା ଜ୍ଞାପନ କରୁଛି ।

ପାଠକପାଠିକା ତଥା ବିଷୟ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଗଠନମୂଳକ ମତାମତ ଓ ପରାମର୍ଶକୁ ପରବର୍ତ୍ତୀ ସଂସ୍କରଣ ନିମନ୍ତେ ସ୍ୱାଗତ କରୁଛି ।

**ସଭାପତି**

**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା**

## ।। ଅଗ୍ରଲେଖ ।।

ଆମ ରାଜ୍ୟର ନବମ ଶ୍ରେଣୀରେ ପଢୁଥିବା ଉଚ୍ଚ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କ ପାଇଁ 'ମାଧ୍ୟମିକ ବ୍ୟାକରଣ' ପୁସ୍ତକଟି ପ୍ରସ୍ତୁତ ହୋଇଅଛି । ଜାତୀୟ ପାଠ୍ୟଖସଡ଼ା – ୨୦୦୫ ଏବଂ ରାଜ୍ୟ ପାଠ୍ୟକ୍ରମ ଆଧାର – ୨୦୦୭ ଅନୁସାରେ ପୁସ୍ତକଟି ଲିଖିତ । ଅଭ୍ୟାସଭିତ୍ତିକ ପ୍ରଶ୍ନାବଳୀ ଆଧାରରେ ଏଥିରେ ଶିକ୍ଷାର୍ଥୀମାନଙ୍କର ଭାଷାଜ୍ଞାନ ବୃଦ୍ଧି, ନିର୍ଭୁଲ ଲିଖନ କଳା ଓ ବ୍ୟାବହାରିକ ଲିଖନ ଶୈଳୀ ଉପରେ ଯଥୋଚିତ ଗୁରୁତ୍ୱ ଦିଆଯାଇଛି । ବିଷୟ ପଢ଼ାଉଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ଲକ୍ଷ୍ୟ ରଖି ଶ୍ରେଣୀ କକ୍ଷରେ ଅଧିକ ଅଭ୍ୟାସମୂଳକ ପ୍ରଶ୍ନ ଉପସ୍ଥାପନ ଓ ଆଲୋଚନା କରାଇବେ । ଏହି ସଂକଳନ ସଂପର୍କରେ ବିଜ୍ଞ ପରାମର୍ଶ ମିଳିଲେ ପରବର୍ତ୍ତୀ ସଂସ୍କରଣରେ କର୍ତ୍ତୃପକ୍ଷ ତାହାର ବିଚାରପୂର୍ବକ ସୁବ୍ୟବସ୍ଥା କରିବେ ବୋଲି ଆଶା ।

**ସଂପାଦନାମଣ୍ଡଳୀ**

BilimTook.com

BilimTook.com

# ସୂଚୀ


| ଅଧ୍ୟାୟ/ପାଠ | ପ୍ରସଙ୍ଗ | ପୃଷ୍ଠା |
|---|---|---|
| ପ୍ରଥମ | ଶବ୍ଦଗଠନ | ୦୧ |
| ଦ୍ୱିତୀୟ | ସନ୍ଧି | ୧୧ |
| ତୃତୀୟ | ସମାସ | ୨୬ |
| ଚତୁର୍ଥ | ଉପସର୍ଗ | ୪୦ |
| ପଞ୍ଚମ | କୃଦନ୍ତ | ୫୨ |
| ଷଷ୍ଠ | ତଦ୍ଧିତ | ୬୦ |
| ସପ୍ତମ | କାରକ ଓ ବିଭକ୍ତି | ୭୫ |
| ଅଷ୍ଟମ | ଅନୁଚ୍ଛେଦ ଲିଖନ | ୯୩ |
| ନବମ | ବିଜ୍ଞାପନ ଲିଖନ | ୧୦୦ |
| ଦଶମ | ସରକାରୀ ପତ୍ର ଓ ଦରଖାସ୍ତ | ୧୦୫ |


❖❖❖

BilimTook.com

# ଭାରତର ସମ୍ବିଧାନ

**ପ୍ରାକ୍ କଥନ :**

ଆମେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ସମସ୍ତ ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ
ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା
ଏହି ସମ୍ବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

## ଚତୁର୍ଥ ଅଧ୍ୟାୟ (କ)
## ୫୧ (କ) ଧାରା : ମୌଳିକ କର୍ତ୍ତବ୍ୟ

**ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ -**

(କ) ସମ୍ବିଧାନକୁ ମାନି ଚଳିବା ଏବଂ ଏହାର ଆଦର୍ଶ ଓ ଅନୁଷ୍ଠାନମାନଙ୍କୁ ଏବଂ ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା;

(ଖ) ଯେଉଁସବୁ ମହନୀୟ ଆଦର୍ଶ ଆମ ଜାତୀୟ ସ୍ୱାଧୀନତା ସଂଗ୍ରାମକୁ ଅନୁପ୍ରାଣିତ କରିଥିଲା, ତାହାକୁ ସ୍ମରଣ ଓ ଅନୁସରଣ କରିବା;

(ଗ) ଭାରତର ସାର୍ବଭୌମତ୍ୱ, ଏକତା ଓ ସଂହତି ବଜାୟ ଏବଂ ସୁରକ୍ଷିତ ରଖିବା;

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ସ୍ଥଳେ ଜାତୀୟ ସେବା ପ୍ରଦାନ କରିବା;

(ଙ) ଧର୍ମଗତ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ଗୋଷ୍ଠୀଗତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ଓ ଭ୍ରାତୃଭାବ ପ୍ରତିଷ୍ଠା କରିବା ଏବଂ ନାରୀଜାତିର ମର୍ଯ୍ୟାଦାହାନୀସୂଚକ ବ୍ୟବହାର ପରିତ୍ୟାଗ କରିବା;

(ଚ) ଆମର ସଂସ୍କୃତିର ମୂଲ୍ୟବାନ୍ ଐତିହ୍ୟକୁ ସମ୍ମାନ ପ୍ରଦର୍ଶନ ଓ ସଂରକ୍ଷଣ କରିବା;

(ଛ) ଅରଣ୍ୟ, ହ୍ରଦ, ନଦୀ, ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ଉନ୍ନତି କରିବା ଏବଂ ଜୀବଜଗତ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା;

(ଜ) ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧିତ୍ସା ଓ ସଂସ୍କାର ମନୋଭାବ ପୋଷଣ କରିବା;

(ଝ) ସର୍ବସାଧାରଣ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା;

(ଞ) ବ୍ୟକ୍ତିଗତ ଓ ସମଷ୍ଟିଗତ କାର୍ଯ୍ୟାବଳୀର ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷ ସାଧନା କରିବା, ଯାହା ଦ୍ୱାରା ଆମ ଦେଶ ପ୍ରଚେଷ୍ଟା ଓ କୃତିତ୍ୱର ଉଚ୍ଚତର ସୋପାନକୁ ଅବିରତ ଉନ୍ନତି କରିପାରିବ;

(ଟ) ମାତା ବା ପିତା ବା ଅଭିଭାବକ, ତାଙ୍କର ଛଅ ବର୍ଷରୁ ଚଉଦ ବର୍ଷ ବୟସ ମଧ୍ୟରେ ଥିବା ସନ୍ତାନ ବା ପାଳିତଙ୍କୁ ଶିକ୍ଷାଲାଭର ସୁଯୋଗ ଯୋଗାଇ ଦେବା ।

**ପ୍ରଥମ ଅଧ୍ୟାୟ**

# ଶବ୍ଦ ଗଠନ

**୧.୧.** ଆସ, ତଳେ ଲେଖା ଯାଇଥିବା ବର୍ଣ୍ଣଗୁଡ଼ିକ ବିଷୟରେ ଆଲୋଚନା କରିବା ।

(୧) ଟଅ (୨) ଣଠ (୩) ରହଡ଼

(୪) ଅ (୫) କ (୬) ଖ (୭) ଘର (୮) ନଗର (୯) ସରବତ (୧୦) ଅନବରତ

ପ୍ରଥମଧାଡ଼ିରେ ଥିବା (୧) 'ଟଅ', (୨) 'ଣଠ' ରେ ଦୁଇ ଦୁଇଟି ବର୍ଣ୍ଣର ମିଳନ ଘଟିଛି, ହେଲେ ସେଥିରେ କୌଣସି ଅର୍ଥ ପ୍ରକାଶ ପାଉନାହିଁ । ପୁଣି ସେହି ଧାଡ଼ିର (୩) 'ରହଡ଼' ରେ ତିନୋଟି ବର୍ଣ୍ଣର ମିଳନ ଘଟିଛି । ହେଲେ, ତହିଁରୁ ମଧ୍ୟ କୌଣସି ଅର୍ଥ ପ୍ରକାଶିତ ହେଉନାହିଁ ।

ଦ୍ୱିତୀୟଧାଡ଼ିରେ ଥିବା 'ଅ', 'କ', 'ଖ' ଆଦି ଗୋଟିଏ ଗୋଟିଏ ବର୍ଣ୍ଣ ହୋଇଥିଲେ ମଧ୍ୟ ଏଗୁଡ଼ିକର ଅର୍ଥ ପ୍ରକାଶ କରିବାର କ୍ଷମତା ଅଛି ।

(୪) 'ଅ' ର ଅର୍ଥ ବିଷ୍ଣୁ (୫) 'କ' ର ଅର୍ଥ ମସ୍ତକ, ଜଳ ।

(୬) 'ଖ' ର ଅର୍ଥ ଆକାଶ ।

ସେହିପରି (୭) 'ଘର' (୮) 'ନଗର' (୯) 'ସରବତ୍' (୧୦) 'ଅନବରତ' ଏକାଧିକ ବର୍ଣ୍ଣର ସମ୍ମିଶ୍ରଣରେ ସୃଷ୍ଟି ହୋଇଛି । କିନ୍ତୁ ପ୍ରତ୍ୟେକର ଅର୍ଥପ୍ରକାଶ କରିବାର କ୍ଷମତା ରହିଛି । ବର୍ତ୍ତମାନ ଆମେ ଦେଖିଲେ ଯେ ଏକବର୍ଣ୍ଣ ବା ଏକାଧିକ ବର୍ଣ୍ଣର ମିଳନରେ କିଛି ନା କିଛି ଅର୍ଥ ପ୍ରକାଶିତ ହେଉଛି । ଅର୍ଥ ପ୍ରକାଶକ୍ଷମ ଏହି ବର୍ଣ୍ଣ ବା ବର୍ଣ୍ଣସମୂହର ମିଳନକୁ ଶବ୍ଦ କୁହାଯାଏ ।

**ଏକ ବର୍ଣ୍ଣ ବା ଏକାଧିକ ବର୍ଣ୍ଣ ମିଳିତ ହୋଇ କୌଣସି ଅର୍ଥ ପ୍ରକାଶ କରୁଥିଲେ ତାକୁ 'ଶବ୍ଦ' କହନ୍ତି ।**

ଏଠାରେ ବର୍ତ୍ତମାନ ପ୍ରମାଣିତ ହେଲା ଯେ – ପ୍ରଥମଧାଡ଼ିର ବର୍ଣ୍ଣ ବା ବର୍ଣ୍ଣସମୂହ (୧)ରୁ (୩) ପର୍ଯ୍ୟନ୍ତ ଅର୍ଥ ପ୍ରକାଶ କରିପାରୁନଥିବାରୁ ସେଗୁଡ଼ିକ ଶବ୍ଦ ପଦବାଚ୍ୟ ନୁହେଁ । କିନ୍ତୁ ଦ୍ୱିତୀୟଧାଡ଼ିର (୪) ରୁ (୧୦) ପର୍ଯ୍ୟନ୍ତ ବର୍ଣ୍ଣ ବା ବର୍ଣ୍ଣ ସମୂହ ଅର୍ଥ ପ୍ରକାଶ କରି ପାରୁଥିବାରୁ ସେଗୁଡ଼ିକ ଶବ୍ଦ ପଦବାଚ୍ୟ ।

## ୧.୨ ଶବ୍ଦର ପ୍ରକାର ଭେଦ :

ଅନୁଶୀଳନରୁ ଜଣାଯାଏ ଯେ ଭାଷା ହେଉଛି ଭାବ ବିନିମୟର ସର୍ବଶ୍ରେଷ୍ଠ ମାଧ୍ୟମ । ପୁଣି ଶବ୍ଦପୁଞ୍ଜ ହେଉଛନ୍ତି ଏ ଭାଷାର ଅଙ୍ଗପ୍ରତ୍ୟଙ୍ଗ ସଦୃଶ । ଏହିମାନଙ୍କୁ ନେଇ ସେ ନିଜର କଳେବର ବୃଦ୍ଧି କରିବାରେ କ୍ଷମ ହୋଇଥାଏ ।

ଗୋଟିଏ ଭାଷାର ଶବ୍ଦଭଣ୍ଡାରକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ସେଥିରୁ ଅନେକ ବହୁକାଳଧରି ଅପରିବର୍ତ୍ତିତ ଥିବାବେଳେ କେତେକ ଶବ୍ଦର କାଳକ୍ରମେ ପରିବର୍ତ୍ତନ ଘଟି ନୂଆରୂପ ହୋଇଛି । କେତେକ ଶବ୍ଦ ଲୋକମୁଖରୁ ନୂତନ ଭାବେ ସୃଷ୍ଟି ହୋଇଥିବାବେଳେ କେତେକ ଅନ୍ୟଭାଷାରୁ ଆସି ଏ ଭାଷା ସହିତ ମିଶିଯାଇଛନ୍ତି । ଏହିଧାରାର ପ୍ରଚଳନ ହେତୁ ଗୋଟିଏ ଭାଷା ମଧ୍ୟରେ ବିବିଧତା ଲକ୍ଷ୍ୟ କରାଯାଇଥାଏ । ଆମ ଓଡ଼ିଆ ଭାଷା ମଧ୍ୟ ଏହି ଧାରାରୁ ବାଦ୍ ଯାଇନାହିଁ । ଅଧିକନ୍ତୁ ଏହି ଧାରାକୁ ଆଖି ଆଗରେ ରଖି ଭାଷାଭଣ୍ଡାରକୁ ଚାରିଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା ଯଥାକ୍ରମେ - **ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ।**

### ତତ୍ସମ :

'ତତ୍' ଓ 'ସମ' - ଏ ଦୁଇଟି ଶବ୍ଦ ମିଶ୍ରଣରେ 'ତତ୍ସମ' ଶବ୍ଦଟି ଗଠିତ ହୋଇଛି । ଏହାର ଅର୍ଥ ହେଉଛି 'ତାହା ସହିତ ସମାନ' - ଅର୍ଥାତ୍ ସଂସ୍କୃତ ଭାଷା ସହିତ ସମାନ । ସଂସ୍କୃତ ଭାଷାର କେତେକ ଶବ୍ଦ ଅପରିବର୍ତ୍ତିତ ହୋଇ ଅବିକଳରୂପେ ଓଡ଼ିଆ ଭାଷାରେ ପ୍ରଚଳିତ ହୋଇ ଆସୁଅଛି, ଏଗୁଡ଼ିକୁ **ତତ୍ସମ ଶବ୍ଦ** କହନ୍ତି ।

ଏପରି ହେବାର କାରଣ ମଧ୍ୟ ଅଛି । କାରଣ ଆର୍ଯ୍ୟମାନେ ଦୀର୍ଘକାଳ ଧରି ଭାରତବର୍ଷରେ ବସତିସ୍ଥାପନ କରିଆସିଛନ୍ତି । ସେହିମାନଙ୍କର ଭାଷା ହେଉଛି ସଂସ୍କୃତ । ତେଣୁ ଏହି ସଂସ୍କୃତ ଭାଷାର ପ୍ରଭାବ ଏ ଦେଶର ବିଭିନ୍ନ ଭାଷା ଉପରେ ରହିଆସିଛି । ସେହି ଧାରାରୁ ଓଡ଼ିଆ ଭାଷା ବାଦ୍ ଯାଇନାହିଁ । ଉଦାହରଣସ୍ୱରୂପ :- ନଦୀ, ଆକାଶ, ଅଙ୍କ, ଆଚାର୍ଯ୍ୟ, ସଂସାର, ପର୍ବତ ... ଇତ୍ୟାଦି ।

### ତଦ୍ଭବ :

ଏହାର ଅର୍ଥ ହେଉଛି ତହିଁରୁ ଭବ ବା ଜାତ - ଅର୍ଥାତ୍ ଓଡ଼ିଆ ଭାଷାର କେତେକ ଶବ୍ଦ ସଂସ୍କୃତ ଶବ୍ଦମାନଙ୍କରୁ ଜାତ ହୋଇଛନ୍ତି ।

| ସଂସ୍କୃତ - ତଦ୍ଭବ | (ଓଡ଼ିଆ) ରୂପ |
|---|---|
| ନଦୀ - ନଈ | ଗାଭୀ - ଗାଈ |
| କୂପ - କୂଅ | ଗର୍ଦ୍ଦଭ - ଗଧ |
| ହସ୍ତୀ-ହାତୀ | ଘୋଟକ - ଘୋଡ଼ା |
| ଘୃତ - ଘିଅ | ଭୂମି - ଭୂଇଁ |

**ଦେଶଜ :**

ଓଡ଼ିଶାରେ ପ୍ରଚଳିତ ଦେଶଜ ଶବ୍ଦର ତ୍ରିବିଧ ସ୍ତର ରହିଛି । (୧) ଆଦିବାସୀ ଭାଷା, (୨) ଦ୍ରାବିଡ଼ ଭାଷା, (୩) ପୂର୍ଣ୍ଣମାତ୍ରାରେ ଓଡ଼ିଶାର ଜନସାଧାରଣଙ୍କ ମୁଖରୁ ଉଦ୍‌ଭବ ଭାଷା । (କ) ଦ୍ରାବିଡ଼ ଶବ୍ଦ - ଅଡ଼ା, ଆରିସା, ଏଣ୍ଡୁରି, ଅଗାଡ଼ି ପ୍ରଭୃତି । (ଖ) ଆଦିବାସୀ ଶବ୍ଦ -ଅଟେଇ, ଅରମା, ଆଣ୍ଡୁ ପ୍ରଭୃତି । (ଗ) ଓଡ଼ିଶାର ଜନସାଧାରଣଙ୍କ ମୁଖରୁ ସୃଷ୍ଟ – ଡିଙ୍କି, ଛାଞ୍ଚୁଣି, ଅଖାଡୁଆ, ଜନ୍ତାଳ, ଠେକରା, ଝୁମୁକା, ହାକୁଟି ପ୍ରଭୃତି ।

**ବୈଦେଶିକ :**

ବାଣିଜ୍ୟହେତୁ ହେଉ ବା ଶାସନସୂତ୍ରରେ ହେଉ କେତେକ ବାହାର ଦେଶର ପ୍ରଭାବ ଆମଦେଶ ଉପରେ ପଡ଼ିଥିଲା । ସେହି ପ୍ରଭାବରେ ଭାଷା ମଧ୍ୟ ପ୍ରଭାବିତ ହେଲା । ତେଣୁ କେତେକ ବିଦେଶୀ ଶବ୍ଦ ଆମଭାଷା ଭିତରେ ମିଶିଗଲେ । ସେହିଭଳି ଶବ୍ଦକୁ ବୈଦେଶିକ ଶବ୍ଦ କୁହାଯାଏ ।

(୧) **ପର୍ତ୍ତୁଗୀଜ -** ଗୀର୍ଜା, ପାଦ୍ରି

(୨) **ଯାବନିକ -** ଅକଲ, ଅଦାଲତ, ଆଇନା, ଇସ୍ତଫା, ଓକିଲ, ନଗଦ, ତହସିଲଦାର, ମୁଦାଲା, ମୁନିବ ପ୍ରଭୃତି ।

(୩) **ପାରସିକ -** ଅଙ୍ଗୁର, ଅବକାରୀ, ଖଜଣା, କରଜ, ଚଷମା, ସୁପାରିସ, ହୁସିଆର ଇତ୍ୟାଦି ।

(୪) **ତୁର୍କୀ** -କଇଞ୍ଚି, କୁଲି, ଗାଲିଚା, ବନ୍ଧୁକ, ବାରୁଦ, ତୋପ, ଚପାତି ଇତ୍ୟାଦି ।

(୫) **ଇଂରାଜୀ** - ଟିକେଟ, ବେଞ୍ଚ, ଟେବୁଲ, ଜଜ୍, ପେନ୍, ଇଞ୍ଜିନ୍, କଲେଜ ଇତ୍ୟାଦି ।

**୧.୩ ଶବ୍ଦର ରୂପ :**

ଶବ୍ଦଭଣ୍ଡାରର ପରିସର ଅତି ବିଶାଳ । ଗଠନ ଦୃଷ୍ଟିରୁ ଏହାକୁ ଦୁଇଭାଗରେ ବିଭକ୍ତ କରାଯାଏ । ତାହା ହେଉଛି ଯଥାକ୍ରମେ ମୌଳିକ ଓ ବ୍ୟୁତ୍ପନ୍ନ ।

**ମୌଳିକ ଶବ୍ଦ :-** ଯେଉଁ ଶବ୍ଦରୁ କୌଣସି ଉପାୟରେ ଗୋଟିଏ ହେଲେ ବି ବର୍ଣ୍ଣ କାଟିହୁଏ ନାହିଁ, ଅର୍ଥାତ୍ ଗୋଟିଏ ବର୍ଣ୍ଣ କାଟି ଦେଲେ ତାର ଅଙ୍ଗ ହାନି ହେବା ସଙ୍ଗେ ସଙ୍ଗେ ଅର୍ଥ ପ୍ରକାଶ କ୍ଷମତା ଲୋପପାଏ, ତାକୁ **ମୌଳିକ ଶବ୍ଦ** କହନ୍ତି ଯଥା :- ଗଛ, ବହି, ଧୂଳି, ପାଟ, ଡେଙ୍ଗା, ଧଳା ଇତ୍ୟାଦି ।

**ବ୍ୟୁତ୍ପନ୍ନ ଶବ୍ଦ -** ମୂଳଶବ୍ଦର ପୂର୍ବରୁ ବା ପରେ ଆଉ ଏକ ରୂପ (ପ୍ରତ୍ୟୟ ବା ଶବ୍ଦ) ସଂଯୋଗକରି ନୂତନ ଶବ୍ଦ ଗଠନ କରାଗଲେ ତାହାକୁ **ବ୍ୟୁତ୍ପନ୍ନ ଶବ୍ଦ** କହନ୍ତି ଯଥା -

ଘର + ଉଆ = ଘରୁଆ        ତଳ + ଉଆ = ତଳୁଆ

ପ୍ର+ତାପ = ପ୍ରତାପ,        ପାଣି + ଆ = ପାଣିଆ

ପାନ + ରା = ପାନରା ।

ଆହୁରି ମନେରଖିବାକୁ ହେବ ଯେ - କ୍ରିୟାପଦର ମୂଳରୂପକୁ 'ଧାତୁ' କୁହାଯାଏ । ହସିବା କ୍ରିୟାର ମୂଳରୂପ ହେଉଛି - ହସ୍ (ଧାତୁ) ।

ପୂର୍ବବର୍ଣ୍ଣିତ ମୌଳିକ ଶବ୍ଦକୁ ତଥା କ୍ରିୟାର ମୂଳରୂପ ଧାତୁକୁ 'ପ୍ରକୃତି' କୁହାଯାଏ । ଏହି ପ୍ରକୃତି ସହିତ ପ୍ରତ୍ୟୟ ଯୁକ୍ତ ହୋଇ ନୂତନ ଶବ୍ଦ ସୃଷ୍ଟି ହୋଇଥାଏ, ଯଥା:- (ଧାତୁ) କୃ + ଅନୀୟ = କରଣୀୟ, ଦୃଶ୍ + ଅନୀୟ = ଦର୍ଶନୀୟ

ଉଡ୍ + ଅନ୍ତା = ଉଡ଼ନ୍ତା, କାଠ + ଇ = କାଠି ଇତ୍ୟାଦି ।

କୁଳା + ଏଇ = କୁଳେଇ

**୧.୪ ଶବ୍ଦଗଠନର ଧାରା :**

ଆବଶ୍ୟକ ଅନୁସାରେ ଅର୍ଥପ୍ରକାଶ ଓ ଭାବବୋଧ କରାଇବା ପାଇଁ ଭାଷାରେ ନୂତନ ଶବ୍ଦମାନ ସୃଷ୍ଟି ହୋଇଥାନ୍ତି । ମୁଖ୍ୟତଃ ଯୋଗବିୟୋଗ ପ୍ରକ୍ରିୟାରେ ଶବ୍ଦର ରୂପରେ ପରିବର୍ତ୍ତନ ଘଟି ଏ ନୂତନ ଶବ୍ଦମାନ ସୃଷ୍ଟି ହୋଇଥାନ୍ତି । ଏହି ଗଠନରୀତିର ଧାରାରେ ଆମ ଆଖି ଆଗକୁ ଆସନ୍ତି- ଲିଙ୍ଗ, ବଚନ, ବିଭକ୍ତି, ସନ୍ଧି, ସମାସ, ଯୁଗ୍ମଶବ୍ଦ, ବିପରୀତାର୍ଥ–ବୋଧକ ଶବ୍ଦ, ସମୋଚ୍ଚାରିତ ଶବ୍ଦ, କୃଦନ୍ତ, ତଦ୍ଧିତ, ଉପସର୍ଗ, ସନ୍ନନ୍ତ, ଯଙନ୍ତ, ଣିଜନ୍ତ, 'ଣ'ତ୍ୱ ବିଧି ଓ 'ଷ'ତ୍ୱ ବିଧି ଆଦି ।

**୧.୫ ଲିଙ୍ଗ :**

ଓଡ଼ିଆଭାଷାରେ ପ୍ରାଣୀବାଚକ ବିଶେଷ୍ୟ ଗୁଡ଼ିକରେ ପୁରୁଷ ଓ ସ୍ତ୍ରୀ ଭେଦରେ ଲିଙ୍ଗ ନିରୂପଣ କରାଯାଇଥାଏ । ପୁଣି ଅପ୍ରାଣୀବାଚକ ବିଶେଷ୍ୟ ଗୁଡ଼ିକୁ କ୍ଲୀବ ଲିଙ୍ଗ ଭାବେ ଗ୍ରହଣ କରାଯାଏ । ପୁରୁଷ ବାଚକ ଶବ୍ଦ ପୁଂଲିଙ୍ଗ ଓ ସ୍ତ୍ରୀ ବାଚକ ଶବ୍ଦ ସ୍ତ୍ରୀ ଲିଙ୍ଗ ଭାବରେ ଗୃହୀତ ହୋଇଥାନ୍ତି । ପୁଂଲିଙ୍ଗକୁ ସ୍ତ୍ରୀ ଲିଙ୍ଗ କଲାବେଳେ ଅନେକ ସ୍ଥଳରେ ପ୍ରତ୍ୟୟ ଯୁକ୍ତ ହୋଇଥାଏ । ଯେପରି 'ବାଘ' ଶବ୍ଦଟି ହେଉଛି ପୁଂଲିଙ୍ଗ । ଏଥିରେ 'ଉଣୀ' ପ୍ରତ୍ୟୟ ଯୁକ୍ତ ହେଲେ ତାହା ହୁଏ 'ବାଘୁଣୀ' ବା ବାଘର ସ୍ତ୍ରୀଲିଙ୍ଗ । ନିମ୍ନରେ କେତେକ ପ୍ରତ୍ୟୟ ଯୁକ୍ତ ହୋଇ ସ୍ତ୍ରୀଲିଙ୍ଗର ରୂପ ଦିଆଯାଇଛି ।

| | **ପୁଂଲିଙ୍ଗ** | - | **ସ୍ତ୍ରୀଲିଙ୍ଗ** |
|---|---|---|---|
| **'ଆ' ପ୍ରତ୍ୟୟ -** | କୋକିଳ | - | କୋକିଳା |
| **'ଈ' ପ୍ରତ୍ୟୟ -** | କିଶୋର | - | କିଶୋରୀ |
| | ମାନବ | - | ମାନବୀ |
| | ନର | - | ନାରୀ |
| | ନାଗର | - | ନାଗରୀ |
| **'ଆନୀ' ଓ 'ଆଣୀ' ପ୍ରତ୍ୟୟ -** | ଶିବ | - | ଶିବାନୀ |
| | ଭବ | - | ଭବାନୀ |
| | ଇନ୍ଦ୍ର | - | ଇନ୍ଦ୍ରାଣୀ |

| | ପୁଂଲିଙ୍ଗ | | ସ୍ତ୍ରୀଲିଙ୍ଗ |
|---|---|---|---|
| 'ଉଲୀ' ପ୍ରତ୍ୟୟ - | ବେଙ୍ଗ | - | ବେଙ୍ଗୁଲୀ |
| | ବଗ | - | ବଗୁଲୀ |

କେତେକ ଭିନ୍ନ ଶବ୍ଦ ଦ୍ୱାରା ମଧ୍ୟ ଲିଙ୍ଗ ପରିବର୍ତ୍ତନ ହୁଏ । ଯଥା;

| | | |
|---|---|---|
| ରଜା /ରାଜା | - | ରାଣୀ |
| ପିତା | - | ମାତା |
| ଜନକ | - | ଜନନୀ |
| ବର | - | କନ୍ୟା / ବଧୂ |
| ସ୍ୱାମୀ | - | ସ୍ତ୍ରୀ |

**ଉଭୟ ଲିଙ୍ଗ କ୍ଷେତ୍ରରେ :**

| | | |
|---|---|---|
| କବି | - | ନାରୀକବି |

କେତେକ ପ୍ରାଣୀବାଚକ ବିଶେଷ୍ୟ ଉଭୟ ପୁରୁଷ ଓ ସ୍ତ୍ରୀକୁ ବୁଝାଏ । ସେ ସ୍ଥଳରେ ଲିଙ୍ଗଭେଦ ପାଇଁ 'ଅଣ୍ଡିରା' ଓ 'ମାଈ' ବିଶେଷଣ ପଦ ସଂଯୁକ୍ତ ହୁଏ । ଯଥା :-

ପୁଂଲିଙ୍ଗ - ଅଣ୍ଡିରା ଛେଳି - ସ୍ତ୍ରୀଲିଙ୍ଗ-ମାଈଛେଳି ।

ସେହିପରି ଶବ୍ଦ ଗୁଡ଼ିକ ହେଉଛି - ଭାଲୁ, କୁକୁର, ବିରାଡ଼ି, ମୂଷା, ବାଛୁରୀ ଇତ୍ୟାଦି ।

ଆହୁରି ଜାଣିବାର କଥା ଯେ :-

କ୍ଲୀବଲିଙ୍ଗରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ । ତଥାପି ବେଳେ ବେଳେ ପୁରୁଷ ଓ ସ୍ତ୍ରୀ ସୂଚକ ପଦ ଯୋଗକରି ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ କରାଯାଏ । 'ଫୁଲ' ହେଉଛି କ୍ଲୀବଲିଙ୍ଗ, କିନ୍ତୁ ଏହାକୁ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ କରାଯାଇଥାଏ, ଯଥା

ଅଣ୍ଡିରା ଫୁଲ - ମାଈ ଫୁଲ ।

## ୧.୬ ବଚନ

ଯେଉଁଥିରୁ ବସ୍ତୁର ବା ବ୍ୟକ୍ତିର ସଂଖ୍ୟା ଜଣାପଡ଼େ ତାହାକୁ **'ବଚନ'** କହନ୍ତି । ବଚନ ଚିହ୍ନ ସାଧାରଣତଃ ବିଶେଷ୍ୟ ଓ ସର୍ବନାମ ପଦରେ ସଂଯୁକ୍ତ ହୁଏ । ଯେଉଁ ପଦରୁ ବସ୍ତୁର ବା ବ୍ୟକ୍ତିର ସଂଖ୍ୟା ଗୋଟିଏ ବୋଲି ଜଣାପଡ଼େ, ତାହାକୁ ଏକବଚନ କୁହାଯାଏ । ଯଥା; - ମୁଁ, ତୁ, ସେ, ଗଛ, ନଈ ଇତ୍ୟାଦି ।

ଯେଉଁପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଏକରୁ ଅଧିକ ବୋଲି ଜଣାଯାଏ, ତାହାକୁ 'ବହୁବଚନ' କହନ୍ତି ।

ଯଥା :- ଆମ୍ଭେମାନେ, ତୁମ୍ଭେମାନେ, ସେମାନେ, ନଈଗୁଡ଼ିକ, ଗଛଗୁଡ଼ିକ ।

ଏକବଚନ ପାଇଁ ବ୍ୟବହୃତ ହେଉଥିବା ଚିହ୍ନ:- ଟି, ଟା, ଟେ, ଟିଏ, ଟାଏ, ଖଣ୍ଡେ, ଖଣ୍ଡିଏ, ଗୋଟିଏ; ଗୋଟିକ, ଇତ୍ୟାଦି । ଉଦାହରଣ ସ୍ୱରୂପ – ଗୋଟିଏ ପିଲା, ପିଲାଟିଏ, ପିଲାଟି ।

ବହୁବଚନ ପାଇଁ ବ୍ୟବହୃତ ହେଉଥିବା ଚିହ୍ନ – ମାନେ, ଗୁଡ଼ାଏ, ଗୁଡ଼ିଏ, ଗୁଡ଼ିକ, ପଙ୍‌କ୍ତି, ଶ୍ରେଣୀ, ଯୂଥ, ଯାକ, ତକ, ଗଣ, ସବୁ, ଦଳ, ପଲ, ସମୂହ, ବୃନ୍ଦ, ମାଳ, ରାଜି, ଚୟ, ପୁଞ୍ଜ, ରାଶି, ମଣ୍ଡଳ ଇତ୍ୟାଦି ।

ଉଦାହରଣ :- ପିଲାଏ, ପିଲାମାନେ, ପୁସ୍ତକଚୟ, ପର୍ବତଶ୍ରେଣୀ ପ୍ରଭୃତି ।

ପଦର ଉଭୟପାର୍ଶ୍ୱରେ ବହୁବଚନ ବ୍ୟବହାର କରାଯାଏ ନାହିଁ । ଯଥା :- ଅନେକ ପିଲାମାନେ । ଏପରି ପ୍ରୟୋଗ ଅଶୁଦ୍ଧ ଅଟେ । ଆମେ 'ଅନେକ ପିଲା' ବୋଲି ଲେଖି ପାରିବା ବା 'ପିଲାମାନେ' ବୋଲି କହି କହିପାରିବା ବା ଲେଖିପାରିବା । କିନ୍ତୁ ବେଳେବେଳେ ବାକ୍ୟର ଅର୍ଥକୁ ଗୁରୁତ୍ୱ ଦେବାପାଇଁ ଯୁଗ୍ମ ବହୁବଚନ ବ୍ୟବହୃତ ହୁଏ ।

ଯଥା :- ସବୁଯାକ ଘର । ସବୁତକ ଫୁଲ । ଏଠାରେ ସବୁ, ଯାକ, ତକ – ହେଉଛନ୍ତି ଗୋଟିଏ ଗୋଟିଏ ବହୁବଚନର ଚିହ୍ନ । କିନ୍ତୁ ଏଠାରେ ଦୁଇ ଦୁଇଟି ବହୁବଚନ ଏକତ୍ର ସଂଯୁକ୍ତ ହୋଇ ରହିଛନ୍ତି ।

ମନେରଖିବାକୁ ହେବ ଯେ ସାଧୁତା, ଦୁଷ୍ଟାମି ପ୍ରଭୃତି ଗୁଣବାଚକ ବିଶେଷ୍ୟ, ଗମନ, ଶୟନ ପ୍ରଭୃତି କ୍ରିୟାବାଚକ ବିଶେଷ୍ୟ ପଦରେ ବହୁବଚନ ଲାଗେ ନାହିଁ ।

ଆହୁରିମଧ୍ୟ ଜାଣିବା ଉଚିତ ଯେ ବେଳେବେଳେ ବଚନ ଚିହ୍ନ ଯୁକ୍ତ ନହୋଇ ମଧ୍ୟ ଏକବଚନ ଓ ବହୁବଚନ ପ୍ରକାଶିତ ହୁଏ । ପିଲା ଖେଳୁଛି । ଏଠାରେ ଗୋଟିଏ ପିଲାକୁ ବୁଝାଉଛି । ପିଲା / ପିଲେ ଖେଳୁଛନ୍ତି । ଏଠାରେ ଏକାଧିକ ପିଲାଙ୍କୁ ବୁଝାଉଛି ।

### ୧.୭ ଯୁଗ୍ମଶବ୍ଦ :

ଆମଭାଷାରେ ଅନେକ ଯୁଗ୍ମଶବ୍ଦର ପ୍ରଚଳନ ଅଛି ।

ଯଥା:- **ବାଟଘାଟ**ରେ **ଯା'ଆସ** କରିବାବେଳେ **ଦେଖିଦେଖିକା** ଚାଲିବା ଉଚିତ ।

ଏହିବାକ୍ୟରେ ବଡ଼ ଅକ୍ଷରରେ ଲିଖିତ ଶବ୍ଦ ଗୁଡ଼ିକ ହେଉଛନ୍ତି ଯୁଗ୍ମଶବ୍ଦ । ଏଥିରେ ତିନୋଟି ଯୁଗ୍ମଶବ୍ଦ ରହିଛି । ଯୁଗ୍ମଶବ୍ଦ ଗଠନ ପ୍ରଣାଳୀର ଭିନ୍ନତା ନିମ୍ନରେ ପ୍ରଦତ୍ତ ହେଲା ।

**(୧) ବିପରୀତାର୍ଥବୋଧକ ଦୁଇଶବ୍ଦର ସଂଯୋଗରେ ଗଠିତ ଯୁଗ୍ମଶବ୍ଦ ।**

ଭଲମନ୍ଦ, ଖାଲଢ଼ିପ, ଜମାଖର୍ଚ୍ଚ, କିଣାବିକା, ସୁଖଦୁଃଖ, ବଡ଼ସାନ, ଜୀବନମରଣ, ସତମିଛ ଇତ୍ୟାଦି ।

**(୨) ସମାର୍ଥକ ଦୁଇ ପଦର ସଂଯୋଗରେ ଗଠିତ ଯୁଗ୍ମଶବ୍ଦ** ।

ହଣାମରା, ବନ୍ଧୁବାନ୍ଧବ, ଗୋରୁଗାଈ, ଧନରତ୍ନ, ମଉଜମଜଲିସ୍, ଜୀବଜନ୍ତୁ ଇତ୍ୟାଦି ।

**(୩) ଅର୍ଥଥିବା ଓ ଅର୍ଥନଥିବା ଦୁଇ ଶବ୍ଦ ମିଶ୍ରଣରେ ଗଠିତ ଯୁଗ୍ମଶବ୍ଦ ।**

ଗପସପ ଏଥିରେ 'ଗପ'ର ଅର୍ଥ ଅଛି କିନ୍ତୁ 'ସପ' ଶବ୍ଦ ଏଠାରେ ଅର୍ଥବିହୀନ । ଏହାକୁ କଥାର ଲଥା ବୋଲି କହନ୍ତି । ସେହି ଜାତୀୟ ଶବ୍ଦଗୁଡ଼ିକ ହେଉଛନ୍ତି କାମଦାମ, ବାସନକୁସନ, ପେଟପାଟଣା, ଘରଫର, ବିକ୍ରିବଟା ଇତ୍ୟାଦି ।

**(୪) କ୍ରିୟାବାଚକ ବିଶେଷ୍ୟ ସହ ଅସମାପିକା କ୍ରିୟାର ମିଳନ ଯୋଗେ ଗଠିତ ଯୁଗ୍ମଶବ୍ଦ ।**

ହଣାହଣି, ଲଗାଲଗି, ଲେଖାଲେଖି, ପଢ଼ାପଢ଼ି, ପିଟାପିଟି, ଧସ୍ତାଧସ୍ତି, ଶୁଣାଶୁଣି ଇତ୍ୟାଦି ।

**(୫) ଦ୍ୱିରୁକ୍ତ ଶବ୍ଦ ।**

ସମାନ ଶବ୍ଦ ଦୁଇଥର ପ୍ରୟୋଗ କରାଯାଇ ଯୁଗ୍ମଶବ୍ଦ ଗଠିତ ହୋଇଥାଏ । ଏଗୁଡ଼ିକୁ ଦ୍ୱିରୁକ୍ତ ଶବ୍ଦ କୁହାଯାଏ ।

ଝରଝର, ଛଳଛଳ, ଧୁଧୁ, ପେଁ ପେଁ, ଆପେ ଆପେ, ସିଧାସିଧା, ବାଟେବାଟେ, କାନେକାନେ ଇତ୍ୟାଦି ।

## ୧.୮ ସମୋଚ୍ଚାରିତ ଶବ୍ଦ :

କେତେକ ଶବ୍ଦ ଅଛି ଯାହାର ଉଚ୍ଚାରଣ ସମାନ ଥିବାବେଳେ ଅର୍ଥରେ ପରିବର୍ତ୍ତନ ଘଟୁଛି । ଆମ ଭାଷାରେ ସେହିଭଳି ଅନେକ ଶବ୍ଦ ଅଛି ।

ଅଶନ - ଭୋଜନ

ଅସନ - କ୍ଷେପଣ

ଈଶ - ଈଶ୍ୱର

ଈଷ - ଲଙ୍ଗଳଦଣ୍ଡ

କୁଳ - ବଂଶ

କୂଳ - ତଟ

କୃତି - କାର୍ଯ୍ୟ

କୃତୀ - ଦକ୍ଷ

ଗିରିଶ - ମହାଦେବ, ଶିବ, ବୃହସ୍ପତି

ଗିରୀଶ - ଶ୍ରେଷ୍ଠଗିରି

ଚୁଡ଼ା - ଖାଦ୍ୟବିଶେଷ

ଚୂଡ଼ା - ଅଗ୍ରଭାଗ

ଚିର - ଦୀର୍ଘକାଳ

ଚୀର - ଛିଣ୍ଡାକନା

ଦିନ - ଦିବସ

ଦୀନ - ଗରିବ

ଦୀପ - ଆଲୋକ ପ୍ରଦାନ କରୁଥିବା ବସ୍ତୁ

ଦ୍ୱୀପ - ଜଳବେଷ୍ଟିତ ଭୂଖଣ୍ଡ

ପୁତ - ପୁଅ

ପୂତ - ପବିତ୍ର

ବଳି - ତ୍ୟାଗ, ହତ୍ୟା

ବଳୀ - ବଳୁଆ

ଲକ୍ଷ - ସଂଖ୍ୟାବିଶେଷ

ଲକ୍ଷ୍ୟ - ଉଦ୍ଦେଶ୍ୟ

## ୧.୯ ବିପରୀତାର୍ଥବୋଧକ ଶବ୍ଦ ।

ପ୍ରତ୍ୟେକ ଭାଷା ପରି ଆମ ଭାଷାରେ ମଧ୍ୟ କେତେକ ବିପରୀତାର୍ଥବୋଧକ ଶବ୍ଦର ପ୍ରୟୋଗ ରହିଛି । ତହିଁରୁ ନିମ୍ନରେ କେତେକ ଶବ୍ଦ ପ୍ରଦତ୍ତ ହେଲା ।

**ଶବ୍ଦ – ବିପରୀତାର୍ଥବୋଧକ ଶବ୍ଦ**

ଅପେକ୍ଷା – ଉପେକ୍ଷା

ଅସଲ – ନକଲ

ଅଲଣା – ଲୁଣିଆ

ଆଗ – ପଛ

ଆନନ୍ଦ – ନିରାନନ୍ଦ/ବିଷାଦ

ଆଲୁଅ – ଅନ୍ଧାର

ଆବାହନ – ବିସର୍ଜନ

ଆଦାନ – ପ୍ରଦାନ

ଇହ – ପର

ଇଷ୍ଟ – ଅନିଷ୍ଟ

ଉପକାର – ଅପକାର

ଉଦୟ – ଅସ୍ତ

ଉଠାଣି – ଗଡ଼ାଣି

କୃପଣ – ବଦାନ୍ୟ

ଖୋଲା – ମୁଦା

ଖାଲ – ଢିପ

ଚେମଡ଼ା – ମସ୍‌କା

**ଶବ୍ଦ – ବିପରୀତାର୍ଥବୋଧକ ଶବ୍ଦ**

ଜ୍ଞାନୀ – ଅଜ୍ଞାନ

ଦୁଷ୍ଟ – ଶିଷ୍ଟ

ପ୍ରାଚୀନ – ନବୀନ/ଅର୍ବାଚୀନ

ପଣ୍ଡିତ – ମୂର୍ଖ

ପାପ – ପୁଣ୍ୟ

ବନ୍ଧନ – ମୋଚନ

ବଦ୍ଧ – ମୁକ୍ତ

ଭଲ – ମନ୍ଦ

ମାନ – ଅପମାନ

ମସୃଣ – ବନ୍ଧୁର

ମିତ୍ର – ଶତ୍ରୁ

ଲୋଭୀ – ନିର୍ଲୋଭ

ସାମ୍ୟ – ବୈଷମ୍ୟ

ସୁଲଭ – ଦୁର୍ଲଭ

ହ୍ରସ୍ୱ – ଦୀର୍ଘ

କ୍ଷୁଦ୍ର–ବୃହତ୍

## ୧.୧୦ ସନ୍ନନ୍ତ, ଯଙ୍‌ନ୍ତ, ଣିଜନ୍ତ ।

ସନ୍ନନ୍ତ, ଯଙ୍‌ନ୍ତ, ଣିଜନ୍ତ ଦ୍ୱାରା ମଧ୍ୟ ନୂତନ ଶବ୍ଦ ଗଠିତ ହୋଇଥାଏ ।

**ସନ୍ନନ୍ତ :**

'ଇଚ୍ଛା' ଅର୍ଥରେ ଧାତୁ ପରେ 'ସନ୍' ପ୍ରତ୍ୟୟ ହୁଏ । ଏହି 'ସନ୍' ପ୍ରତ୍ୟୟନିଷ୍ପନ୍ନ ପଦକୁ 'ସନ୍ନନ୍ତ ପଦ' କହନ୍ତି । ଧାତୁ ସହିତ 'ସନ୍' ପ୍ରତ୍ୟୟ ଯୋଗ କରାଯିବା ପରେ 'ଆ' ଏବଂ 'ଉ' ପ୍ରତ୍ୟୟ ଯୁକ୍ତ ହୋଇଥାଏ ।

**ଧାତୁ + ପ୍ରତ୍ୟୟ = ସନ୍ନନ୍ତପଦ**

ପିଇବାର ଇଚ୍ଛା – ପା+ସନ୍+(ଆ) = ପିପାସା

ଜୟ କରିବାର ଇଚ୍ଛା - ଜି+ସନ୍(+ଆ) = ଜିଗୀଷା

ଶୁଣିବାର ଇଚ୍ଛା / ସେବା କରିବାର ଇଚ୍ଛା - ଶ୍ରୁ+ସନ୍ (+ଆ) = ଶୁଶ୍ରୂଷା

ଲାଭ କରିବାର ଇଚ୍ଛା - ଲଭ୍+ସନ୍ (+ଆ) = ଲିପ୍‌ସା

ଭୋଜନ କରିବାର ଇଚ୍ଛା - ଭୁଜ୍+ସନ୍ (+ଆ) = ବୁଭୁକ୍ଷା

ଜାଣିବାର ଇଚ୍ଛା - ଜ୍ଞା+ସନ୍(+ଆ) ଜିଜ୍ଞାସା

ପଠନ କରିବାର ଇଚ୍ଛା - ପଠ୍+ସନ୍ (+ଆ) = ପିପଠିଷା

ଗମନ କରିବାର ଇଚ୍ଛା - ଗମ୍+ସନ୍ (+ଆ) - ଜିଗମିଷା

**ଯଙ୍ଗନ୍ତ :**

ଆତିଶଯ୍ୟ ବୁଝାଇବା ପାଇଁ ଧାତୁରେ 'ଯଙ୍' ପ୍ରତ୍ୟୟ କରାଯାଏ । ଯଙ୍ ପ୍ରତ୍ୟୟ ନିଷ୍ପନ୍ନ ଧାତୁକୁ 'ଯଙ୍ଗନ୍ତ ଧାତୁ' କୁହାଯାଏ । ଏଥିରେ 'ମାନ' ପ୍ରତ୍ୟୟ ଯୁକ୍ତ ହୋଇ ଶବ୍ଦ ଗଠିତ ହୁଏ । ମନେରଖିବାକୁ ହେବ ଯେ 'ଯଙ୍ଗନ୍ତ ଧାତୁ' ସାଧାରଣତଃ ବିଶେଷଣ ରୂପେ ବ୍ୟବହୃତ ହୁଏ ।

**ମୂଳଧାତୁ + ଯଙ୍ = ଯଙ୍ନ୍ତଧାତୁ + ମାନ = ନୂତନଶବ୍ଦ**

ଜ୍ୱଲ୍ + ଯଙ୍ = ଜାଜ୍ୱଲ୍ୟ + ମାନ = ଜାଜ୍ୱଲ୍ୟମାନ

ଦୀପ୍ + ଯଙ୍ = ଦେଦୀପ୍ୟ + ମାନ = ଦେଦୀପ୍ୟମାନ

**ଣିଜନ୍ତ :**

ପ୍ରଯୋଜକ ଧାତୁ ଗଢ଼ିବାପାଇଁ ସଂସ୍କୃତରେ ଧାତୁ ସହିତ 'ଣିଚ୍' ପ୍ରତ୍ୟୟ ଯୋଗକରାଯାଏ । ଧାତୁପରେ ଏହି 'ଣିଚ୍' ପ୍ରତ୍ୟୟ ଯୁକ୍ତ ହୋଇ ଗଢ଼ାଯାଉଥିବା ଧାତୁକୁ ଣିଜନ୍ତଧାତୁ କୁହାଯାଏ ।

**ମୂଳଧାତୁ+ଣିଚ୍ = ଣିଜନ୍ତଧାତୁ - ବିଶେଷ୍ୟ - ବିଶେଷଣ**

ସ୍ଥା+ଣିଚ୍ = ସ୍ଥାପି - ସ୍ଥାପନ - ସ୍ଥାପିତ

ପଠ୍ + ଣିଚ୍ = ପାଠି - ପାଠନ - ପାଠିତ

ଜ୍ଞା + ଣିଚ୍ = ଜ୍ଞାପି - ଜ୍ଞାପନ - ଜ୍ଞାପିତ

ଚଲ୍ + ଣିଚ୍ = ଚାଳି - ଚାଳନ - ଚାଳିତ

ଅଧିକନ୍ତୁ ବିଭକ୍ତି, ସନ୍ଧି, ସମାସ, କୃଦନ୍ତ, ତଦ୍ଧିତ, ଉପସର୍ଗ, ଣ'ତ୍ୱ ବିଧି ଓ ଷ'ତ୍ୱ ବିଧି ଅନୁଯାୟୀ ମଧ୍ୟ ଶବ୍ଦ ଗଠନ କରାଯାଇଥାଏ ।

## ଅନୁଶୀଳନୀ

୧. ଶବ୍ଦ କାହାକୁ କହନ୍ତି ?

୨. ଶବ୍ଦ କେତେ ପ୍ରକାର ଓ କ'ଣ କ'ଣ ?

୩. 'ନଈ' ଶବ୍ଦଟି କେଉଁ ମୂଳଶବ୍ଦରୁ ଉତ୍ପନ୍ନ ହୋଇଛି ?

୪. 'ଗଧ'ର ତତ୍‌ସମ ରୂପଟି କ'ଣ ?

୫. ଦ୍ରାବିଡ଼ ଭାଷାରୁ ଆମାଭାଷାକୁ ଆସିଥିବା ଦୁଇଟି ଶବ୍ଦର ନାମ ଲେଖ ।

୬. 'ଅକଲ' ଶବ୍ଦଟି କେଉଁ ଭାଷାରୁ ଆମଭାଷାକୁ ଆସିଛି ?

୭. ଆମଭାଷାରେ ପ୍ରଚଳିତ ହେଉଥିବା ପାଞ୍ଚଟି ଇଂରାଜୀ ଶବ୍ଦର ନାମ କୁହ ।

୮. ନିମ୍ନଲିଖିତ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କର ।

କିଶୋର, ବଧୂ, ବଗୁଲୀ, ପିତା, ସ୍ୱାମୀ ।

୯. ବଚନର ସଂଜ୍ଞା ନିରୂପଣ କର ।

୧୦. ପୁତ – ପୂତ ମଧ୍ୟରେ ଥିବା ଅର୍ଥଗତ ପାର୍ଥକ୍ୟ ଦର୍ଶାଅ ।

୧୧. 'କୃପଣ'ର ବିପରୀତାର୍ଥବୋଧକ ଶବ୍ଦଟି ଲେଖ ।

୧୨. ଣିଜନ୍ତ ଓ ଯଙନ୍ତ ମଧ୍ୟରେ କ'ଣ ପ୍ରଭେଦ ଅଛି ଲେଖ ।

୧୩. ନିମ୍ନଲିଖିତ ବିଶେଷ୍ୟ ପଦଗୁଡିକୁ ବିଶେଷଣ ପଦରେ ପରିଣତ କର ।

ସ୍ଥାପନ, ଜ୍ଞାପନ, ପାଳନ, ଚାଳନ, ପାଠନ ।

୧୪. ପ୍ରତ୍ୟେକ ଧାଡ଼ିରେ ଥିବା ଭିନ୍ନଧର୍ମୀ ଶବ୍ଦଟିକୁ ବାଛି ଲେଖ ।

(କ) ଧନରତ୍ନ, ଭଲମନ୍ଦ, କିଣାବିକା, ସୁଖଦୁଃଖ ।

(ଖ) ପେଟପାଟଣା, ବନ୍ଧୁବାନ୍ଧବ, ବାସନକୁସନ, ଲୁଗାପଟା

(ଗ) ପିପାସା, ଜିଜ୍ଞାସା, ତମାସା, ପିପଠିଷା ।

❖❖❖

**ଦ୍ୱିତୀୟ ଅଧ୍ୟାୟ**

# ସନ୍ଧି

**୨.୧** ୧. **ହିମାଳୟ** ପର୍ବତ ଭାରତବର୍ଷର ଉତ୍ତର ଦିଗରେ ଅବସ୍ଥିତ ।

୨. ଏହି ପର୍ବତ **'ବ୍ରହ୍ମର୍ଷି'** ତଥା **'ଦେବର୍ଷି'** ମାନଙ୍କର ତପସ୍ୟାସ୍ଥଳୀ ଅଟେ ।

୩. ଏ ଋଷିସକଳ **'ସଦାଚାର'** ସମ୍ପନ୍ନ ଅଟନ୍ତି ଓ ସର୍ବଦା **'ଜଗଦୀଶ୍ୱର'**ଙ୍କ ଚିନ୍ତାରେ ନିମଗ୍ନ ରହିଥାନ୍ତି ।

୪. ଗଙ୍ଗାନଦୀ ମଧ୍ୟ ଏହି ପର୍ବତରୁ **'ନିର୍ଗତ'** ହୋଇଅଛି ।

୫. **'ଜଗଜ୍ଜନ'**ଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସେ **'ନିରନ୍ତର'** ଦୀର୍ଘପଥ ଅତିକ୍ରମ କରି ବହିଚାଲିଛି ।

ଆସ ଉପର ବାକ୍ୟ ଗୁଡ଼ିକର ବଡ଼ ଅକ୍ଷରରେ ଲେଖାଯାଇଥିବା ଶବ୍ଦଗୁଡ଼ିକ ବିଷୟରେ ଆଲୋଚନା କରିବା ।

| | |
|---|---|
| ହିମାଳୟ = ହିମ + ଆଳୟ | ବ୍ରହ୍ମର୍ଷି = ବ୍ରହ୍ମ + ଋଷି |
| ଦେବର୍ଷି = ଦେବ + ଋଷି | ସଦାଚାର = ସତ୍ + ଆଚାର |
| ଜଗଦୀଶ୍ୱର = ଜଗତ୍ + ଈଶ୍ୱର | ନିର୍ଗତ = ନିଃ + ଗତ |
| ଜଗଜ୍ଜନ = ଜଗତ୍ + ଜନ | ନିରନ୍ତର = ନିଃ + ଅନ୍ତର |

ଏବେ ଆମେ ଦେଖିଲେ ଯେ ପ୍ରତ୍ୟେକ ଶବ୍ଦ ଦୁଇଟି ଲେଖାଏଁ ଶବ୍ଦର ମିଳନରେ ଗଠିତ ହୋଇଛି । ଏହି ମିଳନକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଏଥିରେ ଥିବା ପୂର୍ବଶବ୍ଦର ଶେଷବର୍ଣ୍ଣଟି ପର ଶବ୍ଦର ପ୍ରଥମ ବର୍ଣ୍ଣ ସହିତ ମିଳିତ ହୋଇଛି ବା ବର୍ଣ୍ଣ ଦୁଇଟି ପରସ୍ପର ସହିତ ମିଶି ଯାଇଛନ୍ତି । ଏ ପ୍ରକାର ମିଳନକୁ ସନ୍ଧି କୁହଯାଏ । ଏଥିରୁ ଆମେ ଜାଣିଲେ;

**ପରସ୍ପର ସନ୍ନିହିତ ପୂର୍ବପଦର ଶେଷବର୍ଣ୍ଣ ଓ ପରପଦର ପ୍ରଥମବର୍ଣ୍ଣର ମିଳନକୁ ସନ୍ଧି କୁହାଯାଏ ।**

ସନ୍ଧି ତିନି ପ୍ରକାରର ଯଥା :- ସ୍ୱରସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି ।

**୨.୨ ସ୍ୱରସନ୍ଧି :**

ଋଷି **କମଳାସନ**ରେ ବସିଛନ୍ତି ।

**ରବୀନ୍ଦ୍ର** ଘରକୁ ଯାଉଛି ।

କମଳାସନ = କମଳ + ଆସନ

ରବୀନ୍ଦ୍ର = ରବି + ଇନ୍ଦ୍ର

ଉପରେ ଦିଆଯାଇଥିବା କମଳର ଶେଷବର୍ଣ୍ଣ ହେଉଛି (ଳ୍+ଅ) ଅର୍ଥାତ୍ **'ଅ'** ଓ ଆସନର ପ୍ରଥମ ବର୍ଣ୍ଣ ହେଉଛି 'ଆ' । ଏହି 'ଅ' ସହିତ 'ଆ'ର ମିଳନ ଘଟି 'ଆ' ହୋଇଛି । ସ୍ପଷ୍ଟ 'ଆ' ଧ୍ୱନିଟି ପୂର୍ବବର୍ଣ୍ଣରେ ସଂଯୁକ୍ତ ହୋଇଛି ।

ସେହିପରି 'ରବି'ର ଶେଷବର୍ଣ୍ଣ ହେଉଛି 'ଇ' । ଏଠାରେ 'ଇନ୍ଦ୍ର' ସହିତ ଥିବା 'ଇ'ର ମିଳନ ଘଟି 'ଈ' ଜାତ ହୋଇଛି ଓ ପୂର୍ବବର୍ଣ୍ଣରେ ଯୁକ୍ତ ହୋଇଛି । ଆମେ ଦେଖିଲେ ଯେ ଉଭୟସ୍ଥାନରେ ସ୍ୱରବର୍ଣ୍ଣ ସହ ସ୍ୱରବର୍ଣ୍ଣର ମିଳନ ଘଟିଛି । ଏଥିରୁ ଜଣାଗଲା ଯେ –

**ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ସ୍ୱରବର୍ଣ୍ଣ ସହିତ ପରପଦର ପ୍ରଥମ ସ୍ୱରବର୍ଣ୍ଣର ମିଳନକୁ ସ୍ୱରସନ୍ଧି କୁହାଯାଏ ।**

ଏହି ସ୍ୱରସନ୍ଧିର ବିଭିନ୍ନ ରୂପକୁ ଆସ ଦେଖିବା ।

୧. (କ) ଅ+ଅ = ଆ

ଦେବ+ଅସୁର = ଦେବାସୁର,

ଶ୍ୱେତ+ଅମ୍ବର = ଶ୍ୱେତାମ୍ବର

ନୀଳ+ଅଚଳ = ନୀଳାଚଳ

ଗ୍ରାମ+ଅଞ୍ଚଳ = ଗ୍ରାମାଞ୍ଚଳ

ଅସ୍ତ+ଅଚଳ = ଅସ୍ତାଚଳ

(ଖ) ଅ+ଆ = ଆ

ସିଂହ+ଆସନ = ସିଂହାସନ

ଗୁଣ+ଆକର = ଗୁଣାକର

ଉଚ୍ଚ+ଆସନ = ଉଚ୍ଚାସନ

(ଗ) ଆ+ଅ = ଆ

ଚିତା + ଅନଳ = ଚିତାନଳ

ସୁଧା + ଅଂଶୁ – ସୁଧାଂଶୁ

(ଘ) ଆ + ଆ = ଆ

ବିଦ୍ୟା + ଆଳୟ = ବିଦ୍ୟାଳୟ

ସୁଧା + ଆକର = ସୁଧାକର

ଉପର ଆଲୋଚନାରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୁଅନ୍ତି ।**

**ଏହି 'ଆ' 'ଆ'କାର (।) ହୋଇ ପୂର୍ବବର୍ଣ୍ଣ ସହିତ ସଂଯୁକ୍ତ ହୁଏ ।**

୨. (କ) ଇ+ଇ = ଈ

ଯତି+ଇନ୍ଦ୍ର = ଯତୀନ୍ଦ୍ର, ଅତି+ଇବ = ଅତୀବ

(ଖ) ଇ+ଈ = ଈ

ପରି+ଈକ୍ଷା = ପରୀକ୍ଷା

ମୁନି+ଈଶ୍ୱର = ମୁନୀଶ୍ୱର

(ଗ) ଈ+ଇ = ଈ

ମହୀ+ଇନ୍ଦ୍ର = ମହୀନ୍ଦ୍ର

ଶଚୀ+ଇନ୍ଦ୍ର = ଶଚୀନ୍ଦ୍ର

(ଘ) ଈ+ଈ = ଈ

ମହୀ+ଈଶ୍ୱର = ମହୀଶ୍ୱର

ଅବନୀ+ଈଶ = ଅବନୀଶ

ଏଥିରୁ ଜଣାଗଲା ଯେ,

**'ଇ' ବା 'ଈ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି (ଦୀର୍ଘ) 'ଈ' ହୁଅନ୍ତି ।**

**ଏହି 'ଈ' ଟି 'ଈ' କାର(1) ରୂପରେ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।**

୩. (କ) ଉ+ଉ = ଊ

ସୁ+ଉକ୍ତି = ସୂକ୍ତି

ସାଧୁ+ଉଦ୍ୟମ = ସାଧୂଦ୍ୟମ

ସାଧୁ+ଉପଦେଶ = ସାଧୂପଦେଶ

(ଖ) ଉ+ଊ = ଊ

ସିନ୍ଧୁ+ଊର୍ମି - ସିନ୍ଧୂର୍ମି,

ଲଘୁ+ଊର୍ମି = ଲଘୂର୍ମି

(ଗ) ଊ+ଉ = ଊ

ବଧୂ+ଉକ୍ତି = ବଧୂକ୍ତି

(ଘ) ଊ+ଊ = ଊ

ଭୂ+ଊର୍ଦ୍ଧ୍ୱ = ଭୂର୍ଦ୍ଧ୍ୱ

ଏଥିରୁ ଜଣାଗଲା ଯେ,

**'ଉ' ବା 'ଊ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି (ଦୀର୍ଘ) 'ଊ' ହୁଅନ୍ତି ।**

**ଏହି 'ଊ' ଊକାର ( ୂ ) ହୋଇ ପୂର୍ବ–ବର୍ଣ୍ଣରେ ଯୁକ୍ତ ହୁଏ ।**

୪. (କ) ଅ+ଇ = ଏ

ଶୁଭ+ଇଚ୍ଛା = ଶୁଭେଚ୍ଛା

ସୁର+ଇନ୍ଦ୍ର = ସୁରେନ୍ଦ୍ର

(ଖ) ଅ+ଈ = ଏ

ଗଣ+ଈଶ = ଗଣେଶ

ଦେବ+ଈଶ = ଦେବେଶ

(ଗ) ଆ+ଇ = ଏ

ମହା+ଇନ୍ଦ୍ର = ମହେନ୍ଦ୍ର

ଯଥା+ଇଚ୍ଛା = ଯଥେଚ୍ଛା

(ଘ) ଆ+ଈ = ଏ

ରମା+ଈଶ = ରମେଶ

ମହା+ଈଶ୍ୱର = ମହେଶ୍ୱର

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଏ' ହୁଅନ୍ତି ।**

**ଏହି 'ଏ' ଧ୍ୱନିଟି 'ଏ'କାର (େ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

୫. (କ) ଅ+ଉ = ଓ

ଲମ୍ବ+ଉଦର = ଲମ୍ବୋଦର

ପୁରୁଷ+ଉତ୍ତମ = ପୁରୁଷୋତ୍ତମ

(ଖ) ଅ+ଊ = ଓ

ନବ+ଊଢ଼ା (ନବ ବିବାହିତା) = ନବୋଢ଼ା

ଚଳ+ଊର୍ମି = ଚଳୋର୍ମି

(ଗ) ଆ+ଉ = ଓ

ମହା+ଉଦଧି = ମହୋଦଧି

ଗଙ୍ଗା+ଉଦକ = ଗଙ୍ଗୋଦକ

(ଘ) ଆ+ଊ = ଓ

ମହା+ଊର୍ମି = ମହୋର୍ମି

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଓ' ହୁଅନ୍ତି ।**

**ଏ 'ଓ' ଧ୍ୱନିଟି 'ଓ' କାର (ୋ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

୬. (କ) ଅ+ର = ଅର୍

ସପ୍ତ+ରଷି = ସପ୍ତର୍ଷି

ଦେବ+ରଷି = ଦେବର୍ଷି

(ଖ) ଆ+ର = ଅର୍

ରାଜା+ରଷି = ରାଜର୍ଷି

ମହା+ରଷି = ମହର୍ଷି

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ର' ଥିଲେ ଦୁହେଁ ମିଶି 'ଅର୍' ହୁଅନ୍ତି ।**

**ଏହି 'ଅର୍'ର 'ଅ' ପୂର୍ବବର୍ଣ୍ଣରେ ଓ 'ର୍' ରେଫ୍ (ର୍ଁ) ହୋଇ ପରବର୍ଣ୍ଣରେ ଯୁକ୍ତ ହୁଏ ।**

୭. (କ) ଅ+ଏ = ଐ

ହିତ+ଏଷୀ - ହିତୈଷୀ

ଜନ+ଏକ = ଜନୈକ

(ଖ) ଅ +ଐ = ଐ

ଅତୁଳ+ଐଶ୍ୱର୍ଯ୍ୟ = ଅତୁଳୈଶ୍ୱର୍ଯ୍ୟ

(ଗ) ଆ+ଏ = ଐ

ତଥା+ ଏବ = ତଥୈବ

(ଘ) ଆ+ଐ = ଐ

ମହା+ଐଶ୍ୱର୍ଯ୍ୟ = ମହୈଶ୍ୱର୍ଯ୍ୟ

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଏ' ବା 'ଐ' ଥିଲେ ଦୁହେଁ ମିଶି 'ଐ', ହୁଅନ୍ତି ।**

**ଏହି 'ଐ' ଐକାର(ୈ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ।**

୮. (କ) ଅ+ଓ = ଔ

ଜଳ+ଓଘ(ତରଙ୍ଗ) = ଜଳୌଘ

(ବ୍ୟତିକ୍ରମ-ବିମ୍ବ+ଓଷ୍ଠ = ବିମ୍ବୋଷ୍ଠ)

(ଖ) ଅ+ଔ =ଔ

ବନ+ଔଷଧି = ବନୌଷଧି

(ଗ) ଆ+ଓ = ଔ

ମହା+ଓଜ(ତେଜ) = ମହୌଜ

(ଘ) ଆ+ଔ = ଔ

ମହା+ଔଷଧ = ମହୌଷଧ

ଏଥିରୁ ଜଣାଗଲା ଯେ,

**'ଅ' ବା 'ଆ' ପରେ 'ଓ' ବା 'ଔ' ଥିଲେ ଦୁହେଁ ମିଶି 'ଔ' ହୁଅନ୍ତି ।**

**ଏହି 'ଔ', ଔ'କାର ( ୌ ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ।**

୯. (କ) ଇ+ଅ = ୟ

ପ୍ରତି+ଅହ = ପ୍ରତ୍ୟହ

(ଖ) ଇ+ଆ = (ୟ+ଆ) = ୟା,

ଇତି+ଆଦି = ଇତ୍ୟାଦି

(ଗ) ଈ+ଅ = ୟ

ସୂଚି+ଅଗ୍ର = ସୂଚ୍ୟଗ୍ର

(ଘ) ଈ+ଉ = (ୟ+ଉ)=ୟୁ

(ଅଭି+ଉଦୟ = ଅଭ୍ୟୁଦୟ)

ଏଥିରୁ ଆମେ ଜାଣିଲେ ଯେ,

**'ଇ' ବା 'ଈ' ପରେ 'ଇ' ବା 'ଈ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣଥିଲେ 'ଇ' ବା 'ଈ' ସ୍ଥାନରେ 'ୟ' ହୁଏ । ଏହି 'ୟ' ଓ ପରବର୍ତ୍ତୀ ସ୍ୱରବର୍ଣ୍ଣ ମିଳିତ ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଅନ୍ତି ।**

୧୦. ଉ+ଅ= ୱ

ଅନୁ+ଅୟ = ଅନ୍ୱୟ

ଉ+ଏ= ୱ+ଏ = ୱେ

ଅନୁ+ଏଷଣ = ଅନ୍ୱେଷଣ

ଉ+ଆ = ୱ+ଆ = ୱା

ସୁ+ଆଗତ = ସ୍ୱାଗତ

ବହୁ+ଆଡ଼ମ୍ବର = ବହ୍ୱାଡ଼ମ୍ବର

ବଧୂ+ଆଦି = ବଧ୍ୱାଦି

ଏଥିରୁ ଜଣାଗଲା ଯେ,

**‘ଉ’ ବା ‘ଊ’ ପରେ ‘ଉ’ ବା ‘ଊ’ ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ‘ଉ’ ବା ‘ଊ’ ସ୍ଥାନରେ ‘ୱ’ ହୁଏ ।**

**ଏହି ‘ୱ’ ଓ ପରବର୍ତ୍ତୀ ସ୍ୱରବର୍ଣ୍ଣ ମିଳିତ ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଅନ୍ତି ।**

୧୧. ଏ+ଅ= ଅୟ

ନେ+ଅନ = ନୟନ

ଐ+ଅ= ଆୟ

ନୈ+ଅକ = ନାୟକ

ଗୈ+ଅକ = ଗାୟକ

ଏଥିରୁ ଆମେ ଜାଣିଲେ ଯେ,

**‘ଏ’ ବା ‘ଐ’ ପରେ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ‘ଏ’ ସ୍ଥାନରେ ‘ଅୟ’ ଓ ‘ଐ’ ସ୍ଥାନରେ ‘ଆୟ’ ହୁଏ ।**

**ଏହି ‘ଅୟ’ ଓ ‘ଆୟ’ ସହିତ ପରବର୍ତ୍ତୀ ସ୍ୱରବର୍ଣ୍ଣ ଯୁକ୍ତ ହୁଏ ।**

୧୨. ଓ+ଅ = ଅବ୍

ଭୋ+ଅନ = ଭବନ

ପୋ+ଅନ = ପବନ

ଔ+ଉ = ଅବ୍+ଉ = ଆବୁ

ଭୌ+ଉକ = ଭାବୁକ

ଏଥିରୁ ଜଣାଗଲା ଯେ,

**‘ଓ’ ବା ‘ଔ’ ପରେ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ‘ଓ’ ସ୍ଥାନରେ ‘ଅବ୍’ ଓ ‘ଔ’ ସ୍ଥାନରେ ‘ଆବ୍’ ହୁଏ ।**

**ଏହି ‘ଅବ୍’ ଓ ‘ଆବ୍’ ସହିତ ପରବର୍ତ୍ତୀ ସ୍ୱର ଯୁକ୍ତ ହୁଏ ।**

ବ୍ୟତିକ୍ରମ - (ଗୋ+ଅକ୍ଷ = ଗବାକ୍ଷ)

## ୨.୩ ବ୍ୟଞ୍ଜନ ସନ୍ଧି :

(କ) **'ସଚ୍ଚରିତ୍ର'** ହେଉଛି ଶିଷ୍ୟର ଶ୍ରେଷ୍ଠ ଭୂଷଣ ।

(ଖ) ଶ୍ୱେତକେତୁଙ୍କୁ ଶିକ୍ଷାଦାନ କରିବା ପାଇଁ ଉଦ୍ଦାଳକ **'ସଦିଚ୍ଛା'** ପ୍ରକାଶ କରିଥିଲେ ।

ଆସ ଉପରବାକ୍ୟ ଗୁଡ଼ିକରେ ଥିବା ବଡ଼ ଅକ୍ଷରର ଶବ୍ଦଗୁଡ଼ିକୁ ଦେଖିବା ।

ସଚ୍ଚରିତ୍ର=ସତ୍+ଚରିତ୍ର

ସଦିଚ୍ଛା = ସତ୍ + ଇଚ୍ଛା ।

ଶବ୍ଦ ଦୁଇଟି ଏହି ଧାରାରେ ଗଠିତ ହୋଇଛି । 'ସଚ୍ଚରିତ୍ର'ରେ (ତ୍+ଚ) ଅର୍ଥାତ ପୂର୍ବପଦ 'ସତ୍'ର ଶେଷବର୍ଣ୍ଣ 'ତ୍' ଓ ପରପଦ 'ଚରିତ୍ର'ର ପ୍ରଥମବର୍ଣ୍ଣ 'ଚ' ଦୁଇଟି ବ୍ୟଞ୍ଜନ ବର୍ଣ୍ଣର ମିଳନ ଘଟିଛି ।

ସେହିପରି 'ସଦିଚ୍ଛା' ଶବ୍ଦରେ (ତ୍+ଇ) ଅର୍ଥାତ ପୂର୍ବପଦ 'ସତ୍'ର ଶେଷବର୍ଣ୍ଣ 'ତ୍' ସହିତ ପରପଦ 'ଇଚ୍ଛା'ର ପ୍ରଥମବର୍ଣ୍ଣ 'ଇ'ର ମିଳନ ଘଟିଛି । ଏଠାରେ ବ୍ୟଞ୍ଜନ ବର୍ଣ୍ଣସହ ସ୍ୱରବର୍ଣ୍ଣର ମିଳନ ଘଟିଛି ।

ଏଥିରୁ ଜଣାଗଲା ଯେ,

**ପରସ୍ପର ସନ୍ନିହିତ ପୂର୍ବପଦର ଶେଷ ବ୍ୟଞ୍ଜନ ବର୍ଣ୍ଣ ସହିତ ପରପଦର ପ୍ରଥମ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କହନ୍ତି ।**

ନିମ୍ନରେ ଏହାର ବିଭିନ୍ନ ରୂପ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି । ଆସ ସେଗୁଡ଼ିକୁ ଜାଣିବା ।

୧. ଦିକ୍ + ଅନ୍ତ = ଦିଗନ୍ତ — ବାକ୍+ଈଶ = ବାଗୀଶ

ଉତ୍+ଯାପନ = ଉଦ୍‌ଯାପନ — ଣିଚ୍+ଅନ୍ତ = ଣିଜନ୍ତ

ଦିକ୍+ଗଜ = ଦିଗ୍‌ଗଜ — ଦିକ୍+ବଳୟ = ଦିଗ୍‌ବଳୟ

ଉତ୍+ଘାଟନ = ଉଦ୍‌ଘାଟନ — ଜୟତ୍+ରଥ = ଜୟଦ୍ରଥ

**ବ୍ୟଞ୍ଜନ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ ଚତୁର୍ଥ ବର୍ଣ୍ଣ କିମ୍ବା ଯ, ର, ଲ, ବ, ହ ଥିଲେ ପୂର୍ବପଦର ଶେଷରେ ଥିବା ପ୍ରତିବର୍ଗର ପ୍ରଥମବର୍ଣ୍ଣ ସ୍ଥାନରେ ସେହିବର୍ଗର ତୃତୀୟବର୍ଣ୍ଣ ହୁଏ ।**

ଏହି ସୂତ୍ରରେ ବାଗାଡ଼ମ୍ବର, ଉଦ୍‌ବେଗ, ସଦ୍‌ବଚନ, ଭବଦୀୟ, ସଦାନନ୍ଦ ଆଦି ଶବ୍ଦ ଗୁଡ଼ିକ ମଧ୍ୟ ଗଢ଼ାଯାଇପାରିବ ।

ବ୍ୟତିକ୍ରମ - (ଯାବତ୍+ଇୟ=ଯାବତୀୟ)

୨. ଚଳତ୍+ଚିତ୍ର=ଚଳଚ୍ଚିତ୍ର (ତ୍+ଚ+ଇ) (ଚ୍+ଚ+ଇ) = ଚ୍ଚି

ଉତ୍+ଚାରଣ = ଉଚ୍ଚାରଣ, ଉତ୍+ଛନ୍ନ=ଉଚ୍ଛନ୍ନ (ତ୍+ଛ) = (ଚ+ଛ) = ଚ୍ଛ

ଉତ୍+ଛେଦ = ଉଚ୍ଛେଦ (ତ୍+ଛ+ଏ) = (ଚ୍+ଛ+ଏ) = ଚ୍ଛେ

ବିପଦ୍+ଚୟ = ବିପଚ୍ଚୟ (ଦ୍+ଚ) = (ଚ୍+ଚ) = ଚ୍ଚ

ତଦ୍+ଛବି = ତଚ୍ଛବି (ଦ୍+ଛ) = (ଚ୍+ଛ) = ଚ୍ଛ

**'ତ' ବା 'ଦ' ପରେ 'ଚ' ବା 'ଛ' ଥିଲେ 'ତ' ବା 'ଦ' ସ୍ଥାନରେ 'ଚ' ହୁଏ । ଏହି 'ଚ' ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତ ହୁଏ ।**

୩.	ଉତ୍+ଜ୍ୱଳ=ଉଜ୍ଜ୍ୱଳ (ତ୍+ଜ) = (ଜ୍+ଜ+ୱ) = ଜ୍ଜ୍ୱ(ବା) = ଜ୍ଜ୍ୱ

ଜଗତ୍+ଜନନୀ = ଜଗଜ୍ଜନନୀ (ତ୍+ଜ୍) = (ଜ+ଜ) = ଜ୍ଜ

ବିପଦ୍+ଜନକ = ବିପଜ୍ଜନକ (ଦ୍+ଜ) = (ଜ୍+ଜ) = ଜ୍ଜ

ବୃହତ୍ + ଝଟିକା = ବୃହଜ୍‌ଝଟିକା (ତ୍+ଝ) = (ଜ୍+ଝ) = ଜ୍ଝ

ବିପଦ୍+ଝଟିକା = ବିପଦଝଟିକା (ଦ୍+ଝ୍) - (ଜ୍+ଝ୍) = ଜଝ୍

**'ତ' ବା 'ଦ' ପରେ 'ଜ' ବା 'ଝ' ଥିଲେ 'ତ' ବା 'ଦ' ସ୍ଥାନରେ 'ଜ୍' ହୁଏ ।**

**ଏ 'ଜ୍' ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତ ହୁଏ ।**

୪.	ଉତ୍+ଡୀନ = ଉଡ୍‌ଡୀନ (ଉଡ୍ଡୀନ) (ତ୍+ଡ୍+ଈ) = (ଡ୍+ଡ୍+ଈ) = ଡ୍ଡୀ

ତଦ୍+ଡିଣ୍ଡିମ = ତଡ୍ଡିଣ୍ଡିମ (ଦ୍+ଡ୍+ଇ) = (ଡ୍+ଡ୍+ଇ) = ଡ୍‌ଡି, ଡ୍ଡି

**'ତ' ବା 'ଦ' ପରେ 'ଡ' ଥିଲେ 'ତ' ବା 'ଦ' ସ୍ଥାନରେ 'ଡ' ହୁଏ ।**

**ଏହି 'ଡ' ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତହୁଏ ।**

୫.	ଉତ୍+ହାର = ଉଦ୍ଧାର

ତଦ୍+ହିତ = ତଦ୍ଧିତ

ଉତ୍+ହତ = ଉଦ୍ଧତ

**'ତ' ବା 'ଦ' ପରେ 'ହ' ଥିଲେ ଦୁହେଁ ମିଶି 'ଦ୍ଧ' ହୁଅନ୍ତି ।**

୬.	ଉତ୍ + ଲେଖ = ଉଲ୍ଲେଖ

ତଦ୍ + ଲକ୍ଷଣ = ତଲ୍ଲକ୍ଷଣ

**'ତ' ବା 'ଦ' ପରେ 'ଲ' ଥିଲେ 'ତ' ବା 'ଦ' ସ୍ଥାନରେ 'ଲ' ହୁଏ ।**

**ଏହି 'ଲ୍' ପରବର୍ତ୍ତୀ 'ଲ' ସହିତ ମିଳିତ ହୁଏ ।**

୭.	ଉତ୍ + ଶୃଙ୍ଖଳ = ଉଚ୍ଛୃଙ୍ଖଳ (ତ୍+ଶ୍+ର) = (ଚ୍+ଛ+ର) = ଚ୍ଛୃ

ଉତ୍+ଶ୍ୱାସ= ଉଚ୍ଛ୍ୱାସ (ତ୍+ଶ+ୱା) = (ଚ୍+ଛ୍+ୱା) = ଚ୍ଛ୍ୱା

ବିପଦ୍+ଶଙ୍କା = ବିପଚ୍ଛଙ୍କା (ଦ୍+ଶ) = (ଚ୍+ଛ) = ଚ୍ଛ

**'ତ' ବା 'ଦ' ପରେ 'ଶ' ଥିଲେ 'ତ୍' ବା 'ଦ୍' ସ୍ଥାନରେ 'ଚ୍' ହୁଏ ଓ 'ଶ' ସ୍ଥାନରେ 'ଛ' ହୁଏ । ଏହି 'ଚ୍' ଓ 'ଛ୍' ମିଶି 'ଚ୍ଛ' ହୁଅନ୍ତି ।**

୮. ଜଗତ୍+ନାଥ = ଜଗନ୍ନାଥ (ତ୍+ନ)= (ନ୍+ନ) = ନ୍ନ+ଆ = ନ୍ନା

ବାକ୍+ମୟ = ବାଙ୍‌ମୟ (ବାଙ୍ମୟ)

ମୃତ୍+ମୟ = ମୃଣ୍ମୟ

ଚିତ୍+ମୟ = ଚିନ୍ମୟ

ଜଗତ୍+ମୋହନ = ଜଗନ୍ମୋହନ

**ପରପଦର ପ୍ରଥମ ବର୍ଣ୍ଣ 'ନ' ବା 'ମ' ହୋଇଥିଲେ ପୂର୍ବପଦର ଶେଷବର୍ଣ୍ଣ ଯେଉଁ ବର୍ଗର ହୋଇଥାଏ; ତା' ସ୍ଥାନରେ ସେହିବର୍ଗର ପଞ୍ଚମ ବର୍ଣ୍ଣ ହୁଏ ଓ ତାହା ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତହୁଏ ।**

୯. ସମ୍+ଚୟ = ସଞ୍ଚୟ, ସଂଚୟ (ମ୍+ଚ) = (ଞ୍+ଚ) = ଞ୍ଚ

ସମ୍+ଜୟ = ସଞ୍ଜୟ, ସଂଜୟ

ସମ୍+ବାଦ = ସମ୍ବାଦ, ସଂବାଦ

ସମ୍+ଗ୍ରହ = ସଂଗ୍ରହ

ସମ୍+ବଳ = ସମ୍ବଳ, ସଂବଳ

**'ମ' ପରେ ଯେଉଁ ବର୍ଗର ବର୍ଣ୍ଣ ଥାଏ, 'ମ' ସ୍ଥାନରେ ସେହି ବର୍ଗର ପଞ୍ଚମବର୍ଣ୍ଣ ହୁଏ; ବିକଳ୍ପରେ 'ମ୍' ସ୍ଥାନରେ ଅନୁସ୍ୱାର(ଂ) ମଧ୍ୟ ହୋଇଥାଏ ।**

୧୦. ସମ୍+ସାର = ସଂସାର

ସମ୍+ଶୋଧନ = ସଂଶୋଧନ

ସମ୍+ରକ୍ଷଣ = ସଂରକ୍ଷଣ

ସମ୍+ହତି = ସଂହତି

**'ମ୍' ପରେ ଅବର୍ଗ୍ୟ ବର୍ଣ୍ଣଥିଲେ 'ମ୍' ସ୍ଥାନରେ ଅନୁସ୍ୱାର (ଂ) ହୁଏ ।**

୧୧. ତୁଷ୍ +ତ = ତୁଷ୍ଟ

ଷଷ୍+ଥ = ଷଷ୍ଠ

ଶିଷ୍+ତ = ଶିଷ୍ଟ

**'ଷ' ପରେ 'ତ' ଥିଲେ 'ତ' ସ୍ଥାନରେ 'ଟ' ଓ 'ଥ' ଥିଲେ 'ଥ' ସ୍ଥାନରେ 'ଠ' ହୁଏ ।**

---

୧୨. ସମ୍+କୃତି = ସଂସ୍କୃତି

ପରି+କାର = ପରିଷ୍କାର

ସମ୍+କାର = ସଂସ୍କାର

**'ସମ୍' ଓ 'ପରି' ଉପସର୍ଗ ପରେ 'କୃ' ଧାତୁ ନିଷ୍ପନ୍ନ କାର, କୃତି, କରଣ ପ୍ରଭୃତି ପଦ ରହିଲେ 'ସ୍' ବର୍ଣ୍ଣର ଆଗମନ ହୁଏ ଏବଂ ତାହା ପରବର୍ତ୍ତୀ ବର୍ଣ୍ଣ ସହିତ ଯୁକ୍ତହୁଏ । ସ୍ଥଳ ବିଶେଷରେ 'ସ' ଷ'ତ୍ୱବିଧି ଅନୁଯାୟୀ 'ଷ'ରେ ପରିଣତ ହୁଏ ।**

୧୩. ଆପଦ୍+କାଳ = ଆପତ୍କାଳ (ଆପତ୍କାଳ)

ତଦ୍+ପର = ତତ୍ପର (ତତ୍ପର)

କ୍ଷୁଧ୍+ପିପାସା = କ୍ଷୁତ୍ପିପାସା

**'ଦ୍' ଓ 'ଧ୍' ପରେ କ, ଖ, ପ, ଫ, ସ ମଧ୍ୟରୁ କୌଣସି ଗୋଟିଏ ବର୍ଣ୍ଣ ରହିଲେ 'ଦ୍' ବା 'ଧ୍' - 'ତ'ରେ ପରିଣତ ହୁଏ ।**

୧୪. ଅନୁ+ଛେଦ = ଅନୁଚ୍ଛେଦ

ପରି+ଛଦ = ପରିଚ୍ଛଦ

ବି+ଛେଦ = ବିଚ୍ଛେଦ

ଆ+ଛାଦନ = ଆଚ୍ଛାଦନ

**'ଛ' ପରେ ଥିଲେ ପୂର୍ବପଦର ଅନ୍ତସ୍ଥିତ ସ୍ୱରବର୍ଣ୍ଣ ପରେ 'ଚ୍'ର ଆଗମ ହୁଏ । ଏହି 'ଚ୍' ଓ ପରବର୍ତ୍ତୀ 'ଛ' ମିଶି 'ଚ୍ଛ' ହୁଅନ୍ତି ।**

## ୨.୪ ବିସର୍ଗ ସନ୍ଧି :

ପ୍ରାତ**ର୍** = ପ୍ରାତ**ଃ** ଅନ୍ତ**ର୍** = ଅନ୍ତ**ଃ**

ଦୁ**ର୍** = ଦୁ**ଃ** ନି**ର୍** = ନି**ଃ**

ମନ**ସ୍** = ମନ**ଃ** ଯଶ**ସ୍** = ଯଶ**ଃ**

ତେଜ**ସ୍** = ତେଜ**ଃ** ରଜ**ସ୍** = ରଜ**ଃ**

ଉପର ଶବ୍ଦଗୁଡ଼ିକୁ ଆମେ ଲକ୍ଷ୍ୟକଲେ ଜଣାପଡୁଛି ଯେ 'ର୍' ଆଉ 'ସ୍' ହେଉଛନ୍ତି ବିସର୍ଗ(ଃ)ର ଗୋଟିଏ ଗୋଟିଏ ରୂପ ।

(କ) ଗୁରୁ ଶିଷ୍ୟର ଗତିବିଧିକୁ **ନିରୀକ୍ଷଣ** କଲେ ।

(ଖ) କର୍ତ୍ତବ୍ୟରେ ଅବହେଳା କଲେ ପଛରେ **ମନସ୍ତାପ** କରିବାକୁ ପଡ଼େ ।

ଆସ, ଉପର ବାକ୍ୟ ଦୁଇଟିରେ ଥିବା ବଡ଼ ଅକ୍ଷର ବିଶିଷ୍ଟ ଶବ୍ଦ ଦୁଇଟିର ଗଠନ ପ୍ରଣାଳୀକୁ ଦେଖିବା ।

ନିରୀକ୍ଷଣ = ନିଃ+ଈକ୍ଷଣ (ନିଃ = ନିର୍+ଈକ୍ଷଣ) = (ର୍+ଈ) = ରୀ

ମନସ୍ତାପ = ମନଃତାପ (ମନଃ = ମନସ୍+ତାପ) = (ସ୍+ତା) = ସ୍ତା

ଏଥିରେ ଆମେ ଦେଖିଲେ ଯେ ପ୍ରଥମଶବ୍ଦ 'ନିରୀକ୍ଷଣ'ରେ ପୂର୍ବପଦର ଶେଷରେ ଥିବା 'ଃ' ସହିତ ପରପଦର ଆଦ୍ୟ ବର୍ଣ୍ଣ 'ଇ' ବା ସ୍ୱରବର୍ଣ୍ଣର ମିଳନ ହେଲା । ସେହିପରି ଦ୍ୱିତୀୟଶବ୍ଦ 'ମନସ୍ତାପ'ରେ ପୂର୍ବପଦର ଶେଷରେ ଥିବା 'ଃ' ସହିତ ପରପଦର ଆଦ୍ୟରେ ଥିବା 'ତ' ବା ବ୍ୟଞ୍ଜନ ବର୍ଣ୍ଣର ମିଳନ ହେଲା । ଏଥିରୁ ଜଣାଗଲା ଯେ,

**ପୂର୍ବପଦର ଶେଷରେଥିବା ବିସର୍ଗ(ଃ) ସହିତ ପରପଦର ପ୍ରଥମରେ ଥିବା ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣର ମିଳନ ହେଲେ ବିସର୍ଗ ସନ୍ଧି ହୁଏ ।**

ଆସ ନିମ୍ନରେ ପ୍ରଦତ୍ତ ହୋଇଥିବା ତା'ର ବିଭିନ୍ନ ରୂପକୁ ଦେଖିବା ।

୧. ନଭଃ+ଚର = ନଭଶ୍ଚର (ନଭଃ = ନଭସ୍+ଚର) = (ସ୍+ଚ) = (ଶ୍+ଚ) = ଶ୍ଚ

ନିଃ+ଚୟ = ନିଶ୍ଚୟ, ଦୁଃ+ଚିନ୍ତା=ଦୁଶ୍ଚିନ୍ତା

ଶିରଃ+ଛେଦ = ଶିରଚ୍ଛେଦ = (ଃ+ଛ) = (ସ୍+ଛ) = (ଶ+ଛ) = ଚ୍ଛ

ବିସର୍ଗ ପରେ 'ଚ' ବା 'ଛ' ଥିଲେ ବିସର୍ଗ ସ୍ଥାନରେ 'ଶ' ହୁଏ ।

୨. ଧନୁ+ଟଙ୍କାର =ଧନୁଷ୍ଟଙ୍କାର (ଃ+ଟ) = ଷ୍(+ଟ) = ଷ୍ଟ

ବିସର୍ଗପରେ 'ଟ' ବା 'ଠ' ଥିଲେ ବିସର୍ଗସ୍ଥାନରେ 'ଷ' ହୁଏ ।

୩. ମନଃ+ତାପ=ମନସ୍ତାପ (ଃ+ତା) = (ସ୍+ତା) = ସ୍ତା

ଦୁଃ+ତର=ଦୁସ୍ତର(ଃ+ତ) = (ସ୍+ତ) = ସ୍ତ

ବିସର୍ଗ ପରେ 'ତ' ବା 'ଥ' ଥିଲେ ବିସର୍ଗ ସ୍ଥାନରେ 'ସ' ହୁଏ ।

---

**ଶିକ୍ଷକଙ୍କ ପାଇଁ ସୂଚନା:-** ପ୍ରତ୍ୟେକ ବର୍ଗର ପ୍ରଥମ ଓ ଦ୍ୱିତୀୟ ବର୍ଣ୍ଣ ଅର୍ଥାତ୍ - କ,ଖ, ଚ,ଛ, ଟ,ଠ, ତ,ଥ,ପ,ଫ ହେଉଛନ୍ତି ଅଘୋଷଧ୍ୱନି । 'ସ'-ରୂପୀ ହେଉ ବା 'ର' ରୂପୀ ହେଉ ଯେକୌଣସି ବିସର୍ଗ(ଃ) ପରେ ଉପର୍ଯ୍ୟୁକ୍ତ ଅଘୋଷଧ୍ୱନିର ବର୍ଣ୍ଣଥିଲେ ବିସର୍ଗ(ଃ) ସ୍ଥାନରେ 'ସ୍'"ର ଆଗମ ହୁଏ । ଏହି 'ସ' ସ୍ଥଳବିଶେଷରେ 'ଶ' ଓ 'ଷ' ମଧ୍ୟ ହୋଇପାରେ । ଆହୁରି ମନେରଖିବାକୁ ହେବ ଯେ - 'ସ'-ରୂପୀ ବିସର୍ଗ 'ସ' ହେବାରେ ପ୍ରତିବନ୍ଧକ ସୃଷ୍ଟି ହେଉନାହିଁ । କିନ୍ତୁ ବିଶେଷକରି ଦେଖିବାର କଥା ହେଉଛି 'ର୍'-ରୂପୀ ବିସର୍ଗର 'ସ୍'-କୁ ରୂପାନ୍ତର । ଉଦାହରଣ- ଦୁଃ=ଦୁର୍+ଚିନ୍ତା = ଦୁଶ୍ଚିନ୍ତା ଏଠାରେ 'ଦୁର୍ଚିନ୍ତା' ନ ହୋଇ 'ଦୁଶ୍ଚିନ୍ତା ହେଲା କାରଣ- 'ଚ' ହେଉଛି ଅଘୋଷ । ସେହିପରି - ନିଃ = ନିର୍+ଚ = ନିଶ୍ଚୟ । ଏଠାରେ ନିର୍ଚ୍ଚୟ ନହୋଇ ନିଶ୍ଚୟ ହେଲା । (ବ୍ୟତିକ୍ରମ = ଚତୁଃ+ଥ = ଚତୁର୍ଥ)

୪. ଶିରଃ+ବ୍ୟଥା = ଶିରୋବ୍ୟଥା    ମନଃ+ବାଞ୍ଛା = ମନୋବାଞ୍ଛା

ମନଃ+ଯୋଗ = ମନୋଯୋଗ    ମନଃ+ହର = ମନୋହର

ତତଃ+ଅଧିକ = ତତୋଧିକ    ବୟଃ+ବୃଦ୍ଧି = ବୟୋବୃଦ୍ଧି

ତପଃ+ବନ = ତପୋବନ    ମନଃ+ରଞ୍ଜନ = ମନୋରଞ୍ଜନ

ଅଧଃ+ଗତି = ଅଧୋଗତି    ତେଜଃ+ମୟ = ତେଜୋମୟ

**ସ୍-ରୂପୀ ବିସର୍ଗ ପରେ ଅ, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମବର୍ଣ୍ଣ କିମ୍ବା ଯ,ର,ଲ,ବ,ହ ଥିଲେ ବିସର୍ଗସ୍ଥାନରେ 'ଓ' ହୁଏ ।**

୫. ପୁନଃ+ଅପି = ପୁନରପି    ପୁନଃ+ଆଗମନ = ପୁନରାଗମନ

ପୁନଃ+ମୂଷିକ = ପୁନର୍ମୂଷିକ    ଅନ୍ତଃ+ଦାହ = ଅନ୍ତର୍ଦାହ

ନିଃ+ଜନ = ନିର୍ଜନ    ନିଃ+ଦେଶ = ନିର୍ଦ୍ଦେଶ / ନିର୍ଦେଶ

ଦୁଃ+ଗତି = ଦୁର୍ଗତି    ନିଃ+ଲୋଭ = ନିର୍ଲୋଭ

ଧନୁଃ+ବିଦ୍ୟା = ଧନୁର୍ବିଦ୍ୟା    ଅନ୍ତଃ+ହିତ = ଅନ୍ତର୍ହିତ

ସ୍ୱଃ+ଗତ = ସ୍ୱର୍ଗତ    ନିଃ+ଧନ = ନିର୍ଦ୍ଧନ, ନିର୍ଧନ

ମୁହୁଃ+ମୁହୁଃ = ମୁହୁର୍ମୁହୁଃ    ଆୟୁଃ+ବେଦ = ଆୟୁର୍ବେଦ

**'ର୍' ରୂପୀ ବସର୍ଗପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ, ପଞ୍ଚମବର୍ଣ୍ଣ, ଯ,ର,ଲ,ବ,ହ ଥିଲେ ବିସର୍ଗସ୍ଥାନରେ 'ର' ହୁଏ ।**

୬. ନିଃ+ରସ = ନୀରସ

ଚକ୍ଷୁଃ+ରୋଗ = ଚକ୍ଷୂରୋଗ

ନିଃ+ରବ = ନୀରବ

**'ର୍' ରୂପୀ ବିସର୍ଗପରେ 'ର' ଥିଲେ ବିସର୍ଗରେ ଥିବା 'ର୍' ର ଲୋପହୁଏ ଓ ବିସର୍ଗ ପୂର୍ବବର୍ତ୍ତୀ ସ୍ୱରର ଦୀର୍ଘ ହୁଏ ।**

୭. ଅତଃ+ଏବ = ଅତଏବ

**ବିସର୍ଗ ପରେ 'ଅ' ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ବିସର୍ଗର ଲୋପହୁଏ ।**

୮. ମନଃ+କାମନା = ମନସ୍କାମନା    ଧନୁଃ+ପାଣି = ଧନୁଷ୍ପାଣି

ନିଃ+ଫଳ = ନିଷ୍ଫଳ    ନମଃ+କାର = ନମସ୍କାର

ନିଃ+ପାପ = ନିଷ୍ପାପ    ପୁରଃ+କାର = ପୁରସ୍କାର

**ବିସର୍ଗପରେ କ, ପ, ପ, ଫ ଆଦି ଥିଲେ ବିସର୍ଗ ସ୍ଥାନରେ 'ସ୍' ହୁଏ ।**

**ସ୍ଥଳ ବିଶେଷରେ ଏହି 'ସ୍' ଷତ୍ୱବିଧି ଅନୁସାରେ 'ଷ' ମଧ୍ୟ ହୁଏ ।**

ବ୍ୟତିକ୍ରମ -

| | |
|---|---|
| ହରି+ଚନ୍ଦ୍ର = ହରିଶ୍ଚନ୍ଦ୍ର, | ଏକ+ଦଶ = ଏକାଦଶ |
| ବାର+ବାର = ବାରମ୍ବାର | ପର+ପର = ପରସ୍ପର |
| ଷଟ୍+ଦଶ = ଷୋଡ଼ଶ | ଅହଃ+ଅହଃ = ଅହରହ |
| ବୃହତ୍+ପତି = ବୃହସ୍ପତି | |

## ଅନୁଶୀଳନୀ

୧. ସନ୍ଧି କାହାକୁ କହନ୍ତି ?

୨. ସ୍ୱର ସନ୍ଧି କାହାକୁ କହନ୍ତି ?

୩. ବ୍ୟଞ୍ଜନ ସନ୍ଧିର ସଂଜ୍ଞା ଲେଖ ।

୪. ବିସର୍ଗ ସନ୍ଧିର ଲକ୍ଷଣ କ'ଣ ?

୫. ସନ୍ଧି ବିଚ୍ଛେଦ କର :-

ଦେବର୍ଷି, ସଦାଚାର, ସୂଚ୍ୟଗ୍ର, ସ୍ୱାଗତ, ଗାୟକ

ଉଜ୍ଜ୍ୱଳ, ଜଗନ୍ନାଥ, ଶିଷ୍ଟ, ଧନୁଷ୍ଟଙ୍କାର,

ମନୋବାଞ୍ଛା, ସ୍ୱର୍ଗତ, ନିର୍ଦ୍ଦେଶ ।

୬. ସନ୍ଧିକର -

| | |
|---|---|
| ପ୍ରତି+ଅହ, | ଦିକ୍+ଅନ୍ତ |
| ସମ୍+ହତି | ଧନୁଃ+ପାଣି |
| ମହା+ଉଦଧି | ଅନୁ+ଏଷଣ |
| ଉତ୍+ଛେଦ | ତତଃ+ଅଧିକ |
| ରାଜା+ଋଷି | ଭୌ+ଉକ, |
| ଉତ୍+ହାର | ମୁହୁଃ+ମୁହୁଃ |

୭. ଭ୍ରମ ସଂଶୋଧନ କର ।

ଯତିନ୍ଦ୍ର, ବାଗିଶ, ଉଲାସ, ଉଶୃଙ୍ଖଳ, ବିଛେଦ, ଶିରଛେଦ, ମନରଞ୍ଜନ ।

୮. ନିମ୍ନଲିଖିତ ପ୍ରତିଧାଡ଼ିରେ ଥିବା ଭିନ୍ନଧର୍ମୀ ଶବ୍ଦଟିକୁ ବାଛ ।

(କ) ଅସ୍ତାଚଳ, ନୀଳାଚଳ, ହିମାଚଳ, ସୀମାଚଳ

(ଖ) ସୂକ୍ତି, ମୁକ୍ତି, ସାଧୂକ୍ତି, ବଧୂକ୍ତି

(ଗ) ଦିଗନ୍ତ, ଦିଗ୍‌ବଳୟ, ଜଗନ୍ନାଥ, ଦିଗ୍‌ଗଜ

(ଘ) ଉଚ୍ଚାସନ, ଉଚ୍ଚାରଣ, ଉଚ୍ଛେଦ, ଉଚ୍ଛନ୍ନ

(ଙ) ଦୁଶ୍ଚିନ୍ତା, ଦୁସ୍ତର, ଦୁଶ୍ଛେଦ୍ୟ, ନିଶ୍ଚୟ

୯. ମନଃ+ବାଞ୍ଛା = ମନୋବାଞ୍ଛା । ଏଠାରେ (ଃ) ବିସର୍ଗ 'ଓ' ରେ ପରିଣତ ହୋଇଛି । ସେହି 'ଃ' 'ଓ'ରେ ପରିଣତ ହେଉଥିବା ଆଉ ପାଞ୍ଚୋଟି ଶବ୍ଦ ଗଢ଼ ।

୧୦. ଯେଉଁ ଧାରାରେ 'ଦେବର୍ଷି' ଶବ୍ଦଟି ଗଠିତ ହୋଇଛି :- ତାହା ଉଲ୍ଲେଖ କର ଓ ସେହି ଧାରାରେ ଆଉ ଦୁଇଟି ଶବ୍ଦ ଗଢ଼ ।

୧୧. ନିମ୍ନରେ ବାମ ପାଖରେ କେତୋଟି ଶବ୍ଦ ଦିଆଯାଇଛି । ପ୍ରତ୍ୟେକ ଶବ୍ଦର ଡାହାଣ ପାଖ ଧାଡ଼ିରୁ ତା'ର ସନ୍ଧିଗତ ସମ୍ପର୍କ ଥିବା ଶବ୍ଦଟିକୁ ଆଣି ଯୋଡ଼ ।

(କ) ପରୀକ୍ଷା (ମୁନୀଶ୍ୱର, ନିରୀକ୍ଷା, ବାଗୀଶ)

(ଖ) ମହୋଦଧି - (ମହାସାଗର, ମହୋତ୍ସବ, ମହାପାପ)

(ଗ) ଅନୁଚ୍ଛେଦ - (ବିଚ୍ଛେଦ, ଉଚ୍ଛେଦ, ଉଚ୍ଛ୍ୱାସ)

(ଘ) ଜଗନ୍ନାଥ - (ଜଗଜ୍ଜନନୀ, ଜଗଦୀଶ୍ୱର, ଜଗନ୍ମୋହନ)

(ଙ) ନିଷ୍ଫଳ - (ନିର୍ଜନ, ନିରାଶ, ନିଷ୍ପାପ)

୧୨. ତଳ ବାକ୍ୟ ଗୁଡ଼ିକରେ ଥିବା ରେଖାଙ୍କିତ ପଦଗୁଡ଼ିକ ସ୍ଥାନରେ ସମାନ ଅର୍ଥବୋଧକ ବିସର୍ଗସନ୍ଧିଜନିତ ପଦ ଯୋଡ଼ି ବାକ୍ୟକୁ ଠିକ୍ ଭାବରେ ଲେଖ ।

(କ) ହରି ଜଣେ <u>ଲୋଭଶୂନ୍ୟ</u> ମଣିଷ ।

(ଖ) ପରମେଶ୍ୱରଙ୍କର <u>ଆକାର ନାହିଁ</u> ।

(ଗ) <u>ଧନବିହୀନ</u> ଜୀବନ ନିରର୍ଥକ ଅଟେ ।

(ଘ) <u>ଜନଶୂନ୍ୟ</u> ସ୍ଥାନରେ ବେଶୀ ସମୟ ରହିହେବ ନାହିଁ ।

❖❖❖

**ତୃତୀୟ ଅଧ୍ୟାୟ**

# ସମାସ

**୩.୧** (କ) ଯଶୋଦା **ପୁତ୍ର ନିମିତ୍ତ ଶୋକ**ରେ ଅଧୀର ହେଲେ ।

(ଖ) ଯଶୋଦା **ପୁତ୍ରଶୋକ**ରେ ଅଧୀର ହେଲେ ।

(ଗ) **ସୁନାରେ ତିଆରି ହାର** ଟି ଝିଅକୁ ଭାରି ମାନୁଛି ।

(ଘ) **ସୁନାହାର** ଟି ଝିଅକୁ ଭାରି ମାନୁଛି

(ଙ) **ଶୋକରୂପକ ଅଗ୍ନି** ମଣିଷ ଶରୀରକୁ କ୍ଷୀଣ କରିଦିଏ ।

(ଚ) **ଶୋକାଗ୍ନି** ମଣିଷ ଶରୀରକୁ କ୍ଷୀଣ କରିଦିଏ ।

(ଛ) **ଚକ୍ର ଅଛି ପାଣିରେ ଯାହାର;** ସେ ମହାଭାରତ ଯୁଦ୍ଧର କର୍ଣ୍ଣଧାର ଅଟନ୍ତି ।

(ଜ) **ଚକ୍ରପାଣି** ମହାଭାରତ ଯୁଦ୍ଧର କର୍ଣ୍ଣଧାର ଅଟନ୍ତି ।

ଆସ ଉପର ବାକ୍ୟ ଗୁଡ଼ିକୁ ଆଲୋଚନା କରିବା । ବର୍ତ୍ତମାନ ଲକ୍ଷ୍ୟକର – 'କ' ଓ 'ଖ' ବାକ୍ୟର ଅର୍ଥ ସମାନ ହେଉଛି । ସେହିପରି ଯଥାକ୍ରମେ 'ଗ ଓ ଘ', 'ଙ ଓ ଚ', 'ଛ ଓ ଜ' ବାକ୍ୟର ଅର୍ଥ ମଧ୍ୟ ସମାନ ହେଉଛି ।

'କ' ବାକ୍ୟରେ ଥିବା 'ପୁତ୍ର ନିମିତ୍ତ ଶୋକ' ପଦଗୁଡ଼ିକ ମିଶିଯାଇ 'ଖ' ବାକ୍ୟରେ 'ପୁତ୍ରଶୋକ' ପଦରେ ପରିଣତ ହୋଇଛି । ସେହିପରି 'ଗ' ବାକ୍ୟରେ ଥିବା "ସୁନାରେ ତିଆରି ହାର" ପଦଗୁଡ଼ିକ ମିଶିଯାଇ 'ଘ' ବାକ୍ୟରେ 'ସୁନାହାର', 'ଙ' ବାକ୍ୟର 'ଶୋକରୂପକ ଅଗ୍ନି' ପଦଗୁଡ଼ିକ ମିଶିଯାଇ 'ଚ' ବାକ୍ୟରେ 'ଶୋକାଗ୍ନି'ରେ ଓ 'ଛ' ବାକ୍ୟର 'ଚକ୍ର ଅଛି ପାଣିରେ ଯାହାର' 'ଜ' ବାକ୍ୟରେ 'ଚକ୍ରପାଣି'ରେ ପରିଣତ ହୋଇଛି ।

ଆମେ ଦେଖିଲେ ଯେ ବାକ୍ୟ ମଧ୍ୟରେ ପରସ୍ପର ସମ୍ପର୍କ ଥିବା ଏକାଧିକ ପଦକୁ ମିଶାଇ ଦେଇ ଏକପଦରେ ପରିଣତ କରାଯାଇ ପାରୁଛି । ଫଳରେ ବାକ୍ୟ ଛୋଟ ହୋଇପାରୁଛି ଓ ଶ୍ରୁତି ମଧୁର ହେଉଛି । ବ୍ୟାକରଣ ଶାସ୍ତ୍ରରେ ଏହି ପ୍ରକ୍ରିୟାକୁ 'ସମାସ' କୁହାଯାଏ । ଏଥିରୁ ଜଣାଗଲା ଯେ –

**ପରସ୍ପର ସମ୍ବନ୍ଧ ଥିବା ଦୁଇ ବା ତତୋଧିକ ପଦକୁ ଏକ ପଦରେ ପରିଣତ କରିବାର ନାମ ହେଉଛି ସମାସ ।**

ସମାସ ପ୍ରକ୍ରିୟାରେ ସମ୍ପର୍କିତ ହୋଇଥିବା ପଦଗୁଡ଼ିକ ହେଲେ ଯଥାକ୍ରମେ : ସମସ୍ତପଦ, ପୂର୍ବପଦ, ପରପଦ ବା ଉତ୍ତର ପଦ, ସମସ୍ୟମାନପଦ ଓ ବିଗ୍ରହବାକ୍ୟ ।

**ସମସ୍ତ ପଦ :-** ସମାସରେ ପଦଗୁଡ଼ିକ ମିଳିତ ହେବାପରେ ଯେଉଁ ପଦ ସୃଷ୍ଟିହୁଏ ତାହାକୁ 'ସମସ୍ତପଦ' କୁହାଯାଏ । ଅନ୍ୟ ଉପାୟରେ ଆମେ ମଧ୍ୟ କହି ପାରିବା - "ସମାସନିଷ୍ପନ୍ନ ପଦକୁ ସମସ୍ତପଦ କୁହାଯାଏ ।"

ସିଂହ ଚିହ୍ନିତ ଆସନ = ସିଂହାସନ । ଏଠାରେ "ସିଂହାସନ" ହେଉଛି 'ସମସ୍ତପଦ' । 'ସିଂହ' ହେଉଛି ପୂର୍ବପଦ ଓ 'ଆସନ' ହେଉଛି 'ପରପଦ' ବା 'ଉତ୍ତର ପଦ' ।

**ସମସ୍ୟମାନ ପଦ:-** "ସିଂହାସନ" ସମସ୍ତ ପଦରେ 'ସିଂହ' ଗୋଟିଏ ସମସ୍ୟମାନ ପଦ ଓ 'ଆସନ' ଆଉ ଏକ ସମସ୍ୟମାନ ପଦ । "ଯେଉଁପଦ ଗୁଡ଼ିକର ମିଶ୍ରଣରେ ସମସ୍ତ ପଦ ଗଠିତ ହୁଏ ସେହି ପଦଗୁଡ଼ିକ ଗୋଟିଏ ଗୋଟିଏ **"ସମସ୍ୟମାନ ପଦ"** ।

**ବିଗ୍ରହବାକ୍ୟ :-** ସମାସ ଅନ୍ତର୍ଗତ ପଦମାନଙ୍କର ପରସ୍ପର ସମ୍ବନ୍ଧ ଜାଣିବା ପାଇଁ ଯେଉଁ ବାକ୍ୟ ଗଢ଼ାଯାଏ ତାହାକୁ ବିଗ୍ରହବାକ୍ୟ କୁହାଯାଏ । ବିଗ୍ରହ ବାକ୍ୟକୁ ବ୍ୟାସବାକ୍ୟ ବା ସମାସବାକ୍ୟ ବୋଲି ମଧ୍ୟ କୁହାଯାଏ ।

**ସମାସର ପ୍ରକାର ଭେଦ :- ଅର୍ଥର ପ୍ରାଧାନ୍ୟ ଦୃଷ୍ଟିରୁ ସମାସକୁ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ କରାଯାଇଛି,** ଯଥା :- ତତ୍‌ପୁରୁଷ, କର୍ମଧାରୟ, ଦ୍ୱିଗୁ, ଦ୍ୱନ୍ଦ୍ୱ, ବହୁବ୍ରୀହି ଓ ଅବ୍ୟୟୀଭାବ ।

ଏମାନଙ୍କ ମଧ୍ୟରୁ 'ତତ୍‌ପୁରୁଷ' ଓ 'କର୍ମଧାରୟ' ସମାସ ଦୁଇଟିରେ ଉତ୍ତରପଦର ଅର୍ଥରେ ପ୍ରାଧାନ୍ୟ ରହୁଥିବା ହେତୁ ଏ ଦୁଇଟି "ଉତ୍ତରପଦ ପ୍ରଧାନ" । 'ଦ୍ୱିଗୁ' ଓ ଅବ୍ୟୟୀଭାବ "ପୂର୍ବପଦ ପ୍ରଧାନ" 'ଦ୍ୱନ୍ଦ୍ୱ' ସମାସରେ "ଉଭୟପଦ" ବା ପ୍ରତ୍ୟେକ ପଦରେ ଅର୍ଥର ପ୍ରାଧାନ୍ୟ ରହିଛି । କିନ୍ତୁ ବହୁବ୍ରୀହି ସମାସରେ କୌଣସି ସମସ୍ୟମାନ ପଦର ଅର୍ଥ ଉପରେ ପ୍ରାଧାନ୍ୟ ଦିଆନଯାଇ "ସ୍ୱତନ୍ତ୍ର ଅର୍ଥ" ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ 'ଅନ୍ୟଅର୍ଥ' ପ୍ରଧାନ କୁହାଯାଏ ।

**୩.୨ ତତ୍‌ପୁରୁଷ ସମାସ :-**

**ଦ୍ୱିତୀୟା ଠାରୁ ସପ୍ତମୀ ପର୍ଯ୍ୟନ୍ତ ବିଭକ୍ତି ଯୁକ୍ତ ବିଶେଷ୍ୟ ପଦ ସହିତ ବିଶେଷ୍ୟ କିମ୍ବା ବିଶେଷଣ ପଦର ସମାସ ହୋଇ ପର ପଦର ଅର୍ଥର ପ୍ରାଧାନ୍ୟ ରହିଲେ ତତ୍‌ପୁରୁଷ ସମାସ ହୁଏ । ଏହାର ସମସ୍ତ ପଦରେ ପୂର୍ବ ପଦର ବିଭକ୍ତି ଚିହ୍ନ ଲୋପ ପାଏ ।**

**ଦ୍ୱିତୀୟା ତତ୍ ପୁରୁଷ :-**

ଗୃହକୁ ଆଗତ = ଗୃହାଗତ        ଧନକୁ ପ୍ରାପ୍ତ = ଧନପ୍ରାପ୍ତ

ଘରକୁ ମୁହାଁ = ଘରମୁହାଁ        ସାହାଯ୍ୟକୁ ପ୍ରାପ୍ତ = ସାହାଯ୍ୟପ୍ରାପ୍ତ ।

ସେହିପରି ଚରଣାଶ୍ରିତ, ମାଛଧରା, ଦୁଧଖିଆ, ଦୁଃଖପ୍ରାପ୍ତ ଆଦି ସମାସ ଗଢ଼ାଯାଇପାରିବ । ବ୍ୟାପ୍ତି ଓ କାଳ ଅର୍ଥରେ ମଧ୍ୟ ଦ୍ୱିତୀୟା ତତ୍‌ପୁରୁଷର ରୂପ ଦେଖିବାକୁ ମିଳେ, ଯଥା :- ଚିରକାଳ(କୁ) ବ୍ୟାପୀ ଦୁଃଖ = ଚିରଦୁଃଖ, କ୍ଷଣକାଳ(କୁ) ବ୍ୟାପୀ ସ୍ଥାୟୀ = କ୍ଷଣସ୍ଥାୟୀ ଏଠାରେ ପୂର୍ବ ପଦରେ ଥିବା ଦ୍ୱିତୀୟା ବିଭକ୍ତିର ଚିହ୍ନ କୁ, ଙ୍କୁ - ସମସ୍ତ ପଦରେ ଲୁପ୍ତ ହୋଇଛି ।

**ତୃତୀୟା ତତ୍‌ପୁରୁଷ:-**

ଶରଦ୍ୱାରା ଆହତ = ଶରାହତ, ବିଦ୍ୟାରେ ହୀନ = ବିଦ୍ୟାହୀନ, ମାଙ୍କଡ଼ ଦ୍ୱାରା ଖିଆ = ମାଙ୍କଡ଼ ଖିଆ

ସେହିପରି ଅଗ୍ନିଦଗ୍ଧ, ଜଳଶୂନ୍ୟ, ମନଗଢ଼ା, ହାତକଟା, ଶୋକାକୁଳ, ତନ୍ତବୁଣା, ଭଗାରିହସା, କାଳିଦାସରଚିତ ଆଦି ସମାସ ଗଢ଼ାଯାଇପାରିବ । ଏଠାରେ ତୃତୀୟା ବିଭକ୍ତିର ଚିହ୍ନ 'ରେ','ଦ୍ୱାରା' ଆଦି ସମସ୍ତପଦରେ ଲୁପ୍ତ ହୋଇଛି ।

**ଚତୁର୍ଥୀ ତତ୍ପୁରୁଷ:-**

ପୁତ୍ର ନିମିତ୍ତ ଶୋକ = ପୁତ୍ରଶୋକ

ରଙ୍ଗ ନିମିତ୍ତ ମଞ୍ଚ = ରଙ୍ଗମଞ୍ଚ

ଦେବଙ୍କୁ ଅର୍ପିତ = ଦେବାର୍ପିତ

ସେହିପରି; ଧର୍ମପତ୍ନୀ, ଛତାକନା, ପିଇବା ପାଣି, ମନରୁଚା ଆଦି ସମାସ ଗଢ଼ାଯାଇପାରିବ ।

ଏଠାରେ ପୂର୍ବପଦରେ ଥିବା ଚତୁର୍ଥୀ ବିଭକ୍ତିର ଚିହ୍ନ ସମସ୍ତପଦରେ ଲୁପ୍ତ ହୋଇଛି ।

**ପଞ୍ଚମୀ ତତ୍ପୁରୁଷ:-**

ବୃକ୍ଷରୁ ପତିତ = ବୃକ୍ଷପତିତ, ବିଦେଶରୁ ଆଗତ = ବିଦେଶାଗତ

ସେହିପରି ଆମେ ଗଢ଼ିପାରିବା - ଗୋଠଖଣ୍ଡିଆ, ଧର୍ମଛଡ଼ା, ରୋଗମୁକ୍ତ, ଗଛତୋଳା, ଜନ୍ମାନ୍ଧ ଇତ୍ୟାଦି ଏଠାରେ ପୂର୍ବପଦରେ ଥିବା ପଞ୍ଚମୀ ବିଭକ୍ତିର ଚିହ୍ନ 'ରୁ' ସମସ୍ତ ପଦରେ ଲୁପ୍ତ ହୋଇଛି ।

**ଷଷ୍ଠୀ ତତ୍ପୁରୁଷ :-**

ଏହି ସମାସର ଗଠନ ପ୍ରଣାଳୀରେ ବିବିଧତା ରହିଛି ।

(କ) ଗାଆଁର ମୁଣ୍ଡ = ଗାଆଁମୁଣ୍ଡ, ନଦୀର ଜଳ = ନଦୀଜଳ

ସେହିପରି ଗଢ଼ାଯାଇପାରିବ - ନାରୀଶିକ୍ଷା, ପ୍ରଜାତନ୍ତ୍ର, କର୍ମଫଳ, ମାତୃଭାଷା, ମାନବଧର୍ମ, ଯୁବକସଂଘ ଇତ୍ୟାଦି ।

(ଖ) ଅର୍ଦ୍ଧ, ମଧ୍ୟ, ପୂର୍ବ, ଅପର ପ୍ରଭୃତି ପଦ ସମସ୍ତ ପଦରେ ପୂର୍ବପଦ ହୋଇଥାଏ ।

ଚନ୍ଦ୍ରର ଅର୍ଦ୍ଧ = ଅର୍ଦ୍ଧଚନ୍ଦ୍ର

ନଈର ମଝି = ମଝିନଈ

ଅହନ୍(ର) ମଧ୍ୟ = ମଧ୍ୟାହ୍ନ

ରାତ୍ରିର ମଧ୍ୟ = ମଧ୍ୟରାତ୍ର

ଅହନ୍(ର) ପୂର୍ବ = ପୂର୍ବାହ୍ଣ,

ଅହନ୍(ର) ଅପର = ଅପରାହ୍ଣ

ସେହିପରି ଗଢ଼ାଯିବ - ଅଧରାତି, ମଧ୍ୟଦେଶ ଇତ୍ୟାଦି ।

---

**ଶିକ୍ଷକଙ୍କ ପାଇଁ ସୂଚନା:-** ମଧ୍ୟାହ୍ନରେ 'ଅହନ୍' ର 'ନ' ଅପରିବର୍ତ୍ତିତ ଥିବାବେଳେ 'ପୂର୍ବାହ୍ଣ' ଓ 'ଅପରାହ୍ଣ'ରେ 'ଅହନ୍' 'ନ'- 'ଣ'ରେ ପରିଣତ ହୋଇଛି । ଣ'ତ୍ୱ ବିଧି ନିୟମ ଅନୁସାରେ ର,ର,ଷ ବର୍ଣ୍ଣପରେ ତଥା 'ନ' ପୂର୍ବରୁ ସ୍ୱରବର୍ଣ୍ଣ, କ-ବର୍ଗ,ପ-ବର୍ଗ, ଯ, ବ, ହ ମଧ୍ୟରୁ ଏକ ବା ଏକାଧିକ ବର୍ଣ୍ଣର ବ୍ୟବଧାନ ଥିଲେ 'ନ'-'ଣ'ରେ ପରିଣତ ହୁଏ । (ଅପର+ଅହନ୍) ରେ 'ର' ଓ 'ନ' ମଧ୍ୟରେ 'ଅ' ଓ 'ହ' ବ୍ୟବଧାନ ସୃଷ୍ଟି କରୁଥିବାରୁ 'ନ'-'ଣ' ହୋଇଛି । ସେହିପରି ପୂର୍ବାହ୍ଣ (ପୂର୍ବ+ ଅହନ୍)ରେ 'ର' ଓ 'ନ' ମଧ୍ୟରେ 'ବ' 'ଅ' ଓ 'ହ' ରହି ବର୍ଣ୍ଣ ବ୍ୟବଧାନ ସୃଷ୍ଟି କରୁଥିବାରୁ 'ନ' ସ୍ଥାନରେ 'ଣ' ହୋଇଛି । କିନ୍ତୁ ମଧ୍ୟାହ୍ନ (ମଧ୍ୟ+ଅହନ୍) ର 'ମଧ୍ୟ' ଶବ୍ଦରେ ର, ର, ଷ ନଥିବାରୁ 'ନ' ସ୍ଥାନରେ 'ଣ' ହୋଇନାହିଁ ।

(ଗ) ଷଷ୍ଠୀ ତତ୍‌ପୁରୁଷ ସମାସରେ 'ରାଜା' ଶବ୍ଦ ସମସ୍ତପଦରେ 'ରାଜ'ରେ ପରିଣତ ହୁଏ ।

ହଂସମାନଙ୍କର ରାଜା = ରାଜହଂସ

ପଥମାନଙ୍କର ରାଜା = ରାଜପଥ

ରାଜାଙ୍କର ପୁତ୍ର = ରାଜପୁତ୍ର

ମଗଧର ରାଜା = ମଗଧରାଜ

ସେହିପରି ହେବ ରାଜନୀତି ।

(ଘ) ସ୍ତ୍ରୀଲିଙ୍ଗବାଚକ ଶବ୍ଦ ସମସ୍ତପଦରେ ପୁଂଲିଙ୍ଗରେ ରୂପାନ୍ତରିତ ହୁଏ ଯଥା :-

ହଂସୀର ଡିମ୍ବ = ହଂସଡିମ୍ବ, ଛାଗୀର ଦୁଗ୍ଧ = ଛାଗଦୁଗ୍ଧ

ପୂର୍ବପଦରେ ଥିବା ଷଷ୍ଠୀ ବିଭକ୍ତିର ଚିହ୍ନ 'ର' ସମସ୍ତପଦରେ ଲୁପ୍ତ ହୋଇଛି ।

**ସପ୍ତମୀ ତତ୍‌ପୁରୁଷ :-**

ସାହିତ୍ୟରେ ନିପୁଣ = ସାହିତ୍ୟନିପୁଣ, ଗଣିତରେ ପଟୁ=ଗଣିତପଟୁ,ବିଦ୍ୟାରେ ନିପୁଣ=ବିଦ୍ୟା ନିପୁଣ, ଗଛରେ ପାଚିଲା = ଗଛପାଚିଲା, ଅରଣ୍ୟରେ ରୋଦନ = ଅରଣ୍ୟ ରୋଦନ ।

ଏଠାରେ ପୂର୍ବ ପଦରେ ଥିବା ସପ୍ତମୀ ବିଭକ୍ତିର ଚିହ୍ନ 'ରେ' ସମସ୍ତପଦରେ ଲୋପ ପାଇଛି ।

ସେହି ନିୟମରେ ଗଢ଼ା ଯାଇପାରିବ - ହାଣ୍ଡିରନ୍ଧା, ସନ୍ତରଣପଟୁ, ନରାଧମ, ଦୁଃଖମଗ୍ନ, ବଣଭୋଜି ଇତ୍ୟାଦି ।

**୩.୩ ନଞ୍ ତତ୍‌ପୁରୁଷ :-** ତତ୍‌ପୁରୁଷ ସମାସରେ ନିଷେଧ ଅର୍ଥରେ ନଞ୍ ତତ୍‌ପୁରୁଷ ସମାସ ହୁଏ । ସଂସ୍କୃତ ନଞ୍‌ର ଓଡ଼ିଆ ରୂପ ହେଉଛି 'ନ' । ଏହା ଏକ ନାସ୍ତିସୂଚକ ଅବ୍ୟୟ । ସାଧାରଣତଃ 'ନ' ପରେ ସ୍ୱରବର୍ଣ୍ଣଥିଲେ 'ନ' - ସ୍ଥାନରେ 'ଅନ' ହୁଏ ଏବଂ 'ନ' ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ନ' ସ୍ଥାନରେ 'ଅ' ହୁଏ ।

ନ ଆବିଳ = ଅନାବିଳ,

ନ ଉଚିତ = ଅନୁଚିତ

ସେହିପରି ହେବ - ଅନଶନ, ଅନଭିଜ୍ଞ, ଅନାଗତ, ଅନିଷ୍ଟ, ଅନୁନ୍ନତ । ଏଠାରେ 'ନ'- 'ଅନ'ରେ ପରିଣତ ହେଲା । ଅନ୍ୟପକ୍ଷରେ ନ ଚଳ= ଅଚଳ, ନ କଟା = ଅକଟା । ଏଠାରେ 'ନ' 'ଅ' ରେ ପରିଣତ ହେଲା ।

ସେହିପରି ଗଢ଼ାଯାଇପାରିବ - ଅବାଟ, ଅଧୁଆ, ଅଦୂର, ଅପାଳକ, ଅପାଠୁଆ, ଅଲଗା, ଅମାନିଆ ଇତ୍ୟାଦି ।

ଆମ ଭାଷାରେ 'ଅଣ'ର ବ୍ୟବହାର ଅଛି । 'ନ' ପରେ ସ୍ୱର ବା ବ୍ୟଞ୍ଜନ ଯାହା ଥାଉନା କାହିଁକି - 'ଅଣ'ର ଆଗମ ହୁଏ ।

ଯଥା :- ନ ଓସାରିଆ = ଅଣଓସାରିଆ

ନ ହଳଦିଆ = ଅଣହଳଦିଆ

### ୩.୪ ଉପପଦ ତତ୍ପୁରୁଷ :-

କେତେକ ପଦ ଗଢ଼ିବା ପାଇଁ 'ଧାତୁ' ପୂର୍ବରେ ଅନ୍ୟ ଗୋଟିଏ ପଦ ଯୋଗ କରାଯାଏ । ତାହାକୁ ଉପପଦ କୁହାଯାଏ ।

ମଧୁପାନ କରେ ଯେ ସେ = ମଧୁପ, ମଧୁପାୟୀ

କୂଳ ବୁଡ଼ାଏ ଯେ = କୂଳବୁଡ଼ା

ଏଠାରେ 'ମଧୁ' ଓ 'କୂଳ' ଶବ୍ଦ, ଧାତୁ ପୂର୍ବରେ ବ୍ୟବହୃତ ହୋଇଛନ୍ତି । ଏଗୁଡ଼ିକ ହେଉଛନ୍ତି ଉପପଦ । ଏଥିରୁ ଜଣାଗଲା ଯେ -

**ଉପପଦ ସହିତ ଧାତୁ ଅଥବା କ୍ରିୟା ନିଷ୍ପନ୍ନ ଅନ୍ୟ ପଦର ଯେଉଁ ସମାସ ହୁଏ ତାକୁ 'ଉପପଦ ତତ୍ପୁରୁଷ ସମାସ' କହନ୍ତି ।**

ସେପରି ଗଢ଼ାଯାଇପାରିବ ଶଯ୍ୟାଶାୟୀ, କୁମ୍ଭକାର, ମଣିଷଖିଆ, ସତ୍ୟବାଦୀ, କାନକୁହା ଇତ୍ୟାଦି ।

**୩.୫ ଅଲୁକ୍ ସମାସ :-** ଯୁଧି(ଯୁଦ୍ଧରେ) ସ୍ଥିର = ଯୁଧିଷ୍ଠିର । ଆଗରୁ ଦେଖିଲେ ସମାସର ସମସ୍ତ ପଦରେ ପୂର୍ବପଦର ବିଭକ୍ତି ଚିହ୍ନ 'ଲୁକ୍' ବା ଲୁପ୍ତ ହୋଇ ଯାଇଛି, କିନ୍ତୁ ଏଠାରେ 'ଯୁଧି' ସପ୍ତମୀ ବିଭକ୍ତି ହୋଇଥିଲେ ମଧ୍ୟ ସମସ୍ତପଦରେ ତା'ର ରୂପ ଲୁକ୍ ବା ଲୁପ୍ତ ହେଉନାହିଁ । ତେଣୁ ତାହା ଅଲୁପ୍ତ ବା ଅଲୁକ୍ ହୋଇ ରହୁଛି । ଏଥିରୁ ଜାଣିଲେ ଯେ -

**ଯେଉଁ ସମାସର ସମସ୍ତପଦରେ ବିଭକ୍ତି ଚିହ୍ନ ଲୁପ୍ତ ହୁଏ ନାହିଁ ତାହାକୁ 'ଅଲୁକ୍ ସମାସ' କହନ୍ତି ।**

ଏପରି ଗଢ଼ାଯାଇ ପାରିବ - ବନେ (ବନରେ) ଚରେ (ବିଚରଣ କରେ) ଯେ = ବନେଚର,

ଅନ୍ତେ (ଅନ୍ତରେ) ବାସକରେ ଯେ = ଅନ୍ତେବାସୀ ଇତ୍ୟାଦି ।

**୩.୬ କର୍ମଧାରୟ ସମାସ :-** କର୍ମଧାରୟ ସମାସର ଗଠନ ପ୍ରଣାଳୀରେ ବିବିଧତା ରହିଛି । ବିଗ୍ରହବାକ୍ୟ ଓ ସମାସ ପଦର ଗଠନ କୌଶଳ ଲକ୍ଷ୍ୟ କର ।

(କ) ନୀଳ ଅଟେ କଇଁ = ନୀଳକଇଁ

ଏଠାରେ 'ନୀଳ' ବିଶେଷଣ ପଦ ଓ 'କଇଁ' ବିଶେଷ୍ୟପଦ ।

ସେହିପରି ଡେଙ୍ଗାଗଛ, ପୋଡ଼ାତିଅଣ, କଅଁଳଶାଗ, ଫଟାହାଣ୍ଡି, ସଫାଲୁଗା, ସଜ୍ଜନ, ଉଡ଼ାଜାହାଜ, ଲୁଣିମାଛ ଇତ୍ୟାଦି ।

(ଖ) ଯେ ରୁଦ୍ର ସେ ସୁନ୍ଦର = ରୁଦ୍ରସୁନ୍ଦର

ଯେ ମୂର୍ଖ ସେ ପଣ୍ଡିତ = ମୂର୍ଖପଣ୍ଡିତ

ଯେ ଚାଲାକ ସେ ଚତୁର = ଚାଲାକ ଚତୁର

ଏଠାରେ ରୁଦ୍ର, ସୁନ୍ଦର, ମୂର୍ଖ, ପଣ୍ଡିତ, ଚାଲାକ, ଚତୁର ଆଦି ସମସ୍ତ ଶବ୍ଦ ବିଶେଷଣ ପଦ ।

(ଗ) ଯେ ରାଜା ସେ ଋଷି = ରାଜର୍ଷି । ଏଠାରେ 'ରାଜା' ବିଶେଷ୍ୟ ପଦ ଓ 'ଋଷି' ମଧ୍ୟ ବିଶେଷ୍ୟପଦ । ସେହିପରି ଶବ୍ଦ ହେଉଛନ୍ତି - ଦେବର୍ଷି, ବ୍ରହ୍ମର୍ଷି ଇତ୍ୟାଦି ।

(ଘ) ଶ୍ରେଷ୍ଠ ଅଟେ ନର = ନରଶ୍ରେଷ୍ଠ

ଏଠାରେ 'ନର' ବିଶେଷ୍ୟ ଓ 'ଶ୍ରେଷ୍ଠ' ବିଶେଷଣ ପଦ । ଏଥିରୁ ଆମେ ଜାଣିଲେ ଯେ -

**ବିଶେଷଣ ଓ ବିଶେଷ୍ୟ ପଦକୁ ନେଇ ଯେଉଁ ସମାସ ଗଠିତ ହୁଏ, ତାହାକୁ 'କର୍ମଧାରୟ ସମାସ' କହନ୍ତି । ଏହି ସମାସର ସମସ୍ତପଦରେ ପରପଦର ଅର୍ଥର ପ୍ରାଧାନ୍ୟ ରହେ ।**

କର୍ମଧାରୟ ସମାସର ବିଭିନ୍ନ ରୂପ ଅଛି । ଆସ, ସେଗୁଡ଼ିକୁ ଦେଖିବା ।

**ରୂପକ କର୍ମଧାରୟ :-**

**ଉପମେୟ -** ଯାହା ବିଷୟରେ ଉପମା ଅର୍ଥାତ୍ ତୁଳନା ଦିଆଯାଏ ତାକୁ 'ଉପମେୟ' କହନ୍ତି । ଏହି ଉପମେୟ ହେଉଛି ପ୍ରକୃତ ବସ୍ତୁ ।

**ଉପମାନ -** ଉପମେୟ ବା ପ୍ରକୃତ ବସ୍ତୁ ସହିତ ଯାହାର ତୁଳନା କରାଯାଏ ତାକୁ 'ଉପମାନ' କହନ୍ତି ।

"ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବିଦ୍ୟାରତ୍ନରେ ଭୂଷିତ ହୋଇଥିଲେ । ଏଠାରେ 'ବିଦ୍ୟା' ହେଉଛି ଉପମେୟ ଓ 'ରତ୍ନ' ହେଉଛି ଉପମାନ । ଏଠାରେ ବିଦ୍ୟା ସହିତ ରତ୍ନର ତୁଳନା କରାଯାଇଛି । ଆମେ ଏପରି ମଧ୍ୟ କହିପାରିବା - ବିଦ୍ୟା ରୂପକ ରତ୍ନ = ବିଦ୍ୟାରତ୍ନ । ଏଠାରେ ଉପମେୟ ଓ ଉପମାନ ମଧ୍ୟରେ ଭେଦଥିଲା ପରି ଜଣାପଡୁ ନାହିଁ । ଏଥିରୁ ଜଣାଗଲା ଯେ;

**ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଳ୍ପିତ ହୋଇ ସମାସ ହେଲେ 'ରୂପକ କର୍ମଧାରୟ' ସମାସ ହୁଏ ।**

ଏହି ସୂତ୍ରରେ ଆମେ ଗଢ଼ିପାରିବା - ଶୋକସାଗର, କନ୍ୟାରତ୍ନ, ପୁତ୍ରମଣି, ଶୋକାଗ୍ନି, ଅଜ୍ଞାନ-ଅନ୍ଧକାର ଇତ୍ୟାଦି ।

**ସାଧାରଣ ଧର୍ମ :-** ଉପମେୟ ଓ ଉପମାନ ମଧ୍ୟରେ ଥିବା ସମାନଗୁଣ ଧର୍ମକୁ ସାଧାରଣ ଧର୍ମ କୁହାଯାଏ । 'ମୁଖଟି ଚନ୍ଦ୍ର ପରି ସୁନ୍ଦର' ଏଠାରେ ସୁନ୍ଦର ହେଉଛି ସାଧାରଣଧର୍ମ ବାଚକ ପଦ । ଅର୍ଥାତ୍ ଚନ୍ଦ୍ର ଯେପରି ସୁନ୍ଦର ମୁଖଟି ସେହିପରି ସୁନ୍ଦର ।

**ଉପମାନ କର୍ମଧାରୟ : -**

କାକ ପରି କୃଷ୍ଣ = କାକକୃଷ୍ଣ

ଘନ ପରି ଶ୍ୟାମ = ଘନଶ୍ୟାମ

'କାକ' ଓ 'ଘନ' ହେଉଛନ୍ତି ଉପମାନ ଓ 'କୃଷ୍ଣ' ଓ 'ଶ୍ୟାମ' ହେଉଛନ୍ତି ସାଧାରଣ ଧର୍ମ । ଏଠାରେ ଆମେ ଦେଖିଲେ କେବଳ ଉପମାନ ଓ ସାଧାରଣ ଧର୍ମ ରହିଛି ।

ଏଥିରୁ ଜଣାଗଲା ଯେ,

**ଉପମାନ ସହିତ ସାଧାରଣ ଧର୍ମବାଚକ ପଦର ସମାସକୁ 'ଉପମାନ କର୍ମଧାରୟ' ସମାସ କୁହାଯାଏ**

ଆମେ ଏହି ଧାରାରେ ଗଢ଼ିପାରିବା - ତୁଷାରଧବଳ, ଲବଣୀକୋମଳ ଇତ୍ୟାଦି ।

**ଉପମିତ କର୍ମଧାରୟ :-**

ମୁଖଟି ଚନ୍ଦ୍ର ପରି = ମୁଖଚନ୍ଦ୍ର

ଏଠାରେ 'ମୁଖ' ହେଉଛି 'ଉପମେୟ' ଓ 'ଚନ୍ଦ୍ର' ହେଉଛି ଉପମାନ । ଏଥିରୁ ଜଣାଗଲା ଯେ -

**ସମାସରେ ଉପମେୟ ପୂର୍ବପଦ ଓ ଉପମାନ ପରପଦ ହେଲେ ତାହାକୁ 'ଉପମିତକର୍ମଧାରୟ' ସମାସ କହନ୍ତି ।**

ଏହିସୂତ୍ରରେ ଗଢ଼ାଯାଇପାରିବ - ଅଧରବିମ୍ବ, ପାଦପଦ୍ମ, ଚରଣକମଳ, ନରସିଂହ, ନରେନ୍ଦ୍ର ଇତ୍ୟାଦି ।

**ମଧ୍ୟପଦଲୋପୀ କର୍ମଧାରୟ :-**

ରାଜାଙ୍କ ସିଂହଦ୍ୱାରରେ ଦ୍ୱାରପାଳ ପହରା ଦେଉଛି ।

'ସିଂହଦ୍ୱାର'କୁ ଆମେ ଲେଖିପାରିବା 'ସିଂହ ଚିହ୍ନିତ ଦ୍ୱାର । ସମାସ ଗଠିତ ହେଲେ 'ଚିହ୍ନିତ' ପଦଟି ଲୋପ ହୋଇଯାଉଛି ।

ଏଥିରୁ ଆମେ ଜାଣିଲେ ଯେ,

**ଯେଉଁ କର୍ମଧାରୟ ସମାସର ସମସ୍ତ ପଦରେ ମଧ୍ୟବର୍ତ୍ତୀ ପଦର ଲୋପ ହୋଇଥାଏ, ତାହାକୁ 'ମଧ୍ୟପଦଲୋପୀ କର୍ମଧାରୟ ସମାସ' କହନ୍ତି ।**

ଏହି ଧାରାରେ ଗଢ଼ାଯାଇ ପାରିବ,

ଘୃତ ମିଶ୍ରିତ ଅନ୍ନ = ଘୃତାନ୍ନ

ସୁନାରେ ତିଆରି ମୁଦି = ସୁନାମୁଦି

କାଠରେ ତିଆରି ପୋଲ = କାଠପୋଲ

ବର ନାମକ ଗଛ=ବରଗଛ

ସେହିପରି ହେବ, ଦହିଚୁଡ଼ା, ରେଳଗାଡ଼ି, ଚନ୍ଦ୍ରମୁଖ, ବକଧାର୍ମିକ ଇତ୍ୟାଦି ।

**କର୍ମଧାରୟ ସମାସର ଆଉ କେତେକ ଉଦାହରଣ :-**

ଅନ୍ୟଗ୍ରାମ = ଗ୍ରାମାନ୍ତର

ଅନ୍ୟରୂପ = ରୂପାନ୍ତର

ଅନ୍ୟଦେଶ = ଦେଶାନ୍ତର

କୁ(କୁତ୍ସିତ) ଅଟେ ଆକାର = କଦାକାର

କୁ(କୁତ୍ସିତ) ଅଟେ ପୁରୁଷ = କୁପୁରୁଷ, କାପୁରୁଷ

**୩.୭ ଦ୍ୱନ୍ଦ୍ୱ ସମାସ : -**

ଗଛଟି **ଫୁଲଫଳ**ରେ ଭରା ହୋଇଛି ।

ଫୁଲଫଳ ଶବ୍ଦ ଦୁଇଟି ଭିନ୍ନ ଭିନ୍ନ ଶବ୍ଦ ଯଥା :- 'ଫୁଲ' ଓ 'ଫଳ' । ଏ ଦୁଇଟିଯାକ ବିଶେଷ୍ୟ ପଦ । ସମସ୍ତପଦରେ ଦୁଇଟିର ଅର୍ଥର ସମାନ ପ୍ରାଧାନ୍ୟ ରହୁଛି । ସେହିପରି ଦୁଇରୁ ଅଧିକ ଶବ୍ଦ ବି ମିଶିପାରନ୍ତି । ଯଥା; ରାମ ଲକ୍ଷ୍ମଣ ଓ ସୀତା = ରାମଲକ୍ଷ୍ମଣସୀତା । ଧର୍ମ, ଅର୍ଥ, କାମ ଓ ମୋକ୍ଷ = ଧର୍ମାର୍ଥକାମମୋକ୍ଷ ।

ଏଥିରୁ ଜଣାଗଲା,

**ପ୍ରତ୍ୟେକ ପଦର ଅର୍ଥର ପ୍ରାଧାନ୍ୟ ଥାଇ ଏକାଧିକ ବିଶେଷ୍ୟ ପଦର ମିଳନରେ ଯେଉଁ ସମାସ ଗଠିତ ହୁଏ ତାହାକୁ 'ଦ୍ୱନ୍ଦ୍ୱ ସମାସ' କୁହାଯାଏ ।**

ଏହି ଧାରାରେ ଗଢ଼ାଯାଇପାରିବ, ଦମ୍ପତି, ବାଟଘାଟ, ହରିହର, ଲେଖାପଢ଼ା ଇତ୍ୟାଦି ।

**୩.୮ ଦ୍ୱିଗୁ ସମାସ :-**

**ତ୍ରିଫଳା** ପାଣି ସ୍ୱାସ୍ଥ୍ୟ ପାଇଁ ହିତକର । 'ତ୍ରିଫଳା' ଶବ୍ଦଟି ତିନିଫଳର ସମାହାରରୁ ସୃଷ୍ଟି ହୋଇଛି । 'ତ୍ରିଫଳା'ର ବ୍ୟାସବାକ୍ୟ ହେଉଛି ତ୍ରି(ତିନି) ଫଳର ସମାହାର । ଶବ୍ଦଟିର ଆଦ୍ୟରେ ସଂଖ୍ୟାବାଚକ ଶବ୍ଦ ତ୍ରି(ତିନି) ରହିଅଛି । ସେହିପରି "ଚାରିବେଦ" = ଚାରିବେଦର ସମାହାର । ଏହାର ଆଦ୍ୟଶବ୍ଦ 'ଚାରି' ମଧ୍ୟ ହେଉଛି ସଂଖ୍ୟାବାଚକ ଶବ୍ଦ। ଏଥିରୁ ଜଣାଗଲା,

**ଯେଉଁ ସମାସରେ ସଂଖ୍ୟାବାଚକ ଶବ୍ଦ ପୂର୍ବରେ ଥାଇ ସମସ୍ତପଦଟି ସମାହାର ବା ସମଷ୍ଟିକୁ ବୁଝାଉଥାଏ ତାହାକୁ 'ଦ୍ୱିଗୁ' ସମାସ କହନ୍ତି ।**

ଏହି ସୂତ୍ରରେ ଗଢ଼ାଯାଇ ପାରିବ - ଷଡ଼ରିପୁ, ପଞ୍ଚେନ୍ଦ୍ରିୟ, ଅଷ୍ଟରନ୍, ପଞ୍ଚଗବ୍ୟ, ସପ୍ତାହ, ପଞ୍ଚବଟୀ, ଚଉପଦୀ ପ୍ରଭୃତି ।

**୩.୯ ବହୁବ୍ରୀହି ସମାସ :-**

(କ) ଦଶହରାଦିନ **ଦାଶରଥି** ଦଶାନନକୁ ବଧ କରିଥିଲେ ।

(ଖ) ବାଳକ ଓ ବାଳିକାମାନେ **ବୀଣାପାଣି**ଙ୍କୁ ପୂଜା କରୁଛନ୍ତି ।

ଉପର ବାକ୍ୟ ଦୁଇଟିରେ 'ଦଶାନନ' ଓ 'ବୀଣାପାଣି' ହେଉଛନ୍ତି ବଡ଼ ଅକ୍ଷର ଚିହ୍ନିତ ପଦ । ଏହି ପଦଗୁଡ଼ିକୁ ଆମେ ବ୍ୟାସବାକ୍ୟ ସାହାଯ୍ୟରେ ନିମ୍ନମତେ ଲେଖି ପାରିବା । -

ଦଶ ଆନନ (ମୁଖ) ଯାହାର = ଦଶାନନ

ସେହିପରି ବୀଣା ପାଣି (ହାତ) ରେ ଯାହାର = ବୀଣାପାଣି

ଏଠାରେ ଦଶ, ଆନନ, ବୀଣା, ପାଣି ଆଦି ହେଉଛନ୍ତି ଗୋଟିଏ ଗୋଟିଏ ସମସ୍ୟମାନପଦ । ସମସ୍ତ ପଦ ହେଲାବେଳେ ଏ ସମସ୍ୟମାନ ପଦମାନଙ୍କର ଗୁରୁତ୍ୱ ନରହି ସ୍ୱତନ୍ତ୍ର ଅର୍ଥ ପ୍ରକଟିତ ହେଉଛି । ଅର୍ଥାତ୍ ଯାହାର ଦଶଟି ଆନନ, ସେ 'ଦଶାନନ' ନ ହୋଇ କେବଳ 'ରାବଣ' ଅର୍ଥ ପ୍ରକାଶିତ ହୋଇଛି । ସେହିପରି ବୀଣାପାଣି, 'ସରସ୍ୱତୀ' ଅର୍ଥରେ ବ୍ୟବହୃତ ହୋଇଛି । ଏହିପରି କୁହାଯାଇପାରେ; ତ୍ରିଲୋଚନ, ପୀତାମ୍ବର, ଦିଗମ୍ବର, ନୀଳକଣ୍ଠ, ପଞ୍ଚାନନ, ଚତୁର୍ଭୁଜ ଇତ୍ୟାଦି । ଏଥିରୁ ଆମେ ଜାଣିଲେ,

**ଯେଉଁ ସମାସରେ ସମସ୍ତପଦ ସମସ୍ୟମାନ ପଦମାନଙ୍କ ମଧ୍ୟରୁ କାହାରି ଅର୍ଥକୁ ନବୁଝାଇ ଅନ୍ୟକୁ ବୁଝାଏ ତାହାକୁ 'ବହୁବ୍ରୀହି ସମାସ' କହନ୍ତି ।**

ମନେରଖିବାକୁ ହେବ ଯେ ଏ ସମାସର ବିଗ୍ରହ ବାକ୍ୟରେ ଯାହାର, ଯାହାକୁ, ଯଦ୍ଵାରା, ଯାହାଠାରୁ, ଯାହାଠାରେ ଆଦି ପଦ ବ୍ୟବହୃତ ହୋଇଥାଏ । ଆସ, ଏହି ସମାସର ବିବିଧ ରୂପକୁ ଦେଖିବା ।

(କ) ବହୁବ୍ରୀହି ସମାସରେ 'ଅକ୍ଷି' ଶବ୍ଦ ସମସ୍ତପଦରେ 'ଅକ୍ଷ'ରେ ଓ 'ନାଭି' ଶବ୍ଦ 'ନାଭ'ରେ ପରିଣତ ହୁଏ ।

ବିରୂପ ଅକ୍ଷି ଯାହାର = ବିରୂପାକ୍ଷ

ପୁଣ୍ଡରୀକ ଅକ୍ଷି ଯାହାର = ପୁଣ୍ଡରୀକାକ୍ଷ

ସେହିପରି ଲେଖାଯାଇପାରେ - ବିଶାଳାକ୍ଷ, ସହସ୍ରାକ୍ଷ ଇତ୍ୟାଦି ।

ପୁଣି ପଦ୍ମ ନାଭିରେ ଯାହାର = ପଦ୍ମନାଭ

(ଖ) ଯଶସ୍, ତେଜସ୍, ମନସ୍ ପ୍ରଭୃତି ଶବ୍ଦର ଶେଷରେ 'ସ୍' ରହିଛି । ଏହିଭଳି ଶେଷରେ 'ସ୍' ଥିବା ଶବ୍ଦକୁ ନେଇ ବହୁବ୍ରୀହି ସମାସ ହେଲେ 'ସ୍'ର ଲୋପ ହୁଏ ଓ ଅନ୍ତ୍ୟ 'ଅ' 'ଆକାର' ହୁଏ । ବେଳେବେଳେ 'ସ୍' ଅତୁଟ ରହେ ଓ 'କ'ର ଆଗମ ହୁଏ ।

ମହାନ୍ ତେଜ ଯାହାର = ମହାତେଜା

ଉଦାର ଚେତ (ଚିତ୍ତ) ଯାହାର = ଉଦାରଚେତା

ଉଚ୍ଚ ମନ ଯାହାର = ଉଚ୍ଚମନା

ଅନ୍ୟ ମନ ଯାହାର = ଅନ୍ୟମନା, ଅନ୍ୟମନସ୍କ

ଅଳ୍ପ ବୟଃ ଯାହାର = ଅଳ୍ପବୟା, ଅଳ୍ପବୟସ୍କ

(ଗ) କେତେକ କ୍ଷେତ୍ରରେ ନାସ୍ତିବାଚକ ଶବ୍ଦ (ନାହିଁ) ପୂର୍ବପଦ ହୋଇ ବହୁବ୍ରୀହି ସମାସ ହୋଇଥାଏ । ଏହାକୁ ନିଷେଧାର୍ଥକ ବହୁବ୍ରୀହି ସମାସ କହନ୍ତି ।

ନାହିଁ ଅନ୍ତଯାହାର = ଅନନ୍ତ, ନାହିଁ ଆଦି ଯାହାର = ଅନାଦି, ନାହିଁ ଗାଧ (ଅଗଭୀରତ୍ୱ) ଯାହାର = ଅଗାଧ, ନାହିଁ ଦୋଷ ଯାହାର = ନିର୍ଦ୍ଦୋଷ, ନାହିଁ କାର (କାର୍ଯ୍ୟ) ଯାହାର = ବେକାର

ସେହିପରି ଗଢ଼ାଯାଇପାରିବ - ଅତଳ, ଅସୀମ, ନିର୍ଭୟ, ନିରାକାର, ନୀରୋଗ, ବେହୋସ, ବେତାର, ବେହିସାବୀ, ନିରର୍ଥକ, ନିର୍ଜନ ଇତ୍ୟାଦି । ବିଗତ ହୋଇଅଛି ଧବ ବା ନାହିଁ ଧବ (ସ୍ୱାମୀ) ଯାହାର ତାକୁ 'ବିଧବା' ଓ ବିଗତ ହୋଇଅଛି ପତ୍ନୀ ବା ନାହିଁ ପତ୍ନୀ ଯାହାର ତାକୁ 'ବିପତ୍ନୀକ' କୁହାଯାଏ ।

(ଘ) ଅନ୍ୟପଦ ସହିତ 'ସହ' ଶବ୍ଦ ଯୋଗରେ ଯେଉଁ ବହୁବ୍ରୀହି ସମାସ ହୁଏ, ତାହାକୁ 'ସହାର୍ଥକ ବହୁବ୍ରୀହି' କୁହାଯାଏ । ଏହି 'ସହ' ଶବ୍ଦ ସମସ୍ତପଦରେ 'ସ'ରେ ପରିଣତ ହୁଏ ।

ଉଦାହରଣ; ପରିବାର ସହିତ ଅଛନ୍ତି ଯେ = ସପରିବାର

ସ୍ତ୍ରୀ ସହିତ ଅଛନ୍ତି ଯେ = ସସ୍ତ୍ରୀକ

ଶିଷ୍ୟ ସହିତ ଅଛନ୍ତି ଯେ = ସଶିଷ୍ୟ

ସେହିପରି ଗଢ଼ାଯାଇପାରିବ; ସାନନ୍ଦ, ସସମ୍ମାନ, ସବିନୟ, ସବାନ୍ଧବ, ସକୁଟୁମ୍ବ ଇତ୍ୟାଦି ।

(ଙ) 'ସମାନ' ଶବ୍ଦ ସହିତ ବହୁବ୍ରୀହି ସମାସ ହେଲେ 'ସମାନ' ସ୍ଥାନରେ 'ସ' ହୁଏ । କେତେକ ସ୍ଥଳରେ 'ସହ' ମଧ୍ୟ ହୁଏ ।

ସମାନ ତୀର୍ଥ ଯାହାର = ସତୀର୍ଥ

ସମାନ ଉଦରରୁ ଜନ୍ମ ଯାହାର = ସହୋଦର, ସୋଦର

ସେହିପରି ହୁଏ - ସଗୋତ୍ର, ସପିଣ୍ଡ ଇତ୍ୟାଦି ।

(ଚ) କେତେକ ବହୁବ୍ରୀହି ସମାସରେ ଉପମାନ ପୂର୍ବପଦ ଓ ଉପମେୟ ପରପଦ ହୋଇଥାନ୍ତି । ସମସ୍ତ ପଦରେ ଉପମାନର ଅଂଶବିଶେଷ ଲୋପପାଏ । ଏହାକୁ 'ଉପମିତ ବହୁବ୍ରୀହି' କହନ୍ତି ।

ଗଜଗମନ ପରି ଗମନ ଯେଉଁ ସ୍ତ୍ରୀର = ଗଜଗମନା

ଚିଲଆଖି ପରି ଆଖି ଯାହାର = ଚିଲଆଖିଆ

ଘୋଡ଼ା ମୁହଁ ପରି ମୁହଁ ଯାହାର = ଘୋଡ଼ାମୁହାଁ

ସେହିପରି ଗଢ଼ାଯାଇ ପାରିବ - ଓଟମୁହାଁ, ମରାଳଗମନା, ସୂର୍ପଣଖା, ମାଗୁରନିଶା, ମୀନନୟନା, ଚାନ୍ଦମୁହାଁ ଇତ୍ୟାଦି ।

(ଛ) ଏକ ଜାତୀୟ କ୍ରିୟାରେ ପରସ୍ପର ବ୍ୟାପୃତ ଥିବା ବୁଝାଇଲେ 'ବ୍ୟତିହାର ବହୁବ୍ରୀହି' ସମାସ ହୁଏ ।

କେଶକୁ କେଶକୁ ଧରି ଯେଉଁ ଯୁଦ୍ଧ = କେଶାକେଶି

ପରସ୍ପରକୁ ମାରିବା କାର୍ଯ୍ୟ ହୁଏ ଯହିଁରେ = ମରାମରି

ଠେଙ୍ଗାରେ ଠେଙ୍ଗାରେ ଯେଉଁ ଯୁଦ୍ଧ = ଠେଙ୍ଗାଠେଙ୍ଗି

ସେହିପରି ହେବ; ବାଡ଼ାବାଡ଼ି, ପିଟାପିଟି, ହାତାହାତି, ଧରାଧରି, ପେଲାପେଲି, ଠେଲାଠେଲି ଇତ୍ୟାଦି ।

(ଜ) ବହୁବ୍ରୀହି ସମାସର ଆଉ କେତେକ ଉଦାହରଣ :

ସୁହୃଦୟ ଯାହାର = ସୁହୃଦ

ଅଷ୍ଟ ଅଙ୍ଗ ବକ୍ର ଯାହାର = ଅଷ୍ଟବକ୍ର

ଏକ ବାଗ ଯାହାର = ଏକବାଗିଆ,

ଦୁଇ ମୁଣ୍ଡ ଯାହାର = ଦୋମୁଣ୍ଡିଆ

**୩.୧୦ ଅବ୍ୟୟୀଭାବ ସମାସ :-**

(୧) **ପ୍ରତିହିଂସା**ପରାୟଣ ବ୍ୟକ୍ତିର ଅଧିକ କ୍ଷତି ହୁଏ ।

(୨) ହରିବାବୁ ଘଟଣାକୁ **ଆମୂଳଚୂଳ** ବର୍ଣ୍ଣନା କଲେ । ପ୍ରଥମବାକ୍ୟର 'ପ୍ରତିହିଂସା'ରେ 'ପ୍ରତି' ହେଉଛି ଗୋଟିଏ ଅବ୍ୟୟ ପଦ, ସେହିପରି ଦ୍ୱିତୀୟ ବାକ୍ୟର 'ଆମୂଳଚଳ'ରେ 'ଆ' ହେଉଛି ଅବ୍ୟୟପଦ । ଅବ୍ୟୟପଦ ଦୁଇଟି ଶବ୍ଦର ଆରମ୍ଭରେ ରହିଛି । ଅବ୍ୟୟ ପଦ ସହିତ ଅନ୍ୟପଦ ମିଶିଛି । ଏଥିରୁ ଜଣାଗଲା ଯେ -

**ଯେଉଁ ସମାସରେ ଅବ୍ୟୟପଦ ପୂର୍ବପଦ ଭାବରେ ରହି ଅନ୍ୟପଦ ସହିତ ସମାସ ହୋଇଥାଏ ଓ ତହିଁରେ ଅବ୍ୟୟର ଅର୍ଥ ପ୍ରାଧାନ୍ୟ ଥାଏ ତାକୁ 'ଅବ୍ୟୟୀଭାବ' ସମାସ କୁହାଯାଏ ।**

ବୀପ୍‌ସା (ବାରମ୍ବାର), ବ୍ୟାପ୍ତି ଓ ପର୍ଯ୍ୟନ୍ତ (ସୀମା), ଅଭାବ, ଯୋଗ୍ୟତା, ଆତିଶଯ୍ୟ, ବୈପରୀତ୍ୟ, ସାମୀପ୍ୟ, ସାଦୃଶ୍ୟ, ପଶ୍ଚାତ ପ୍ରଭୃତି ଅର୍ଥରେ ଅବ୍ୟୟୀଭାବ ସମାସ ହୋଇଥାଏ । ଆସ, ସେ ରୂପଗୁଡ଼ିକୁ ଦେଖିବା ।

(କ) ବୀପ୍‌ସା - ଥରକୁଥର = ପ୍ରତିଥର ।

ସେହିପରି ପ୍ରତିଦିନ, ପ୍ରତିଘର ଶବ୍ଦଗଢ଼ା ଯାଇପାରିବ ।

(ଖ) ଅଭାବ - ଭିକ୍ଷାର ଅଭାବ = ଦୁର୍ଭିକ୍ଷ

ସେହିପରି ବନ୍ଦୋବସ୍ତର ଅଭାବ ବେବନ୍ଦୋବସ୍ତ

ଏଠାରେ 'ଦୁର୍' ଓ 'ବେ' ଅବ୍ୟୟ ପଦ ।

(ଗ) ବ୍ୟାପ୍ତି ଓ ପର୍ଯ୍ୟନ୍ତ - ମରଣପର୍ଯ୍ୟନ୍ତ = ଆମରଣ

ସେହିପରି ହେବ - ଆସମୁଦ୍ର, ଆକଣ୍ଠ, ଇତ୍ୟାଦି ।

ଜୀବନକୁ ବ୍ୟାପି = ଆଜୀବନ

ପାଦଠାରୁ ଆରମ୍ଭକରି ମସ୍ତକ ପର୍ଯ୍ୟନ୍ତ = ଆପାଦମସ୍ତକ

ଏଠାରେ 'ଆ' ହେଉଛି ଅବ୍ୟୟପଦ ।

(ଘ) ଯୋଗ୍ୟତା - ରୂପର ଯୋଗ୍ୟ = ଅନୁରୂପ, ଅନୁ-ଅବ୍ୟୟପଦ

(ଙ) ଅନତିକ୍ରମ-ଶକ୍ତିକୁ ଅତିକ୍ରମ ନ କରି = ଯଥାଶକ୍ତି

ସେହିପରି ହେବ - ଯଥାବିଧି, ଯଥୋଚିତ, ଯଥାର୍ଥ ଇତ୍ୟାଦି

ଏଠାରେ 'ଯଥା' ଅବ୍ୟୟପଦ ।

(ଛ) ପଶ୍ଚାତ୍ - ପଶ୍ଚାତ୍‌ଗମନ = ଅନୁଗମନ । ସେହିପରି ହେବ - ଅନୁକରଣ, ଅନୁତାପ, ଅନୁସନ୍ଧାନ ଇତ୍ୟାଦି । ଏଠାରେ 'ଅନୁ' ଅବ୍ୟୟ ପଦ ।

(ଜ) ଆତିଶଯ୍ୟ - ଅତିଶୟ ଘଞ୍ଚ - ନିଘଞ୍ଚ । ଏଠାରେ 'ନି' ଅବ୍ୟୟପଦ ।

(ଝ) ସାଦୃଶ୍ୟ - ମୂର୍ତ୍ତିର ସଦୃଶ = ପ୍ରତିମୂର୍ତ୍ତି ।

ବନର ସଦୃଶ = ଉପବନ, ଭାଷାର ସଦୃଶ = ଉପଭାଷା

ଏଠାରେ ଅବ୍ୟୟ ପଦ - ପ୍ରତି ଓ ଉପ ।

(ଞ) ବୈପରୀତ୍ୟ - କୂଳର ବିପରୀତ = ପ୍ରତିକୂଳ

ପକ୍ଷର ବିପରୀତ = ପ୍ରତିପକ୍ଷ, ବିପକ୍ଷ

ସେହିପରି ହୁଏ - ପ୍ରତିବାଦୀ

ଏଠାରେ 'ପ୍ରତି' ଓ 'ବି' ଅବ୍ୟୟପଦ ।

**ନିତ୍ୟ ସମାସ :** କେତେକ ସ୍ଥଳରେ ସମାସବାକ୍ୟ ନଥାଇ ମଧ୍ୟ ସମାସ ହୁଏ । ଏହାକୁ 'ନିତ୍ୟ ସମାସ' କୁହାଯାଏ ।

କୃଷ୍ଣସର୍ପ - (ଏହା ନିର୍ଦ୍ଦିଷ୍ଟ ଜାତିର ନାଗକୁ ବୁଝାଏ - ଅନ୍ୟ କଳାସାପକୁ ବୁଝାଏ ନାହିଁ ।

ସେହିପରି - ନୀଳକନ୍ଦର (ଶ୍ରୀକ୍ଷେତ୍ର ପୁରୀ), ପୋକଶୁଙ୍ଘା, ଛାରପୋକ, ବିଲୁଆଖାଇ ଇତ୍ୟାଦି ହୁଏ ।

## ଅନୁଶୀଳନୀ

୧. ସମାସ କାହାକୁ କହନ୍ତି ?

୨. ବିଗ୍ରହ ବାକ୍ୟ କାହାକୁ କହନ୍ତି ?

୩. ସମସ୍ୟମାନ ପଦ କାହାକୁ କହନ୍ତି ?

୪. ପୂର୍ବପଦପ୍ରଧାନ ସମାସଗୁଡ଼ିକର ନାମ ଲେଖ ।

୫. ଉପପଦ କାହାକୁ କହନ୍ତି ?

୬. ଉପମେୟ କାହାକୁ କହନ୍ତି ?

୭. ନିମ୍ନଲିଖିତ ସମସ୍ତପଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।

ଘରମୁହାଁ, ତନ୍ତବୁଣା, ମନରୁଚା, ଜନ୍ମାନ୍ଧ, ପ୍ରଜାତନ୍ତ୍ର

ହଂସଡିମ୍ବ, ଅନାବିଳ, ଅନ୍ତେବାସୀ, ପାଦପଦ୍ମ, ରେଳଗାଡ଼ି

ଦେଶାନ୍ତର, ଦମ୍ପତି, ଦଶାନନ, ଆଜୀବନ ।

୮. ନିମ୍ନଲିଖିତ ପ୍ରତ୍ୟେକ ସମସ୍ତପଦ ପାଇଁ ବନ୍ଧନୀ ମଧ୍ୟରେ କେତୋଟି ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରଟି ବାଛ ।

(କ) ଚିର ଦୁଃଖ = (ତୃତୀୟା ତତ୍ ପୁରୁଷ, ଦ୍ୱିତୀୟା ତତ୍ପୁରୁଷ, ଦ୍ୱିଗୁ)

(ଖ) କନ୍ୟାରତ୍ନ = (ଉପମାନ କର୍ମଧାରୟ, ଉପମିତ କର୍ମଧାରୟ, ରୂପକ କର୍ମଧାରୟ ।)

(ଗ) ନିର୍ଭୟ = (ନିଷେଧାର୍ଥକ ବହୁବ୍ରୀହି, ନଞ୍ତତ୍ପୁରୁଷ, ନିତ୍ୟ ସମାସ)

(ଘ) ନିଘଞ୍ଚ = (ନଞ୍ତତ୍ପୁରୁଷ, ନିଷେଧାର୍ଥକ ବହୁବ୍ରୀହି, ଅବ୍ୟୟୀଭାବ ।)

(ଙ) ଚନ୍ଦ୍ରମୁଖ = (ଉପମାନ କର୍ମଧାରୟ, ମଧ୍ୟପଦଲୋପୀ କର୍ମଧାରୟ, ଦ୍ୱନ୍ଦ୍ୱ)

୯. ବନ୍ଧନୀ ମଧ୍ୟରୁ ଠିକ୍ ବିଗ୍ରହବାକ୍ୟଟି ବାଛ ।

(କ) ଘନଶ୍ୟାମ = (ଘନ ଓ ଶ୍ୟାମ, ଘନ ପରି ଶ୍ୟାମ, ଯେ ଘନ ସେ ଶ୍ୟାମ)

(ଖ) ଭଗାରିହସା = (ହସୁଥିବା ଭଗାରି, ଭଗାରି ଯେତେବେଳେ ହସେ, ଭଗାରି ଦ୍ୱାରା ହସା ।)

(ଗ) ରାଜହଂସ = (ହଂସମାନଙ୍କର ରାଜା, ରାଜାଙ୍କର ହଂସ, ରାଜା ଓ ହଂସ)

(ଘ) ସୂର୍ପଣଖା = (ରାବଣର ଭଉଣୀ, ସୂର୍ପ ପରି ନଖ ଯାହାର, ସୂର୍ପ ଅଟେ ନଖା )

(ଙ) ପ୍ରତିକୂଳ = (ସବୁକୂଳ, ଏକୂଳରୁ ସେ କୂଳ ପର୍ଯ୍ୟନ୍ତ, କୂଳର ବିପରୀତ)

୧୦. ଏଗୁଡ଼ିକର ସମସ୍ତପଦ କ'ଣ ହେବ ?

(କ) ବିଗତ ହୋଇଛି ପତ୍ନୀ ଯାହାର

(ଖ) ଚଉପଦର ସମାହାର

(ଗ) କାକ ପରି କୃଷ୍ଣ

(ଘ) ନରମାନଙ୍କ ମଧ୍ୟରେ ଅଧମ

(ଙ) ପଶ୍ଚାତ ଗମନ ।

୧୧. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଧାଡ଼ିରୁ ଭିନ୍ନ ଧର୍ମୀ ଶବ୍ଦଟି ବାଛ ।

(କ) ସନ୍ଧି, ସମାସ, ସମସ୍ତପଦ, ସହାର୍ଥକ ବହୁବ୍ରୀହି

(ଖ) ନଦୀଜଳ, ମାତୃଭାଷା, ପ୍ରଜାତନ୍ତ୍ର, ସମାଜ

(ଗ) ସତ୍ୟବାଦୀ, ମଧୁପ, ଯୁଧିଷ୍ଠିର, କୁଳବୁଡ଼ା

(ଘ) ପୂର୍ଣ୍ଣଚନ୍ଦ୍ର, ମୁଖଚନ୍ଦ୍ର, ଚନ୍ଦ୍ରମୁଖ, ଚାନ୍ଦମୁହଁ

(ଙ) ସପିଣ୍ଡ, ସୋଦର, ସଗୋତ୍ର, ସବାନ୍ଧବ

୧୨. ଯେଉଁ ସୂତ୍ରରେ "ହଂସମାନଙ୍କର ରାଜା" – 'ରାଜହଂସ'ରେ ପରିଣତ ହୋଇଛି ସେହିସୂତ୍ରରେ ସମସ୍ତ ପଦରେ ରାଜ ପୂର୍ବପଦ ହୋଇଥିବା ଆଉ ତିନୋଟି ଶବ୍ଦ ଗଠନ କର ।

୧୩. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକର ରେଖାଙ୍କିତ ଅଂଶ ସ୍ଥାନରେ ସମାସଜନିତ ପଦ ବ୍ୟବହାରକରି ବାକ୍ୟକୁ ଠିକ୍ ଭାବରେ ଲେଖ ।

(କ) ଲୋକଟି <u>ଅନ୍ୟଦେଶ</u> କୁ ଚାଲିଗଲା ।

(ଖ) <u>ଲୁଣି ଅଟେ ଯେଉଁ ମାଛ</u> ତାହା ପାଟିକୁ ସୁଆଦିଆ ଲାଗେ ।

(ଗ) <u>ସ୍ତ୍ରୀ ସହିତ ଅଛନ୍ତି</u> ଯେଉଁ ହରିବାବୁ; ସେ କାଲି ପୁରୀ ଯିବେ ।

(ଘ) <u>ନାହିଁ ରୋଗ ଯାହାର ସେ</u> ମଣିଷର ଆନନ୍ଦ କହିଲେ ନ ସରେ ।

(ଙ) ଗୋପାଳ ନିଜର <u>ଶକ୍ତିକୁ ଅତିକ୍ରମ ନକରି</u> ଭିକାରିକୁ ଦାନ କଲା ।

୧୪. 'କ' ସ୍ତମ୍ଭର ସମାସ ସହିତ 'ଖ' ସ୍ତମ୍ଭର ଯେଉଁ 'ସମସ୍ତପଦ'ର ସମ୍ପର୍କ ଅଛି – ତାକୁ ଯୋଡ଼ି ଲେଖ ।

| (କ) | (ଖ) |
|---|---|
| ତତ୍ ପୁରୁଷ | ଅନ୍ତେବାସୀ |
| କର୍ମଧାରୟ | ନୀଳକଣ୍ଠ |
| ଅଲୁକ୍ ସମାସ | ବିବାଦୀ |
| ଅବ୍ୟୟୀଭାବ | ଗୋଠଖଣ୍ଡିଆ |
| ବହୁବ୍ରୀହି | ଅଧରବିମ୍ବ |
| | ପୋକଶୁଙ୍ଘା |

❖❖❖

**ଚତୁର୍ଥ ଅଧ୍ୟାୟ**

# ଉପସର୍ଗ

**୪.୧ :** ଆମେ ଲକ୍ଷ୍ୟ କଲେ ଜାଣିପାରିବା ଯେ, ପ୍ରତ୍ୟେକ ଶବ୍ଦର ନିର୍ଦ୍ଦିଷ୍ଟ ଗଠନରୀତି ରହିଅଛି । ନିମ୍ନଲିଖିତ ଶବ୍ଦଗୁଡିକର ଗଠନରୀତିକୁ ଦେଖ :

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଆଦାନ | ଆ-ଦା-ଅନ | ଗ୍ରହଣ |
| ପ୍ରଦାନ | ପ୍ର-ଦା-ଅନ | ଦେବା |
| ନିଦାନ | ନି-ଦା-ଅନ | ରୋଗର କାରଣ |
| ଉପାଦାନ | ଉପ-ଆ-ଦା-ଅନ | ଉପକରଣ |

ଉଲ୍ଲିଖିତ ଶବ୍ଦଗୁଡ଼ିକରେ ମୂଳଧାତୁଟି ହେଉଛି 'ଦା', ଏହି ଧାତୁ ପୂର୍ବରୁ 'ଆ', 'ପ୍ର', 'ନି', 'ଉପ' ପ୍ରତ୍ୟୟ ଏବଂ ଧାତୁ ପରେ 'ଅନ' ପ୍ରତ୍ୟୟ ସଂଯୁକ୍ତ ହୋଇ ଯଥାକ୍ରମେ 'ଆଦାନ', 'ପ୍ରଦାନ', 'ନିଦାନ' ଏବଂ ଉପାଦାନ ଶବ୍ଦଗୁଡିକ ନିଷ୍ପନ୍ନ ହୋଇଅଛି । ଅର୍ଥାତ 'ଧାତୁ' ସହିତ ପ୍ରତ୍ୟୟ ସଂଯୁକ୍ତ ହୋଇ ଶବ୍ଦ ଗଢ଼ାଯାଏ । ଏହି ପ୍ରତ୍ୟୟ ଦ୍ୱିବିଧ: ଯଥା; ପୂର୍ବ ପ୍ରତ୍ୟୟ ଓ ପର ପ୍ରତ୍ୟୟ । ପୂର୍ବ ପ୍ରତ୍ୟୟ ଉପସର୍ଗ ଓ ପରପ୍ରତ୍ୟୟ ପରସର୍ଗ ନାମରେ ମଧ୍ୟ ନାମିତ । ଉପରେ ଲେଖାଥିବା ଶବ୍ଦଗୁଡିକରେ 'ଆ', 'ପ୍ର', ନି ଏବଂ 'ଉପ' ଗୋଟିଏ ଗୋଟିଏ ଉପସର୍ଗ ଅଟନ୍ତି ।

ପୁନଶ୍ଚ ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଠନ ରୀତିକୁ ଲକ୍ଷ୍ୟ କର -

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଆରକ୍ତ | ଆ-ରକ୍ତ | ଈଷତ୍ ନାଲିଆ |
| ପ୍ରକାଣ୍ଡ | ପ୍ର- କାଣ୍ଡ | ବୃହତ୍ |
| ନିଆଶ୍ରା | ନି- ଆଶ୍ରା | ନିରାଶ୍ରୟ |
| ଉପଜିହ୍ୱା | ଉପ-ଜିହ୍ୱା | ଘଣ୍ଟିକା |

ଏଠାରେ ରକ୍ତ, କାଣ୍ଡ, ଆଶ୍ରା ଓ ଜିହ୍ୱା ଗୋଟିଏ ଗୋଟିଏ ଶବ୍ଦ, ଏଗୁଡ଼ିକ ପୂର୍ବରୁ ଯଥାକ୍ରମେ 'ଆ, 'ପ୍ର', 'ନି' ଏବଂ 'ଉପ' ପ୍ରତ୍ୟୟଗୁଡ଼ିକ ସଂଯୋଗ କରାଯାଇ ଯଥାକ୍ରମେ ଆରକ୍ତ, ପ୍ରକାଣ୍ଡ, ନିଆଶ୍ରା ଓ ଉପଜିହ୍ୱା ଶବ୍ଦଗୁଡ଼ିକୁ ଗଠନ କରାଯାଇଛି । ପୂର୍ବରୁ କୁହାଯାଇଛି ଯେ, ଏହି ପ୍ରତ୍ୟୟଗୁଡ଼ିକ ଗୋଟିଏଗୋଟିଏ ଉପସର୍ଗ, ତେଣୁ ଧାତୁ ସହିତ ଉପସର୍ଗ ସଂଯୋଗ କରାଯାଇ ଯେପରି ଶବ୍ଦଗଠନ କରାଯାଏ, ସେହିପରି ଶବ୍ଦସହିତ ଉପସର୍ଗ ସଂଯୋଗ କରାଯାଇ ନୂତନ ଶବ୍ଦ ମଧ୍ୟ ଗଠନ କରାଯାଇପାରେ । ଅନ୍ୟ ଏକ ଦିଗରୁ ବିଚାର କରି ଦେଖିଲେ ପ୍ରତ୍ୟେକ ଉପସର୍ଗ ମୂଳତଃ ଗୋଟିଏ ଗୋଟିଏ ଅବ୍ୟୟ ପଦ । ତେଣୁ ଆମେ ଜାଣିଲେ ଯେ –

**ଯେଉଁ ଅବ୍ୟୟ ପଦଗୁଡ଼ିକ ଧାତୁ ପୂର୍ବରୁ ବା ଧାତୁଜ ଶବ୍ଦ ପୂର୍ବରୁ ସଂଯୁକ୍ତ ହୋଇ ନୂତନ ଶବ୍ଦ ସୃଷ୍ଟି କରିଥାନ୍ତି; ସେଗୁଡ଼ିକ ଉପସର୍ଗ ନାମରେ ନାମିତ ।**

ଉପସର୍ଗ (ଉପ-ସୃଜ୍-ଅ) ଶବ୍ଦଟି 'ସୃଜ୍' ଧାତୁରୁ ନିଷ୍ପନ୍ନ । ଏହି ଧାତୁର ଅର୍ଥ ହେଉଛି ସୃଷ୍ଟି କରିବା, ସର୍ଜନା କରିବା ବା ନିର୍ମାଣ କରିବା; ତେଣୁ ଉପସର୍ଗ ନୂତନନୂତନ ଶବ୍ଦ ସୃଷ୍ଟି କରିଥାଏ, ସର୍ଜନା କରିଥାଏ ବା ନିର୍ମାଣ କରିଥାଏ ।।

**୪.୨ :** ଆମେ ଜାଣିଲେ ଯେ, ମୂଳଧାତୁ ବା ଶବ୍ଦ ସହିତ ବିଭିନ୍ନ ଉପସର୍ଗ ସଂଯୁକ୍ତ ହୋଇ ନୂତନ ଶବ୍ଦ ସୃଷ୍ଟି ହୁଏ ଅର୍ଥାତ୍ ମୂଳଧାତୁ ବା ମୂଳ ଶବ୍ଦରେ କେବଳ ଧ୍ୱନିଗତ ପରିବର୍ତ୍ତନ ଘଟେ ନାହିଁ ଅର୍ଥଗତ ପରିବର୍ତ୍ତନ ମଧ୍ୟ ଘଟିଥାଏ । ନିମ୍ନସ୍ଥ ଶବ୍ଦଗୁଡ଼ିକରୁ ଏହା ଲକ୍ଷ୍ୟ କର –

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଆଗମନ | ଆ–ଗମ୍– ଅନ | ଆସିବା |
| ପ୍ରତ୍ୟାଗମନ | ପ୍ରତି – ଆ – ଗମ୍ – ଅନ | ଫେରିବା |
| ନିର୍ଗମନ | ନିର୍ – ଗମ୍ – ଅନ | ବହିର୍ଗମନ |
| ଅନୁଗମନ | ଅନୁ – ଗମ୍ – ଅନ | ପଶ୍ଚାତ୍‌ଗମନ |
| ଉଦ୍‌ଗମନ | ଉତ୍ – ଗମ୍ – ଅନ | ଗଜାହେବା |
| ଦୁର୍ଗମ | ଦୁର୍ – ଗମ୍ – ଅ | ଅତି କଷ୍ଟରେ ଗମନ |

ଉପରୋକ୍ତ ଶବ୍ଦଗୁଡ଼ିକରେ ମୂଳଧାତୁଟି ହେଉଛି 'ଗମ୍', ଯାହାର ଅର୍ଥ ହେଉଛି ଗମନ କରିବା ବା ଯିବା । ଏହି ମୂଳଧାତୁ ସହିତ ଆ, ପ୍ରତି, ନିର୍, ଅନୁ, ଉତ୍ ଓ ଦୁର୍ ଆଦି ଉପସର୍ଗ ସଂଯୋଗ କରାଯାଇ ଭିନ୍ନ ଅର୍ଥଦ୍ୟୋତକ ଶବ୍ଦ ଗଠନ କରାଯାଇଛି ।

ଅନୁରୂପ ଭାବରେ ଗୋଟିଏ ଶବ୍ଦସହିତ ବିଭିନ୍ନ ଉପସର୍ଗ ସଂଯୋଗ କରାଯାଇ ଅନେକ ନୂତନ ଶବ୍ଦ ସୃଷ୍ଟି କରାଯାଇପାରେ । ଯଥା –

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅପରୂପ | ଅପ – ରୂପ | ତୁଳନା ରହିତ |
| ସୁରୂପ | ସୁ – ରୂପ | ସୁନ୍ଦର ରୂପ ବା ଆକୃତି |
| ପ୍ରତିରୂପ | ପ୍ରତି – ରୂପ | ପ୍ରତିମୂର୍ତ୍ତି |
| ଅନୁରୂପ | ଅନୁ – ରୂପ | ସଦୃଶ |
| ବିରୂପ | ବି – ରୂପ | କୁରୂପ |

'ରୂପ' ଶବ୍ଦର ଅର୍ଥ ହେଉଛି ଆକୃତି ବା ଚେହେରା; ଏଠାରେ ବିଭିନ୍ନ ଉପସର୍ଗ ସଂଯୋଗରେ ଭିନ୍ନାର୍ଥ ଶବ୍ଦଗୁଡ଼ିକୁ ଗଠନ କରାଯାଇ ପାରିଛି । ଅର୍ଥାତ୍ ଉପସର୍ଗଗୁଡିକ ସଂଯୁକ୍ତ ହୋଇ ମୂଳଧାତୁ ବା ଶବ୍ଦର ଅର୍ଥରେ ପରିବର୍ତ୍ତନ ଆଣିପାରନ୍ତି। ଅନ୍ୟ ଭାଷାରେ କହିଲେ ଏଗୁଡ଼ିକ ବିଭିନ୍ନ ଅର୍ଥରେ ବ୍ୟବହୃତ ହୋଇପାରନ୍ତି; କେତେବେଳେ ଏଗୁଡ଼ିକ ମୂଳଧାତୁ ବା ଶବ୍ଦର ଅର୍ଥକୁ ବାଧା ଦିଅନ୍ତି, କେତେବେଳେ ଅର୍ଥକୁ ଅନୁକରଣ କରନ୍ତି ଅଥବା ଅର୍ଥକୁ ବୈଶିଷ୍ଟ୍ୟଯୁକ୍ତ କରିଥାନ୍ତି । ଯଥା:

**(କ) ମୂଳଅର୍ଥରେ ବାଧା ଆଣିବା :**

'ଜି' ଧାତୁର ଅର୍ଥ ହେଉଛି ଜୟ କରିବା । 'ପରାଜିତ' ଶବ୍ଦଟି 'ପରା' ଉପସର୍ଗ, 'ଜି' ଧାତୁ ଓ 'ତ' ପରସର୍ଗ ସଂଯୋଗରେ ନିଷ୍ପନ୍ନ, ଯାହାକି ମୂଳଧାତୁର ବିପରୀତ ଅର୍ଥକୁ ପ୍ରକାଶ କରିଥାଏ; ଅର୍ଥାତ୍ ଏଠାରେ 'ପରା' ଉପସର୍ଗଟି ମୂଳଧାତୁର ଅର୍ଥରେ ବାଧା ଆଣୁଅଛି ।

**(ଖ) ମୂଳଅର୍ଥକୁ ଅନୁକରଣ କରିବା :**

'କୃ' ଧାତୁର ଅର୍ଥ ହେଉଛି କରିବା । ଏହି ଧାତୁ ସହିତ 'ଅନୁ' ଉପସର୍ଗ ଓ 'ଅନ' ପରସର୍ଗ ସଂଯୁକ୍ତ ହୋଇ 'ଅନୁକରଣ' ଶବ୍ଦଟି ସୃଷ୍ଟ, ଯାହାର ଅର୍ଥ ହେଉଛି ନକଲକରଣ, ସଦୃଶ ଆଚରଣ ଇତ୍ୟାଦି; ଅର୍ଥାତ୍ ଏହି ନୂତନ ଶବ୍ଦଟି ମୂଳଧାତୁର ଅର୍ଥକୁ ଅନୁକରଣ କରୁଅଛି ।

**(ଗ) ମୂଳଅର୍ଥକୁ ବୈଶିଷ୍ଟ୍ୟଯୁକ୍ତ କରିବା :**

'ବଚନ' ଶବ୍ଦର ଅର୍ଥ ହେଉଛି କଥା, ବାକ୍ୟ, ଉକ୍ତି ଇତ୍ୟାଦି । ଏହି ଶବ୍ଦ ସହିତ 'ପ୍ର' ଉପସର୍ଗଟି ସଂଯୁକ୍ତ ହୋଇ 'ପ୍ରବଚନ' ଶବ୍ଦଟି ସୃଷ୍ଟ, ଯାହାର ଅର୍ଥ ହେଉଛି– ଉତ୍କୃଷ୍ଟ ବଚନ, ଉପଦେଶାତ୍ମକ ବାଣୀ, ହିତବାଣୀ, ଉପଦେଶ ବଚନ ଇତ୍ୟାଦି । ଏଠାରେ ନୂତନ ଶବ୍ଦଟି ମୂଳଶବ୍ଦର ଅର୍ଥକୁ ବୈଶିଷ୍ଟ୍ୟଯୁକ୍ତ କରୁଅଛି ।

ତେଣୁ ଭାଷାକୁ ସରସ, ସୁନ୍ଦର, ଆକର୍ଷଣୀୟ ତଥା ଆଳଙ୍କାରିକ କରିବାରେ ଉପସର୍ଗର ଭୂମିକାକୁ ସ୍ୱୀକାର କରିବାକୁ ହୁଏ ।

**୪.୩ :** ଓଡ଼ିଆ ଶବ୍ଦଭଣ୍ଡାରକୁ ମୁଖ୍ୟତଃ ୪ ଭାଗରେ ବିଭକ୍ତ କରାଯାଏ । ଯଥା – ତତ୍‌ସମ, ତଦ୍‌ଭବ, ଦେଶଜ ଓ ବୈଦେଶିକ । ଏହି ଶବ୍ଦଗୁଡ଼ିକ ମଧ୍ୟରୁ ତତ୍‌ସମ ଶବ୍ଦର ଗଠନରୀତି ସଂସ୍କୃତ ନିୟମ ବା ଧାରାକୁ ଅନୁସରଣ କରିଥାଏ, ତେଣୁ ସଂସ୍କୃତ ଭାଷାରେ ପ୍ରଚଳିତ ଉପସର୍ଗଗୁଡିକୁ ଆଧାରକରି ଓଡ଼ିଆ ଶବ୍ଦକୁ ବିଚାର କରାଯାଏ । ସଂସ୍କୃତ ଭାଷାରେ ସମୁଦାୟ ୨୦ଟି ଉପସର୍ଗ ପ୍ରଚଳିତ, ଯଥା – ପ୍ର, ପରା, ଅପ୍, ସମ୍, ନି, ଅଧି, ସୁ, ନିର୍, ଦୁର୍, ଉତ୍, ଅତି, ପରି, ପ୍ରତି, ଅବ , ଅନୁ, ବି, ଅଭି, ଉପ, ଅପି ଏବଂ ଆ । ଏଗୁଡ଼ିକ ଓଡ଼ିଆ ଶବ୍ଦବିଚାରରେ କିପରି ପ୍ରଯୋଜ୍ୟ ତାହା ଲକ୍ଷ୍ୟ କର ।

**୪.୩.୧. : 'ପ୍ର'** : ଏହି ଉପସର୍ଗଟି ଉତ୍‌କର୍ଷ, ଉଦ୍‌ଭବ, ଗତି ଆଧିକ୍ୟ, ସର୍ବତୋଭାବ ଆଦି ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ପ୍ରକୋପ | ପ୍ର – କୁପ୍ – ଅ | ଅତିଶୟ କ୍ରୋଧ |
| ପ୍ରକ୍ଷେପଣ | ପ୍ର – କ୍ଷିପ୍ – ଅନ | ନିକ୍ଷେପଣ |
| ପ୍ରଗତି | ପ୍ର – ଗମ୍ – ତି | କ୍ରମଶଃ ଉନ୍ନତି |
| ପ୍ରଚଣ୍ଡ | ପ୍ର – ଚଣ୍ଡ୍– ଅ | ପ୍ରବଳ |
| ପ୍ରଚେଷ୍ଟା | ପ୍ର – ଚେଷ୍ଟ – ଆ | ପ୍ରଗାଢ଼ ଯତ୍ନ |
| ପ୍ରଦାନ | ପ୍ର – ଦା – ଅନ | ଦେବା |

**୪.୩.୨ : 'ପରା'** : ଏହି ଉପସର୍ଗଟି ପ୍ରାଧାନ୍ୟ, ବ୍ୟତିକ୍ରମ, ତିରସ୍କାର, ବିପରୀତ, ନିନ୍ଦା ଆଦି ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ପରାକ୍ରମ | ପରା – କ୍ରମ୍ – ଅ | ଶକ୍ତି |
| ପରାଜୟ | ପରା – ଜି – ଅ | ହାର |
| ପରାଭବ | ପରା – ଭୂ – ଅ | ପରାଜୟ |
| ପରାମର୍ଶ | ପରା – ମୃଶ୍ – ଅ | କର୍ତ୍ତବ୍ୟ ସଂପର୍କରେ ବିଚାର |
| ପରାସ୍ତ | ପରା – ଅସ୍ – ତ | ପରାଜିତ |
| ପରାହତ | ପରା – ହନ୍ – ତ | ବ୍ୟାହତ |

**୪.୩.୩ : 'ଅପ୍' :** ଏହି ଉପସର୍ଗଟି ସାଧାରଣ ଭାବରେ ମନ୍ଦ ଅର୍ଥକୁ ବ୍ୟକ୍ତ କରେ, ଏହା ମଧ୍ୟ କୁତ୍ସିତ, ବିରୋଧ, ବିପରୀତ ଓ ଅପକୃଷ୍ଟ ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଅପକର୍ଷ | ଅପ - କୃଷ୍ - ଅ | ନିକୃଷ୍ଟ |
| ଅପକାର | ଅପ-କୃ - ଅ | ଅନିଷ୍ଟ |
| ଅପଖ୍ୟାତି | ଅପ - ଖ୍ୟା - ତି | ନିନ୍ଦା |
| ଅପବାଦ | ଅପ- ବଦ୍ - ଅ | ଦୁର୍ନାମ |
| ଅପମାନ | ଅପ - ମାନ୍ - ଅ | ମାନହାନି |
| ଅପମୃତ୍ୟୁ | ଅପ - ମୃତ୍ୟୁ | ଅକାଳ ମରଣ |

**୪.୩.୪ : 'ସମ୍'** : ଏହି ଉପସର୍ଗଟି ସମ୍ୟକ, ସହିତ, ସଂହତି, ଆଭିମୁଖ୍ୟ ଓ ନିକଟ ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ସନ୍ତାପ | ସମ୍ - ତପ୍ - ଅ | ମନସ୍ତାପ |
| ସମ୍ବାଦ | ସମ୍ - ବଦ୍ - ଅ | ଖବର |
| ସଂଯୋଗ | ସମ୍ - ଯୁଜ୍ - ଅ | ମିଳନ |
| ସଂସାର | ସମ୍ - ସୃ - ଅ | ଜଗତ |
| ସଂହାର | ସମ୍ - ହୃ - ଅ | ବଧ |
| ସମୁଚିତ | ସମ୍ - ଉଚିତ | ସମ୍ପୂର୍ଣ୍ଣ ଉଚିତ |

**୪.୩.୫ : 'ନି'** ସାଧାରଣ ଭାବରେ ଏକ ନାସ୍ତି ସୂଚକ ଉପସର୍ଗ, ଏହା ମଧ୍ୟ ସମୀପ, ସମ୍ୟକ, ସାଦୃଶ୍ୟ, କୁତ୍ସିତ ଓ ଆଧିକ୍ୟ ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ନିକୃଷ୍ଟ | ନି - କୃଷ୍ - ତ | ମନ୍ଦ |
| ନିଗ୍ରହ | ନି - ଗ୍ରହ୍ - ଅ | ପୀଡ଼ନ |
| ନିପୁଣ | ନି - ପୁଣ୍ - ଅ | କୁଶଳ |
| ନିବାରଣ | ନି - ବାର୍ - ଅନ | ନିଷେଧ |
| ନିବୃତ | ନି - ବୃ -ତ | ଓଢ଼ଣି |
| ନିଯୁକ୍ତ | ନି - ଯୁଜ୍ -ତ | ରତ |

**୪.୩.୬: 'ଅଧି'** : ଏହି ଉପସର୍ଗଟି ପ୍ରାଧାନ୍ୟ, ଶ୍ରେଷ୍ଠ, ଆଧିକ୍ୟ, ଅଧିକାର ଓ ସମ୍ବନ୍ଧୀୟ ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅଧିକାର | ଅଧି - କୃ - ଅ | ଦାବି |
| ଅଧିନାୟକ | ଅଧି - ନୀ - ଅକ | ପରିଚାଳକ |
| ଅଧିବର୍ଷ | ଅଧି - ବର୍ଷ | ମଳମାସଯୁକ୍ତ ବର୍ଷ |
| ଅଧିବାସୀ | ଅଧି - ବସ୍ - ଇନ୍ | ବାସିନ୍ଦା |
| ଅଧିମାସ | ଅଧି - ମାସ | ମଳମାସ |
| ଅଧିଷ୍ଠାନ | ଅଧି - ସ୍ଥା - ଅନ | ଅବସ୍ଥିତି |

**୪.୩.୭ : 'ସୁ' :** ଏହି ଉପସର୍ଗଟି ମଙ୍ଗଳ, ସୁନ୍ଦର, ସହଜ, ଅନାୟାସ ଓ ଅଧିକ ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ସୁଗମ | ସୁ - ଗମ୍ - ଅ | ସହଜରେ ଗମ୍ୟ |
| ସୁଚରିତ୍ର | ସୁ - ଚର୍ - ଇତ୍ର | ନୈତିକ ସ୍ୱଭାବ |
| ସୁନାମ | ସୁ - ନାମ | ପ୍ରଶଂସା |
| ସୁବାସ | ସୁ - ବାସ | ସୌରଭ |
| ସୁଯୋଗ | ସୁ - ଯୋଗ | ଅନୁକୂଳ ସମୟ |
| ସୁଶୀଳ | ସୁ - ଶୀଳ | ଭଦ୍ର |

**୪.୩.୮ : ନିର୍ :** ଏହା ଅଭାବ, ବାହାର, ନିଶ୍ଚୟ, ନିଃଶେଷ ଓ ଅତିଶୟ ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ନିର୍ଗମ | ନିର୍ - ଗମ୍ - ଅ | ବହିର୍ଗମନ |
| ନିର୍ଜନ | ନିର୍ - ଜନ୍ - ଅ | ଜନଶୂନ୍ୟ |
| ନିର୍ଜଳ | ନିର୍ - ଜଳ - ଅ | ଜଳଶୂନ୍ୟ |
| ନିର୍ମଳ | ନିର୍ - ମଳ | ମଳହୀନ |
| ନିର୍ମୂଳ | ନିର୍ -ମୂଳ | ବିନଷ୍ଟ / ମୂଳସହ |
| ନିର୍ଲେପ | ନିର୍ - ଲିପ୍ - ଅ | ଅନାସକ୍ତ |

**୪.୩.୯ : 'ଦୁର୍' :** ଉକ୍ତ ଉପସର୍ଗଟି ମନ୍ଦ, ନିନ୍ଦା, ଦୁଃଖ, ନିଷିଦ୍ଧ, କଷ୍ଟ ଆଦି ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଦୁର୍ଗନ୍ଧ | ଦୁର୍ - ଗନ୍ଧ | ଖରାପ ଗନ୍ଧ |
| ଦୁର୍ଘଟଣା | ଦୁର୍ - ଘଟଣା | ଅଶୁଭ ଘଟଣା |
| ଦୁର୍ଜନ | ଦୁର୍ -ଜନ | ଖରାପ ଲୋକ |
| ଦୁର୍ଭାଗ୍ୟ | ଦୁର୍- ଭାଗ୍ୟ | ମନ୍ଦ ଭାଗ୍ୟ |
| ଦୁର୍ମଦ | ଦୁର୍- ମଦ୍ - ଅ | ଦୁର୍ଦ୍ଧର୍ଷ |
| ଦୁର୍ମୂଲ୍ୟ | ଦୁର୍-ମୂଲ୍ୟ | ମହାର୍ଘ |

**୪.୩.୧୦ : 'ଉତ୍' :** ଏହି ଉପସର୍ଗଟି ଅତିଶୟ, ଉତ୍କର୍ଷ, ବିରୋଧ, ନିନ୍ଦା, ଅଭାବ, ଅକସ୍ମାତ୍ ଆଦି ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଉତ୍କର୍ଷ | ଉତ୍-କୃଷ୍ - ଅ | ଶ୍ରେଷ୍ଠତା |
| ଉତ୍କଳ | ଉତ୍-କଲ୍-ଅ | ଓଡ଼ିଶା |
| ଉତ୍କୋଚ | ଉତ୍-କୁଚ୍ - ଅ | ଲାଞ୍ଚ |
| ଉତ୍କ୍ଷିପ୍ତ | ଉତ୍-କ୍ଷିପ୍-ତ | ଉପରକୁ ନିକ୍ଷିପ୍ତ |
| ଉଦାସୀନ | ଉତ୍ - ଆସ୍ - ଈନ୍ | ଅନାସକ୍ତ |
| ଉନ୍ନତ | ଉତ୍ - ନମ୍ -ତ | ଉଚ୍ଚ |

**୪.୩.୧୧ : 'ଅତି' :** ଏହି ଉପସର୍ଗଟି ଆଧିକ୍ୟ, ଅନୁଚିତ, ଅସୀମ, ଆତିଶଯ୍ୟ ଆଦି ଅର୍ଥ ଦ୍ୟୋତକ ଅଟେ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅତିକ୍ରମ | ଅତି - କ୍ରମ୍ - ଅ | ଲଙ୍ଘନ |
| ଅତିଶୟ | ଅତି - ଶୀ - ଅ | ଅତ୍ୟନ୍ତ |
| ଅତୀତ | ଅତି - ଇ -ତ | ଗତ |
| ଅତୀନ୍ଦ୍ରିୟ | ଅତି - ଇନ୍ଦ୍ରିୟ | ଇନ୍ଦ୍ରିୟର ଅତୀତ |
| ଅତ୍ୟଧିକ | ଅତି - ଅଧିକ | ଖୁବ୍‌ବେଶି |
| ଅତ୍ୟଳ୍ପ | ଅତି - ଅଳ୍ପ | ଖୁବ୍‌କମ୍ |

**୪.୩.୧୨ : 'ପରି' :** ସର୍ବତୋଭାବ, ଚତୁର୍ଦ୍ଦିଗ, ଅତିଶୟ, କ୍ରମଶଃ, ଶେଷ, ସମ୍ୟକ, ବ୍ୟାପ୍ତି, ସର୍ବତ୍ର ଆଦି ଅର୍ଥରେ ଏହି ଉପସର୍ଗଟି ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ପରିକଳ୍ପନା | ପରି - କଳ୍ପ୍ - ଅନ - ଆ | ଯୋଜନା |
| ପରିଚର୍ଯ୍ୟା | ପରି - ଚର୍ - ଯ - ଆ | ସେବା |
| ପରିଚ୍ଛେଦ | ପରି - ଛିଦ୍ - ଅ | ପାଠ୍ୟର ଭାଗ |
| ପରିଣତ | ପରି - ନମ୍ - ତ | ପରିପକ୍ୱ |
| ପରିଣୟ | ପରି - ନୀ - ଅ | ବିବାହ |
| ପରିଶ୍ରମ | ପରି - ଶ୍ରମ୍ - ଅ | ବିଶେଷ ଶ୍ରମ, ଖଟଣି |

**୪.୩.୧୩ : 'ପ୍ରତି' :** ଏହି ଉପସର୍ଗଟି ପରିବର୍ତ୍ତନ, ସମୀପ, ବିପରୀତ, ସାଦୃଶ୍ୟ, ପ୍ରତ୍ୟେକ, ପଶ୍ଚାତ୍, ବିରୋଧ, ସମାନ ଆଦି ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ପ୍ରତିକୂଳ | ପ୍ରତି - କୂଳ | ବିରୁଦ୍ଧ, ବିପକ୍ଷ |
| ପ୍ରତିକୃତି | ପ୍ରତି - କୃ -ତି | ପ୍ରତିମା |
| ପ୍ରତିଦାନ | ପ୍ରତି - ଦା - ଅନ | ପ୍ରତ୍ୟର୍ପଣ |
| ପ୍ରତିଧ୍ୱନି | ପ୍ରତି - ଧ୍ୱନ୍ - ଇ | ପ୍ରତିଶବ୍ଦ |
| ପ୍ରତିପକ୍ଷ | ପ୍ରତି - ପକ୍ଷ | ବିପକ୍ଷ |
| ପ୍ରତ୍ୟୁତ୍ତର | ପ୍ରତି - ଉତ୍ତର | ପ୍ରତିଜବାବ |

**୪.୩.୧୪ : 'ଅବ' :** ଏହି ଉପସର୍ଗଟି ଅଧୋଗତି, ନିଶ୍ଚୟ, ଘୃଣା, ଅତ୍ୟନ୍ତ, ସମାନ ଆଦି ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅବଗତି | ଅବ - ଗମ୍ - ତି | ସମ୍ବାଦପ୍ରାପ୍ତି |
| ଅବତରଣ | ଅବ - ତୃ - ଅନ | ଓହ୍ଲାଇବା |
| ଅବନତି | ଅବ - ନମ୍ - ତି | ଅଧୋଗତି |
| ଅବରୋଧ | ଅବ- ରୁଧ୍- ଅ | ଅଟକ |
| ଅବରୋହ | ଅବ- ରୁହ୍ - ଅ | ଅବତରଣ |
| ଅବସ୍ଥାନ | ଅବ- ସ୍ଥା - ଅନ | ବାସସ୍ଥାନ |

**୪.୩.୧୫ : 'ଅନୁ' :** ଏହା ପଶ୍ଚାତ୍, ହୀନ, ସହିତ, ସମୀପ, ସମ୍ୟକ ଆଦି ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଅନୁକରଣ | ଅନୁ - କୃ - ଅନ | ନକଲକରଣ |
| ଅନୁକୂଳ | ଅନୁ - କୂଲ୍ - ଅ | ସହାୟ |
| ଅନୁଗାମୀ | ଅନୁ - ଗମ୍ - ଇନ | ପଶ୍ଚାତ୍‌ଗାମୀ |
| ଅନୁଜ | ଅନୁ - ଜନ୍ - ଅ | ସାନଭାଇ |
| ଅନୁତାପ | ଅନୁ - ତପ୍ - ଅ | ପଶ୍ଚାତାପ |
| ଅନୁରୂପ | ଅନୁ - ରୂପ | ସଦୃଶ |

**୪.୩.୧୬ : 'ବି' :** ଏହି ଉପସର୍ଗଟି ବିଶେଷ, ବିପରୀତ, ବିହୀନ, ବହୁ, ପରସ୍ପର, ଭିନ୍ନ ଆଦି ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ବିଖ୍ୟାତ | ବି - ଖ୍ୟା-ତ | ପ୍ରସିଦ୍ଧ |
| ବିଜାତି | ବି-ଜାତି | ଭିନ୍ନଜାତି |
| ବିତୃଷ୍ଣା | ବି- ତୃଷ୍ଣା | କାମନାର ଅଭାବ |
| ବିପକ୍ଷ | ବି-ପକ୍ଷ | ବିରୋଧୀପକ୍ଷ |
| ବିଫଳ | ବି-ଫଳ | ବ୍ୟର୍ଥ |
| ବିବିଧ | ବି-ବିଧା | ନାନା ପ୍ରକାର |

**୪.୩.୧୭ : 'ଅଭି'** : ଏହା ସମ୍ମୁଖ, ଉତ୍ତମ, ଅପକୃଷ୍ଟ, ସମ୍ୟକ, ପୁନଃପୁନଃ ଆଦି ଅର୍ଥରେ ବ୍ୟବହୃତ ।

| **ଶବ୍ଦ** | **ଗଠନରୀତି** | **ଅର୍ଥ** |
|---|---|---|
| ଅଭିଜାତ | ଅଭି - ଜନ୍ - ତ | କୁଳୀନ |
| ଅଭିଜ୍ଞ | ଅଭି - ଜ୍ଞା - ଅ | ନିପୁଣ |
| ଅଭିଜ୍ଞାନ | ଅଭି-ଜ୍ଞା- ଅନ | ସ୍ମାରକ |
| ଅଭିଧାନ | ଅଭି - ଧା - ଅନ | ଶବ୍ଦକୋଷ |
| ଅଭିଭାଷଣ | ଅଭି - ଭାଷ୍- ଅନ | ସଂଭାଷଣ |
| ଅଭିଯାନ | ଅଭି - ଯା - ଅନ | ଯୁଦ୍ଧଯାତ୍ରା |

**୪.୩.୧୮ : 'ଉପ' :** ଏହି ଉପସର୍ଗଟି ନିକଟ, ଆଧିକ୍ୟ, ଦୀନତା, ଅଧସ୍ତନ, ସାଦୃଶ୍ୟ, ଘୃଣା, ସାହାଯ୍ୟ ଆଦି ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଉପକଣ୍ଠ | ଉପ- କଣ୍ଠ | ନିକଟ |
| ଉପକରଣ | ଉପ- କୃ - ଅନ | ସରଞ୍ଜାମ |
| ଉପକାର | ଉପ - କୃ - ଅ | କଲ୍ୟାଣ |
| ଉପଗୁରୁ | ଉପ- ଗୁରୁ | ଗୌଣଗୁରୁ |
| ଉପଗ୍ରହ | ଉପ- ଗ୍ରହ | ଗ୍ରହ ଚାରିପଟେ ବୁଲୁଥିବା ଗ୍ରହ |
| ଉପବନ | ଉପ - ବନ | ବଗିଚା |

**୪.୩.୧୯ : 'ଅପି' :** ଏହି ଉପସର୍ଗଟି ଓଡ଼ିଆ ଭାଷାରେ କ୍ୱଚିତ୍ ବ୍ୟବହୃତ ହୁଏ । ଏହା ସାଧାରଣତଃ ଭୂଷଣ ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଅପିଧାନ | ଅପି - ଧା - ଅନ | ଆଚ୍ଛାଦନ |
| ଅପିଚ | ଅପି - ଚ | ଅଧିକନ୍ତୁ |

**୪.୩.୨୦.: 'ଆ' :** ଏହି ଉପସର୍ଗଟି ବିପରୀତ, ଈଷତ୍, ସୀମା, ପର୍ଯ୍ୟନ୍ତ, ସମ୍ୟକ୍ ଆଦି ଅର୍ଥରେ ବ୍ୟବହୃତ ।

| ଶବ୍ଦ | ଗଠନରୀତି | ଅର୍ଥ |
|---|---|---|
| ଆକର୍ଷଣ | ଆ- କୃଷ୍ - ଅନ | ଟାଣିବା |
| ଆଗମନ | ଆ - ଗମ୍ - ଅନ | ଆସିବା |
| ଆଜୀବନ | ଆ- ଜୀବନ | ସମଗ୍ର ଜୀବନ |
| ଆଦେଶ | ଆ - ଦିଶ୍ - ଅ | ଆଜ୍ଞା |
| ଆନୟନ | ଆ - ନୀ - ଅନ | ଆଣିବା |
| ଆପାଦ | ଆ - ପାଦ | ପାଦ ବା ଗୋଡ଼ଠାରୁ |

ଓଡ଼ିଆଭାଷା ଆର୍ଯ୍ୟଭାଷାଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇଥିବାରୁ ସଂସ୍କୃତଭାଷାର ଏହି ୨୦ଗୋଟି ଉପସର୍ଗ ଓଡ଼ିଆ ଭାଷାରେ ମଧ୍ୟ ପ୍ରଚଳିତ ।

**୪.୪. :** ସଂସ୍କୃତ ଭାଷାର ଏହି ଉପସର୍ଗଗୁଡ଼ିକ ବ୍ୟତୀତ ସଂସ୍କୃତର କେତୋଟି ଶବ୍ଦ ଓଡ଼ିଆ ଭାଷାରେ ଉପସର୍ଗ ଭାବରେ ବ୍ୟବହୃତ ହେଉଥିବାର ପରିଲକ୍ଷିତ ହୁଏ । ନିମ୍ନରେ ଏହାର କେତୋଟି ଦୃଷ୍ଟାନ୍ତ ଦିଆଗଲା ।

୪.୪.୧ : 'ଅନ୍ତଃ' : ଅନ୍ତର୍ଗତ, ଅନ୍ତର୍ଭୁକ୍ତ, ଅନ୍ତସ୍କରଣ

୪.୪.୨ : 'ଆବିଃ' : ଆବିର୍ଭାବ, ଆବିଷ୍କାର, ଆବିଷ୍କୃତ

୪.୪.୩ : 'ତିରଃ' : ତିରସ୍କାର, ତିରୋଧାନ, ତିରୋହିତ

୪.୪.୪ : 'ପୁନଃ' : ପୁନର୍ଗମନ, ପୁନର୍ବାର, ପୁନର୍ବିବାହ

୪.୪.୫ : 'ପୁରଃ' : ପୁରୋଭାଗ, ପୁରସ୍କାର, ପୁରସ୍କୃତ

୪.୪.୬ : 'ବହିଃ' : ବହିର୍ଜଗତ, ବହିଷ୍କାର, ବହିର୍ଭୂତ

୪.୪.୭ : 'ସତ୍' : ସତ୍‌ସଙ୍ଗ, ସଦୁପଯୋଗ, ସଦୁପାୟ

**୪.୫. :** ଉପରୋକ୍ତ ଆଲୋଚନାରେ ଆମେ ସଂସ୍କୃତ ଉପସର୍ଗଗୁଡ଼ିକୁ ଭିତ୍ତିକରି ଓଡ଼ିଆ ଶବ୍ଦଭଣ୍ଡାରକୁ ବିଚାର କଲେ । ସଂସ୍କୃତର ଏହି ଉପସର୍ଗଗୁଡ଼ିକ ବ୍ୟତୀତ ଅନ୍ୟ କେତେକ ଅବ୍ୟୟ ଓଡ଼ିଆ ଶବ୍ଦଗଠନରେ ଅନୁରୂପ କାର୍ଯ୍ୟ ନିର୍ବାହ କରୁଥିବାର ଜଣାଯାଏ । ନିମ୍ନସ୍ଥ ଦୃଷ୍ଟାନ୍ତରୁ ଏହା ଲକ୍ଷ୍ୟ କର ।

| **ଶବ୍ଦ** | **ଗଠନରୀତି** |
|---|---|
| ଅଣଫୁଟା | ଅଣ-ଫୁଟା |
| ନାମଞ୍ଜୁର | ନା- ମଞ୍ଜୁର |
| ବେଆଇନ | ବେ- ଆଇନ |
| କୁପୁତ୍ର | କୁ- ପୁତ୍ର |

ଏଠାରେ ବ୍ୟବହୃତ 'ଅଣ', 'ନା, 'ବେ' ଓ 'କୁ' ଗୋଟିଏ ଗୋଟିଏ ଉପସର୍ଗ ଭାବରେ କାର୍ଯ୍ୟ କରିଥାନ୍ତି । ଏଗୁଡିକୁ କେହିକେହି ଅଣ-ସଂସ୍କୃତ ଉପସର୍ଗ ଭାବରେ ଗ୍ରହଣ କରୁଥିବାବେଳେ କେହିକେହି ଉପସର୍ଗ ବୋଲି ସ୍ୱୀକାର କରନ୍ତି ନାହିଁ । ଏଗୁଡ଼ିକର ଅନ୍ୟ କେତେକ ଦୃଷ୍ଟାନ୍ତ ନିମ୍ନରେ ପ୍ରଦାନ କରାଗଲା ।

୪.୫.୧ : 'ଅ' : ଅକ୍ରୂର, ଅକ୍ଷତ, ଅଖଣ୍ଡ, ଅଗାଧ, ଅଚଳ ।

୪.୫.୨ : 'ଅଣ' : ଅଣଅଜା, ଅଣନାତି, ଅଣହଳଦିଆ, ଅଣବାହୁଡ଼ା ।

୪.୫.୩ : 'କୁ' : କୁକର୍ମ, କୁପୁତ୍ର, କୁଭାଷା, କୁଶାସନ ।

୪.୫.୪ : 'ଦର' : ଦରବିକଶିତ, ଦରବିଗଳିତ, ଦରବୁଢ଼ା, ଦରମରା, ଦରହସା ।

୪.୫.୫ : 'ନା' : ନାପସନ୍ଦ, ନାବାଳକ, ନାମଞ୍ଜୁର, ନାଲାଏକ, ନାହକ୍ ।

୪.୫.୬ : 'ଫି' : ଫିଦିନ, ଫିବର୍ଷ, ଫିମାସ, ଫିଲୋକ

୪.୫.୭ : 'ବଦ୍' : ବଦ୍‌ଖରଚ, ବଦ୍‌ଖୋର, ବଦ୍‌ନାମ, ବଦ୍‌ରାଗୀ ।

୪.୫.୮ : 'ବେ' : ବେଢଙ୍ଗ, ବେସରକାରୀ, ବେହକ୍, ବେହିସାବ ।

୪.୫.୯ : 'ହର୍' : ହର୍‌କିସମ, ହର୍‌ଘଡ଼ି, ହର୍‌ରୋଜ, ହର୍‌ଲୋକ, ହର୍‌ସାଲ ଇତ୍ୟାଦି ।

ଉପସର୍ଗଗୁଡ଼ିକ ଧାତୁ ବା ଶବ୍ଦର ପୂର୍ବରୁ ସଂଯୁକ୍ତ ହେଉଥିବା ହେତୁ ଏପରି ନାମକରଣ ଯଥାର୍ଥ ଅଟେ ।

## ଅନୁଶୀଳନୀ

୧. ଉପସର୍ଗ କହିଲେ କ'ଣ ବୁଝୁଛ ଲେଖ ।

୨. ଓଡ଼ିଆ ଭାଷାରେ ପ୍ରଚଳିତ ଉପସର୍ଗଗୁଡ଼ିକ କ'ଣ କ'ଣ ?

୩. ଉପସର୍ଗ ଦ୍ୱାରା କିପରି ମୂଳଅର୍ଥରେ ପରିବର୍ତ୍ତନ ଘଟେ ତହିଁର ଗୋଟିଏ ଉଦାହରଣ ଦିଅ ।

୪. ଉପସର୍ଗ ପ୍ରୟୋଗରେ ମୂଳଅର୍ଥ କିପରି ବୈଶିଷ୍ଟ୍ୟଯୁକ୍ତ ହୁଏ ଲେଖ ।

୫. ଉପସର୍ଗଦ୍ୱାରା ସୃଷ୍ଟ ନୂତନ ଶବ୍ଦ କିପରି ମୂଳଅର୍ଥକୁ ଅନୁକରଣ କରେ ଲେଖ ।

୬. ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଠନରୀତି ଦର୍ଶାଅ ।

ପ୍ରଦାନ, ପ୍ରତ୍ୟାଗମନ, ଆରକ୍ତ, ଅନୁରୂପ, ପରାସ୍ତ, ସନ୍ତାପ, ନିବୃତ, ଅଧିଷ୍ଠାନ, ଦୁର୍ଜନ, ବିତୃଷ୍ଣା

୭. ନିମ୍ନଲିଖିତ ପ୍ରକୃତି ପ୍ରତ୍ୟୟରୁ ସୃଷ୍ଟ ଶବ୍ଦଗୁଡ଼ିକୁ ଲେଖ ।

ଆ-ଗମ୍-ଅନ, ପ୍ରତି - ରୂପ, ଅପ- କୃଷ୍-ଅ, ସମ୍-ସୃ-ଅ, ନି-କୃଷ୍-ତ, ଅଧି-କୃ-ଅ, ନିର୍-ଜଳ -ଅ, ଦୁର୍ - ଗନ୍ଧ, ଉତ୍- କ୍ଷିପ୍-ତ, ଅତି -ଅଳ୍ପ ।

୮. ନିମ୍ନଲିଖିତ ଉପସର୍ଗ ଯୋଗକରି ତିନୋଟି ଲେଖାଏଁ ଶବ୍ଦ ଗଠନ କର ।

ପରା, ନି, ନିର୍, ଉତ୍, ପ୍ରତି, ବି, ଉପ, ଅନୁ

୯. ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

__________ ଉପସର୍ଗଟି ସାଧାରଣତଃ ଭୂଷଣ ଅର୍ଥରେ ବ୍ୟବହୃତ ହୁଏ ।

(ଅତି, ଅପି, ଅଧି, ଅଭି)

୧୦. ତଳେ ଦିଆଯାଇଥିବା ଉପସର୍ଗ ମଧ୍ୟରୁ ଯେଉଁଟି ସମ ପର୍ଯ୍ୟାୟର ନୁହେଁ, ତାହା ଅଲଗା କରି ଲେଖ ।

ଉତ୍, ଦୁର୍, ସମ୍, ସତ୍, ଅପ୍

❖❖❖

**ପଞ୍ଚମ ଅଧ୍ୟାୟ**

# କୃଦନ୍ତ ପଦ

**୫.୧ :** ଭାଷାକୁ ଗତିଶୀଳ ଓ ଭାବ ପ୍ରକାଶ କରିବାରେ ସାହାଯ୍ୟ କରିବା ପାଇଁ ଅନେକ ଶବ୍ଦ ଆବଶ୍ୟକ ହୋଇଥାଏ । ଆମ ଓଡ଼ିଆ ଭାଷାରେ ଏହି ପରି ଅନେକ ଶବ୍ଦ ସୃଷ୍ଟି ହୋଇଛି । କେତେବେଳେ ସଂସ୍କୃତ ଧାତୁ ସହିତ ଓ କେତେବେଳେ ଓଡ଼ିଆ ଧାତୁ ସହିତ ପ୍ରତ୍ୟୟ ଯୋଗ କରାଯାଇ ଅନେକ ଶବ୍ଦ ଗଠିତ ହୋଇଅଛି । ତଳେ ଦିଆଯାଇଥିବା ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର ।

| | | | |
|---|---|---|---|
| | **ସଂସ୍କୃତ ଧାତୁ + ପ୍ରତ୍ୟୟ** | **=** | **ଶବ୍ଦ (ତତ୍‌ସମ)** |
| ୧) | ଦୃଶ୍ + ଅନ | = | ଦର୍ଶନ |
| ୨) | ପଠ୍ + ଅ | = | ପାଠ |
| ୩) | ବୁଧ୍ + ତି | = | ବୁଦ୍ଧି |

| | | | | | |
|---|---|---|---|---|---|
| | **ଓଡ଼ିଆ ଧାତୁ + ପ୍ରତ୍ୟୟ** | | | **=** | **ଶବ୍ଦ (ତଦ୍‌ଭବ+ଦେଶଜ)** |
| ୧) | କାନ୍ଦ୍ | + | ଅଣା | = | କାନ୍ଦଣା |
| ୨) | ପଢ୍ | + | ଉଆ | = | ପଢୁଆ |
| ୩) | ଖସ୍ | + | ଅଡ଼ା | = | ଖସଡ଼ା |

ପ୍ରଥମ ଉଦାହରଣରେ ଥିବା 'ଦର୍ଶନ' ଶବ୍ଦଟି ସଂସ୍କୃତ 'ଦୃଶ୍' ଧାତୁ ସହିତ 'ଅନ' ପ୍ରତ୍ୟୟ ଯୋଗରେ ସୃଷ୍ଟି ହୋଇଛି । ସେହିପରି ସଂସ୍କୃତ 'ପଠ୍'ଧାତୁରେ 'ଅ'ପ୍ରତ୍ୟୟ ଯୁକ୍ତ ହୋଇ 'ପାଠ' ଶବ୍ଦ ଓ ସଂସ୍କୃତ 'ବୁଧ୍' ଧାତୁରେ 'ତି' ପ୍ରତ୍ୟୟ ଯୁକ୍ତ ହୋଇ 'ବୁଦ୍ଧି' ଶବ୍ଦ ଗଠିତ ହୋଇଛି । ଏଗୁଡ଼ିକୁ **କୃଦନ୍ତ ଶବ୍ଦ** କୁହାଯାଏ । ଏହି ଶବ୍ଦଗୁଡ଼ିକ ସଂସ୍କୃତ ଭାଷାରୁ ଅବିକଳ ଗୃହୀତ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ହେଉଥିବାରୁ ତତ୍‌ସମ କୃଦନ୍ତ ଶବ୍ଦ ଅଟନ୍ତି ।

ଦ୍ୱିତୀୟ ଉଦାହରଣରେ ଥିବା 'କାନ୍ଦଣା' ଶବ୍ଦଟି ଓଡ଼ିଆ 'କାନ୍ଦ୍' ଧାତୁ ସହିତ 'ଅଣା' ପ୍ରତ୍ୟୟ ଯୋଗରେ ସୃଷ୍ଟି ହୋଇଛି । ସେହିପରି ଓଡ଼ିଆ 'ପଢ୍' ଧାତୁରେ 'ଉଆ' ପ୍ରତ୍ୟୟ ଯୁକ୍ତ ହୋଇ 'ପଢୁଆ' ଶବ୍ଦ ସୃଷ୍ଟି ହୋଇଛି । ସଂସ୍କୃତ 'କ୍ରନ୍ଦ୍' ଧାତୁରୁ 'କାନ୍ଦ୍' ଧାତୁ ଓ 'ପଠ୍' ଧାତୁରୁ 'ପଢ୍' ଧାତୁ ଜାତ ହୋଇ ଥିବାରୁ ଏହିପରି ଧାତୁ ଓ ପ୍ରତ୍ୟୟନିଷ୍ପନ୍ନ ଶବ୍ଦକୁ **ତଦ୍‌ଭବ କୃଦନ୍ତ ଶବ୍ଦ** କୁହାଯାଏ । ସେହିପରି 'ଖସଡ଼ା' ଶବ୍ଦଟି ଓଡ଼ିଆ 'ଖସ୍' ଧାତୁ ସହିତ 'ଅଡ଼ା' ପ୍ରତ୍ୟୟ ଯୁକ୍ତ ହୋଇ ଗଠିତ ହୋଇଛି । ଏହା ଗୋଟିଏ **ଦେଶଜ କୃଦନ୍ତ ଶବ୍ଦ** ।

**ନୂଆ ଶବ୍ଦ ଗଢ଼ିବା ପାଇଁ ଧାତୁ ସହିତ ଯେଉଁ ପ୍ରତ୍ୟୟ ଯୁକ୍ତ ହୁଏ, ତାହାକୁ କୃତ୍ କହନ୍ତି । ଏହି କୃତ୍ ପ୍ରତ୍ୟୟ ଯୋଗ ହେବାଦ୍ୱାରା ଯେଉଁ ନୂତନ ଶବ୍ଦଟି ଗଠିତ ହୁଏ ତାହାକୁ କୃଦନ୍ତ ଶବ୍ଦ ବା କୃଦନ୍ତ ପଦ କୁହାଯାଏ ।**

(କୃତ୍+ଅନ୍ତ=କୃଦନ୍ତ । ଯାହା ଅନ୍ତ ବା ଶେଷରେ କୃତ୍ ପ୍ରତ୍ୟୟ ହୋଇଥାଏ ତାହା କୃଦନ୍ତ)

ସଂସ୍କୃତ କୃତ୍ ପ୍ରତ୍ୟୟ = ଅ, ଅନ, ଅକ, ତବ୍ୟ, ଅନୀୟ, ଇତ୍ର, ତ୍ର, ତୃ, ତି, ଇନ୍, ତ, ଯ, ଇଷ୍ଣୁ, ଉକ, ଉର, ର, ଉ ଇତ୍ୟାଦି ।

ଓଡ଼ିଆ କୃତ୍ ପ୍ରତ୍ୟୟ = ଅ, ଆ, ଇ, ଅଣ, ଅଣା, ଅଣି, ଆଣି, ଅନ୍ତା, ଏଣି, ଉଆଳ, ଇବା, ଉଣି, ଉଆ, ରା, ଅତି, ଉଣା ଇତ୍ୟାଦି ।

## ୫.୨ ସଂସ୍କୃତ କୃତ୍ ପ୍ରତ୍ୟୟ ଓ ନିଷ୍ପନ୍ନ ତତ୍‌ସମ ଶବ୍ଦ

**୧) 'ଅ' ପ୍ରତ୍ୟୟ**

| | | | | | | | | | | | | |
|---|---|---|---|---|---|---|---|---|---|---|---|---|
| ପଠ୍ | + | ଅ | = | ପାଠ | ହସ୍ | + | ଅ | = | ହସ୍ | | | |
| ତ୍ୟଜ୍ | + | ଅ | = | ତ୍ୟାଗ | ମଧୁ | - | ପା | + | ଅ | = | ମଧୁପ | |
| ପଚ୍ | + | ଅ | = | ପାକ | ସମ୍ | - | ସୃ | + | ଅ | = | ସଂସାର | |
| ଜି | + | ଅ | = | ଜୟ | କୁମ୍ଭ | - | କୃ | + | ଅ | = | କୁମ୍ଭକାର | |
| ଭୀ | + | ଅ | = | ଭୟ | ଜଳ | - | ଦା | + | ଅ | = | ଜଳଦ | |
| ସୃପ୍ | + | ଅ | = | ସର୍ପ | ଦିବ୍ | + | ଅ | = | ଦେବ | | | |
| | | | | | ଜପ୍ | + | ଅ | = | ଜପ | | | |

**୨) 'ଅନ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଭୁଜ୍ | + | ଅନ | = | ଭୋଜନ | ଶ୍ରୁ | + | ଅନ | = | ଶ୍ରବଣ |
| ରୁଦ୍ | + | ଅନ | = | ରୋଦନ | ମୃ | + | ଅନ | = | ମରଣ |
| ପଠ୍ | + | ଅନ | = | ପଠନ | ସ୍ମୃ | + | ଅନ | = | ସ୍ମରଣ |
| ପତ୍ | + | ଅନ | = | ପତନ | କୃ | + | ଅନ | = | କରଣ |
| ଜୀବ୍ | + | ଅନ | = | ଜୀବନ | ଭୂଷ୍ | + | ଅନ | = | ଭୂଷଣ |
| ଭାଷ୍ | + | ଅନ | = | ଭାଷଣ | ଗ୍ରହ୍ | + | ଅନ | = | ଗ୍ରହଣ |

**୩) 'ଅକ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଖାଦ୍ | + | ଅକ | = | ଖାଦକ | ଗୈ | + | ଅକ | = | ଗାୟକ |
| ନୃତ୍ | + | ଅକ | = | ନର୍ତ୍ତକ | ପଚ୍ | + | ଅକ | = | ପାଚକ |
| ପଠ୍ | + | ଅକ | = | ପାଠକ | ଶାସ୍ | + | ଅକ | = | ଶାସକ |
| ଶିକ୍ଷ୍ | + | ଅକ | = | ଶିକ୍ଷକ | ସ୍ତୁ | + | ଅକ | = | ସ୍ତାବକ |
| ଜନ୍ | + | ଅକ | = | ଜନକ | କୃ | + | ଅକ | = | କାରକ |

୪) **'ଉକ' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ନିନ୍ଦ୍ | + | ଉକ | = | ନିନ୍ଦୁକ | | ଭୂ | + | ଉକ | = | ଭାବୁକ |
| ଭିକ୍ଷ୍ | + | ଉକ | = | ଭିକ୍ଷୁକ | | | | | | |

୫) **'ଇ' ପ୍ରତ୍ୟୟ**

| | | | | | | |
|---|---|---|---|---|---|---|
| ଜଳ | - | ଧା | + | ଇ | = | ଜଳଧି |
| ବି | - | ଧା | + | ଇ | = | ବିଧି |
| ନି | - | ଧା | + | ଇ | = | ନିଧି |

୬) **'ଇଷ୍ଣୁ' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ବୃଧ୍ | + | ଇଷ୍ଣୁ | = | ବର୍ଦ୍ଧିଷ୍ଣୁ | | ସହ୍ | + | ଇଷ୍ଣୁ | = | ସହିଷ୍ଣୁ |

୭) **'ଇନ୍' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ଭୂ | + ଇନ୍ | = | ଭାବୀ | ସତ୍ୟ | - | ବଦ୍ | + | ଇନ୍ | = | ସତ୍ୟବାଦୀ |
| ଅଧି- କୃ | + ଇନ୍ | = | ଅଧିକାରୀ | ପ୍ର | - | ବସ୍ | + | ଇନ୍ | = | ପ୍ରବାସୀ |
| ସ୍ଥା | + ଇନ୍ | = | ସ୍ଥାୟୀ | ଉପ | - | କୃ | + | ଇନ୍ | = | ଉପକାରୀ |

୮) **'ତ' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| କୃ | + | ତ | = | କୃତ | | ଯୁଜ୍ | + | ତ | = | ଯୁକ୍ତ |
| ଜୀବ୍ | + | ତ | = | ଜୀବିତ | | ଶମ୍ | + | ତ | = | ଶାନ୍ତ |
| ହନ୍ | + | ତ | = | ହତ | | ସିଚ୍ | + | ତ | = | ସିକ୍ତ |
| ପ୍ରୀ | + | ତ | = | ପ୍ରୀତ | | ଶୁଧ୍ | + | ତ | = | ଶୁଦ୍ଧ |
| ଭୂ | + | ତ | = | ଭୂତ | | ପଚ୍ | + | ତ | = | ପକ୍ୱ |

୯) **'ତି' ପ୍ରତ୍ୟୟ**

| | | | | | | | | | | |
|---|---|---|---|---|---|---|---|---|---|---|
| ବୁଧ୍ | + | ତି | = | ବୁଦ୍ଧି | | ମୁଚ୍ | + | ତି | = | ମୁକ୍ତି |
| ସ୍ଥା | + | ତି | = | ସ୍ଥିତି | | ଶାସ୍ | + | ତି | = | ଶାସ୍ତି |
| ଦୃଶ୍ | + | ତି | = | ଦୃଷ୍ଟି | | ଭଜ୍ | + | ତି | = | ଭକ୍ତି |
| ସ୍ମୃ | + | ତି | = | ସ୍ମୃତି | | ମନ୍ | + | ତି | = | ମତି |
| କୃ | + | ତି | = | କୃତି | | ଶମ୍ | + | ତି | = | ଶାନ୍ତି |

### ୧୦) 'ତବ୍ୟ' ପ୍ରତ୍ୟୟ

| | |
|---|---|
| କୃ + ତବ୍ୟ = କର୍ତ୍ତବ୍ୟ | ଗମ୍ + ତବ୍ୟ = ଗନ୍ତବ୍ୟ |
| ଦୃଶ୍ + ତବ୍ୟ = ଦ୍ରଷ୍ଟବ୍ୟ | ବଚ୍ + ତବ୍ୟ = ବକ୍ତବ୍ୟ |
| ଦା + ତବ୍ୟ = ଦାତବ୍ୟ | ଶ୍ରୁ + ତବ୍ୟ = ଶ୍ରୋତବ୍ୟ |
| ଜ୍ଞା + ତବ୍ୟ = ଜ୍ଞାତବ୍ୟ | ଭୁଜ୍ + ତବ୍ୟ = ଭୋକ୍ତବ୍ୟ |
| ମନ୍ + ତବ୍ୟ = ମନ୍ତବ୍ୟ | ଲଭ୍ + ତବ୍ୟ = ଲବ୍ଧବ୍ୟ |

### ୧୧) 'ଅନୀୟ' ପ୍ରତ୍ୟୟ

| | |
|---|---|
| ସ୍ମୃ + ଅନୀୟ = ସ୍ମରଣୀୟ | ଗ୍ରହ୍ + ଅନୀୟ = ଗ୍ରହଣୀୟ |
| କୃ + ଅନୀୟ = କରଣୀୟ | ବନ୍ଦ୍ + ଅନୀୟ = ବନ୍ଦନୀୟ |
| ପଠ୍ + ଅନୀୟ = ପଠନୀୟ | ପାଳ୍ + ଅନୀୟ = ପାଳନୀୟ |
| ପୂଜ୍ + ଅନୀୟ = ପୂଜନୀୟ | ଦୃଶ୍ + ଅନୀୟ = ଦର୍ଶନୀୟ |
| ଶ୍ରୁ + ଅନୀୟ = ଶ୍ରବଣୀୟ | ପା + ଅନୀୟ = ପାନୀୟ |

### ୧୨) 'ଇତ୍ର' ପ୍ରତ୍ୟୟ

| | |
|---|---|
| ଚର୍ + ଇତ୍ର = ଚରିତ୍ର | ପୁ + ଇତ୍ର = ପବିତ୍ର |
| ବହ୍ + ଇତ୍ର = ବହିତ୍ର | ଖନ୍ + ଇତ୍ର = ଖନିତ୍ର |

### ୧୩) 'ଯ' ପ୍ରତ୍ୟୟ

| | |
|---|---|
| ପଠ୍ + ଯ = ପାଠ୍ୟ | ଶାସ୍ + ଯ = ଶିଷ୍ୟ |
| ଗମ୍ + ଯ = ଗମ୍ୟ | ବଚ୍ + ଯ = ବାଚ୍ୟ / ବାକ୍ୟ |
| ଦୃଶ୍ + ଯ = ଦୃଶ୍ୟ | ଋ + ଯ = ଆର୍ଯ୍ୟ |
| ପଦ୍ + ଯ = ପଦ୍ୟ | ପା + ଯ = ପେୟ |
| ଗଦ୍ + ଯ = ଗଦ୍ୟ | ଦା + ଯ = ଦେୟ |
| କୃ + ଯ = କାର୍ଯ୍ୟ | ବିଦ୍ + ଯ + ଆ = ବିଦ୍ୟା |
| ସହ୍ + ଯ = ସହ୍ୟ | ଶୀ + ଯ + ଆ = ଶଯ୍ୟା |

### ୧୪) 'ତ୍ର' ପ୍ରତ୍ୟୟ

| | |
|---|---|
| ବସ୍ + ତ୍ର = ବସ୍ତ୍ର | କ୍ଷି + ତ୍ର = କ୍ଷେତ୍ର |
| ଅସ୍ + ତ୍ର = ଅସ୍ତ୍ର | ସ୍ତୁ + ତ୍ର = ସ୍ତୋତ୍ର |
| ନୀ + ତ୍ର = ନେତ୍ର | ପତ୍ + ତ୍ର = ପତ୍ର |

**୧୫) 'ତୃ' ପ୍ରତ୍ୟୟ**

| | | | | | | | | | | | |
|---|---|---|---|---|---|---|---|---|---|---|---|
| କୃ | + | ତୃ | = | କର୍ତ୍ତୃ / କର୍ତ୍ତା | ବି | - | ଜି | + | ତୃ | = | ବିଜେତା |
| ପା | + | ତୃ | = | ପିତୃ / ପିତା | ବି | - | କ୍ରୀ | + | ତୃ | = | ବିକ୍ରେତା |
| ମା | + | ତୃ | = | ମାତୃ / ମାତା | ନି | - | ଯମ୍ | + | ତୃ | = | ନିୟନ୍ତା |
| ନୀ | + | ତୃ | = | ନେତୃ / ନେତା | ବି | - | ଧା | + | ତୃ | = | ବିଧାତା |
| ଶ୍ରୁ | + | ତୃ | = | ଶ୍ରୋତୃ / ଶ୍ରୋତା | ପ୍ର | - | ବଚ୍ | + | ତୃ | = | ପ୍ରବକ୍ତା |

**୧୬) 'ର' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ନମ୍ | + | ର | = | ନମ୍ର | ରୁଦ୍ | + | ର | = | ରୁଦ୍ର |
| କମ୍ | + | ର | = | କମ୍ର | ହିଂସ୍ | + | ର | = | ହିଂସ୍ର |
| ଛିଦ୍ | + | ର | = | ଛିଦ୍ର | କ୍ଷୁଦ୍ | + | ର | = | କ୍ଷୁଦ୍ର |

**୧୭) 'ନ' ପ୍ରତ୍ୟୟ**

| | | | | | | | | | | | |
|---|---|---|---|---|---|---|---|---|---|---|---|
| ପ୍ରଚ୍ଛ୍ | + | ନ | = | ପ୍ରଶ୍ନ | ଯଜ୍ | + | ନ | = | ଯଜ୍ଞ | | |
| ଯତ୍ | + | ନ | = | ଯତ୍ନ | ତୃଷ୍ | + | ନ | + | ଆ | = | ତୃଷ୍ଣା |

**୧୮) 'ଉର' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଭଞ୍ଜ୍ | + | ଉର | = | ଭଙ୍ଗୁର | ମିଦ୍ | + | ଉର | = | ମେଦୁର |
| ବିଦ୍ | + | ଉର | = | ବିଦୁର | ଭାସ୍ | + | ଉର | = | ଭାସୁର |

**୧୯) 'ସନ୍' ପ୍ରତ୍ୟୟ**

ଇଚ୍ଛା କରିବା ଅର୍ଥରେ ଧାତୁରେ 'ସନ୍' ପ୍ରତ୍ୟୟ ହୁଏ । ଏହି ସନ୍ ପ୍ରତ୍ୟୟ ଦ୍ୱାରା ନିଷ୍ପନ୍ନ ପଦକୁ 'ସନ୍ନନ୍ତ ପଦ' କୁହାଯାଏ । 'ସନ୍' ପ୍ରତ୍ୟୟ ପରେ 'ଆ' ବା 'ଉ' ପ୍ରତ୍ୟୟ ଯୋଗ କରାଯାଇ ବିଶେଷ୍ୟ ପଦ ଗଠିତ ହୁଏ ।

ପିଇବାର ଇଚ୍ଛା = ପିପାସା (ପା - ସନ୍ + ଆ)

ଜାଣିବାର ଇଚ୍ଛା = ଜିଜ୍ଞାସା (ଜ୍ଞା - ସନ୍ + ଆ)

ଜୟ କରିବାର ଇଚ୍ଛା = ଜିଗୀଷା (ଜି - ସନ୍ + ଆ)

ହତ୍ୟା କରିବାର ଇଚ୍ଛା = ଜିଘାଂସା (ହନ୍ - ସନ୍ + ଆ)

ଲାଭ କରିବାର ଇଚ୍ଛା = ଲିପ୍ସା (ଲଭ୍ - ସନ୍ + ଆ)

ଦେଖିବାର ଇଚ୍ଛା = ଦିଦୃକ୍ଷା (ଦୃଶ୍ - ସନ୍ + ଆ)

କରିବାର ଇଚ୍ଛା = ଚିକୀର୍ଷା (କୃ - ସନ୍ + ଆ)

ଦାନ କରିବାର ଇଚ୍ଛା = ଦିତ୍ସା (ଦା - ସନ୍ + ଆ)

ଶୁଣିବାର ଇଚ୍ଛା = ଶୁଶ୍ରୂଷା (ଶ୍ରୁ - ସନ୍ + ଆ)

ମୁକ୍ତି ପାଇବାର ଇଚ୍ଛା = ମୁମୁକ୍ଷା (ମୁଚ୍ - ସନ୍ + ଆ)

ମରିବାର ଇଚ୍ଛା = ମୁମୂର୍ଷା (ମୃ - ସନ୍ + ଆ)

ପିଇବାକୁ ଇଚ୍ଛୁକ = ପିପାସୁ (ପା - ସନ୍ + ଉ)

ଜାଣିବାକୁ ଇଚ୍ଛୁକ = ଜିଜ୍ଞାସୁ (ଜ୍ଞା - ସନ୍ + ଉ)

ଲାଭକରିବାକୁ ଇଚ୍ଛୁକ = ଲିପ୍‌ସୁ (ଲଭ୍ - ସନ୍ + ଉ)

## ୫.୩ ଓଡ଼ିଆ କୃତ୍ ପ୍ରତ୍ୟୟ ଓ ନିଷ୍ପନ୍ନ ତଦ୍‌ଭବ - ଦେଶଜ ଶବ୍ଦ

**୧) 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କାଟ୍ | + | ଅ | = | କାଟ | ଡାକ୍ | + | ଅ | = | ଡାକ |
| କାନ୍ଦ୍ | + | ଅ | = | କାନ୍ଦ | ମାର୍ | + | ଅ | = | ମାର |
| ମୋଡ଼୍ | + | ଅ | = | ମୋଡ଼ | | | | | |

**୨) 'ଅଣ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଝୁଲ୍ | + | ଅଣ | = | ଝୁଲଣ | ଗଢ଼୍ | + | ଅଣ | = | ଗଢ଼ଣ |
| ଫୁଟ୍ | + | ଅଣ | = | ଫୁଟଣ | | | | | |

**୩) 'ଅଣା' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କାନ୍ଦ୍ | + | ଅଣା | = | କାନ୍ଦଣା | ପିଟ୍ | + | ଅଣା | = | ପିଟଣା |
| ରାନ୍ଧ୍ | + | ଅଣା | = | ରାନ୍ଧଣା | ବିଞ୍ଚ୍ | + | ଅଣା | = | ବିଞ୍ଚଣା |

**୪) 'ଅଣି' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଖଟ୍ | + | ଅଣି | = | ଖଟଣି | ଲୋଟ୍ | + | ଅଣି | = | ଲୋଟଣି |
| ଚଳ୍ | + | ଅଣି | = | ଚଳଣି | ରହ୍ | + | ଅଣି | = | ରହଣି |

**୫) 'ଅନ୍ତା' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଫେର୍ | + | ଅନ୍ତା | = | ଫେରନ୍ତା | ଫୁଟ୍ | + | ଅନ୍ତା | = | ଫୁଟନ୍ତା |
| ଚଳ୍ | + | ଅନ୍ତା | = | ଚଳନ୍ତା | ଉଡ଼୍ | + | ଅନ୍ତା | = | ଉଡ଼ନ୍ତା |
| ଜୀ | + | ଅନ୍ତା | = | ଜୀଅନ୍ତା | ଜଳ୍ | + | ଅନ୍ତା | = | ଜଳନ୍ତା |

**୬) 'ଅନ୍ତି' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଚଳ୍ | + | ଅନ୍ତି | = | ଚଳନ୍ତି | ଖଟ୍ | + | ଅନ୍ତି | = | ଖଟନ୍ତି |
| ଫଳ୍ | + | ଅନ୍ତି | = | ଫଳନ୍ତି | କହ୍ | + | ଅନ୍ତି | = | କହନ୍ତି |

୭) 'ଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବୁଣ୍ | + | ଆ | = | ବୁଣା | ରାନ୍ଧ୍ | + | ଆ | = | ରନ୍ଧା |
| ଚିହ୍ନ୍ | + | ଆ | = | ଚିହ୍ନା | ଛାଣ୍ | + | ଆ | = | ଛଣା |
| ଗଢ଼୍ | + | ଆ | = | ଗଢ଼ା | ଖେଳ୍ | + | ଆ | = | ଖେଳା |

୮) 'ଆଣ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଫେଡ଼୍ | + | ଆଣ | = | ଫେଡ଼ାଣ | ଉଠ୍ | + | ଆଣ | = | ଉଠାଣ |
| ମିଶ୍ | + | ଆଣ | = | ମିଶାଣ | ଭାସ୍ | + | ଆଣ | = | ଭସାଣ |

୯) 'ଆଣି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଭାସ୍ | + | ଆଣି | = | ଭସାଣି | ଗଡ଼୍ | + | ଆଣି | = | ଗଡ଼ାଣି |
| ବିନ୍ଧ୍ | + | ଆଣି | = | ବିନ୍ଧାଣି | ଚାହଁ | + | ଆଣି | = | ଚାହାଁଣି |
| ଉଠ୍ | + | ଆଣି | = | ଉଠାଣି | ଶୁଣ୍ | + | ଆଣି | = | ଶୁଣାଣି |

୧୦) 'ଆଉ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଘେର୍ | + | ଆଉ | = | ଘେରାଉ | ଚଢ଼୍ | + | ଆଉ | = | ଚଢ଼ାଉ |

୧୧) 'ଆଳି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ରାନ୍ଧ୍ | + | ଆଳି | = | ରନ୍ଧାଳି | ବାନ୍ଧ୍ | + | ଆଳି | = | ବନ୍ଧାଳି |
| କାଟ୍ | + | ଆଳି | = | କଟାଳି | ଖେଳ୍ | + | ଆଳି | = | ଖେଳାଳି |
| ବୁଡ଼୍ | + | ଆଳି | = | ବୁଡ଼ାଳି | ବିକ୍ | + | ଆଳି | = | ବିକାଳି |

୧୨) 'ଇ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଚାଲ୍ | + | ଇ | = | ଚାଲି | ବୋଲ୍ | + | ଇ | = | ବୋଲି |
| ମେଲ୍ | + | ଇ | = | ମେଲି | ଦୋଳ୍ | + | ଇ | = | ଦୋଳି |

୧୩) 'ଉଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପଢ଼୍ | + | ଉଆ | = | ପଢୁଆ | ଲାଜ୍ | + | ଉଆ | = | ଲାଜୁଆ |
| ଲଢ଼୍ | + | ଉଆ | = | ଲଢୁଆ | ଡର୍ | + | ଉଆ | = | ଡରୁଆ |

୧୪) 'ଉଆଳ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଖେଳ୍ | + | ଉଆଳ | = | ଖେଳୁଆଳ | ରଖ୍ | + | ଉଆଳ | = | ରଖୁଆଳ |
| ଜଗ୍ | + | ଉଆଳ | = | ଜଗୁଆଳ | | | | | |

୧୫) 'ଉଆଳି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଭାଗ୍ | + | ଉଆଳି | = | ଭାଗୁଆଳି | ଜଗ୍ | + | ଉଆଳି | = | ଜଗୁଆଳି |

୧୬) 'ଉଣି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ମାପ୍ | + | ଉଣି | = | ମାପୁଣି | ଢାଙ୍କ୍ | + | ଉଣି | = | ଢାଙ୍କୁଣି |
| ରାନ୍ଧ୍ | + | ଉଣି | = | ରାନ୍ଧୁଣି | ମାଗ୍ | + | ଉଣି | = | ମାଗୁଣି |

୧୭) 'ଉଣା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପା | + | ଉଣା | = | ପାଉଣା | ଗା | + | ଉଣା | = | ଗାଉଣା |

୧୮) 'ଏଣି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଭାଳ୍ | + | ଏଣି | = | ଭାଳେଣି | ବାଜ୍ | + | ଏଣି | = | ବାଜେଣି |
| ଜାଳ୍ | + | ଏଣି | = | ଜାଳେଣି | କାଟ୍ | + | ଏଣି | = | କାଟେଣି |

## ଅନୁଶୀଳନୀ

୧) କୃଦନ୍ତ କାହାକୁ କୁହାଯାଏ – ଉଦାହରଣ ସହ ବୁଝାଇ ଲେଖ ।

୨) ନିମ୍ନଲିଖିତ ପଦଗୁଡ଼ିକରେ ବ୍ୟବହୃତ ହୋଇ ଥିବା ପ୍ରତ୍ୟୟଗୁଡ଼ିକୁ ଚିହ୍ନାଅ ।

ପାଠକ, ମୁକ୍ତି, ଆର୍ଯ୍ୟ, ବେଦ, ଗଢ଼ାଣି, ହସ, ପାଉଣା, ଖେଳାଳି, ଚଳନ୍ତି, ସ୍ମରଣୀୟ, ଗୁଣୀ ।

୩) ନିମ୍ନଲିଖିତ ପଦ ଗୁଡ଼ିକରେ ବ୍ୟବହୃତ ହୋଇଥିବା ଧାତୁ ଗୁଡ଼ିକୁ ଚିହ୍ନାଅ ।

ଶାନ୍ତ, ଦାତବ୍ୟ, ଭକ୍ତି, ଶିଷ୍ୟ, ସ୍ତୋତ୍ର, କ୍ଷୁଦ୍ର, ଶିକ୍ଷକ, ଚାଲି, କଟାଳି, ପଢୁଆ, ଭସାଣି, ଝୁଲଣ,ପିଟଣା ।

୪) କୃଦନ୍ତ ପଦର ସହାୟତାରେ ନିମ୍ନଲିଖିତ ବାକ୍ୟାଂଶଗୁଡ଼ିକୁ ଏକ ପଦରେ ପ୍ରକାଶ କର ।

ଯେ ପାଠ କରେ, ଯେ ନୃତ୍ୟ କରେ, ଯେ ଭିକ୍ଷା କରେ, ଯାହା କରିବା ଉଚିତ, ଯେ ଶୁଣେ, ଯେ ମରିଅଛି, ମଧୁପାନ କରେ ଯେ, ଯେ ଜଗେ, ଯେ ଶାସନ କରେ, ଦାନର ଯୋଗ୍ୟ, ଯେ ଗାନ କରେ, ଜାଣିବାର ଇଚ୍ଛା, ଦେଖିବାକୁ ଇଚ୍ଛୁକ ।

୫) ନିମ୍ନଲିଖିତ ପଦଗୁଡ଼ିକ ମଧ୍ୟରୁ କୃଦନ୍ତ ପଦ ଗୁଡ଼ିକୁ ବାଛି ଲେଖ ।

ଗାଉଣା, ବୈଷ୍ଣବ, ଗନ୍ତବ୍ୟ, ଉଠାଣି, ଦାଶରଥି, ଖେଳୁଆଳ, କୌତୁକ, ପାଠ୍ୟ, ଶାରୀରିକ, ନିନ୍ଦୁକ ।

୬) ଉପଯୁକ୍ତ ଧାତୁ ବା ପ୍ରତ୍ୟୟ ଯୋଗ କରି ଶୂନ୍ୟସ୍ଥାନ ପୂରଣ କର ।

କ) ମା + ______ = ମାତୃ

ଖ) ଧର୍ + ______ = ଧରାଳି

ଗ) ______ + ଉଆ = ଲଢୁଆ

ଘ) ______ + ତ୍ର = ନେତ୍ର

ଙ) ଦୃଶ୍ + ______ = ଦର୍ଶନ

ଚ) ଉଡ଼୍ + ______ = ଉଡ଼ନ୍ତା

ଛ) ______ + ଆଳି = କଟାଳି

ଜ) ଡର୍ + ______= ଡରୁଆ

ଝ) ______ + ଉଣି = ଢାଙ୍କୁଣି

❖❖❖

**ଷଷ୍ଠ ଅଧ୍ୟାୟ**

# ତଦ୍ଧିତ ପଦ

**୬.୧** (କ) ଧର୍ମ + ଇକ = ଧାର୍ମିକ (ତତ୍‌ସମ ଶବ୍ଦ)

(ଖ) ଶଙ୍ଖା + ଆରି = ଶଙ୍ଖାରି (ତଦ୍‌ଭବ ଶବ୍ଦ)

(ଗ) ରୁପା + ଏଲି = ରୁପେଲି (ଦେଶଜ ଶବ୍ଦ)

(ଘ) ଘର + ବାଲା = ଘରବାଲା (ବୈଦେଶିକ ଶବ୍ଦ)

ଉପରେ ଲେଖାଯାଇଥିବା ପ୍ରଥମ ଉଦାହରଣରେ 'ଧର୍ମ' ଶବ୍ଦ ସହିତ ଆଚରଣ ଅର୍ଥରେ 'ଇକ' ପ୍ରତ୍ୟୟ ଯୁକ୍ତ ହୋଇ 'ଧାର୍ମିକ' ଶବ୍ଦ ଗଠିତ ହୋଇଛି । ଏହା ଏକ ତତ୍‌ସମ ଶବ୍ଦ । ଦ୍ୱିତୀୟ ଉଦାହରଣରେ 'ଶଙ୍ଖା' ଶବ୍ଦ ସହିତ ବୃତ୍ତି ଅର୍ଥରେ 'ଆରି' ପ୍ରତ୍ୟୟ ଯୁକ୍ତ ହୋଇ 'ଶଙ୍ଖାରି' ଶବ୍ଦ, ତୃତୀୟ ଉଦାହରଣରେ 'ରୁପା' ଶବ୍ଦ ସହିତ ସାଦୃଶ୍ୟ ଅର୍ଥରେ 'ଏଲି' ପ୍ରତ୍ୟୟ ଯୁକ୍ତ ହୋଇ 'ରୁପେଲି' ଶବ୍ଦ ଏବଂ ଚତୁର୍ଥ ଉଦାହରଣରେ 'ଘର' ଶବ୍ଦ ସହିତ ଅଧିକାର ଅର୍ଥରେ 'ବାଲା' ପ୍ରତ୍ୟୟ ଯୁକ୍ତ ହୋଇ 'ଘରବାଲା' ଶବ୍ଦ ଗଠିତ ହୋଇଛି ।

**ମନେରଖିବା :- ଭିନ୍ନ ଭିନ୍ନ ଅର୍ଥରେ ଶବ୍ଦ ସହିତ ଯେଉଁ ସବୁ ପ୍ରତ୍ୟୟ ଯୋଗ କରାଯାଇ ନୂତନ ଶବ୍ଦ ଗଠନ କରାଯାଏ, ସେହି ପ୍ରତ୍ୟୟ ଗୁଡ଼ିକୁ ତଦ୍ଧିତ (ତତ୍ + ହିତ = ତଦ୍ଧିତ) ପ୍ରତ୍ୟୟ କୁହାଯାଏ । ତଦ୍ଧିତ ପ୍ରତ୍ୟୟ ଦ୍ୱାରା ଗଠିତ ଶବ୍ଦକୁ ତଦ୍ଧିତାନ୍ତ ଶବ୍ଦ କୁହାଯାଏ ।**

ଗୋଟିଏ ଶବ୍ଦ ସହିତ ପ୍ରତ୍ୟୟ ଯୋଗକରି ଆଉ ଗୋଟିଏ ଶବ୍ଦ ଗଠିତ ହେବା ଦ୍ୱାରା ମୂଳ ଶବ୍ଦର ହିତ ସାଧିତ ହୋଇଥାଏ, କାରଣ ଏହା ଦ୍ୱାରା ମୂଳ ଶବ୍ଦର ବ୍ୟବହାର କ୍ଷେତ୍ର ବ୍ୟାପକ ହୋଇଥାଏ । ଉଦାହରଣ – 'କୁଳ' ଶବ୍ଦର ମୂଳ ଅର୍ଥ 'ବଂଶ' । ଏହି 'କୁଳ' ଶବ୍ଦ ସହିତ ଜାତ ଅର୍ଥରେ 'ଈନ' ପ୍ରତ୍ୟୟ ଯୁକ୍ତ ହୋଇ 'କୁଳୀନ' (ବ୍ୟକ୍ତି) ଓ ସମ୍ବନ୍ଧ ଅର୍ଥରେ 'ଇକ' ପ୍ରତ୍ୟୟ ଯୋଗଦ୍ୱାରା 'କୌଳିକ' (ବୃତ୍ତି) ଶବ୍ଦ ଗଠିତ ହୋଇ 'କୁଳ' ଶବ୍ଦର ବ୍ୟାବହାରିକ ଦିଗରେ ହିତ ସାଧନ କରୁଛି । ଏହା ହିଁ ତଦ୍ଧିତ ପ୍ରତ୍ୟୟର ମୂଳ ଲକ୍ଷ୍ୟ ।

ଓଡ଼ିଆ ଭାଷାରେ ବ୍ୟବହୃତ ତଦ୍ଧିତ ପ୍ରତ୍ୟୟ ଗୁଡ଼ିକୁ ନିମ୍ନଲିଖିତ ଭାବରେ ବିଭକ୍ତ କରାଯାଇପାରେ ।

**ତଦ୍ଧିତ ପ୍ରତ୍ୟୟ**

| ତତ୍‌ସମ (ସଂସ୍କୃତ) | ତଦ୍‌ଭବ - ଦେଶଜ (ଓଡ଼ିଆ) | ବୈଦେଶିକ |
|---|---|---|
| ନୀତି + ଇକ = ନୈତିକ | ଦାଢ଼ି + ଆ = ଦାଢ଼ିଆ | ଛାପା + ଖାନା |
| | ଦାନ୍ତ + ଉରା = ଦାନ୍ତୁରା | = ଛାପାଖାନା |

## ୬.୨. କ) ତତ୍‌ସମ ତଦ୍ଧିତ ପ୍ରତ୍ୟୟ

**୧) ଅପତ୍ୟ (ସନ୍ତାନ) ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବସୁଦେବ | + | ଅ | = | ବାସୁଦେବ | ପୃଥା | + | ଅ | = | ପାର୍ଥ |
| ମନୁ | + | ଅ | = | ମାନବ | କୁରୁ | + | ଅ | = | କୌରବ |
| ଭୃଗୁ | + | ଅ | = | ଭାର୍ଗବ | ରଘୁ | + | ଅ | = | ରାଘବ |

**୨) ଭକ୍ତ ବା ଉପାସକ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବିଷ୍ଣୁ | + | ଅ | = | ବୈଷ୍ଣବ | ବୁଦ୍ଧ | + | ଅ | = | ବୌଦ୍ଧ |
| ଶିବ | + | ଅ | = | ଶୈବ | ଶକ୍ତି | + | ଅ | = | ଶାକ୍ତ |
| ସୂର୍ଯ୍ୟ | + | ଅ | = | ସୌର | ମହେଶ୍ୱର | + | ଅ | = | ମାହେଶ୍ୱର |

**୩) ଭାବ ଅର୍ଥରେ 'ଅ'ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଶିଶୁ | + | ଅ | = | ଶୈଶବ | ପଟୁ | + | ଅ | = | ପାଟବ |
| ଲଘୁ | + | ଅ | = | ଲାଘବ | ଗୁରୁ | + | ଅ | = | ଗୌରବ |
| କୁଶଳ | + | ଅ | = | କୌଶଳ | କୁମାର | + | ଅ | = | କୌମାର |

**୪) ସଂଯୋଗ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ମଘା | + | ଅ | = | ମାଘ | ମୃଗଶିରା | + | ଅ | = | ମାର୍ଗଶିର |
| ଶ୍ରବଣା | + | ଅ | = | ଶ୍ରାବଣ | ପୁଷ୍ୟା | + | ଅ | = | ପୌଷ |
| ବିଶାଖା | + | ଅ | = | ବୈଶାଖ | କୃତ୍ତିକା | + | ଅ | = | କାର୍ତ୍ତିକ |

**୫) ସମ୍ବନ୍ଧ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦେବ | + | ଅ | = | ଦୈବ | ନିଶା | + | ଅ | = | ନୈଶ |
| ପୃଥିବୀ | + | ଅ | = | ପାର୍ଥିବ | ପଶୁ | + | ଅ | = | ପାଶବ |
| ଭରତ | + | ଅ | = | ଭାରତ | ସିନ୍ଧୁ | + | ଅ | = | ସୈନ୍ଧବ |

**୬) ନିବାସ ବା ଜାତ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଅରଣ୍ୟ | + | ଅ | = | ଆରଣ୍ୟ | ପୁର | + | ଅ | = | ପୌର |
| ଶରତ୍ | + | ଅ | = | ଶାରଦ | ଭୂମି | + | ଅ | = | ଭୌମ |
| ମଗଧ | + | ଅ | = | ମାଗଧ | ବିଦେହ | + | ଅ | = | ବୈଦେହ |

**୭) ଜ୍ଞାନ ବା ଅଧ୍ୟୟନ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବ୍ୟାକରଣ | + | ଅ | = | ବୈୟାକରଣ | ସ୍ମୃତି | + | ଅ | = | ସ୍ମାର୍ତ୍ତ |

**୮) କୃତ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | |
|---|---|---|---|---|
| ପତଞ୍ଜଳି | + | ଅ | = | ପାତଞ୍ଜଳ |
| ବଶିଷ୍ଠ | + | ଅ | = | ବାଶିଷ୍ଠ |
| ଋଷି | + | ଅ | = | ଆର୍ଷ |

**୯) ସ୍ୱ ଅର୍ଥରେ ବା ସେହି ଅର୍ଥରେ 'ଅ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଚୋର | + | ଅ | = | ଚୌର | ମରୁତ୍ | + | ଅ | = | ମାରୁତ |
| ବନ୍ଧୁ | + | ଅ | = | ବାନ୍ଧବ | ରକ୍ଷସ୍ | + | ଅ | = | ରାକ୍ଷସ |
| ଚଣ୍ଡାଳ | + | ଅ | = | ଚାଣ୍ଡାଳ | ପ୍ରଜ୍ଞା | + | ଅ | = | ପ୍ରାଜ୍ଞ |

**୧୦) କୁଶଳ ଅର୍ଥରେ 'ଅ' ପ୍ରତ୍ୟୟ**

| | | | | |
|---|---|---|---|---|
| ବିଦ୍ୟା | + | ଅ | = | ବୈଦ୍ୟ |

**୧୧) ଜ୍ଞାନ ବା ଅଧ୍ୟୟନ ଅର୍ଥରେ 'ଇକ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ପୁରାଣ | + | ଇକ | = | ପୌରାଣିକ | ଇତିହାସ | + | ଇକ | = | ଐତିହାସିକ |
| ବିଜ୍ଞାନ | + | ଇକ | = | ବୈଜ୍ଞାନିକ | ଭୂଗୋଳ | + | ଇକ | = | ଭୌଗୋଳିକ |
| ସାହିତ୍ୟ | + | ଇକ | = | ସାହିତ୍ୟିକ | ଧର୍ମ | + | ଇକ | = | ଧାର୍ମିକ |

**୧୨) ସମ୍ବନ୍ଧ ଅର୍ଥରେ 'ଇକ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦିନ | + | ଇକ | = | ଦୈନିକ | ପ୍ରଦେଶ | + | ଇକ | = | ପ୍ରାଦେଶିକ |
| ମୂଳ | + | ଇକ | = | ମୌଳିକ | ସମାଜ | + | ଇକ | = | ସାମାଜିକ |
| ଶରୀର | + | ଇକ | = | ଶାରୀରିକ | ମନସ୍ | + | ଇକ | = | ମାନସିକ |

**୧୩) ଜୀବିକା ଅର୍ଥରେ 'ଇକ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ତାମ୍ବୁଳ | + | ଇକ | = | ତାମ୍ବୁଳିକ | ତିଳ | + | ଇକ | = | ତୈଳିକ |

**୧୪) ଜାତ ଅର୍ଥରେ 'ଇକ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ସମୁଦ୍ର | + | ଇକ | = | ସାମୁଦ୍ରିକ | ଲୋକ | + | ଇକ | = | ଲୌକିକ |
| ତତ୍‌କାଳ | + | ଇକ | = | ତାତ୍‌କାଳିକ | ଅକସ୍ମାତ୍ | + | ଇକ | = | ଆକସ୍ମିକ |

**୧୫) ଅପତ୍ୟ ଅର୍ଥରେ 'ଇ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦଶରଥ | + | ଇ | = | ଦାଶରଥି | ପବନ | + | ଇ | = | ପାବନି |
| ସୁମିତ୍ରା | + | ଇ | = | ସୌମିତ୍ରି | ଦ୍ରୋଣ | + | ଇ | = | ଦ୍ରୌଣି |

**୧୬) ସମ୍ବନ୍ଧ ଅର୍ଥରେ 'ଈ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଶାସ୍ତ୍ର | + | ଈୟ | = | ଶାସ୍ତ୍ରୀୟ | ବିଦେଶ | + | ଈୟ | = | ବିଦେଶୀୟ |
| ଆତ୍ମା | + | ଈୟ | = | ଆତ୍ମୀୟ | ଜଳ | + | ଈୟ | = | ଜଳୀୟ |
| ଜାତି | + | ଈୟ | = | ଜାତୀୟ | ବଂଶ | + | ଈୟ | = | ବଂଶୀୟ |

**୧୭) ଜାତ ଅର୍ଥରେ 'ଈୟ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଉତ୍କଳ | + | ଈୟ | = | ଉତ୍କଳୀୟ | ବଙ୍ଗ | + | ଈୟ | = | ବଙ୍ଗୀୟ |
| ଭାରତ | + | ଈୟ | = | ଭାରତୀୟ | ଆମେରିକା | + | ଈୟ | = | ଆମେରିକୀୟ |

**୧୮) ଜାତ ଅର୍ଥରେ 'ଈନ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କୁଳ | + | ଈନ | = | କୁଳୀନ | ନବ | + | ଈନ | = | ନବୀନ |

**୧୯) ସମ୍ବନ୍ଧ ଅର୍ଥରେ 'ଈନ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବିଶ୍ୱଜନ | + | ଈନ | = | ବିଶ୍ୱଜନୀନ | ସର୍ବଜନ | + | ଈନ | = | ସାର୍ବଜନୀନ |
| ସର୍ବାଙ୍ଗ | + | ଈନ | = | ସର୍ବାଙ୍ଗୀନ | | | | | ସର୍ବଜନୀନ |

**୨୦) ଅପତ୍ୟ ଅର୍ଥରେ 'ଏୟ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗଙ୍ଗା | + | ଏୟ | = | ଗାଙ୍ଗେୟ | କୁନ୍ତୀ | + | ଏୟ | = | କୌନ୍ତେୟ |
| କୃତ୍ତିକା | + | ଏୟ | = | କାର୍ତ୍ତିକେୟ | ବିନତା | + | ଏୟ | = | ବୈନତେୟ |
| ଭଗିନୀ | + | ଏୟ | = | ଭାଗିନେୟ | | | | | |

**୨୧) ହିତ ଅର୍ଥରେ 'ଏୟ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଅତିଥି | + | ଏୟ | = | ଆତିଥେୟ | ପଥ | + | ଏୟ | = | ପାଥେୟ |

**୨୨) ଜାତ ଅର୍ଥରେ 'ଇତ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ପୁଷ୍ପ | + | ଇତ | = | ପୁଷ୍ପିତ | ତାରକା | + | ଇତ | = | ତାରକିତ |
| ଫଳ | + | ଇତ | = | ଫଳିତ | କଣ୍ଟକ | + | ଇତ | = | କଣ୍ଟକିତ |
| ପଲ୍ଲବ | + | ଇତ | = | ପଲ୍ଲବିତ | ମୁକୁଳ | + | ଇତ | = | ମୁକୁଳିତ |

**୨୩) ଅଛି ଅର୍ଥରେ 'ଇଳ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ପଙ୍କ | + | ଇଳ | = | ପଙ୍କିଳ | ଫେନ | + | ଇଳ | = | ଫେନିଳ |
| ଜଟା | + | ଇଳ | = | ଜଟିଳ | ଭଙ୍ଗ | + | ଇଳ | = | ଭଙ୍ଗିଳ |

**୨୪) ଅଛି ଅର୍ଥରେ 'ବିନ୍' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ତପସ୍ | + | ବିନ୍ | = | ତପସ୍ୱୀ | ଯଶସ୍ | + | ବିନ୍ | = | ଯଶସ୍ୱୀ |
| ମନସ୍ | + | ବିନ୍ | = | ମନସ୍ୱୀ | ମେଧା | + | ବିନ୍ | = | ମେଧାବୀ |

**୨୫) ଅଛି ଅର୍ଥରେ 'ମତ୍' ବା 'ବତ୍' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦୟା | + | ବତ୍ | = | ଦୟାବାନ୍ | ଶ୍ରୀ | + | ମତ୍ | = | ଶ୍ରୀମାନ୍ |
| ମୂଲ୍ୟ | + | ବତ୍ | = | ମୂଲ୍ୟବାନ୍ | ହନୁ | + | ମତ୍ | = | ହନୁମାନ୍ |
| ଧନ | + | ବତ୍ | = | ଧନବାନ୍ | ବୁଦ୍ଧି | + | ମତ୍ | = | ବୁଦ୍ଧିମାନ୍ |

**୨୬) ଅଛି ଅର୍ଥରେ 'ଇନ୍' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗୁଣ | + | ଇନ୍ | = | ଗୁଣୀ | ଧନ | + | ଇନ୍ | = | ଧନୀ |
| ଜ୍ଞାନ | + | ଇନ୍ | = | ଜ୍ଞାନୀ | ହସ୍ତ | + | ଇନ୍ | = | ହସ୍ତୀ |
| ସ୍ୱାଭିମାନ | + | ଇନ୍ | = | ସ୍ୱାଭିମାନୀ | ସଂଯମ | + | ଇନ୍ | = | ସଂଯମୀ |

**୨୭) ଅଛି ଅର୍ଥରେ 'ଶାଳିନ୍' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଶକ୍ତି | + | ଶାଳିନ୍ | = | ଶକ୍ତିଶାଳୀ | ଧନ | + | ଶାଳିନ୍ | = | ଧନଶାଳୀ |
| ବଳ | + | ଶାଳିନ୍ | = | ବଳଶାଳୀ | ବିଭବ | + | ଶାଳିନ୍ | = | ବିଭବଶାଳୀ |

**୨୮) ଅପତ୍ୟ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦିତି | + | ଯ | = | ଦୈତ୍ୟ | ଚଣକ | + | ଯ | = | ଚାଣକ୍ୟ |
| ଅଦିତି | + | ଯ | = | ଆଦିତ୍ୟ | ପ୍ରଜାପତି | + | ଯ | = | ପ୍ରାଜାପତ୍ୟ |

**୨୯) ଭକ୍ତ ବା ଉପାସକ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗଣପତି | + | ଯ | = | ଗାଣପତ୍ୟ | ବାୟୁ | + | ଯ | = | ବାୟବ୍ୟ |

**୩୦) ସମ୍ବନ୍ଧ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବାୟୁ | + | ଯ | = | ବାୟବ୍ୟ | ତାଲୁ | + | ଯ | = | ତାଲବ୍ୟ |
| ଈଶାନ | + | ଯ | = | ଐଶାନ୍ୟ | ଦନ୍ତ | + | ଯ | = | ଦନ୍ତ୍ୟ |

**୩୧) ଯୋଗ୍ୟ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବଧ | + | ଯ | = | ବଧ୍ୟ | ଦଣ୍ଡ | + | ଯ | = | ଦଣ୍ଡ୍ୟ |

**୩୨) ନିମିତ୍ତ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଅର୍ଘ | + | ଯ | = | ଅର୍ଘ୍ୟ | ପଦ | + | ଯ | = | ପାଦ୍ୟ |
| ଅତିଥି | + | ଯ | = | ଆତିଥ୍ୟ | | | | | |

**୩୩) ସ୍ୱ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ସେନା | + | ଯ | = | ସୈନ୍ୟ | ମର୍ତ୍ତ | + | ଯ | = | ମର୍ତ୍ତ୍ୟ |
| ନବ | + | ଯ | = | ନବ୍ୟ | ତ୍ରିଲୋକ | + | ଯ | = | ତ୍ରୈଲୋକ୍ୟ |

**୩୪) ଜାତ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗ୍ରାମ | + | ଯ | = | ଗ୍ରାମ୍ୟ | ପଶ୍ଚାତ୍ | + | ଯ | = | ପାଶ୍ଚାତ୍ୟ |
| ବନ | + | ଯ | = | ବନ୍ୟ | ବହିଃ | + | ଯ | = | ବାହ୍ୟ |
| ଅନ୍ତ | + | ଯ | = | ଅନ୍ତ୍ୟ | ପ୍ରାଚ୍ | + | ଯ | = | ପ୍ରାଚ୍ୟ |

**୩୫) କର୍ମ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଚୌର | + | ଯ | = | ଚୌର୍ଯ୍ୟ | ବଣିଜ | + | ଯ | = | ବାଣିଜ୍ୟ |
| ପୁରୋହିତ | + | ଯ | = | ପୌରୋହିତ୍ୟ | ଦୂତ | + | ଯ | = | ଦୌତ୍ୟ |

**୩୬) ଭାବ ଅର୍ଥରେ 'ଯ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଅଳସ | + | ଯ | = | ଆଳସ୍ୟ | ସୁନ୍ଦର | + | ଯ | = | ସୌନ୍ଦର୍ଯ୍ୟ |
| ମଧୁର | + | ଯ | = | ମାଧୁର୍ଯ୍ୟ | ସୁଭଗ | + | ଯ | = | ସୌଭାଗ୍ୟ |
| ଚଞ୍ଚଳ | + | ଯ | = | ଚାଞ୍ଚଲ୍ୟ | କୃପଣ | + | ଯ | = | କାର୍ପଣ୍ୟ |

### ୩୭) ଗୁଣ ଅର୍ଥରେ 'ଯ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ସୁଜନ | + | ଯ | = | ସୌଜନ୍ୟ | ବୀର | + | ଯ | = | ବୀର୍ଯ୍ୟ |
| ବତ୍ସଳ | + | ଯ | = | ବାତ୍ସଲ୍ୟ | ସୁହୃଦ୍ | + | ଯ | = | ସୌହାର୍ଦ୍ଦ୍ୟ |

### ୩୮) ଭାବ ଅର୍ଥରେ 'ତା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗୁରୁ | + | ତା | = | ଗୁରୁତା | ଉଦାସୀନ | + | ତା | = | ଉଦାସୀନତା |
| ଲଘୁ | + | ତା | = | ଲଘୁତା | ସ୍ଥିର | + | ତା | = | ସ୍ଥିରତା |

### ୩୯) ଭାବ ଅର୍ଥରେ 'ତ୍ୱ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗୁରୁ | + | ତ୍ୱ | = | ଗୁରୁତ୍ୱ | ପ୍ରଭୁ | + | ତ୍ୱ | = | ପ୍ରଭୁତ୍ୱ |
| ଲଘୁ | + | ତ୍ୱ | = | ଲଘୁତ୍ୱ | ନର | + | ତ୍ୱ | = | ନରତ୍ୱ |
| ଦାସ | + | ତ୍ୱ | = | ଦାସତ୍ୱ | | | | | |

### ୪୦) କାଳ ଅର୍ଥରେ 'ଦା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଏକ | + | ଦା | = | ଏକଦା | ସର୍ବ | + | ଦା | = | ସର୍ବଦା |

### ୪୧) ପ୍ରକାର ଅର୍ଥରେ 'ଥା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଅନ୍ୟ | + | ଥା | = | ଅନ୍ୟଥା | ସର୍ବ | + | ଥା | = | ସର୍ବଥା |
| ଯଦ୍ | + | ଥା | = | ଯଥା | ତଦ୍ | + | ଥା | = | ତଥା |

### ୪୨) ପ୍ରକାର ଅର୍ଥରେ 'ଧା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଶତ | + | ଧା | = | ଶତଧା | ସହସ୍ର | + | ଧା | = | ସହସ୍ରଧା |
| ବହୁ | + | ଧା | = | ବହୁଧା | ନବ | + | ଧା | = | ନବଧା |

### ୪୩) ଜାତ ଅର୍ଥରେ 'ତନ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପୁରା | + | ତନ | = | ପୁରାତନ | ଅଧୁନା | + | ତନ | = | ଅଧୁନାତନ |
| ଚିରଂ | + | ତନ | = | ଚିରନ୍ତନ | ସଦା | + | ତନ | = | ସଦାତନ / ସନାତନ |

### ୪୪) ସ୍ୱାର୍ଥରେ (ସେହି ଅର୍ଥରେ) 'ମୟ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଜଳ | + | ମୟ | = | ଜଳମୟ | ସ୍ୱର୍ଣ୍ଣ | + | ମୟ | = | ସ୍ୱର୍ଣ୍ଣମୟ |
| ଧୂମ | + | ମୟ | = | ଧୂମମୟ | ପାପ | + | ମୟ | = | ପାପମୟ |

୪୫) ଦୁଇଟି ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ତର' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପ୍ରିୟ | + | ତର | = | ପ୍ରିୟତର | ବୃହତ୍ | + | ତର | = | ବୃହତ୍ତର |
| କ୍ଷୁଦ୍ର | + | ତର | = | କ୍ଷୁଦ୍ରତର | ଗୁରୁ | + | ତର | = | ଗୁରୁତର |

୪୬) ଦୁଇଟି ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ଈୟସ୍' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗୁରୁ | + | ଈୟସ୍ | = | ଗରୀୟାନ୍ | ବଳ | + | ଈୟସ୍ | = | ବଳୀୟାନ୍ |
| ବୃଦ୍ଧ | + | ଈୟସ୍ | = | ବର୍ଷୀୟାନ୍ | ବହୁ | + | ଈୟସ୍ | = | ଭୂୟାନ୍ |

୪୭) ଅନେକ ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ତମ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଗୁରୁ | + | ତମ | = | ଗୁରୁତମ | ବୃହତ୍ | + | ତମ | = | ବୃହତ୍ତମ |
| ଦୀର୍ଘ | + | ତମ | = | ଦୀର୍ଘତମ | ପ୍ରିୟ | + | ତମ | = | ପ୍ରିୟତମ |

୪୮) ଅନେକ ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ଅର୍ଥରେ 'ଇଷ୍ଠ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବଳ | + | ଇଷ୍ଠ | = | ବଳିଷ୍ଠ | ପ୍ରଶସ୍ୟ | + | ଇଷ୍ଠ | = | ଶ୍ରେଷ୍ଠ |
| ବହୁ | + | ଇଷ୍ଠ | = | ଭୂୟିଷ୍ଠ | ବୃଦ୍ଧ | + | ଇଷ୍ଠ | = | ଜ୍ୟେଷ୍ଠ / ବର୍ଷିଷ୍ଠ |

୪୯) ତୁଲ୍ୟ ଅର୍ଥରେ 'ସ୍ଥାନୀୟ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ପିତୃ | + | ସ୍ଥାନୀୟ | = | ପିତୃସ୍ଥାନୀୟ | ମାତୃ | + | ସ୍ଥାନୀୟ | = | ମାତୃସ୍ଥାନୀୟ |

୫୦) ଅଛି ଅର୍ଥରେ 'ଆଳୁ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଦୟା | + | ଆଳୁ | = | ଦୟାଳୁ | ଭୟ | + | ଆଳୁ | = | ଭୟାଳୁ |
| ଶ୍ରଦ୍ଧା | + | ଆଳୁ | = | ଶ୍ରଦ୍ଧାଳୁ | କୃପା | + | ଆଳୁ | = | କୃପାଳୁ |

## ୬.୩ ଓଡ଼ିଆ ତଦ୍ଧିତ ପ୍ରତ୍ୟୟ

### ବିଭିନ୍ନ ଅର୍ଥରେ 'ଆ' ପ୍ରତ୍ୟୟ

୧) ଅଛି ଅର୍ଥରେ 'ଆ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଧୂଳି | + | ଆ | = | ଧୂଳିଆ | କୁହୁଡ଼ି | + | ଆ | = | କୁହୁଡ଼ିଆ |
| ଦାଢ଼ି | + | ଆ | = | ଦାଢ଼ିଆ | ପେଟ | + | ଆ | = | ପେଟା |

୨) ଦକ୍ଷତା ଅର୍ଥରେ 'ଆ' ପ୍ରତ୍ୟୟ

ମହୁରି + ଆ = ମହୁରିଆ　　କାହାଳି + ଆ = କାହାଳିଆ

୩) ସ୍ୱ ଅର୍ଥରେ 'ଆ' ପ୍ରତ୍ୟୟ

ସରୁ + ଆ = ସରୁଆ　　ଟାଙ୍ଗର + ଆ = ଟାଙ୍ଗରା

ନାଲି + ଆ = ନାଲିଆ　　ଗୋଳି + ଆ = ଗୋଳିଆ

୪) ତୁଲ୍ୟ ଅର୍ଥରେ 'ଆ' ପ୍ରତ୍ୟୟ

ପ୍ରଜାପତି + ଆ = ପ୍ରଜାପତିଆ　　ଗେରୁ + ଆ = ଗେରୁଆ

ବରକୋଳି + ଆ = ବରକୋଳିଆ　　ଗଧ + ଆ = ଗଧା

୫) ଅନାଦର ଅର୍ଥରେ 'ଆ' ପ୍ରତ୍ୟୟ

ଗୋବିନ୍ଦ + ଆ = ଗୋବିନ୍ଦା　　ହରି + ଆ = ହରିଆ

ଯଦୁ + ଆ = ଯଦୁଆ　　ବାସୁ + ଆ = ବାସୁଆ

୬) କର୍ମ ଅର୍ଥରେ 'ଆ' ପ୍ରତ୍ୟୟ

ବେଠି + ଆ = ବେଠିଆ　　ମେଳି + ଆ = ମେଳିଆ

କୋଠି + ଆ = କୋଠିଆ

୭) କ୍ଷୁଦ୍ର ଅର୍ଥରେ 'ଆ' ପ୍ରତ୍ୟୟ

ଥାଳି + ଆ = ଥାଳିଆ

## ୬.୪ ବିଭିନ୍ନ ଅର୍ଥରେ 'ଆଳ' ପ୍ରତ୍ୟୟ

୮) ଅଛି ଅର୍ଥରେ 'ଆଳ' ପ୍ରତ୍ୟୟ

ଗଣ୍ଡି + ଆଳ = ଗଣ୍ଡିଆଳ

୯) ବୃତ୍ତି ଅର୍ଥରେ 'ଆଳ' ପ୍ରତ୍ୟୟ

ଗାଈ + ଆଳ = ଗାଈଆଳ　　ମଇଁଷି + ଆଳ = ମଇଁଷିଆଳ

## ୬.୫ ବିଭିନ୍ନ ଅର୍ଥରେ 'ଆଳି' ପ୍ରତ୍ୟୟ

**୧୦) ସମୂହ ଅର୍ଥରେ 'ଆଳି' ପ୍ରତ୍ୟୟ**

ଦୀପ + ଆଳି = ଦୀପାଳି

**୧୧) ଜାତ ଅର୍ଥରେ 'ଆଳି' ପ୍ରତ୍ୟୟ**

ଚଇତ + ଆଳି = ଚଇତାଳି

**୧୨) ଅଭ୍ୟାସ ବା ଦକ୍ଷତା ଅର୍ଥରେ 'ଆଳି' ପ୍ରତ୍ୟୟ**

ଖେଳ + ଆଳି = ଖେଳାଳି ଚଢ଼ା + ଆଳି = ଚଢ଼ାଳି

ପହଁରା + ଆଳି = ପହଁରାଳି ଚିରା + ଆଳି = ଚିରାଳି

**୧୩)ବୃତ୍ତି ବା ବ୍ୟବସାୟ ଅର୍ଥରେ 'ଆରି' ପ୍ରତ୍ୟୟ**

ଶଙ୍ଖା + ଆରି = ଶଙ୍ଖାରି କଂସା + ଆରି = କଂସାରି

**୧୪) ଅଛି ଅର୍ଥରେ 'ଆଳିଆ' ପ୍ରତ୍ୟୟ**

କଣ୍ଟା + ଆଳିଆ = କଣ୍ଟାଳିଆ ଝଙ୍କା + ଆଳିଆ = ଝଙ୍କାଳିଆ

ବୁଦା + ଆଳିଆ = ବୁଦାଳିଆ

## ୬.୬ ବିଭିନ୍ନ ଅର୍ଥରେ ଇ ପ୍ରତ୍ୟୟ

**୧୫) କ୍ଷୁଦ୍ର ଅର୍ଥରେ 'ଇ' ପ୍ରତ୍ୟୟ**

ଘଣ୍ଟ + ଇ = ଘଣ୍ଟି କାଠ + ଇ = କାଠି

ଚକ + ଇ = ଚକି ଖଣ୍ଡ + ଇ = ଖଣ୍ଡି

**୧୬) ବୃତ୍ତି ଅର୍ଥରେ 'ଇ' ପ୍ରତ୍ୟୟ**

ଚାକର + ଇ = ଚାକିରି ଡାକ୍ତର + ଇ = ଡାକ୍ତରି

ମୁକ୍ତାର + ଇ = ମୁକ୍ତାରି ମହାଜନ + ଇ = ମହାଜନି

**୧୭) ସ୍ୱ ଅର୍ଥରେ 'ଇ' ପ୍ରତ୍ୟୟ**

କାଙ୍ଗାଳ + ଇ = କାଙ୍ଗାଳି ଗହଳ + ଇ = ଗହଳି

**୧୮) ଜାତ ଅର୍ଥରେ 'ଇ' ପ୍ରତ୍ୟୟ**

ଚଇତ + ଇ = ଚଇତି

**୧୯) ଅଛି ଅର୍ଥରେ 'ଇ' ପ୍ରତ୍ୟୟ**

ଘଡ଼ଘଡ଼ + ଇ = ଘଡ଼ଘଡ଼ି

**୬.୭ ବିଭିନ୍ନ ଅର୍ଥରେ 'ଇଆ' ପ୍ରତ୍ୟୟ**

**୨୦) ବୃତ୍ତି ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ମୂଳ | + | ଇଆ | = | ମୂଳିଆ | ଗୁଡ଼ | + | ଇଆ | = | ଗୁଡ଼ିଆ |
| ହଳ | + | ଇଆ | = | ହଳିଆ | ଚାକର | + | ଇଆ | = | ଚାକିରିଆ |

**୨୧) ସଂଖ୍ୟା ବା ପରିମାଣ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଦୁଇଟଙ୍କା | + | ଇଆ | = | ଦୁଇଟଙ୍କିଆ | ପାଞ୍ଚହାତ | + | ଇଆ | = | ପାଞ୍ଚହାତିଆ |
| ଚାରିସେର | + | ଇଆ | = | ଚାରିସେରିଆ | ଦଶକେଜି | + | ଇଆ | = | ଦଶକେଜିଆ |

**୨୨) ସାଦୃଶ୍ୟ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଚଉଳ | + | ଇଆ | = | ଚଉଳିଆ | ବାଇଗଣ | + | ଇଆ | = | ବାଇଗଣିଆ |
| ମଲ୍ଲିଫୁଲ | + | ଇଆ | = | ମଲ୍ଲିଫୁଲିଆ | ସୋରିଷ | + | ଇଆ | = | ସୋରିଷିଆ |

**୨୩) ଅତିଶୟ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ମୁନ | + | ଇଆ | = | ମୁନିଆ | ଲୁଣ | + | ଇଆ | = | ଲୁଣିଆ |

**୨୪) ଅଛି ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କପାଳ | + | ଇଆ | = | କପାଳିଆ | କପଟ | + | ଇଆ | = | କପଟିଆ |
| ସୁହାଗ | + | ଇଆ | = | ସୁହାଗିଆ | ଅନ୍ଧାର | + | ଇଆ | = | ଅନ୍ଧାରିଆ |

**୨୫) ଜାତ ବା ନିବାସ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କଟକ | + | ଇଆ | = | କଟକିଆ | ପାହାଡ଼ | + | ଇଆ | = | ପାହାଡ଼ିଆ |
| ସହର | + | ଇଆ | = | ସହରିଆ | ଖରାଦିନ | + | ଇଆ | = | ଖରାଦିନିଆ |

**୨୬) ସ୍ୱ ଅର୍ଥରେ 'ଇଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କଅଁଳ | + | ଇଆ | = | କଅଁଳିଆ | ମଧୁର | + | ଇଆ | = | ମଧୁରିଆ |
| ବହଳ | + | ଇଆ | = | ବହଳିଆ | | | | | |

**୬.୮ ବିଭିନ୍ନ ଅର୍ଥରେ 'ଈ' ପ୍ରତ୍ୟୟ**

**୨୭) ବୃତ୍ତି ଅର୍ଥରେ 'ଈ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ତନ୍ତ | + | ଈ | = | ତନ୍ତୀ | ଦୋକାନ | + | ଈ | = | ଦୋକାନୀ |

**୨୮) ଜାତ ଅର୍ଥରେ 'ଈ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ପରଦେଶ | + | ଈ | = | ପରଦେଶୀ | ଉଆଁସ | + | ଈ | = | ଉଆଁସୀ |

**୨୯) ଅଛି ଅର୍ଥରେ 'ଈ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଅଭାବ | + | ଈ | = | ଅଭାବୀ | ଦାଗ | + | ଈ | = | ଦାଗୀ |
| ଭୋକ | + | ଈ | = | ଭୋକୀ | ଶୋଷ | + | ଈ | = | ଶୋଷୀ |

**୩୦) ସମ୍ବନ୍ଧ ଅର୍ଥରେ 'ଈ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| କଟକ | + | ଈ | = | କଟକୀ | ବନାରସ | + | ଈ | = | ବନାରସୀ |

## ୬.୯ ବିଭିନ୍ନ ଅର୍ଥରେ ଉଆ ପ୍ରତ୍ୟୟ

**୩୧) ଅଛି ଅର୍ଥରେ 'ଉଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ନିଶ | + | ଉଆ | = | ନିଶୁଆ | ପାଠ | + | ଉଆ | = | ପାଠୁଆ |
| ବଳ | + | ଉଆ | = | ବଳୁଆ | ଦାଢ଼ | + | ଉଆ | = | ଦାଢ଼ୁଆ |

**୩୨) ଅଭ୍ୟାସ ଅର୍ଥରେ 'ଉଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ମିଛ | + | ଉଆ | = | ମିଛୁଆ | ଖଚ | + | ଉଆ | = | ଖଚୁଆ |
| ଗାଲ | + | ଉଆ | = | ଗାଲୁଆ | ମାଡ଼ | + | ଉଆ | = | ମାଡ଼ୁଆ |

**୩୩) ବୃତ୍ତି ଅର୍ଥରେ 'ଉଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ନାଟ | + | ଉଆ | = | ନାଟୁଆ | ସାପ | + | ଉଆ | = | ସାପୁଆ |
| ହାଟ | + | ଉଆ | = | ହାଟୁଆ | ଭାର | + | ଉଆ | = | ଭାରୁଆ |

**୩୪) ତୁଲ୍ୟ ଅର୍ଥରେ 'ଉଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଶାଗ | + | ଉଆ | = | ଶାଗୁଆ | ଚାନ୍ଦ | + | ଉଆ | = | ଚାନ୍ଦୁଆ |
| କାଠ | + | ଉଆ | = | କାଠୁଆ | ବାଘ | + | ଉଆ | = | ବାଘୁଆ |

**୩୫) ଜାତ ଅର୍ଥରେ 'ଉଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ବାଣ | + | ଉଆ | = | ବାଣୁଆ | ଆଷାଢ଼ | + | ଉଆ | = | ଆଷାଢ଼ୁଆ |

**୩୬) ବାସ ବା ସଂପର୍କ ଅର୍ଥରେ 'ଉଆ' ପ୍ରତ୍ୟୟ**

| | | | | | | | | | |
|---|---|---|---|---|---|---|---|---|---|
| ଗାତ | + | ଉଆ | = | ଗାତୁଆ | ଘର | + | ଉଆ | = | ଘରୁଆ |

## ୬.୧୦ ବିଭିନ୍ନ ଅର୍ଥରେ 'ଉରା' ପ୍ରତ୍ୟୟ

**୩୭) ଅଛି ଅର୍ଥରେ 'ଉରା' ପ୍ରତ୍ୟୟ**

ଦାନ୍ତ + ଉରା = ଦାନ୍ତୁରା    ମନ୍ତ୍ର (ମନ୍ତ)+ ଉରା = ମନ୍ତୁରା

**୩୮) ଅଭ୍ୟାସ ଅର୍ଥରେ 'ଉରା' ପ୍ରତ୍ୟୟ**

କାନ୍ଦ + ଉରା = କାନ୍ଦୁରା    ମୂତ + ଉରା = ମୂତୁରା

**୩୯) ସାଦୃଶ୍ୟ ଅର୍ଥରେ 'ଏଲି' ପ୍ରତ୍ୟୟ**

ରୁପା + ଏଲି = ରୁପେଲି    ସୁନା + ଏଲି = ସୁନେଲି

**୪୦) ସମ୍ବନ୍ଧ ଅର୍ଥରେ 'କା' / 'କାର' ପ୍ରତ୍ୟୟ**

ଆଜି + କା / କାର = ଆଜିକା / ଆଜିକାର

କାଲି + କା / କାର = କାଲିକା / କାଲିକାର

**୪୧) ସ୍ୱଭାବ ଅର୍ଥରେ 'କୁଳା' ପ୍ରତ୍ୟୟ**

ଡର + କୁଳା = ଡରକୁଳା    ହସ + କୁଳା = ହସକୁଳା

**୪୨) ବ୍ୟବସାୟ ଅର୍ଥରେ 'ରା' ପ୍ରତ୍ୟୟ**

ପାନ + ରା = ପାନରା    କାଚ + ରା = କାଚରା

**୪୩) ଅଛି ଅର୍ଥରେ 'ବନ୍ତ' / 'ମନ୍ତ' ପ୍ରତ୍ୟୟ**

ଗୁଣ + ବନ୍ତ = ଗୁଣବନ୍ତ    ବୁଦ୍ଧି + ମନ୍ତ = ବୁଦ୍ଧିମନ୍ତ

ଧନ + ବନ୍ତ = ଧନବନ୍ତ    ଶ୍ରୀ + ମନ୍ତ = ଶ୍ରୀମନ୍ତ

**୪୪) ସାଦୃଶ୍ୟ ଅର୍ଥରେ 'ଚିଆ' ପ୍ରତ୍ୟୟ**

ପାଣି + ଚିଆ = ପାଣିଚିଆ    ମାଈ + ଚିଆ = ମାଈଚିଆ

**୪୫) ଭାବ ଅର୍ଥରେ 'ପଣ' ପ୍ରତ୍ୟୟ**

ଟାଣ + ପଣ = ଟାଣପଣ    ବୀର + ପଣ = ବୀରପଣ

## ୬.୧୧ ବୈଦେଶିକ ତଦ୍ଧିତ ପ୍ରତ୍ୟୟ

୧) ଅଧିକରଣ ଅର୍ଥରେ 'ଖାନା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଛାପା | + | ଖାନା | = | ଛାପାଖାନା | ବୈଠକ | + | ଖାନା | = | ବୈଠକଖାନା |
| ଡାକ୍ତର | + | ଖାନା | = | ଡାକ୍ତରଖାନା | ଭୂତ | + | ଖାନା | = | ଭୂତଖାନା |

୨) ଅଭ୍ୟାସ ଅର୍ଥରେ 'ଖୋର' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ନିଶା | + | ଖୋର | = | ନିଶାଖୋର | ଯୁଦ୍ଧ | + | ଖୋର | = | ଯୁଦ୍ଧଖୋର |
| ଜିଦ୍ | + | ଖୋର | = | ଜିଦ୍‌ଖୋର | ମକଦ୍ଦମା | + | ଖୋର | = | ମକଦ୍ଦମାଖୋର |

୩) ବ୍ୟବସାୟ ଅର୍ଥରେ 'ଗର' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| କାରି | + | ଗର | = | କାରିଗର | ସୌଦା | + | ଗର | = | ସୌଦାଗର |

୪) ଭାବ ଅର୍ଥରେ 'ଗିରି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ବାବୁ | + | ଗିରି | = | ବାବୁଗିରି | ଦାଦା | + | ଗିରି | = | ଦାଦାଗିରି |
| ହାକିମ | + | ଗିରି | = | ହାକିମଗିରି | କିରାଣି | + | ଗିରି | = | କିରାଣିଗିରି |

୫) ସ୍ୱଭବ ଅର୍ଥରେ 'ଆମି' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଠକ | + | ଆମି | = | ଠକାମି | ମୂର୍ଖ | + | ଆମି | = | ମୂର୍ଖାମି |
| ଦୁଷ୍ଟ | + | ଆମି | = | ଦୁଷ୍ଟାମି | ପାଗଳ | + | ଆମି | = | ପାଗଳାମି |

୬) ସ୍ୱଭାବ ଅର୍ଥରେ 'ବାଜ' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଧପା | + | ବାଜ | = | ଧପାବାଜ | ଧୋକା | + | ବାଜ | = | ଧୋକାବାଜ |
| ମାମଲା | + | ବାଜ | = | ମାମଲାବାଜ | | | | | |

୭) ଅଧିକାର ବା ବୃତ୍ତି ଅର୍ଥରେ 'ବାଲା' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଘର | + | ବାଲା | = | ଘରବାଲା | ପାଲା | + | ବାଲା | = | ପାଲାବାଲା |
| ଗାଡ଼ି | + | ବାଲା | = | ଗାଡ଼ିବାଲା | ବାଜା | + | ବାଲା | = | ବାଜାବାଲା |
| ଜମି | + | ବାଲା | = | ଜମିବାଲା | | | | | |

୮) ଅଧିକାର ଅର୍ଥରେ 'ଦାର' ପ୍ରତ୍ୟୟ

| | | | | | | | | | |
|---|---|---|---|---|---|---|---|---|---|
| ଜମି | + | ଦାର | = | ଜମିଦାର | ଭାଗ | + | ଦାର | = | ଭାଗୀଦାର |

## ଅନୁଶୀଳନୀ

୧. ତଦ୍ଧିତ ପ୍ରତ୍ୟୟ କାହାକୁ କୁହାଯାଏ – ଉଦାହରଣ ସହ ବୁଝାଇ ଦିଅ ।

୨. ନିମ୍ନଲିଖିତ ପଦଗୁଡ଼ିକରେ ବ୍ୟବହୃତ ହୋଇଥିବା ପ୍ରତ୍ୟୟଗୁଡ଼ିକୁ ଚିହ୍ନାଅ ।

କୁଳୀନ, ପାଶବ, ମାରୁତ, ବାନ୍ଧବ, ପାବନି, ଆତ୍ମୀୟ, ଚାଣକ୍ୟ, ତାଲବ୍ୟ, ଶ୍ରେଷ୍ଠ, ଘଣ୍ଟି, ମୂଳିଆ ।

୩. ନିମ୍ନଲିଖିତ ପଦଗୁଡ଼ିକରେ ବ୍ୟବହୃତ ହୋଇଥିବା ଶବ୍ଦଗୁଡ଼ିକୁ ଲେଖ ।

ଧାର୍ମିକ, କୌରବ, ପାଟବ, ଦାନ୍ତୁରୀ, ଭୌମ, ପ୍ରାଜ୍ଞ, ବୈଦ୍ୟ, ପ୍ରାଦେଶିକ, ଫେନିଳ, ଜ୍ୟେଷ୍ଠ, ବେଠିଆ, କାଠି, ଖେଳାଳି, ମଧୁରିଆ ।

୪. ଏକପଦରେ ପ୍ରକାଶ କର ।

ପୁଷ୍ୟା ନକ୍ଷତ୍ରଯୁକ୍ତ ମାସ, ଶଙ୍ଖା ବିକିବା ବ୍ୟବସାୟ ଯାହାର, ଦଶରଥଙ୍କର ପୁତ୍ର, ବନରୁ ଜାତ, ପୁରୋହିତଙ୍କର କର୍ମ, ସୁନ୍ଦରର ଭାବ, ଭୟ ଅଛି ଯାହାର, ପାହାଡ଼ରୁ ଜାତ ।

୫. ପ୍ରତ୍ୟେକରୁ ଦୁଇଟି ଲେଖାଏଁ ଉଦାହରଣ ଦିଅ ।

(କ) ସମୂହ ଅର୍ଥରେ 'ଆଳି' ପ୍ରତ୍ୟୟ

(ଖ) ଅପତ୍ୟ ଅର୍ଥରେ 'ଏୟ' ପ୍ରତ୍ୟୟ

(ଗ) ଅଭ୍ୟାସ ଅର୍ଥରେ 'ଉଆ' ପ୍ରତ୍ୟୟ

(ଘ) ବ୍ୟବସାୟ ଅର୍ଥରେ 'ରା' ପ୍ରତ୍ୟୟ

(ଙ) ଅଧିକାର ଅର୍ଥରେ 'ବାଲା' ପ୍ରତ୍ୟୟ

(ଚ) ବୃତ୍ତି ଅର୍ଥରେ 'ଇ' ପ୍ରତ୍ୟୟ

(ଛ) ଯୋଗ୍ୟ ଅର୍ଥରେ 'ଯ' ପ୍ରତ୍ୟୟ

❖❖❖

**ସପ୍ତମ ଅଧ୍ୟାୟ**

# କାରକ ଓ ବିଭକ୍ତି

**୭.୧ : "ରାଜା ପ୍ରଭାତରେ ଭିକ୍ଷୁକମାନଙ୍କୁ ରାଜକୋଷରୁ ସ୍ୱହସ୍ତରେ ଗାଈଗୁଡ଼ିକୁ ଦାନ କଲେ ।"**

ଏହି ବାକ୍ୟରେ କ୍ରିୟାପଦ ହେଉଛି 'ଦାନକଲେ' । ଏହି କ୍ରିୟାପଦ ସହିତ ଅନ୍ୟପଦଗୁଡ଼ିକ ସମ୍ବନ୍ଧିତ । ଏହି ସମ୍ବନ୍ଧ ନିମ୍ନମତେ ବିଚାର କରାଯାଇ ପାରିବ –

| | ପ୍ରଶ୍ନ | ଉତ୍ତର | ସମ୍ବନ୍ଧ |
|---|---|---|---|
| (କ) | କିଏ ଦାନ କଲେ ? | ରାଜା | କର୍ତ୍ତା |
| (ଖ) | କ'ଣ ଦାନ କଲେ ? | ଗାଈଗୁଡ଼ିକୁ | କର୍ମ |
| (ଗ) | କାହାଦ୍ୱାରା ଦାନକଲେ ? | ସ୍ୱହସ୍ତରେ | କରଣ |
| (ଘ) | କାହାକୁ ଦାନ କଲେ ? | ଭିକ୍ଷୁକମାନଙ୍କୁ | ସଂପ୍ରଦାନ |
| (ଙ) | କେଉଁଠାରୁ ଦାନ କଲେ ? | ରାଜକୋଷରୁ | ଅପାଦାନ |
| (ଚ) | କେତେବେଳେ ଦାନ କଲେ ? | ପ୍ରଭାତରେ | ଅଧିକରଣ |

ଏଥିରୁ ଜଣାଗଲା ଯେ, କ୍ରିୟାପଦ 'ଦାନ କଲେ' ସହିତ ବାକ୍ୟର ଅନ୍ୟପଦଗୁଡ଼ିକର ଭିନ୍ନଭିନ୍ନ ସମ୍ବନ୍ଧ ରହିଅଛି । ଏହି ସମ୍ବନ୍ଧକୁ କାରକ କହନ୍ତି ।

**ବାକ୍ୟ ମଧ୍ୟରେ କ୍ରିୟାପଦ ସହିତ ଅନ୍ୟ ପଦମାନଙ୍କର ଯେଉଁ ସମ୍ବନ୍ଧ ରହିଥାଏ,**

**ତାହାକୁ କାରକ କୁହାଯାଏ ।**

ଏହି ସମ୍ବନ୍ଧ ଛଅ ପ୍ରକାରର । ଏହାକୁ ଆଧାର କରି ଛ'ଗୋଟି କାରକର ପରିକଳ୍ପନା କରାଯାଇଛି । ସେଗୁଡ଼ିକ ହେଉଛି – କର୍ତ୍ତା, କର୍ମ, କରଣ, ସମ୍ପ୍ରଦାନ, ଅପାଦାନ ଓ ଅଧିକରଣ କାରକ ।

**୭.୨ : କର୍ତ୍ତା କାରକ :**

(କ) **ବିବେକାନନ୍ଦ** ଆମେରିକାରେ ଓଜସ୍ୱିନୀ ଭାଷଣ ଦେଇଥିଲେ ।

(ଖ) ଖରାଦିନେ **ପଣସ** ପାଚେ ।

(ଗ) **ରାଜା** ପୁରୋହିତଙ୍କ ଦ୍ୱାରା ଯଜ୍ଞ କରାଉଛନ୍ତି ।

ଲକ୍ଷ୍ୟକର ଯେ, ପ୍ରଥମ ବାକ୍ୟର 'ଭାଷଣ ଦେବା' କ୍ରିୟାଟି ବିବେକାନନ୍ଦଙ୍କଦ୍ୱାରା ସଂପାଦିତ ହୋଇଛି, ଦ୍ୱିତୀୟ ବାକ୍ୟରେ 'ପାଚିବା' କ୍ରିୟା ପଣସ ସମ୍ବନ୍ଧରେ କୁହାଯାଇଛି ଏବଂ 'ଯଜ୍ଞ କରାଇବା' କ୍ରିୟାଟି ରାଜା ନିଜେ ନକରି ପୁରୋହିତଙ୍କ ଦ୍ୱାରା କରାଉଛନ୍ତି । ଏହି ବାକ୍ୟ ତିନୋଟିରେ ଯଥାକ୍ରମେ 'ବିବେକାନନ୍ଦ', 'ପଣସ' ଓ 'ରାଜା' କର୍ତ୍ତା କାରକ ଅଟନ୍ତି । **ତେଣୁ କ୍ରିୟା ଯେ ସଂପାଦନ କରେ, କରାଏ ଅଥବା ଯାହା ସମ୍ବନ୍ଧରେ କୌଣସି କ୍ରିୟା କୁହାଯାଏ ତାହା କର୍ତ୍ତା କାରକ** । ସାଧାରଣତଃ କ୍ରିୟାପଦ ପୂର୍ବରୁ କିଏ ବା କ'ଣ ଲଗାଇ ପ୍ରଶ୍ନକଲେ ଉତ୍ତରରେ **କର୍ତ୍ତାକାରକ** ମିଳିଥାଏ ।

ଯଥା –

| **ପ୍ରଶ୍ନ** | **ଉତ୍ତର ବା କର୍ତ୍ତା କାରକ** |
|---|---|
| କିଏ ଓଜସ୍ୱିନୀ ଭାଷଣ ଦେଇଥିଲେ | ବିବେକାନନ୍ଦ |
| କ'ଣ ପାଚିଥାଏ ? | ପଣସ |
| କିଏ ଯଜ୍ଞ କରାଉଛନ୍ତି ? | ରାଜା |

**ଯେଉଁ କର୍ତ୍ତା ନିଜେ କ୍ରିୟା ସଂପାଦନ ନକରି ଅନ୍ୟ ଦ୍ୱାରା କରାଏ,**

**ତାହାକୁ ପ୍ରଯୋଜକ କର୍ତ୍ତା ଏବଂ ଯାହାଦ୍ୱାରା କରାଏ ତାହାକୁ ପ୍ରଯୋଜ୍ୟ କର୍ତ୍ତା କହନ୍ତି ।**

ଏଠାରେ 'ରାଜା' ପ୍ରଯୋଜକ କର୍ତ୍ତା ଏବଂ 'ପୁରୋହିତମାନଙ୍କଦ୍ୱାରା' ପ୍ରଯୋଜ୍ୟ କର୍ତ୍ତା ।

ପୁନଶ୍ଚ ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଲକ୍ଷ୍ୟ କରିବା

ଶାନ୍ତିଶୃଙ୍ଖଳା ରକ୍ଷା କର ।

ମନଦେଇ ପାଠ ପଢ ।

ନିଷ୍ଠାରଖି କାର୍ଯ୍ୟ କର ।

ବାଟଦେଖି ଚାଲ ।

ଉଲ୍ଲିଖିତ ଚାରିଗୋଟି ବାକ୍ୟରେ କର୍ତ୍ତା ଉହ୍ୟ ହୋଇ ରହିଅଛି । ଏଠାରେ କର୍ତ୍ତାଟି ହେଉଛି 'ତୁମେ' । ଓଡ଼ିଆ ଭାଷାରେ ସାଧାରଣତଃ ଆଦେଶାତ୍ମକ ବାକ୍ୟରେ କର୍ତ୍ତାର ଅନୁପସ୍ଥିତି ଦେଖିବାକୁ ମିଳେ । କର୍ତ୍ତା ଭାବରେ ବିଶେଷ୍ୟ, ବିଶେଷଣ, ସର୍ବନାମ, ଖଣ୍ଡବାକ୍ୟ ଓ ବାକ୍ୟାଂଶ ମଧ୍ୟ ବ୍ୟବହୃତ ହୋଇପାରନ୍ତି । ଯଥା;

ବିଶେଷ୍ୟ : **କପିଳେନ୍ଦ୍ରଦେବ** ଏକ ବିଶାଳ ରାଜ୍ୟ ପ୍ରତିଷ୍ଠା କରିଥିଲେ ।

ବିଶେଷଣ : **ଗୁଣବନ୍ତ** ସମସ୍ତଙ୍କର ଆଦରର ପାତ୍ର ହୋଇଥାଏ ।

ସର୍ବନାମ : **ସେ** ଅତ୍ୟନ୍ତ ସ୍ୱାଭିମାନୀ ଥିଲେ ।

ଖଣ୍ଡବାକ୍ୟ : **କାଲି ଖେଳ ହେବ କି ନାହିଁ,** ବର୍ଷା ଉପରେ ନିର୍ଭର କରେ ।

ବାକ୍ୟାଂଶ : **ଦାନ୍ତୁରୀର ହସିବା କାନ୍ଦିବା** ସମାନ ଅଟେ ।

**କର୍ତ୍ତା କାରକରେ ପ୍ରଥମା ବିଭକ୍ତି ହୁଏ ।**

## ୭.୩ : କର୍ମକାରକ :

ମାର୍କୋନି **ରେଡ଼ିଓ** ଉଦ୍‌ଭାବନ କରିଥିଲେ ।

ନିଲ୍‌ଆର୍ମଷ୍ଟ୍ରଙ୍ଗ **ଚନ୍ଦ୍ରକୁ** ଯାଇଥିଲେ ।

ଇଂରେଜମାନେ **ଭାରତକୁ** ଖଣ୍ଡଖଣ୍ଡ କରିଦେଲେ ।

ପ୍ରଦତ୍ତ ତିନିଗୋଟି ବାକ୍ୟରେ କର୍ମଗୁଡ଼ିକ ଯଥାକ୍ରମେ – 'ରେଡ଼ିଓ', 'ଚନ୍ଦ୍ରକୁ' ଓ 'ଭାରତକୁ' ।

କ୍ରିୟାପଦ ସହିତ ଏହି ପଦମାନଙ୍କର ସମ୍ବନ୍ଧକୁ ଲକ୍ଷ୍ୟ କର :

| **ପ୍ରଶ୍ନ** | **ଉତ୍ତର** |
|---|---|
| କ'ଣ ଉଦ୍‌ଭାବନ କରିଥିଲେ ? | ରେଡ଼ିଓ |
| କେଉଁଠିକୁ ଯାଇଥିଲେ ? | ଚନ୍ଦ୍ରକୁ |
| କାହାକୁ ଖଣ୍ଡଖଣ୍ଡ କରିଦେଲେ ? | ଭାରତକୁ |

ଏଠାରେ 'ରେଡ଼ିଓ', 'ଚନ୍ଦ୍ରକୁ' ଓ 'ଭାରତକୁ' କର୍ମକାରକ ।

**କର୍ତ୍ତାର କ୍ରିୟା ସାଧନରେ ଯାହା ଅଭିଳଷିତ ତାହା କର୍ମକାରକ ।**

ସାଧାରଣତଃ କ୍ରିୟା ପୂର୍ବରୁ କ'ଣ, କାହାକୁ ବା କେଉଁଠିକୁ ଲଗାଇ ପ୍ରଶ୍ନକଲେ ଉତ୍ତରରେ କର୍ମକାରକ ମିଳିଥାଏ ।

ନିମ୍ନସ୍ଥ ବାକ୍ୟଟିକୁ ଲକ୍ଷ୍ୟକର ।

'ଶିକ୍ଷକ **ଛାତ୍ରକୁ ପ୍ରଶ୍ନ** ପଚାରିଲେ' ।

ଏହି ବାକ୍ୟରେ 'ଛାତ୍ରକୁ' ଓ 'ପ୍ରଶ୍ନ' ଦୁଇଗୋଟି କର୍ମ ଅଟନ୍ତି । ଏପରି କ୍ଷେତ୍ରରେ ଗୋଟିଏ କର୍ମକୁ ମୁଖ୍ୟକର୍ମ ଓ ଅନ୍ୟଟିକୁ ଗୌଣକର୍ମ କୁହାଯାଏ । ଏଠାରେ 'ଛାତ୍ରକୁ' ଗୌଣକର୍ମ ଓ 'ପ୍ରଶ୍ନ' ମୁଖ୍ୟ କର୍ମ । କ୍ରିୟା ଦ୍ୱିକର୍ମକ ହୋଇଥିଲେ ଯେଉଁ କର୍ମଟି ଅନ୍ୟକାରକ ସ୍ଥାନରେ ପ୍ରଯୁକ୍ତ ହୋଇଥାଏ, ତାହା ଗୌଣ ବା ଅପ୍ରଧାନ ଏବଂ ଅପରଟି ମୁଖ୍ୟ ବା ପ୍ରଧାନ କର୍ମ ଅଟେ ।

ବିଶେଷ୍ୟ, ସର୍ବନାମ ବା ବିଶେଷ୍ୟ ପରିବର୍ତ୍ତେ ବ୍ୟବହୃତ ଯେ କୌଣସି ପଦ ବା ପଦସମଷ୍ଟି କର୍ମପଦ ରୂପେ ବ୍ୟବହୃତ ହୋଇପାରେ ।

ଯଥା – ସେ କାହିଁକି ପଦତ୍ୟାଗ କଲେ, ମୁଁ ଜାଣେ ।

ଏଠାରେ 'ଜାଣେ' କ୍ରିୟାର କର୍ମହେଉଛି – 'ସେ କାହିଁକି ପଦତ୍ୟାଗ କଲେ' ଅର୍ଥାତ ଗୋଟିଏ ବାକ୍ୟ ଏଠାରେ କର୍ମରୂପେ ବ୍ୟବହୃତ ହୋଇଅଛି ।

**କର୍ମକାରକରେ ଦ୍ୱିତୀୟା ବିଭକ୍ତି ହୁଏ ।**

**୭.୪ :  କରଣ କାରକ :**

କାଠୁରିଆ **କୁରାଢ଼ିରେ** ଗଛ କାଟୁଅଛି ।

ଲୋକଟି **ଜାଲରେ** ମାଛ ଧରୁଅଛି ।

ସେ **କଲମରେ** ଲେଖୁଅଛି ।

ଉପରୋକ୍ତ ବାକ୍ୟ ତିନୋଟିରେ କ୍ରିୟାପଦ ସହିତ ଅନ୍ୟପଦର ସମ୍ବନ୍ଧକୁ ନିମ୍ନମତେ ପ୍ରଦର୍ଶନ କରାଯାଇପାରେ ।

| **ପ୍ରଶ୍ନ** | **ଉତ୍ତର** |
|---|---|
| କାହାଦ୍ୱାରା ଗଛ କାଟୁଅଛି ? | କୁରାଢ଼ିରେ |
| କାହାଦ୍ୱାରା ମାଛ ଧରୁଅଛି ? | ଜାଲରେ |
| କାହାଦ୍ୱାରା ଲେଖୁଅଛି ? | କଲମରେ |

ଏଠାରେ 'କୁରାଢ଼ି', 'ଜାଲ' ଓ 'କଲମ' କ୍ରିୟା ସାଧନର ମାଧ୍ୟମ ।

**ଯାହା ସାହାଯ୍ୟରେ କ୍ରିୟା ସାଧିତ ହୁଏ ବା କ୍ରିୟା ସାଧନରେ ଯିଏ ପ୍ରକୃଷ୍ଟ କାର୍ଯ୍ୟକାରୀ ତାହା କରଣ କାରକ ହୁଏ ।**

ସାଧାରଣତଃ କ୍ରିୟାପଦ ପୂର୍ବରେ 'କାହାଦ୍ୱାରା' ଲଗାଇ ପ୍ରଶ୍ନକଲେ ଉତ୍ତରରେ କରଣ କାରକ ମିଳିଥାଏ । **କରଣ କାରକରେ ତୃତୀୟା ବିଭକ୍ତି ହୁଏ ।**

**୭.୫ :  ସଂପ୍ରଦାନ କାରକ :**

ରାଜା **ଦରିଦ୍ରମାନଙ୍କୁ** ଅନ୍ନଦାନ କଲେ ।

ଗୃହିଣୀ **ଭିକାରିକୁ** ଭିକ୍ଷା ଦେଲେ ।

ରାଜା **ପୁରୋହିତମାନଙ୍କୁ** ସୁନା ମୋହର ଦେଲେ ।

ଉଲ୍ଲିଖିତ ବାକ୍ୟଗୁଡ଼ିକରେ 'ଦରିଦ୍ରମାନଙ୍କୁ', 'ଭିକାରି'କୁ ଓ 'ପୁରୋହିତମାନଙ୍କୁ' ଯଥାକ୍ରମେ 'ଅନ୍ନ', 'ଭିକ୍ଷା' ଓ 'ସୁନାମୋହର' ସମ୍ୟକ୍‌ରୂପେ ଦାନ କରାଗଲା । ଦତ୍ତ ବସ୍ତୁର ସେମାନେ ସଂପୂର୍ଣ୍ଣ ଅଧିକାରୀ ।

**ଯାହାକୁ କୌଣସି ବସ୍ତୁ ସମ୍ୟକ୍‌ରୂପେ ଦାନ କରାଯାଏ, ତାହାର ସଂପ୍ରଦାନ କାରକ ହୁଏ ।**

'ଦରିଦ୍ରମାନଙ୍କୁ', 'ଭିକାରିକୁ' ଓ 'ପୁରୋହିତମାନଙ୍କୁ' ସଂପ୍ରଦାନ କାରକ ଅଟନ୍ତି ।

**ଧୋବାକୁ** ଲୁଗା ଦିଅ ।

**ଦରଜିକୁ** କନା ଦିଅ ।

**କନ୍ଥାବାଲାକୁ** ଲୁଗା ଦିଅ ।

ଏହି ତିନିଗୋଟି ବାକ୍ୟରେ 'ଧୋବା', 'ଦରଜି' ଓ 'କନ୍ଥାବାଲା'ଙ୍କୁ ଦିଆଯାଉଥିବା ବସ୍ତୁର ସେମାନେ ପୂର୍ଣ୍ଣ ଅଧିକାରୀ ନୁହନ୍ତି । **ଯେଉଁଠି ଗ୍ରହୀତା ଦତ୍ତ ବସ୍ତୁର ପୂର୍ଣ୍ଣ ଅଧିକାରୀ ହୋଇନଥାନ୍ତି, ସେଠାରେ ଗ୍ରହୀତାଠାରେ ସଂପ୍ରଦାନ କାରକ ନହୋଇ ସେଠାରେ କର୍ମକାରକ ହୋଇଥାଏ** । ତେଣୁ 'ଧୋବାକୁ' 'ଦରଜିକୁ' ଓ 'କନ୍ଥାବାଲାକୁ' ସଂପ୍ରଦାନ କାରକ ନହୋଇ କର୍ମକାରକ ହେବ ।

**ସଂପ୍ରଦାନ କାରକରେ ଚତୁର୍ଥୀ ବିଭକ୍ତି ହୁଏ ।**

**୭.୬ : ଅପାଦାନ କାରକ :**

**ଗଛରୁ** ପତ୍ର ପଡ଼ିଲା ।

**ଆକାଶରୁ** ଧୂମକେତୁ ଛିଣ୍ଡିଲା ।

**ପର୍ବତରୁ** ପଥର ଖସିଲା ।

ପ୍ରଦତ୍ତ ବାକ୍ୟଗୁଡ଼ିକରେ 'ଗଛରୁ ପତ୍ର', 'ଆକାଶରୁ ଧୂମକେତୁ' ଓ 'ପର୍ବତରୁ ପଥର' ବିଚ୍ଛିନ୍ନ ହୋଇଅଛି । 'ପଡ଼ିଲା', 'ଛିଣ୍ଡିଲା' ଓ 'ଖସିଲା' କ୍ରିୟା ଦ୍ୱାରା ବିଚ୍ଛିନ୍ନ ହେବା ସ୍ପଷ୍ଟ ହେଉଅଛି ।

**କ୍ରିୟା ଦ୍ୱାରା ଗୋଟିଏ ବସ୍ତୁ ଅନ୍ୟ ବସ୍ତୁଠାରୁ ବିଚ୍ଛିନ୍ନ ହେବା ଜଣାଗଲେ, ଯେଉଁ ବସ୍ତୁଠାରୁ ବିଚ୍ଛିନ୍ନ ହୁଏ, ତାହାର ଅପାଦାନ କାରକ ହୋଇଥାଏ ।**

ତେଣୁ ଗଛରୁ, ଆକାଶରୁ ଓ ପର୍ବତରୁ ପଦଗୁଡ଼ିକରେ ଅପାଦାନ କାରକ ହେବ ।

କ୍ରିୟାପଦ ପୂର୍ବରୁ ସାଧାରଣତଃ 'କାହାଠାରୁ', 'କେଉଁଠୁ' ଲଗାଇ ପ୍ରଶ୍ନକଲେ, ଉତ୍ତରରେ ଅପାଦାନ କାରକ ମିଳିଥାଏ । ଯଥା –

| **ପ୍ରଶ୍ନ** | **ଉତ୍ତର** |
|---|---|
| କେଉଁଥିରୁ / କେଉଁଠୁ ପତ୍ର ପଡ଼ିଲା ? | ଗଛରୁ |
| କେଉଁଠୁ /କେଉଁଥିରୁ ଧୂମକେତୁ ଛିଣ୍ଡିଲା ? | ଆକାଶରୁ |
| କେଉଁଠୁ /କେଉଁଥିରୁ ପଥର ଖସିଲା ? | ପର୍ବତରୁ |

କେବଳ ବିଚ୍ଛିନ୍ନ ନୁହେଁ ଉତ୍ପତି, ବିରତି, ଆରମ୍ଭ, ରକ୍ଷା, ମୁକ୍ତି, ଅନ୍ତର୍ଦ୍ଧାନ, ପରାଜୟ ଇତ୍ୟାଦି ଅର୍ଥରେ ମଧ୍ୟ ଅପାଦାନ କାରକ ହୋଇଥାଏ । ଯଥା –

(କ) **କ୍ଷୀରରୁ** ଘିଅ ବାହାରେ । (ଉତ୍ପତି)

(ଖ) ଶ୍ରମିକମାନେ **ଆନ୍ଦୋଳନରୁ** ବିରତ ହେଲେ । (ବିରତି)

(ଗ) ଖଜୁରୀଗଛ **ମୂଳରୁ** ପାହାଚ ପାହାଚ । (ଆରମ୍ଭ)

(ଘ) ଶ୍ରୀକୃଷ୍ଣ ପାଣ୍ଡବମାନଙ୍କୁ ଅନେକ **ବିପଦରୁ** ରକ୍ଷା କରିଥିଲେ । (ରକ୍ଷା)

(ଙ) ୧୯୪୭ ମସିହାରେ ଭାରତ **ପରାଧୀନତାରୁ** ମୁକ୍ତ ହେଲା । (ମୁକ୍ତି)

(ଚ) ମାୟାବଳରେ ଅସୁରମାନେ **ସମ୍ମୁଖରୁ** ଅନ୍ତର୍ହିତ ହୋଇଯାନ୍ତି । (ଅନ୍ତର୍ଦ୍ଧାନ)

(ଛ) ଗୁରୁ **ଶିଷ୍ୟଠାରୁ** ପରାଜିତ ହେଲେ ଖୁସି ହୁଅନ୍ତି । (ପରାଜୟ)

**ଅପାଦାନ କାରକରେ ପଞ୍ଚମୀ ବିଭକ୍ତି ହୁଏ ।**

**୭.୬୭ : ଅଧିକରଣ କାରକ :**

**ଗଛରେ** ପକ୍ଷୀଟି ବସିଛି ।

**ପୂର୍ଣ୍ଣମୀରେ** ପୂର୍ଣ୍ଣଚନ୍ଦ୍ର ଦେଖାଯାଏ ।

ଏଠାରେ 'ବସିଛି' କ୍ରିୟାର ସ୍ଥାନ 'ଗଛ' ଓ 'ଦେଖାଯାଏ' କ୍ରିୟାର ସମୟ ବା କାଳ 'ପୂର୍ଣ୍ଣମୀ' । 'ବସିଛି' ଓ 'ଦେଖାଯାଏ' କ୍ରିୟାଦ୍ୱାରା ସ୍ଥାନ ଓ କାଳ ସୂଚିତ ହେଉଅଛି ।

**କ୍ରିୟା ଯେଉଁ ସ୍ଥାନରେ ବା ଯେଉଁ ସମୟରେ ସାଧିତ ହୁଏ,**

**ସେହି ସମୟର ବା ସ୍ଥାନର ଅଧିକରଣ କାରକ ହୋଇଥାଏ ।**

ଏଠାରେ 'ଗଛରେ' ଓ 'ପୂର୍ଣ୍ଣମୀରେ' ଅଧିକରଣ କାରକ ହୋଇଅଛି ।

କ୍ରିୟାପଦ ପୂର୍ବରୁ ସାଧାରଣତଃ 'କେଉଁଠାରେ' ଏବଂ 'କେତେବେଳେ' ଲଗାଇ ପ୍ରଶ୍ନକଲେ ଉତ୍ତରରେ ଅଧିକରଣ କାରକ ମିଳିଥାଏ ।

| ପ୍ରଶ୍ନ | ଉତ୍ତର |
|---|---|
| କେଉଁଠାରେ ବସିଛି ? | ଗଛରେ |
| କେତେବେଳେ ପୂର୍ଣ୍ଣଚନ୍ଦ୍ର ଦେଖାଯାଏ | ପୂର୍ଣ୍ଣମୀରେ |

ଏହି ଦୃଷ୍ଟିରୁ ଅଧିକରଣ କାରକ ଦୁଇ ଭାଗରେ ବିଭକ୍ତ । ଯଥା (କ) ସ୍ଥାନାଧିକରଣ ବା ଆଧାରାଧିକରଣ ଓ (ଖ) କାଳାଧିକରଣ ।

**ଯେଉଁ ପଦଦ୍ୱାରା କ୍ରିୟାର ସ୍ଥାନ ସୂଚିତ ହୁଏ ତାହା ସ୍ଥାନାଧିକରଣ ବା ଆଧାରାଧିକରଣ ହୁଏ ।**

**ମାଠିଆରେ** ଜଳ ଅଛି ।

ସେହିପରି **ଯେଉଁପଦଦ୍ୱାରା କ୍ରିୟା ଯେଉଁ ସମୟରେ ସାଧିତ ହୁଏ ବା ହେଲା ବୋଲି ଜଣାଯାଏ, ତାହାଠାରେ କାଳାଧିକରଣ ହୁଏ ।**

ଯଥା – **ବର୍ଷାଋତୁରେ** କଦମ୍ବଫୁଲ ଫୁଟେ ।

ଆଧାରାଧିକରଣ ତ୍ରିବିଧ । ଯଥା –

(କ) ଐକଦେଶିକ ଆଧାରାଧିକରଣ

ଉଦାହରଣ – **ଗଛରେ** ଫୁଲ ଫୁଟିଅଛି ।

(ଖ) ବୈଷୟିକ ଆଧାରାଧିକରଣ

ଉଦାହରଣ – ବିନୟବାବୁ **ବ୍ୟାକରଣରେ** ପ୍ରବୀଣ ।

(ଗ) ଅଭିବ୍ୟାପକ ଆଧାରାଧିକରଣ

ଉଦାହରଣ – **ତିଳରେ** ତେଲ ଥାଏ ।

## ଅନୁଶୀଳନୀ

୧. କାରକ କାହାକୁ କହନ୍ତି ? ତାହା କେତେ ପ୍ରକାରର ?

୨. କର୍ମକାରକ ଓ ସଂପ୍ରଦାନ କାରକ ମଧ୍ୟରେ କି ପ୍ରଭେଦ ଅଛି ଦୃଷ୍ଟାନ୍ତ ସହ ଦର୍ଶାଅ ।

୩. ସମ୍ବନ୍ଧପଦ କାହାକୁ କହନ୍ତି ?

୪. ଅଧିକରଣ କାରକ କେତେ ପ୍ରକାର ? ଉଦାହରଣ ସହିତ ଆଲୋଚନା କର ।

୫. ବିଭିନ୍ନ ଅର୍ଥରେ ଅପାଦାନ କାରକର ବ୍ୟବହାର ଦେଖାଅ ।

୬. ନିମ୍ନଲିଖିତ ବାକ୍ୟରେ ସ୍ଥୂଳାକ୍ଷର ବିଶିଷ୍ଟ ପଦମାନଙ୍କର କାରକ ନିର୍ଦ୍ଦେଶ କର ।

(କ) **ବାଳକେ** ମୋର ବୋଲ କର ।

(ଖ) ରାଜା **ଦରିଦ୍ରମାନଙ୍କୁ** ଅର୍ଥଦାନ କଲେ ।

(ଗ) **ଲୋଭରୁ** ପାପର ଜନ୍ମ ।

(ଘ) ଲୋକଟି **ଲଙ୍ଗଳରେ** ଚାଷ କରୁଅଛି ।

(ଙ) ରାମବାବୁ **ଦରଜିକୁ** କନା ଦେଲେ ।

(ଚ) ଖଜୁରିଗଛ **ମୂଳରୁ** ପାହାଚ ପାହାଚ ।

(ଛ) ମାଛ **ପାଣିରେ** ଖେଳୁଛି ।

(ଜ) ବର୍ଷାଦିନେ **ଜାମୁକୋଳି** ପାଚେ ।

(ଝ) **କ୍ଷୀରରୁ** ଛେନା ହୁଏ ।

(ଞ) ହରିବାବୁ **ଗଣିତରେ** ପଟୁ ।

୭. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

(i) ମେଘରେ ଆକାଶ ଢାଙ୍କି ହୋଇ ଯାଇଛି । (କର୍ତ୍ତାକାରକ ଚିହ୍ନାଅ)

(ii) ସୁବିଧା ହେଲେ ଆସ । (କର୍ତ୍ତାକାରକଟି ଲେଖ)

(iii) ଗୋପବନ୍ଧୁ ବହୁତ — ଅର୍ଜନ କରିଥିଲେ । (କର୍ମକାରକ ସୂଚାଉଥିବା ପଦଟିଏ ଲେଖ)

(iv) ଚୈତନ୍ୟ ପୁରୀକୁ ଆସିଥିଲେ । (କର୍ମକାରକ ଚିହ୍ନାଅ)

(v) 'ଦ୍ୱାରା'ଶବ୍ଦକୁ ବାକ୍ୟରେ ବ୍ୟବହାର କରି କରଣ କାରକରେ ପରିଣତ କର ।

(vi) ବ୍ୟାୟାମ ଦ୍ୱାରା ଶରୀର ସୁସ୍ଥ ରହେ । (କରଣ କାରକ ଚିହ୍ନଅ)

(vii) ମହୁମାଛି ଫୁଲରୁ ମହୁ ସଂଗ୍ରହ କରେ । (ଅପାଦାନ କାରକ ପଦ ଚିହ୍ନାଅ)

(viii) __________ ଭଲ ଫସଲ ହୋଇଛି । (ଉପଯୁକ୍ତ ଅଧିକରଣ କାରକଟିଏ ଲଗାଅ)

(ix) __________ ରେ ଗଛ କଟା ହେଉଛି । (ଉପଯୁକ୍ତ ଅଧିକରଣ କାରକଟିଏ ବ୍ୟବହାର କର)

(x) ହାତୀ ଡାଳ ଭାଙ୍ଗୁଛି । (କର୍ମ କାରକ ଚିହ୍ନାଅ)

❖❖❖

# ବିଭକ୍ତି

**୭.୨ "ଲୋକମାନେ ଦେଶର ଉନ୍ନତି ପାଇଁ ନିଜର ସ୍ୱାର୍ଥକୁ ବଳିଦେବା ଉଚିତ ।"**

ଅନ୍ୟାନ୍ୟ ବାକ୍ୟପରି ଏହି ବାକ୍ୟଟି ମଧ୍ୟ କେତେଗୋଟି ପଦର ସମାହାର ଅଟେ । ଏଥିରେ 'ମାନେ' (ଲୋକମାନେ), ର (ଦେଶର, ନିଜର) 'ପାଇଁ' (ଉନ୍ନତି ପାଇଁ), 'କୁ' (ସ୍ୱାର୍ଥକୁ) ବ୍ୟବହାର କରାଯାଇ ବାକ୍ୟଟିକୁ ବିଭିନ୍ନ ପଦରେ ବିଭକ୍ତ କରାଯାଇଛି । ଏଗୁଡ଼ିକ ଦ୍ୱାରା ସଂଖ୍ୟା ଓ କାରକର ପ୍ରତୀତି ଘଟୁଅଛି । ଏଗୁଡ଼ିକ ଗୋଟିଏ ଗୋଟିଏ ବର୍ଣ୍ଣ ବା ଏକାଧିକ ବର୍ଣ୍ଣର ସମଷ୍ଟି ଅଟନ୍ତି । **ତେଣୁ ଯେଉଁ ବର୍ଣ୍ଣ ବା ବର୍ଣ୍ଣସମଷ୍ଟି ଦ୍ୱାରା ସଂଖ୍ୟା (ଏକବଚନ, ବହୁବଚନ) କାରକ (କର୍ତ୍ତା, କର୍ମ, କରଣ ପ୍ରଭୃତି ) ସୂଚିତ ହୁଏ ତାହାକୁ ବିଭକ୍ତି କୁହାଯାଏ** । ଯଥା – ପ୍ରଥମା ବିଭକ୍ତି, ଦ୍ୱିତୀୟା ବିଭକ୍ତି, ତୃତୀୟା ବିଭକ୍ତି ଇତ୍ୟାଦି । ବିଭକ୍ତି ଶବ୍ଦଟି ବି-ଉପସର୍ଗ 'ଭଜ୍' ଧାତୁ ଓ 'ତି' ପ୍ରତ୍ୟୟ ଯୋଗରେ ଗଠିତ, ଯାହାର ଆଭିଧାନିକ ଅର୍ଥ ହେଉଛି ବିଭାଗ ବା ବଣ୍ଟନ କରିବା।

**୭.୨.୧ :** ବିଭକ୍ତି ସାତ ଭାଗରେ ବିଭକ୍ତ, ଯଥା – ପ୍ରଥମା, ଦ୍ୱିତୀୟା, ତୃତୀୟା, ଚତୁର୍ଥୀ, ପଞ୍ଚମୀ, ଷଷ୍ଠୀ ଓ ସପ୍ତମୀ ବିଭକ୍ତି । ଓଡ଼ିଆ ଭାଷାରେ ପ୍ରଚଳିତ ବିଭିନ୍ନ କାରକରେ ବ୍ୟବହୃତ ବିଭକ୍ତି ଚିହ୍ନଗୁଡ଼ିକୁ ଏକବଚନ ଓ ବହୁବଚନ ଭେଦରେ ନିମ୍ନମତେ ପ୍ରଦର୍ଶନ କରାଯାଇଥାଏ । ଯଥା –

| କାରକ | ବିଭକ୍ତି | ଏକବଚନ ଚିହ୍ନ | ବହୁବଚନର ଚିହ୍ନ |
|---|---|---|---|
| କର୍ତ୍ତା | ପ୍ରଥମ | ଟି, ଟା, ଟେ, ଟାଏ, ଟିଏ | ଏ, ମାନ, ମାନେ, ଗୁଡ଼ିକ, ଗୁଡ଼ାକ |
| କର୍ମ | ଦ୍ୱିତୀୟା | କୁ, ଙ୍କୁ, କି, ଙ୍କି, ଠାକୁ | ଙ୍କୁ, ମାନଙ୍କୁ, ମାନଙ୍କଠାକୁ, ଗୁଡ଼ିକୁ, ଗୁଡାକୁ |
| କରଣ | ତୃତୀୟା | ଏ, ରେ, ଦ୍ୱାରା, ଦେହି, ଦେଇ, କର୍ତ୍ତୃକ | ମାନଙ୍କଦ୍ୱାରା, ମାନଙ୍କଦେଇ, ମାନଙ୍କ ଦେହି, ମାନଙ୍କ କର୍ତ୍ତୃକ |
| ସଂପ୍ରଦାନ | ଚତୁର୍ଥୀ | କୁ, ଙ୍କୁ, କି, ଙ୍କି, ପାଇଁ, ନିମିତ୍ତ, ସକାଶ | ଙ୍କୁ, ମାନଙ୍କୁ, ମାନଙ୍କ ପାଇଁ, ମାନଙ୍କ ନିମିତ୍ତ, ମାନଙ୍କ ସକାଶ |
| ଅପାଦାନ | ପଞ୍ଚମୀ | ରୁ, ଠାରୁ, ଉ, ଉଁ, ହୁଁ, ଠୁ, ଠୁଁ, ଠଉଁ, | ମାନଙ୍କରୁ, ମାନଙ୍କଠାରୁ,ମାନଙ୍କଠୁ, ମାନଙ୍କଠୁଁ, ମାନଙ୍କଠଉଁ, ଗୁଡ଼ିକରୁ, ଗୁଡ଼ାକରୁ |
| | ଷଷ୍ଠୀ | ର, ଙ୍କ, ଙ୍କର | ଙ୍କର, ମାନଙ୍କ, ମାନଙ୍କର, ଗୁଡ଼ିକର |
| ଅଧିକରଣ | ସପ୍ତମୀ | ଏ, ରେ, ଠାରେ, ଠାଇଁ, ଠି, ଠେଇଁ, ତହିଁ | ମାନଙ୍କରେ, ମାନଙ୍କଠାରେ, ମାନଙ୍କଠାଇଁ, ମାନଙ୍କଠେଇଁ, ଗୁଡ଼ିକରେ, ଗୁଡ଼ିକଠାରେ, ଗୁଡ଼ିକଠେଇଁ, ଗୁଡ଼ିକଠି । |

**ବିଭକ୍ତିର ବ୍ୟବହାର :**

**୭.୨.୨ : ପ୍ରଥମା ବିଭକ୍ତି**

(କ) କର୍ତ୍ତା କାରକରେ ପ୍ରଥମା ବିଭକ୍ତି ।

ଯଥା – **ରାମ** ଖାଉଅଛି, **ଗାଈଟି** ଚରୁଅଛି, **ପିଲାମାନେ** ଆସୁଥିଲେ, **ଘୋଡ଼ାଗୁଡ଼ିକ** ଦୌଡ଼ୁଛନ୍ତି ।

(ଖ) ସମ୍ବୋଧନରେ ପ୍ରଥମା ବିଭକ୍ତି ।

ଯଥା – **ପ୍ରଧାନେ** ବସନ୍ତୁ, **ବାଳକେ** ବୋଲ ମାନ ।

(ଗ) କ୍ରିୟାପଦ ନଥାଇ କେବଳ ପଦାର୍ଥ ବା ବ୍ୟକ୍ତିକୁ ନିର୍ଦ୍ଦେଶ କରିବା ପାଇଁ ପ୍ରଥମା ବିଭକ୍ତି ।

ଯଥା – ରାମ, ପକ୍ଷୀ, କୀଟ, ଫଳ, ଦେବତା, ଇତ୍ୟାଦି । (କିଏ **ରାମ** କି ?)

(ଘ) କେତେକ ଅବ୍ୟୟ ଯୋଗରେ ପ୍ରଥମା ବିଭକ୍ତି ।

ଯଥା – ଆମ ଗ୍ରାମରେ **ରମା** ବୋଲି ଝିଅଟିଏ ଅଛି ।

(ଙ) କର୍ମବାଚ୍ୟରେ ବାକ୍ୟରେ କର୍ମର ପ୍ରଥମା ବିଭକ୍ତି ।

ଯଥା – ସୀତାଦ୍ୱାରା **ପ୍ରବନ୍ଧଟି** ପାଠ କରାଗଲା ।

(ଚ) ସଂଖ୍ୟାବାଚକ ଶବ୍ଦ ପ୍ରୟୋଗରେ ପ୍ରଥମା ବିଭକ୍ତି ।

ଯଥା – କ୍ରିକେଟ୍ ଖେଳରେ ଗୋଟିଏ ଦଳରେ **ଏଗାରଟି** ଖେଳାଳି ଖେଳିଥାନ୍ତି ।

**୭.୨.୩.: ଦ୍ୱିତୀୟା ବିଭକ୍ତି**

(କ) କର୍ମବାଚ୍ୟରେ ଦ୍ୱିତୀୟା ବିଭକ୍ତି

ଯଥା – ପିଲାମାନେ **ବିଦ୍ୟାଳୟକୁ** ଯାଉଛନ୍ତି ।

(ଖ) ଧିକ୍ ଯୋଗେ ଦ୍ୱିତୀୟା ବିଭକ୍ତି

ଯଥା – **ଦେଶଦ୍ରୋହୀକୁ/କି** ଧିକ୍ ।

(ଗ) ଅତ୍ୟନ୍ତ ସଂଯୋଗ ବା ବ୍ୟାପ୍ତି ଅର୍ଥରେ ମାର୍ଗ ବା କାଳବାଚକ ଶବ୍ଦର ଦ୍ୱିତୀୟ ବିଭକ୍ତି ।

ଯଥା – କୃଷ୍ଣ **ଚାରିଦିନକୁ** କଣ୍ଟକରି ମଥୁରା ଗଲେ । (ଚାରିଦିନ ବ୍ୟାପି)

(ଘ) ନିକଟାର୍ଥକ ଓ ଦୂରାର୍ଥକ ଶବ୍ଦ ଯୋଗରେ ଦ୍ୱିତୀୟା ବିଭକ୍ତି ।

ଯଥା – **କଟକକୁ** ଭୁବନେଶ୍ୱର ତିରିଶି କିଲୋମିଟର ।

(ଙ) 'ଅନୁସାରେ' ଏହି ଅର୍ଥ ବୁଝାଇବାପାଇଁ ଦ୍ୱିତୀୟା ବିଭକ୍ତି ।

ଯଥା – ତା' **କର୍ମକୁ** ଏପରି ଫଳିଲା ।

(ଚ) ବୀପ୍‌ସା ବା ଦ୍ୱିରୁକ୍ତି ବୁଝାଇବାପାଇଁ ଦ୍ୱିତୀୟା ବିଭକ୍ତି ।

ଯଥା – **ଦିନକୁ** ଦିନ, **ମାସକୁ** ମାସ, **ବର୍ଷକୁ** ବର୍ଷ, **ଘରକୁ** ଘର ।

(ଛ) କର୍ମବାଚ୍ୟ ଓ ଭାବବାଚ୍ୟରେ କର୍ତ୍ତାର ଦ୍ୱିତୀୟା ବିଭକ୍ତି ।

ଯଥା – **ତୁମକୁ** ଆଜି ଘରକୁ ଯିବାକୁ ହେବ । (କର୍ମ ବାଚ୍ୟ)

**ରାମକୁ** ଖେଳି ଆସେ । (ଭାବବାଚ୍ୟ)

(ଜ) ମୂଲ୍ୟ ଅର୍ଥରେ ଦ୍ୱିତୀୟା ବିଭକ୍ତି ।

ଯଥା – **ଟଙ୍କାକୁ** ଖଣ୍ଡେ ପାନ ।

**ଧାନବସ୍ତାକୁ** ହଜାରେ ଟଙ୍କା ।

(ଝ) ଉପଯୁକ୍ତ ବା ତୁଳନା ଅର୍ଥରେ ଦ୍ୱିତୀୟା ବିଭକ୍ତି ।

ଯଥା – **ଯାହାକୁ** ଯିଏ **ବିରିକି** ଚଉଳ ତିନ୍ତେଇ ଦିଏ ।

**୭.୨.୪ : ତୃତୀୟା ବିଭକ୍ତି**

(କ) କରଣକାରକରେ ତୃତୀୟା ବିଭକ୍ତି ।

ଯଥା – ସାମନ୍ତ ଚନ୍ଦ୍ରଶେଖର **କାଠିରେ** ପାହାଡ଼ର ଉଚ୍ଚତା ମାପୁଥିଲେ ।

(ଖ) କ୍ରିୟା ବିଶେଷଣରେ ତୃତୀୟା ବିଭକ୍ତି ।

ଯଥା – ପବନ **ଧୀରେ** ବହୁଛି ।

(ଗ) ମୂଲ୍ୟ ଅର୍ଥରେ ତୃତୀୟା ବିଭକ୍ତି ।

ଯଥା – **ଦଶଟଙ୍କାରେ** କଡ଼ାଏ / ଗୋଟିଏ ନଡ଼ିଆ ।

(ଘ) ବେଶି, ଊଣା, ହୀନ, ସାନବଡ଼ ପ୍ରଭୃତି ଶବ୍ଦ ପ୍ରୟୋଗରେ ତୃତୀୟା ।

ଯଥା – ଶ୍ୟାମବନ୍ଧୁ **ଧନରେ** ବଡ଼ । ସେ **କର୍ମରେ** ହୀନ ।

ହରି ମୋଠାରୁ **ବୟସରେ** ଊଣା, ଗୋପାଳ **ଉଚ୍ଚରେ** ସାନ ।

(ଙ) ନାମ, ଗୋତ୍ର, ଜାତି, ବର୍ଣ୍ଣ, ସ୍ୱଭାବ, ପ୍ରକୃତି ଆଦି ଶବ୍ଦ ଯୋଗରେ ତୃତୀୟା ।

ଯଥା – ବିରାଟଙ୍କ **ନାଁ ରେ** ରାଜ୍ୟକାର୍ଯ୍ୟ ଚାଲୁଥିଲା ।

ସୀତା **ସ୍ୱଭାବରେ** ସରଳ । ସେ **ଜାତିରେ** କରଣ ଅଟେ ।

ନିମ୍ବ **ପ୍ରକୃତିରେ** ପିତା । ସେ **ବର୍ଣ୍ଣରେ** କଳା ।

ସେ **ଗୋତ୍ରରେ** କାଶ୍ୟପ ।

(ଚ) ଅଙ୍ଗ ବିକାରରେ ତୃତୀୟା ।

ଯଥା – ଗୋପାଳ **ପାଦରେ** ଖଞ୍ଜ ।

ହରି **ହାତରେ** କେମ୍ପା ।

(ଛ) କ୍ରିୟା ସମାପ୍ତି ବା ଫଳପ୍ରାପ୍ତି ବୁଝାଇଲେ କାଳ ଓ ମାର୍ଗ ବାଚକ ଶବ୍ଦରେ ତୃତୀୟା ।

ଯଥା – ଦୁଇ **ବର୍ଷରେ** ପୋଲ କାମ ସରିଲା ।

(ଜ) କାରଣ ବା ହେତୁ ଅର୍ଥରେ ତୃତୀୟା ।

ଯଥା – ମୁନି **ଅଭିଶାପରେ** ଯଦୁବଂଶ କ୍ଷୟ ଗଲା ।

ସେ **ରୋଗରେ** କଷ୍ଟ ପାଉଛନ୍ତି ।

(ଝ) ପ୍ରୟୋଜନାର୍ଥକ ଓ ବାରଣାର୍ଥକ ପଦଯୋଗରେ ତୃତୀୟା ।

ଯଥା – ଚରିତ୍ରନଥିଲେ **ଗୁଣରେ** କି ପ୍ରୟୋଜନ ?

ଶାନ୍ତିନଥିଲେ **ଜୀବନରେ** କି ଲାଭ ?

ବୁଦ୍ଧିନଥିଲେ **ବିଦ୍ୟାରେ** କି ଫଳ ?

**୭.୨.୫ : ଚତୁର୍ଥୀ ବିଭକ୍ତି**

(କ) ସଂପ୍ରଦାନ କାରକରେ ଚତୁର୍ଥୀ ବିଭକ୍ତି ।

ଯଥା – ମାନ୍ୟବର ରାଜ୍ୟପାଳ **ଭିନ୍ନକ୍ଷମଙ୍କୁ** ଗାଡ଼ି ଦାନ କଲେ ।

(ଖ) ନିବାରଣ ଅର୍ଥରେ ଚତୁର୍ଥୀ ।

ଯଥା – ଡାକ୍ତର **ରୋଗୀକୁ** ଔଷଧ ଦେଲେ ।

**ମଶାକୁ** ଧୂଆଁ ଦିଅ ।

(ଗ) ନିମିତ୍ତାର୍ଥେ ଚତୁର୍ଥୀ ବିଭକ୍ତି ।

ଯଥା – **ସ୍ୱର୍ଗକୁ** ନିଶୁଣି ନାହିଁ ।

**ବଡ଼ଲୋକକୁ** ଉତ୍ତର ନାହିଁ ।

**୭.୨.୬ : ପଞ୍ଚମୀ ବିଭକ୍ତି**

(କ) ଅପାଦାନ କାରକରେ ପଞ୍ଚମୀ ବିଭକ୍ତି ।

ଯଥା – **ଗଛରୁ** ପତ୍ର ପଡ଼ିଲା ।

(ଖ) ହେତୁ ବା କାରଣ ବୁଝାଇଲେ ପଞ୍ଚମୀ ବିଭକ୍ତି ।

ଯଥା – **ନିଜ ଦୋଷରୁ** ପ୍ରାଣୀ କଷ୍ଟ ପାଏ ।

**ବ୍ୟବହାରରୁ** ବିଦ୍ୟା ଜଣାଯାଏ ।

(ଗ) ଭିନ୍ନ ବା ଅଲଗା ବୁଝାଇଲେ ପଞ୍ଚମୀ ବିଭକ୍ତି ।

ଯଥା – **କଥାରୁ** କାମ ଅଲଗା ହେଲେ ଗଲା ।

(ଘ) ତୁଳନାତ୍ମକ ଭାବେ ଉତ୍‌କର୍ଷ ବା ଅପକର୍ଷ ବୁଝାଇଲେ ପଞ୍ଚମୀ ବିଭକ୍ତି ।

ଯଥା – ସିଂହ **ହାତୀଠାରୁ** ବେଶୀ ବଳବାନ୍ ।

ହୀରା **ସୁନାଠାରୁ** ମୂଲ୍ୟବାନ୍ ।

(ଙ) ଦିଗ ନିର୍ଣ୍ଣୟରେ ଯେଉଁଠାରୁ ଦିଗ ନିର୍ଣ୍ଣୀତ ହୁଏ, ତାହାର ପଞ୍ଚମୀ ବିଭକ୍ତି ହୁଏ ।

ଯଥା – **ପୁରୀଠାରୁ** ପୂର୍ବକୁ ସମୁଦ୍ର ।

**କଟକଠାରୁ** ଦକ୍ଷିଣରେ ପୁରୀ ଅବସ୍ଥିତ ।

(ଚ) ମାର୍ଗ ଏବଂ କାଳର ପରିବ୍ୟାପ୍ତିରେ ପଞ୍ଚମୀ ବିଭକ୍ତି ।

ଯଥା – ଅତୀତରେ ଓଡ଼ିଶା **ଗଙ୍ଗାଠାରୁ** ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ।

**କାର୍ତ୍ତିକଠାରୁ** ଶୀତ ଆରମ୍ଭ ହୁଏ ।

(ଛ) ଅସମାପିକା କ୍ରିୟା ଲୋପହେଲେ ସେଇ କ୍ରିୟାର କର୍ମ ଓ ଅଧିକରଣ ସ୍ଥାନରେ ପଞ୍ଚମୀ ବିଭକ୍ତି ।

ଯଥା – ସେ **କୋଠାରୁ** ଦେଖୁଛି । (କୋଠାରେ ଚଢ଼ି)

ମୁଁ ତାଙ୍କୁ **ଦୂରରୁ** ଦେଖିଲି । (ଦୂରରେ ରହି)

(ଜ) ରକ୍ଷାର୍ଥ, ପରାଜୟ ଆଦି ଶବ୍ଦ ଯୋଗରେ ପଞ୍ଚମୀ ।

ଯଥା – ଈଶ୍ୱର ତୁମକୁ **ବିପଦରୁ** ରକ୍ଷା କରନ୍ତୁ ।

ତୁମେ ତୁମ **ଭାଷାକୁ** ସଂକଟରୁ ରକ୍ଷା କର ।

କାଞ୍ଚିରାଜା **ପୁରୁଷୋତ୍ତମଦେବଙ୍କଠାରୁ** ପରାସ୍ତ ହୋଇଥିଲେ ।

ପାଣ୍ଡବମାନେ **କୌରବମାନଙ୍କଠାରୁ** ନୀତିବାନ୍ ଥିଲେ ।

**୭.୨.୭ : ଷଷ୍ଠୀ ବିଭକ୍ତି**

କ୍ରିୟା ସହିତ ଏହି ବିଭକ୍ତିର କୌଣସି ସମ୍ବନ୍ଧ ନଥାଏ, ତେଣୁ ଏହାକୁ କାରକର ଅନ୍ତର୍ଭୁକ୍ତ କରାଯାଇ ନାହିଁ । ଏହା **ସମ୍ବନ୍ଧ ପଦ** ଭାବରେ ପରିଚିତ ।

ଯଥା – **ନଦୀର** ଜଳ, **ହରିର** ବହି, **ଦେଶର** ରାଜା ଇତ୍ୟାଦି ।

ସମ୍ବନ୍ଧ ବିଭିନ୍ନ ପ୍ରକାରର ହୋଇପାରେ । ଯଥା – କାରକ ସମ୍ବନ୍ଧ, ସେବ୍ୟସେବକ ସମ୍ବନ୍ଧ, ଜନ୍ୟଜନକ ସମ୍ବନ୍ଧ, ଆଧାର ଆଧେୟ ସମ୍ବନ୍ଧ, କାର୍ଯ୍ୟକାରଣ ସମ୍ବନ୍ଧ, ବିଶେଷଣ ସମ୍ବନ୍ଧ, ବ୍ୟାପ୍ତି ସମ୍ବନ୍ଧ ପ୍ରଭୃତି ।

**(କ) କାରକ ସମ୍ବନ୍ଧ :**

କାରକ ଛ' ଭାଗରେ ବିଭକ୍ତ, ତେଣୁ ସମ୍ବନ୍ଧପଦ ମଧ୍ୟ ଷଡ଼ବିଧ । ଯଥା;

କର୍ତ୍ତୃ ସମ୍ବନ୍ଧ, କର୍ମ ସମ୍ବନ୍ଧ, କରଣ ସମ୍ବନ୍ଧ, ସଂପ୍ରଦାନ ସମ୍ବନ୍ଧ, ଅପାଦାନ ସମ୍ବନ୍ଧ ଓ ଅଧିକରଣ ସମ୍ବନ୍ଧ ।

**(୧) କର୍ତ୍ତୃ ସମ୍ବନ୍ଧ :**

**ସମୟର** ଗତି ଅନିବାର୍ଯ୍ୟ । ଏଠାରେ ସମୟ ଗତି କରୁଅଛି, ଏହି ପଦଟି କର୍ତ୍ତା; ତେଣୁ 'ସମୟର ଗତି' ପଦଟି କର୍ତ୍ତୃ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି – **ଆମ୍ଭମାନଙ୍କର** କର୍ତ୍ତବ୍ୟ, **ନାଗରିକର** ଅଧିକାର, **ସମୟର** ଆହ୍ୱାନ ଇତ୍ୟାଦି ।

**(୨) କର୍ମ ସମ୍ବନ୍ଧ :**

**ସମସ୍ତେ ବିଦ୍ୟାର ସାଧନା କରିବା ଉଚିତ** । ଏଠାରେ ବିଦ୍ୟାକୁ ସାଧନା କରିବା ଅର୍ଥ ପ୍ରକାଶ କରୁଥିବାରୁ 'ବିଦ୍ୟାର' ପଦଟି କର୍ମସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି ଅନ୍ୟ ଦୃଷ୍ଟାନ୍ତ ହୋଇପାରିବ – **ଈଶ୍ୱରଙ୍କ** ଉପାସନା, **ଧନର** ଅର୍ଜନ, **ପୁସ୍ତକର** ଅଧ୍ୟୟନ ଇତ୍ୟାଦି ।

**(୩) କରଣ ସମ୍ବନ୍ଧ :**

ଦୁର୍ଯ୍ୟୋଧନ ବାରମ୍ବାର **ଗଦାର** ଆଘାତରେ ମୃତ୍ୟୁ ଲଭିଲେ । ଏଠାରେ 'ଗଦାର ଆଘାତ' ଅର୍ଥ ଗଦାଦ୍ୱାରା ଆଘାତ, ଅର୍ଥାତ 'ଗଦାର' ପଦଟି କରଣ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି – **ରୋଗର** ଯନ୍ତ୍ରଣା, **ଶରର** ଆଘାତ, **କ୍ଷୁଧାର** ପୀଡ଼ା ଇତ୍ୟାଦି ।

**(୪) ସଂପ୍ରଦାନ ସମ୍ବନ୍ଧ :**

**ପୁରୋହିତଙ୍କୁ** ବସ୍ତ୍ର ଦିଅ । ଏଠାରେ 'ପୁରୋହିତଙ୍କୁ ବସ୍ତ୍ର' ଅର୍ଥ ପୁରୋହିତଙ୍କ ପାଇଁ ଉଦ୍ଦିଷ୍ଟ ବସ୍ତ୍ର । ଅର୍ଥାତ୍ 'ପୁରୋହିତଙ୍କ' ପଦଟି ସଂପ୍ରଦାନ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି ଅନ୍ୟ ଦୃଷ୍ଟାନ୍ତ ହେବ – **ଭିକାରିର** ରୁଟି, **ବାଇଆଣୀର** ଭାତ ଓ **କୁକୁରର** ମାଂସ ଇତ୍ୟାଦି ।

**(୫) ଅପାଦାନ ସମ୍ବନ୍ଧ :**

ଏହି ଅଞ୍ଚଳରେ **ହାତୀର** ଭୟ ଅଛି । ଏଠାରେ 'ହାତୀର ଭୟ' ଅର୍ଥ ହେଉଛି 'ହାତୀଠାରୁ ଭୟ', ତେଣୁ 'ହାତୀର ଭୟ' ପଦଟି ଅପାଦାନ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି **ସର୍ପର** ଭୟ, **ଗୁରୁଙ୍କ** ଉପଦେଶ, **ପିତାଙ୍କ** ଭର୍ତ୍ସନା ଇତ୍ୟାଦି ।

(୬) **ଅଧିକରଣ ସମ୍ବନ୍ଧ :**

ତାଙ୍କର **କଳାର** ଅନୁରାଗ ସମସ୍ତଙ୍କୁ ମୁଗ୍ଧ କରେ । ଏଠାରେ 'କଳାର ଅନୁରାଗ' ଅର୍ଥ ହେଉଛି 'କଳାରେ ଅନୁରାଗ' । ତେଣୁ 'କଳାର' ପଦଟି ଅଧିକରଣ ସମ୍ବନ୍ଧ ପ୍ରକାଶ କରୁଅଛି । ସେହିପରି **ସଂଧ୍ୟାର** ଭ୍ରମଣ, **ଉଦ୍ୟାନର** ଫୁଲ ଓ **ସାୟଂକାଳର** ଭ୍ରମଣ ପ୍ରଭୃତି ।

**(ଖ) ସେବ୍ୟସେବକ ସମ୍ବନ୍ଧ :**

ଯଥା – **ପ୍ରଭୁଙ୍କ** ଭୃତ୍ୟ, **ଦେବଙ୍କ** ଭକ୍ତ ।

**(ଗ) ଜନ୍ୟ ଜନକ ସମ୍ବନ୍ଧ :**

ଯଥା – **ହରିର** ପୁଅ, **କନକର** ଝିଅ, **ପବନର** ପୁତ୍ର ।

**(ଘ) ଆଧାରଆଧେୟ ସମ୍ବନ୍ଧ :**

ଯଥା – **ପୁଷ୍କରିଣୀର** ଜଳ, **ଜମିର** ଧାନ, **ବସ୍ତାର** ଚାଉଳ ।

**(ଙ) କାର୍ଯ୍ୟକାରଣ ସମ୍ବନ୍ଧ :**

ଯଥା – **ପରିଶ୍ରମର** ଫଳ, **ପାପର** ପରିଣାମ, **ପୁଣ୍ୟର** ଫଳ ।

**(ଚ) ବିଶେଷଣ ସମ୍ବନ୍ଧ :**

ଯଥା – **ଗୁଣର** ପିଲା, **ସୁଖର** ଦିନ, **ଆଦରର** କନ୍ୟା ।

**(ଛ) ଅଙ୍ଗାଙ୍ଗୀଭାବ ସମ୍ବନ୍ଧ :**

ଯଥା – **ମଇଁଷିର** ଶିଙ୍ଘ, **ଗାଈର** ଲାଞ୍ଜ, **ହାତୀର** କାନ ।

**(ଜ) ଅଭେଦ ବା ରୂପକ ସମ୍ବନ୍ଧ :**

ଯଥା – **ଜ୍ଞାନର** ପ୍ରଦୀପ, **କ୍ଷମାର** ସାଗର, **କରୁଣାର** ସିନ୍ଧୁ ।

**(ଝ) ବ୍ୟାପ୍ତି ସମ୍ବନ୍ଧ :**

ଯଥା – **ସପ୍ତାହର** ଛୁଟି, **ମାସକର** କାମ, **ଘଣ୍ଟାକର** ପାଠ ।

**(ଞ) ସମାର୍ଥରେ ଷଷ୍ଠୀ ବିଭକ୍ତି :**

ଯଥା – ତାଙ୍କ ସହିତ **ମୋର** ଶତ୍ରୁତା ନାହିଁ ।

ରାମ ଅନୁଜ ଓ **ପତ୍ନୀଙ୍କ** ସହିତ ବଣକୁ ଗଲେ ।

**(ଟ) ବିନା, ପରି, ପ୍ରତି ଆଦି ଶବ୍ଦ ପ୍ରୟୋଗରେ ଷଷ୍ଠୀ ବିଭକ୍ତି :**

ଯଥା – ତୁମ ବିନା **ମୋର** ଗତି ନାହିଁ ।

**ମହାତ୍ମାଗାନ୍ଧୀଙ୍କ** ପରି ଆଉ କିଏ ସହିଷ୍ଣୁ ଅଛି ?

**ଗରିବଙ୍କ** ପ୍ରତି ଦୟା କର ।

**(ଠ) ନିମିତ୍ତାର୍ଥ ଶବ୍ଦ ଯୋଗରେ ଷଷ୍ଠୀ ବିଭକ୍ତି :**

ଯଥା – **ଜଳର** ନିମନ୍ତେ ସେ ନଦୀକୁ ଗଲା ।

**ପୁଣ୍ୟର** ନିମନ୍ତେ ସେ ଦାନ କରୁଅଛି ।

**(ଡ) ନିର୍ଦ୍ଧାରଣରେ ଷଷ୍ଠୀ ବିଭକ୍ତି :**

(ଗୋଟିକର ଗୁଣ ବା ଦୋଷଦ୍ୱାରା ଅନ୍ୟଠାରୁ ପୃଥକ କରି ନିର୍ଦ୍ଧାରଣ କଲେ ଷଷ୍ଠୀ ବିଭକ୍ତି ହୁଏ ।)

ଯଥା – କାଳିଦାସ **କବିମାନଙ୍କର** ମଉଡ଼ମଣି ।

ସିଂହ **ପଶୁମାନଙ୍କର** ରାଜା ।

**୭.୨.୮ : ସପ୍ତମୀ ବିଭକ୍ତି**

(କ) ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୁଏ ।

ଯଥା – **ବର୍ଷାକାଳରେ** କଦମ୍ବ ଫୁଟେ ।

**ପୁଷ୍କରିଣୀରେ** ପଦ୍ମ ଫୁଟିଅଛି ।

(ଖ) ଭାବେ ସପ୍ତମୀ ।

ଯଥା – ସୂର୍ଯ୍ୟ **ଉଦୟରେ** ପଦ୍ମ ଫୁଟେ । (ଉଦୟ ହେଲେ)

ବର୍ଷା **ଆଗମନରେ** କୃଷକ ଆନନ୍ଦିତ ହୁଅନ୍ତି ।

(ଗ) ବୀପ୍‌ସାର୍ଥରେ ବା ପୁନଃପୁନଃ ଉଲ୍ଲେଖ ସ୍ଥଳରେ ସପ୍ତମୀ ।

ଯଥା – **ଦେଶେଦେଶେ** ଆଜି ଓଡ଼ିଶୀ ନୃତ୍ୟ ବ୍ୟାପି ଗଲାଣି ।

**ଘରେଘରେ** ବିଜୁଳିବତି ଜଳିଲାଣି ।

(ଘ) ପ୍ରୟୋଜନାର୍ଥକ ଶବ୍ଦ ଯୋଗରେ ସପ୍ତମୀ ।

ଯଥା – ସନ୍ନ୍ୟାସୀର **ଧନରେ** କି ପ୍ରୟୋଜନ ?

ନାସ୍ତିକର **ବିଗ୍ରହରେ** କି ପ୍ରୟୋଜନ ?

(ଙ) ଅନ୍ୟୋଽନ୍ୟ ସାଦୃଶ୍ୟ ଓ ଅସାଦୃଶ୍ୟରେ ସପ୍ତମୀ ।

ଯଥା – **ଭାଇଭାଇରେ** କଳି । (ଅନ୍ୟୋଽନ୍ୟ ସାଦୃଶ୍ୟ ଅର୍ଥରେ)

ଘରେ ବାହାରେ ନିନ୍ଦା । (ଅନ୍ୟୋଽନ୍ୟ ଅସାଦୃଶ୍ୟ ଅର୍ଥରେ)

(ଚ) ସାଧୁ, ନିପୁଣ, କୁଶଳ, ପଟୁ, ଦକ୍ଷ ଆଦି ଶବ୍ଦ ଯୋଗରେ ସପ୍ତମୀ ।

ଯଥା – ସେ **ବ୍ୟାକରଣରେ** ପଟୁ ।

ରାମ **ସଙ୍ଗୀତରେ** ନିପୁଣ ।

**୧.୩ :** ପ୍ରାଚୀନ ପ୍ରୟୋଗ ଓ ସାଂପ୍ରତିକ କାଳର ବ୍ୟବହାରରେ ଓଡ଼ିଆ ବିଭକ୍ତିରେ କେତେକ ପାର୍ଥକ୍ୟ ପରିଦୃଷ୍ଟ ହୁଏ । ଯଥା – ଦ୍ୱିତୀୟା ବିଭକ୍ତିରେ ସଂପ୍ରତି କୁ, ଙ୍କୁ, ମାନଙ୍କୁ, କି, ଙ୍କି ଇତ୍ୟାଦି ବ୍ୟବହୃତ ହେଉଥିବା ସ୍ଥଳେ ପ୍ରାଚୀନ ପ୍ରୟୋଗରେ 'ନ୍ତ'ର ପ୍ରୟୋଗ ଦେଖିବାକୁ ମିଳେ ଯଥା – ଆମ୍ଭନ୍ତ (ଆମ୍ଭମାନଙ୍କୁ), ତୁମ୍ଭନ୍ତ (ତୁମ୍ଭମାନଙ୍କୁ) ଇତ୍ୟାଦି । ସେହିପର 'କୁ' ସ୍ଥାନରେ 'କଇ' 'କଇଂ' , କେଁ ଆଦିର ବ୍ୟବହାର ରହିଅଛି ଯଥା – 'ତାହାକୁ' ସ୍ଥାନରେ ତାହାକଇ, ତାହାକଇଂ; ତାହାକେ, ତାହାକେଁ ଇତ୍ୟାଦି ।

**୧.୪ :** ବିଭକ୍ତି ଚିହ୍ନଗୁଡ଼ିକର ଗଠନ ଦୃଷ୍ଟିରୁ ଏଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ । ଯଥା – ମୌଳିକ ବା ସ୍ୱରମୂଳକ ଏବଂ ଅନୁସର୍ଗାତ୍ମକ ବା ବ୍ୟଞ୍ଜନମୂଳକ । ଏ, ଏଁ, ଏଣ, ଉ, ଉଁ ଇତ୍ୟାଦି ସ୍ୱର ମୂଳକ ଏବଂ କୁ, ଟି, ଟା, ରେ, ଦ୍ୱାରା, ର, ରେ, ରୁ ଇତ୍ୟାଦି ବ୍ୟଞ୍ଜନମୂଳକ । କେତେକ ବ୍ୟାକରଣକାର ବିଶ୍ୱାସ କରନ୍ତି ଯେ – ପ୍ରଥମେ ଏହି ସ୍ୱରମୂଳକ (ମୌଳିକ) ବିଭକ୍ତି ଚିହ୍ନଗୁଡ଼ିକର ପ୍ରଚଳନ ରହିଥିଲା ଓ ପରବର୍ତ୍ତୀ ସମୟରେ ଅନୁସର୍ଗାତ୍ମକ ବା ବ୍ୟଞ୍ଜନମୂଳକ ବିଭକ୍ତି ଚିହ୍ନର ପ୍ରଚଳନ ଘଟିଅଛି ।

ନିମିତ୍ତ, ସକାଶ, ଦେହି, ଦେଇ, କର୍ତ୍ତୃକ ଆଦି କେତେକ ଶବ୍ଦ ବିଭକ୍ତି ଚିହ୍ନ ଭାବରେ ଓଡ଼ିଆ ଭାଷାରେ ପ୍ରଚଳିତ ।

## ଅନୁଶୀଳନୀ

୧. ବିଭକ୍ତି କାହାକୁ କହନ୍ତି ? ଏହା କେତେ ପ୍ରକାର ଉଦାହରଣ ସହିତ ଲେଖ ।

୨. ଓଡ଼ିଆ ବିଭକ୍ତି ଚିହ୍ନଗୁଡ଼ିକୁ ଦର୍ଶାଇ ସେଗୁଡ଼ିକୁ ବାକ୍ୟରେ ବ୍ୟବହାର କର ।

୩. ଦ୍ୱିତୀୟା ବିଭକ୍ତି ଓ ଚତୁର୍ଥୀ ବିଭକ୍ତି ମଧ୍ୟରେ ଥିବା ପାର୍ଥକ୍ୟ ଉଦାହରଣ ସହିତ ଦର୍ଶାଅ ।

୪. ସମ୍ବନ୍ଧର ପ୍ରକାର ଭେଦ ଦର୍ଶାଇ ପ୍ରତ୍ୟେକରୁ ଗୋଟିଏ ଉଦାହରଣ ଦିଅ ।

୫. ସ୍ଥୂଳାକ୍ଷର ବିଶିଷ୍ଟ ପଦମାନଙ୍କର ବିଭକ୍ତି ସକାରଣ ନିର୍ଣ୍ଣୟ କର ।

(i) **ତାଙ୍କ** ସହିତ ମୋର ବିରୋଧ ନାହିଁ ।

(ii) ବିରାଡ଼ି **କପାଳକୁ** ଶିକା ଛିଡ଼ିଲା ।

(iii) ମୂର୍ଖ **କାହିଁରେ** ବଶ ହୁଏ ନାହିଁ ।

(iv) ହରିଣ **ବେଗରେ** ଦୌଡ଼ିପାରେ ।

(v) ବୁଢ଼ାଟି **ଶୀତରେ** ଥରୁଛି ।

(vi) **ବଳଠାରୁ** ବୁଦ୍ଧି ବେଶୀ ଦରକାର ।

(vii) **ପୁରେପୁରେ** ଉତ୍ସବ ଲାଗି ରହିଛି ।

(viii) ଗାଡ଼ିଟି **ଧୀରେ** ଚାଲୁଛି ।

୬. ବାକ୍ୟ ମାଧ୍ୟମରେ ଉଦାହରଣ ଦିଅ ।

(i) ସମ୍ବୋଧନରେ ପ୍ରଥମା ବିଭକ୍ତି ।

(ii) 'ଧିକ୍' ଯୋଗେ ଦ୍ୱିତୀୟା ବିଭକ୍ତି ।

(iii) ମୂଲ୍ୟ ଅର୍ଥରେ ଦ୍ୱିତୀୟା ବିଭକ୍ତି ।

(iv) ବ୍ୟାପ୍ତି ଅର୍ଥରେ ପଞ୍ଚମୀ ବିଭକ୍ତି ।

(v) ଭାବେ ସପ୍ତମୀ ବିଭକ୍ତି ।

(vi) ଅବ୍ୟୟ ଯୋଗରେ ପ୍ରଥମା ବିଭକ୍ତି ।

(vii) କ୍ରିୟା ବିଶେଷଣରେ ତୃତୀୟା ବିଭକ୍ତି ।

(viii) ନିବାରଣ ଅର୍ଥରେ ଚତୁର୍ଥୀ ବିଭକ୍ତି ।

❖❖❖

**ଅଷ୍ଟମ ଅଧ୍ୟାୟ**

# ଅନୁଚ୍ଛେଦ ଲିଖନ

**୮.୧ "ବଳରାମ ଦାସ ହେଉଛନ୍ତି ପଞ୍ଚସଖା ଯୁଗର ବୟୋଜ୍ୟେଷ୍ଠ କବି । 'ଜଗମୋହନ ରାମାୟଣ' ହେଉଛି ତାଙ୍କର ସର୍ବଶ୍ରେଷ୍ଠ କୃତି । ଏ ଗ୍ରନ୍ଥଟି 'ଦାଣ୍ଡିରାମାୟଣ' ନାମରେ ମଧ୍ୟ ଖ୍ୟାତ । ଏହା ବାଲ୍ମୀକି କୃତ ସଂସ୍କୃତ ରାମାୟଣର ଅନୁବାଦ ନୁହେଁ; ଅପରନ୍ତୁ ସେହି ଗ୍ରନ୍ଥର ଅନୁସରଣରେ ଲିଖିତ ଏକ ମୌଳିକ ରାମାୟଣ । ଏଥିରେ ଓଡ଼ିଶାର ସମାଜ, ସଂସ୍କୃତି, ଅର୍ଥନୀତି, ଜୀବନଧାରା ଏପରି ଭାବରେ ବର୍ଣ୍ଣିତ ହୋଇଛି ଯେ ଗ୍ରନ୍ଥଟି ପାଠ କଲାକ୍ଷଣି ଓଡ଼ିଆ ଜାତିର ନିଜସ୍ୱ ଚିତ୍ର ଆଖି ଆଗରେ ଝଲସି ଉଠେ ।"**

ଆସ ଉପରଲିଖିତ ଅଂଶକୁ ଦେଖିବା । ଏହାକୁ ଆଲୋଚନା କଲେ ଦେଖିବା ଯେ ଏଥିରେ ଗୋଟିଏ ଭାବବିନ୍ଦୁ ଉପରେ ଗୁରୁତ୍ୱ ଦିଆଯାଇଛି । ତାହା ହେଉଛି, "ବଳରାମ ଦାସ କୃତ ଜଗମୋହନ ରାମାୟଣ ବା ଦାଣ୍ଡିରାମାୟଣର ମାହାତ୍ମ୍ୟ ।" ଏହି ଭାବବିନ୍ଦୁଟିର ବର୍ଣ୍ଣନା ପାଇଁ ଏକାଧିକ ବାକ୍ୟର ପ୍ରୟୋଜନ ହୋଇଛି ଏବଂ ବାକ୍ୟଗୁଡ଼ିକ ମଧ୍ୟରେ ପାରସ୍ପରିକ ସମ୍ପର୍କ ମଧ୍ୟ ରହିଛି ।

ଏହି ଭାବବିନ୍ଦୁ ସହିତ ସମ୍ପର୍କ ରକ୍ଷାକରି ଆଉ ଏକ ଭାବବିନ୍ଦୁର ବର୍ଣ୍ଣନା ମଧ୍ୟ କରାଯାଇପାରେ । କିନ୍ତୁ ପ୍ରତ୍ୟେକ ଭାବବିନ୍ଦୁ ବର୍ଣ୍ଣନା ପାଇଁ ଗୋଟିଏ ଲେଖାଏଁ ସୋପାନ ବା ପର୍ଯ୍ୟାୟ ରଖାଯାଏ । ମୋଟ ଉପରେ ମଣିଷର ଭାବନା ରାଜ୍ୟ ତ ବିସ୍ତୃତ । ପୁଣି ଗୋଟିଏ ଭାବନାକୁ ନେଇ ରୂପାୟିତ ହେଉଥିବା ବିଷୟ ବା ପ୍ରସଙ୍ଗକୁ ବିବିଧ ଭାବ ବିନ୍ଦୁରେ ବିଭକ୍ତ କରାଯାଇଥାଏ । ପ୍ରତ୍ୟେକ ଭାବ ବିନ୍ଦୁର ବିସ୍ତାର ପାଇଁ ଏକାଧିକ ବାକ୍ୟର ପ୍ରୟୋଜନ ହୋଇଥାଏ । ଏହି ଭାବବିନ୍ଦୁ ସଂଯୁକ୍ତ ବାକ୍ୟସମୂହର ଏକତ୍ର ଅବସ୍ଥାନ ବା ପର୍ଯ୍ୟାୟକୁ 'ଅନୁଚ୍ଛେଦ' କୁହାଯାଏ । ଏହା ସାଧାରଣତଃ ଗଦ୍ୟ ସାହିତ୍ୟର ପ୍ରବନ୍ଧ, ଉପନ୍ୟାସ ଓ ଗଳ୍ପରେ ଦେଖିବାକୁ ମିଳିଥାଏ । ସର୍ବୋପରି ଏହା କୁହାଯାଇପାରେ ଯେ –

**"ଗୋଟିଏ ଭାବବିନ୍ଦୁର ବର୍ଣ୍ଣନା ପାଇଁ ପ୍ରୟୋଜନ ହେଉଥିବା ବାକ୍ୟ ବା ବାକ୍ୟ ସମୂହର ଏକତ୍ର ଅବସ୍ଥାନକୁ 'ଅନୁଚ୍ଛେଦ' କୁହାଯାଏ ।"**

ଭାବ ବିନ୍ଦୁର ପ୍ରୟୋଜନ ଅନୁଯାୟୀ ଅନୁଚ୍ଛେଦ ବଡ଼ ବା ଛୋଟ ହୋଇପାରେ । ଅଧିକନ୍ତୁ ଏହା ଦ୍ୱାରା ଚିନ୍ତାର କ୍ରମବିକାଶ ସ୍ୱଷ୍ଟ ହୋଇଥାଏ । ପୁଣି ସର୍ଜନଶୀଳତା ସୃଷ୍ଟିହେବା ସଙ୍ଗେ ସଙ୍ଗେ ମୌଳିକ ଚିନ୍ତାର ବିକାଶ ଘଟେ ।

ଏହି ଅନୁଚ୍ଛେଦ ଲିଖନ ହେଉଛି ଭାବ ବିସ୍ତାର ପାଇଁ ଏକ ପ୍ରକୃଷ୍ଟ ଉପାଦାନ । ଉପସ୍ଥାପନ କ୍ରମରେ ଏହାର କେତୋଟି ମାର୍ଗ ଏଠାରେ ପ୍ରଦର୍ଶିତ ହେଲା । ତାହାହେଉଛି – ଭାବବିନ୍ଦୁକୁ ସଂପ୍ରସାରଣ କରି ଅନୁଚ୍ଛେଦ ଲିଖନ, ଅନୁଚ୍ଛେଦର ସଂକ୍ଷିପ୍ତୀକରଣ ଓ ପ୍ରଦତ୍ତ ଅନୁଚ୍ଛେଦ ଅବବୋଧ ନିମିତ୍ତ ତହିଁରେ ସଂଶ୍ଳିଷ୍ଟଥିବା ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ପ୍ରଦାନ ।

**ଭାବ ସଂପ୍ରସାରଣର ନିୟମ :**

(କ) ଭାବବିନ୍ଦୁଟିକୁ ପାଠକ ହୃଦୟରେ ପହଞ୍ଚାଇବା ପାଇଁ ଲେଖକ ଚେଷ୍ଟା କରିବା ଉଚିତ ।

(ଖ) ମୁଖ୍ୟତଃ ଭାବ ତଥା ଭାଷା ବୋଧଗମ୍ୟ ହେବା ଅତୀବ ପ୍ରୟୋଜନ ।

(ଗ) ଅତିରଞ୍ଜିତ ବର୍ଣ୍ଣନା ମଧ୍ୟ ଭାବବିନ୍ଦୁର ମହତ୍ତ୍ୱକୁ ଖଣ୍ଡନ କରିଥାଏ । ତେଣୁ ସେଭଳି ବର୍ଣ୍ଣନା ଅନାବଶ୍ୟକ ।

(ଘ) ସବୁଠାରୁ ବଡ଼କଥା ହେଉଛି ଭାବବିନ୍ଦୁକୁ ସ୍ପଷ୍ଟ କରିବା । ତେଣୁ ବ୍ୟାଖ୍ୟାକାର ଅନୁଚ୍ଛେଦ ମଧ୍ୟରେ ସମ୍ପୃକ୍ତ ଭାବବିନ୍ଦୁର ସ୍ପଷ୍ଟୀକରଣ ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ କରିବେ ।

## (୧) ଈଶ୍ୱର ଯାହାକରନ୍ତି ପ୍ରାଣୀର ମଙ୍ଗଳ ପାଇଁ ।

ମଣିଷ ଜାତି ଅତି ସୁବିଧାବାଦୀ । ସୁଖ ସୁବିଧା ପାଉଥିବା ପର୍ଯ୍ୟନ୍ତ ସେ ଭଗବାନଙ୍କର ଜୟଗାନ କରିଥାଏ । କିନ୍ତୁ ବିପଦରେ ପଡ଼ିଲେ ବା ଦୁଃଖ ଭୋଗିଲେ ଜୟଗାନ କରିବା ତ ଦୂରରକଥା; ଅଧିକନ୍ତୁ ଭଗବତ୍ ନାମସ୍ମରଣ କରିବାକୁ ମଧ୍ୟ କୁଣ୍ଠାବୋଧ କରିଥାଏ । ପ୍ରକୃତପକ୍ଷେ ତା'ର ଜାଣିବା ଉଚିତ ଯେ ଈଶ୍ୱରଙ୍କ ଦରବାରରେ ପାତର ଅନ୍ତର ନୀତି ନାହିଁ । ତାଙ୍କ ବିଚାର – ନିକିତି ପାଖରେ ସମସ୍ତେ ସମାନ ଅଟନ୍ତି । କର୍ମ ଅନୁଯାୟୀ ସେ ଫଳ ପ୍ରଦାନ କରିଥାନ୍ତି । କିନ୍ତୁ ଯାହା କରନ୍ତି ତାହା ପ୍ରାଣୀର ମଙ୍ଗଳ ପାଇଁ କରିଥାନ୍ତି । ଉଦାହରଣ ସ୍ୱରୂପ; ଗୋଟିଏ ଗ୍ରାମରେ ଗୋବିନ୍ଦ ଓ ଗୋପାଳ ନାମରେ ଦୁଇଜଣ ସାଙ୍ଗ ଥିଲେ । ଥରେ ଦୁହେଁ ଜଙ୍ଗଲ ବୁଲିବାକୁ ଯାଇଥିଲେ । ଗଛରେ ପାଚିଲା ଜାମୁକୋଳି ଦେଖି ଦୁହିଁଙ୍କର ଲୋଭ ହେଲା । ଗୋବିନ୍ଦ ଗଛ ଚଢ଼ି ହଲାଇଲା ଓ ଗୋପାଳ ତଳେ ରହି କୋଳି ଗୋଟାଇଲା । ଏତିକିବେଳେ କେଉଁଠି ଥିଲା କେଜାଣି ମସ୍ତବଡ଼ ଅଣ୍ଡିରା ଭାଲୁଟା ମାଡ଼ି ଆସିଲା ଗଛ ଆଡ଼କୁ କାଳ ବିଳମ୍ବ ନକରି । ଗୋପାଳ ଆଉ ରହିବ କ'ଣ ? ଦୌଡ଼ିଲା ଘରଆଡ଼କୁ ଅଣନିଃଶ୍ୱାସୀ ହୋଇ । ଗଛ ଉପରୁ ଗୋବିନ୍ଦ ଡାକ ଛାଡ଼ିଲେ ମଧ୍ୟ ସେ ଶୁଣିଲାନାହିଁ । ତାପରେ ଭାଲୁ ଜାମୁ ଗଛକୁ ଚଢ଼ିବାରୁ ଗୋବିନ୍ଦ ଫଙ୍କରି ଡେଇଁ ପଡ଼ିଲା ତଳକୁ । କପାଳ କଥା । କ'ଣ କରିବ ? ତା ଆଣ୍ଠୁ ଗଣ୍ଠି ଛିଣ୍ଡିଗଲା । ମନେମନେ ଗୋପାଳକୁ ବହୁତ ଗାଳିଦେଲା । ତାପରେ ମଝି ଜଙ୍ଗଲ ଦେଇ ଘରକୁ ଫେରୁଥିବା ବେଳେ ଦଳେ ଯୁବକ ତାକୁ ଧରିନେଲେ ଦେବୀଙ୍କ ପାଖରେ ବଳି ଦେବା ପାଇଁ । କିନ୍ତୁ ଭଗବାନଙ୍କର ବିଚାର ତ ମହତ୍ । ବଳି ଦେବା ଉଦ୍ଦେଶ୍ୟରେ ପୂଜକ ମହାଶୟ ଗୋବିନ୍ଦକୁ ତନଖି କରିବାବେଳେ ତା' ଖଣ୍ଡିଆ ଶରୀର ଦେଖି ସିଏ ବଳି ପାଇଁ ଯୋଗ୍ୟ ନୁହେଁ ବୋଲି ଘୋଷଣା କରିବା ସଙ୍ଗେ ସଙ୍ଗେ ତାକୁ ସେଠାରୁ ଫେରାଇ ଦେଲେ । ସେତେବେଳେ ଯାଇ ତା'ର ଚେତା ପଶିଲା । ଆଉ କହିଲା ଈଶ୍ୱର କେଡ଼େ ଦୟାବନ୍ତ ସତେ ! ପ୍ରକୃତରେ ସିଏ ଯାହାକରନ୍ତି ତାହା ନିଶ୍ଚିତ ଭାବରେ ପ୍ରାଣୀର ମଙ୍ଗଳ ପାଇଁ । କାରଣ ମୁଁ ଖଣ୍ଡିଆ ଖାବରା ହୋଇଥିବାରୁ ଆଜି ନିଶ୍ଚିତ ମୃତ୍ୟୁମୁଖରୁ ରକ୍ଷା ପାଇଗଲି ।

## (୨) କୁକୁର ଲାଙ୍ଗୁଡ଼ ବାର ବରଷରେ ସଳଖେ ନାହିଁ ।

ସୃଷ୍ଟିକର୍ତ୍ତା କୁକୁର ଲାଙ୍ଗୁଡ଼କୁ ଏପରି ଭାବରେ ଗଢ଼ିଦେଇଛନ୍ତି ଯେ ତାହା ସର୍ବଦା ବଙ୍କା ହୋଇ ରହିବ । ଶତ ଚେଷ୍ଟା ସତ୍ତ୍ୱେ ତାହା ସଳଖ ହୋଇ ପାରିବ ନାହିଁ । କିନ୍ତୁ ଥରେ ଜଣେ ଧନୀ ଲୋକ ତାକୁ ସଳଖ କରିବାକୁ ଇଚ୍ଛାକଲେ । ତାଙ୍କ ଇଚ୍ଛା ଅନୁସାରେ ଗୋଟିଏ ଭଲ କୁକୁର ଛୁଆ ଆଣି ପାଳନ କରାଗଲା । ତା'ର ଯତ୍ନନେବା ପାଇଁ ଜଣେ ସେବକକୁ ନିଯୁକ୍ତି ଦିଆଗଲା । ସେ ବିଚରା ରାତି ପାହିବା ଠାରୁ ରାତି ପର୍ଯ୍ୟନ୍ତ କୁକୁରର ସେବା କରିବାକୁ

ଲାଗିଲା । ତାକୁ ଗାଧୋଇ ଦେବା, ଖାଇବାକୁ ଦେବା, ସାଙ୍ଗରେ ବୁଲେଇ ନେବା ଇତ୍ୟାଦି ବିଧିବଦ୍ଧ ଭାବେ କରୁଥାଏ । କାରଣ ମାଲିକଙ୍କର ଇଚ୍ଛା ଯେତେ ପଇସା ଖର୍ଚ୍ଚ ହେବ ହେଉ ପଛକେ; କୁକୁର ଲାଙ୍ଗୁଡ଼ ସଳଖ ହେଉ । ଲାଙ୍ଗୁଡ଼ ନ ସଳଖିଲେ ତାଙ୍କ ଧନୀ ହେବା ନିରର୍ଥକ ହେବ । ତେଣୁ ସେବକ ବିଚରା ଲାଙ୍ଗୁଡ଼ଟିକୁ ଆଉଁସି ଆଉଁସି ପ୍ରତିଦିନ ଟାଣି ଧରି ସିଧା କରିବାକୁ ଚେଷ୍ଟା କରୁଥାଏ । କିନ୍ତୁ ଗୋଟିଏ ବର୍ଷ ବିତିଲେ ବି ଲାଙ୍ଗୁଡ଼ ଟିକିଏ ହେଲେ ସିଧା ହେଲା ନାହିଁ । ତେଣୁ ଧନୀଲୋକର ମନ ଭଲ ନଥାଏ । ଏହି ସମୟରେ ତାଙ୍କ ଘର ଦେଇ ଜଣେ ସାଧୁ ମହାତ୍ମା ଯାଉଥିଲେ । ଧନୀ ବ୍ୟକ୍ତି ଜଣକ ତାଙ୍କୁ ପଚାରିଲେ । ସେ କହିଲେ, "ବାବୁ ! ଏଇ ସାଧାରଣ କଥା ପାଇଁ ଏତେ ଚିନ୍ତା । ଲାଙ୍ଗୁଡ଼ ଲମ୍ବର ନଳଟିଏ ଆଣି ତାକୁ ତା' ଭିତରେ ଭର୍ତ୍ତି କରିଦିଅ । ତାହା ଆପେ ଆପେ ସଳଖି ଯିବ । ବାଉଁଶ ନଳ ଭିତରେ ଲାଙ୍ଗୁଡ଼କୁ ଦୁଇ ବର୍ଷ ରଖି ଖୋଲିଲା ବେଳକୁ ପୁଣି ବଙ୍କା । ସେତେବେଳେ ତାଙ୍କ ପୁଅ କହିଲା, ବାପା ! ବାଉଁଶନଳ କାମ ଦେଲା ନାହିଁ । ଗୋଟିଏ ରୂପାନଳରେ ଲାଙ୍ଗୁଡ଼କୁ ଭର୍ତ୍ତିକର । ତାହାହିଁ କରାଗଲା । ଏଇମିତି କଟିଗଲା ଆଉ ତିନି ବର୍ଷ । ପୁଣି ଖୋଲିଲା ବେଳକୁ ଯେଉଁ ବଙ୍କାକୁ ସେହି ବଙ୍କା । ତାପରେ ତାଙ୍କ ସ୍ତ୍ରୀ ସୁନାନଳରେ ରଖିବା ପାଇଁ କହିଲେ । ସେଥିରେ ମଧ୍ୟ ଛଅ ବର୍ଷ ରଖାଗଲା । ଏଇମିତି ଏଇମିତି ବାରବର୍ଷ କଟିଗଲେ ମଧ୍ୟ ଲାଙ୍ଗୁଡ଼ ଯେଉଁଭଳି ବଙ୍କା ଥିଲା, ସେହିଭଳି ବଙ୍କା ହୋଇ ରହିଲା । ତେଣୁ ସେ ରାଗରେ କହିଲେ — "କୁକୁର ଲାଙ୍ଗୁଡ଼ ବାରବର୍ଷରେ ବି ସଳଖେ ନାହିଁ ।"

**ତାତ୍ପର୍ଯ୍ୟ ହେଉଛି ଯେ ମୂର୍ଖ, ନିର୍ବୋଧ ତଥା ଦୁଷ୍ଟପ୍ରକୃତିର ଲୋକଙ୍କ ପାଇଁ ଯେତେ ପ୍ରକାର ମହତ ବାଣୀ ପ୍ରୟୋଗ କଲେ ମଧ୍ୟ ତାହା ତାଙ୍କ ପାଇଁ ଫଳ ଦାୟକ ହୁଏ ନାହିଁ ।**

## (୩) ନଈ କେ ବାଙ୍କ, ଦେଶ କେ ଫାଙ୍କ ।

ସାଧାରଣତଃ ମୃତ୍ତିକାର କୋମଳ ଅଂଶ ଦେଇ ନଈ ଧାର ଆଗେଇ ଚାଲେ । ଯେଉଁ ପାର୍ଶ୍ୱରେ ମାଟି ଯେତେ କୋହଳ ତାହା ସେହି ଆଡ଼କୁ ସେତେ ମୁହାଁଇ ଯାଏ । ତେଣୁ ସେହି ଆଡ଼କୁ ବଙ୍କାହୋଇ ଆଗକୁ ଯାଏ । ଏହି କ୍ରମରେ ପ୍ରତ୍ୟେକ ନଦୀର ଗତିପଥ ବକ୍ର ହୋଇଥାଏ । ଆଉ ତା'ର ଜଳରାଶି ତା'ର ଅଙ୍କାବଙ୍କା ପଥ ଦେଇ ଗତି କରିବାକୁ ବାଧ୍ୟ ହୋଇଥାଏ ।

ଅନ୍ୟ ପକ୍ଷରେ 'ଫାଙ୍କ'ର ଅର୍ଥ ହେଉଛି ବିଭିନ୍ନ ରୀତି ବା ବିଶେଷ ରୀତି । ତେଣୁ ଦେଶକେ ଫାଙ୍କ'ର ଅର୍ଥ— ପ୍ରତ୍ୟେକ ଦେଶର ଚଳଣି ରୀତି ହେଉଛି ସ୍ୱତନ୍ତ୍ର । ତାହା ଅନ୍ୟ ଦେଶର ଚଳଣି ଠାରୁ ଭିନ୍ନ । ଉଦାହରଣ ସ୍ୱରୂପ; ଇଂଲଣ୍ଡରେ ବାସ କରୁଥିବା ଲୋକେ ଇଂରାଜୀକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କଲା ବେଳେ ପାକିସ୍ତାନ ଲୋକେ ଉର୍ଦ୍ଦୁଭାଷାକୁ ନିଜର କରି ନେଇଛନ୍ତି । ସେହି ସ୍ଥଳରେ ଆମ ଭାରତବର୍ଷରେ ବିବିଧ ଭାଷା ପ୍ରଚଳିତ ଥିବା ସତ୍ତ୍ୱେ 'ହିନ୍ଦୀ' ରାଷ୍ଟ୍ରଭାଷାର ମାନ୍ୟତା ଲାଭ କରିଛି । ସେହିପରି ଖାଦ୍ୟ, ପାନୀୟ ତଥା ପୋଷାକ ଓ ପର୍ବପର୍ବାଣି ପାଳନରେ ମଧ୍ୟ ତାରତମ୍ୟ ରହିଛି । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ମନୁଷ୍ୟରୁ ମନୁଷ୍ୟ ଓ ଦେଶରୁ ଦେଶ ମଧ୍ୟରେ ଚଳଣି ତଥା ରୀତିନୀତିର ଭିନ୍ନତା ନିଶ୍ଚିତ ଭାବରେ ରହିବ ହିଁ ରହିବ । କିନ୍ତୁ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେଲେ ତାଙ୍କ ରୀତିନୀତି ତଥା ପରିସ୍ଥିତି ପ୍ରତି ଅସୂୟା ଭାବ ପୋଷଣ ନକରି ନିଜକୁ ସାମିଲ କରିନେବା ହେଉଛି ବୁଦ୍ଧିମାନର କାମ ।

ଏହି ମର୍ମରେ ମଧ୍ୟ କୁହାଯାଇପାରେ – "ଯେ ଦେଶେ ଯାଇ, ସେ ଫଳ ଖାଇ ।"

## (୪) ଦଇବ ଦଉଡ଼ି ମଣିଷ ଗାଈ ଯେଣିକି ଓଟାରେ ତେଣିକି ଯାଇ ।

ମନୁଷ୍ୟ ଯେପରି କର୍ମ କରିଥାଏ, ତାକୁ ସେପରି ଫଳ ମିଳିଥାଏ । ଅଧିକନ୍ତୁ ମହତ କର୍ମର ପ୍ରଭାବରେ ସୁଫଳ ମିଳିବା ବେଳେ ଦୁଷ୍କର୍ମର ଫଳ ଜୀବନକୁ ବିଷମୟ କରିଦେଇଥାଏ । ଦର୍ଶନ ଶାସ୍ତ୍ରର ଆଲୋଚନାରୁ ଜଣାଯାଏ ଯେ ମନୁଷ୍ୟ ଯେଉଁ କର୍ମକରେ ତାହା ଏ ଜନ୍ମରେ କିଛି ଭୋଗ ହୋଇଥାଏ ଓ କିଛି କର୍ମର ଫଳ ସଞ୍ଚିତ ହୋଇ ରହିଯାଏ । ତାହା ପର ଜନ୍ମରେ ଭୋଗ କରିବାକୁ ପଡ଼େ । ସେହି ସଞ୍ଚିତ ହୋଇ ରହିଯାଇଥିବା ପୂର୍ବଜନ୍ମର କର୍ମଫଳକୁ 'ପ୍ରାରବ୍ଧ' ବୋଲି କୁହାଯାଏ । ଭଗବାନଙ୍କର ବା ଦଇବର ବିଚାର ଅତି ଉତ୍ତମ ଅଟେ । ସେ ପୂର୍ବ–ଜନ୍ମର କର୍ମ ଅନୁସାରେ ଏ ଜନ୍ମରେ ଜୀବର ଭୋଗାଭୋଗ ପାଇଁ ବିଧିବିଧାନ କରିଥାନ୍ତି । ପରିଶ୍ରମ ବଳରେ ମଣିଷ ନିଜ ସ୍ଥିତିର ଉପର ପାବଚ୍ଛକୁ ଯିବା ପାଇଁ କ୍ଷମହେବା କଥା । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ତାହା ଘଟେ ନାହିଁ । କାରଣ ମଣିଷ ଚେଷ୍ଟାର ଊର୍ଦ୍ଧ୍ୱରେ ରହିଛି ନିୟତି ବା ଦୈବର ବିଧାନ । ଭାଗ୍ୟ ନିୟନ୍ତ୍ରଣ କ୍ଷମତା ରହିଛି ଦଇବ ହାତରେ । ଉଦାହରଣ ସ୍ୱରୂପ; ସମାନ ପରିଶ୍ରମ କରି ପରୀକ୍ଷାରେ ସମାନ ନମ୍ବର ନରଖିବା, ଅଧିକ ମେଧାବୀ ଛାତ୍ରଛାତ୍ରୀ ତାଙ୍କ ତଳସ୍ତରର ଛାତ୍ରଛାତ୍ରୀଙ୍କ ଠାରୁ କମ୍ ନମ୍ବର ରଖିବା, କମ୍ ଜ୍ଞାନର ଅଧିକାରୀ ଉଚ୍ଚ କ୍ଷମତାରେ ଆସୀନ ହେବା, କଠୋର ପରିଶ୍ରମ କରି ମଧ୍ୟ ନିଜ ଇଚ୍ଛାମୁତାବକ ଚାକିରି, ଅଧିକାର, କ୍ଷମତା, ଯଶ ନପାଇବା ଆଦି ଫଳମାନ ପୂର୍ବାର୍ଜିତ କର୍ମ ଅନୁଯାୟୀ ଦୈବହସ୍ତରେ ବନ୍ଧା ହୋଇଥାଏ । ସେ ଉପଯୁକ୍ତ ସମୟରେ ଯାହାକୁ ଯାହା ଦେବା କଥା, ତାହା ପ୍ରଦାନ କରିଥାନ୍ତି । ଏଥିରେ ଅନ୍ୟପ୍ରତି ଅସୂୟା ପ୍ରକାଶ କରିବା ଉଚିତ ନୁହେଁ କି ମର୍ମାହତ ହୋଇ ଭଗ୍ନ ମନୋରଥରେ କର୍ମପ୍ରତି ନିଃସ୍ପୃହ ହେବା ବିଧେୟ ନୁହେଁ । କାରଣ ଏ ଜନ୍ମ-ସୁକର୍ମ ର କେହି ସାକ୍ଷୀ ନଥିଲେ ମଧ୍ୟ ବିଧାତା ଧର୍ମପୁରୁଷ ରୂପେ ସେ ସମସ୍ତ ଦେଖି ପରଜନ୍ମ ପାଇଁ ସୁଫଳମାନ ଥୋଇଦେଇଥାନ୍ତି ଓ ଦୁଷ୍କର୍ମୀଙ୍କ ପାଇଁ ଦଣ୍ଡବିଧାନ କରିଥାନ୍ତି ।

## ୮.୨ ଅନୁଚ୍ଛେଦ ପଠନ ଓ ସଂକ୍ଷିପ୍ତୀକରଣ :

ଜୀବନ–ଜୀବିକାର ପ୍ରବଳ ଚାପରେ ଗଦାଗଦା ବହି ଓ ଦୀର୍ଘପୃଷ୍ଠାବ୍ୟାପି ବିଷୟ ପଢ଼ିବାକୁ ଆଉ ପାଠକର ସମୟ ଓ ଧୈର୍ଯ୍ୟ ନାହିଁ । ଅଳ୍ପ ସମୟ ଭିତରେ ବହୁତ ଜାଣିଯିବାର ପ୍ରଚେଷ୍ଟା ଏ ଯୁଗକୁ 'ସଂକ୍ଷେପର ଯୁଗ'କରି ପକାଇଛି । ଦୈନନ୍ଦିନ ଜୀବନରେ ପ୍ରତ୍ୟେକ ମଣିଷ ଏବେ ସଂକ୍ଷିପ୍ତ ପ୍ରକାଶ ଉପରେ ଗୁରୁତ୍ୱ ଦେଉଛି । ତେଣୁ ଭାଷା ଓ ସାହିତ୍ୟରେ ସଂକ୍ଷିପ୍ତୀକରଣ ପ୍ରଶିକ୍ଷଣ ଏକାନ୍ତ ଆବଶ୍ୟକ ହୋଇ ପଡ଼ିଛି ।

### ସଂକ୍ଷିପ୍ତୀକରଣ ପାଇଁ କେତେକ ଜାଣିବା କଥା :

(କ) ଏହି ସଂକ୍ଷିପ୍ତୀକରଣ ପାଇଁ ଲେଖକକୁ ଅନେକ ସାବଧାନତା ଅବଲମ୍ବନ କରିବାକୁ ପଡ଼େ । ଏହି ପ୍ରକ୍ରିୟା ପାଇଁ ଲେଖକଙ୍କର ସନ୍ଧି, ସମାସ, କୃଦନ୍ତ, ତଦ୍ଧିତ, ବଚନ, ବିଭକ୍ତି, ଏକପଦୀକରଣ, ବାକ୍ୟସଂକ୍ଷେପଣ ଆଦିରେ ଅଧିକ ଜ୍ଞାନ ଥିବା ଆବଶ୍ୟକ ।

(ଖ) ବାକ୍ୟକୁ ସଂକ୍ଷେପ କରି କିମ୍ବା ବାକ୍ୟର ସାରାଂଶକୁ ନେଇ ଏକ ନୂତନ କ୍ଷୁଦ୍ରବାକ୍ୟ ସୃଷ୍ଟିକରି ଅନୁଚ୍ଛେଦକୁ ସଂକ୍ଷିପ୍ତ କରାଯାଇପାରେ ।

(ଗ) ସଂକ୍ଷିପ୍ତୀକରଣ କରୁଥିବା ବ୍ୟକ୍ତିର ସ୍ୱଭାଷାର ଶବ୍ଦଭଣ୍ଡାର ସମ୍ପର୍କରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ । ନଚେତ୍ ଭାବ ପ୍ରକାଶ ପାଇଁ ସଫଳ ଶବ୍ଦ ଚୟନ କରିପାରିବେ ନାହିଁ ।

(ଘ) ଭାବ ସଂକୋଚନର ଅର୍ଥ କେତେକ ବିଷୟକୁ ବାଦ ଦେବା ନୁହେଁ । ଅଙ୍ଗହାନି ନକରି ଭାବକୁ ସଂକୋଚନ କରିବାକୁ ପଡ଼ିବ ।

(ଙ) ଶବ୍ଦ ଗଣନାରେ ଧରାବନ୍ଧା ନିୟମ ନଥିଲେ ମଧ୍ୟ ସାଧାରଣତଃ ଏକ ତୃତୀୟାଂଶ ଶବ୍ଦର ପାଖାପାଖି ଶବ୍ଦକୁ ନେଇ ଯଥାସାଧ୍ୟ ନିଜ ଭାଷାରେ ସଂକ୍ଷିପ୍ତ ଅନୁଚ୍ଛେଦଟିଏ ଲେଖିବାକୁ ପଡ଼େ । ପୁଣି ସେହି ଅନୁଚ୍ଛେଦର ମର୍ମକଥା ଜାଣି ସଂଜ୍ଞା ବା ଶିରୋନାମାଟିଏ ଦେବାକୁ ହୁଏ ।

## ୮.୩ ପ୍ରଦତ୍ତ ଅନୁଚ୍ଛେଦ : (ନମୁନା)

ସେଦିନ ଥିଲା ବସନ୍ତଋତୁର ଏକ ଶୀତଳ ସନ୍ଧ୍ୟା । ଗୌତମ ସାଙ୍ଗମାନଙ୍କ ମେଳରେ ରାଜ ଉଦ୍ୟାନରେ ଖେଳୁଥିବା ବେଳେ ଦଳେ ରାଜହଂସ ମଧୁର ରବ କରି ଅନନ୍ତ ଆକାଶରେ ଉଡ଼ିଯାଉଥିବାର ଦେଖିଲେ । ବସନ୍ତର ନବ ଆଗମନରେ ସେମାନେ ହିମାଳୟର ମାନସରୋବର ଅଭିମୁଖେ ଯାତ୍ରା କରୁଥିଲେ । ହଠାତ୍ ଏକ ଅଜଣା ବ୍ୟକ୍ତିର ଶରାଘାତରେ ହଂସଟିଏ କକ୍ଷଚ୍ୟୁତ ହୋଇ ପଡ଼ିଲା । ବିକଳରାବ କରି ହଂସଟି ଗୌତମ ଖେଳୁଥିବା ରାଜଉଦ୍ୟାନର ଗୋଲାପ–ବଣ ଭିତରେ ଖସି ପଡ଼ିଲା । ଦୂରରେ ଥାଇ ଗୌତମ କ୍ଷତାକ୍ତ ହଂସଟିକୁ ଦେଖିପାରିଥିଲେ । ସେ ସଙ୍ଗେ ସଙ୍ଗେ ହଂସ ନିକଟକୁ ଯାଇ ତାକୁ ଭୂଇଁରୁ ଉଠାଇ ଆଣିଲେ । ହଂସଟିକୁ ନିଜ କୋଳରେ ଯତ୍ନ ସହକାରେ ରଖି ତା' ଡେଣାରୁ ଶରଟିକୁ ବାହାର କରି ଆଣିଲେ । ନିଜ ଲୁଗାରେ କ୍ଷତ ସ୍ଥାନଟିକୁ ପୋଛିଦେଇ ସେଥିରେ ଔଷଧୀୟ ପତ୍ରକୁ ଛେଚି ତା'ର ପ୍ରଲେପ ଲଗାଇ ଦେଲେ । ହଂସଟିକୁ ପାଣିପିଇବାକୁ ଦେଇ ତା'ର ଶୁଶ୍ରୂଷା କରିବାରୁ ସେ ଆସ୍ତେ ଆସ୍ତେ ସୁସ୍ଥ ହେବାରେ ଲାଗିଲା ।

## ସଂକ୍ଷିପ୍ତୀକରଣ ଅନୁଚ୍ଛେଦ : ଶୀର୍ଷକ - "ଜୀବେଦୟା"

ଏକ ବାସନ୍ତୀ ସନ୍ଧ୍ୟାରେ ସାଙ୍ଗମାନଙ୍କ ସହିତ ରାଜୋଦ୍ୟାନରେ କ୍ରୀଡ଼ାରତ ଥିବାବେଳେ ଗୌତମ ହିମାଳୟର ମାନସରୋବର ଅଭିମୁଖୀ ଉଡ୍ଡୀୟମାନ ରାଜହଂସଦଳଙ୍କ ମଧ୍ୟରୁ ଶୋକାକୁଳ ଶରାଘାତ ପକ୍ଷୀଟିଏ ଗୋଲାପବଣରେ ଭୂପତିତ ହେବାର ଦେଖିଲେ । ତତ୍‌କ୍ଷଣାତ୍ ତାକୁ କୋଳାଗ୍ରତ କରି ତା' ଡେଣାରୁ ଶରଟି ବାହାର କରି ଦେବା ସଙ୍ଗେ ସଙ୍ଗେ ଶୁଶ୍ରୂଷା କରିବାରୁ ସେ କ୍ରମଶଃ ସୁସ୍ଥ ହେଲା ।

## ୮.୪ ଅନୁଚ୍ଛେଦର ଅବବୋଧ ପରୀକ୍ଷଣ :

ସାଧାରଣତଃ ଦେଖିଲେ ଜଣାଯାଏ ଯେ ଶିକ୍ଷକ, ଛାତ୍ର–ଛାତ୍ରୀ ଓ ପାଠ୍ୟପୁସ୍ତକ ହେଉଛି ଶିକ୍ଷାଜଗତର ତ୍ରିବିଧ ଆଧାର । ଶିକ୍ଷକ-ଶିକ୍ଷିକାଙ୍କ ଶିକ୍ଷାଦାନ ତଥା ଛାତ୍ର–ଛାତ୍ରୀଙ୍କ ଆହରଣର ସଫଳତା ନିର୍ଭରକରେ ମୂଲ୍ୟାୟନ ଉପରେ । ଏଠାରେ କୌଣସି ଏକ ପ୍ରସଙ୍ଗସ୍ଥ ଅନୁଚ୍ଛେଦଟିଏର କଥା ବିଚାର କରାଯାଉ । ଛାତ୍ର–ଛାତ୍ରୀଙ୍କର ଅନୁଚ୍ଛେଦଟି ଅବବୋଧ ହେଲାକି ନାହିଁ, ତାହା ଜାଣିବା ପାଇଁ ମୂଲ୍ୟାୟନର ଆଶ୍ରୟ ନିଆଯାଇଥାଏ । ଏହି ମୂଲ୍ୟାୟନ ପ୍ରକ୍ରିୟାରେ ସେହି ଅନୁଚ୍ଛେଦରୁ କେତେଗୋଟି ସଂକ୍ଷିପ୍ତ ପ୍ରଶ୍ନ ତାଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଏ । ପଚରାଯିବା ପ୍ରଶ୍ନଗୁଡ଼ିକ ମଧ୍ୟରେ କ୍ରମରକ୍ଷା କରାଯାଇପାରେ, ତଳ, ଉପର ହୋଇପାରେ ବା କ୍ରମଖଣ୍ଡନ ହୋଇ ଯତ୍ରତତ୍ର ସ୍ଥାନିତ ହୋଇ ଥାଇପାରେ । ତେଣୁ ଛାତ୍ରଛାତ୍ରୀଗଣ ସେଥିପ୍ରତି ସଚେତନ ହେବା ଉଚିତ । ପ୍ରତି ପ୍ରଶ୍ନର ଉତ୍ତର ନିଶ୍ଚିତଭାବରେ ଅନୁଚ୍ଛେଦ ସହିତ ଜଡ଼ିତ ଥାଏ । ତେଣୁ ଛାତ୍ରଛାତ୍ରୀମାନେ ସାବଧାନତାର ସହ ଅନୁଚ୍ଛେଦଟି ପଢ଼ି ଉତ୍ତର ଦେବା ଏକାନ୍ତ ବିଧେୟ ।

### ସଂକ୍ଷିପ୍ତ ପ୍ରଶ୍ନ ଗୁଡ଼ିକର ଉତ୍ତର ଦେବାର କୌଶଳ :

(କ) ଛାତ୍ରଛାତ୍ରୀମାନେ ଅନୁଚ୍ଛେଦଟିକୁ ସତର୍କତାର ସହିତ ଏକାଧିକବାର ପାଠ କରିବେ ।

(ଖ) ପ୍ରତି ପ୍ରଶ୍ନର ଉତ୍ତର ଅନୁଚ୍ଛେଦର କେଉଁ ଅଂଶରେ ଅଛି, ତାହା ଚିହ୍ନଟ କରିବେ ।

(ଗ) ଯଥାସମ୍ଭବ ଅନୁଚ୍ଛେଦର ଭାଷା ପରିହାର କରି ନିଜଭାଷାରେ ଉତ୍ତର ଦେବା ପାଇଁ ଚେଷ୍ଟା କରିବେ ।

(ଘ) ଭାଷା ସରଳ ହେବା ସଙ୍ଗେ ସଙ୍ଗେ ବାକ୍ୟ ମଧ୍ୟ ସରଳ ହେବା ବିଧେୟ ।

(ଙ) ଉତ୍ତର ପୂର୍ଣ୍ଣବାକ୍ୟରେ ଦେବା ଉଚିତ ।

**ପ୍ରଦତ୍ତ ଅନୁଚ୍ଛେଦ : (୧)**

ଶିକ୍ଷାର୍ଥୀମାନେ ଏପରି ଶିକ୍ଷା ଆହରଣ କରିବା ଉଚିତ ଯାହା ସମାଜ ଓ ବିଶ୍ୱପାଇଁ ହିତକର ହେବ । ଶିକ୍ଷାର୍ଥୀମାନେ ସମାଜର ସମ୍ମାନ ରକ୍ଷା କରିବା ଉଚିତ । ଆମେ ଆମର ପ୍ରାଚୀନ ମୁନିଋଷିମାନଙ୍କର ଉପଦେଶକୁ ଅନୁସରଣ କରିବା ଉଚିତ, ଯେଉଁମାନେ କି ଶିକ୍ଷାର ପ୍ରକୃତ ଅର୍ଥ ଆମକୁ ପ୍ରଦାନ କରିଛନ୍ତି । କେବଳ କେତୋଟି ଉପାଧି ଆହରଣ କରି ଅହଂକାର ପ୍ରକଟ କରିବା ନିର୍ବୋଧତାର ସଙ୍କେତ ଅଟେ । ଶିକ୍ଷାର୍ଥୀମାନେ ସମାଜର ଆବଶ୍ୟକତା ହୃଦୟଙ୍ଗମ କରିବା ଉଚିତ । ଲୋକମାନେ ସମାଜସେବା କରୁଛନ୍ତି ବୋଲି କହନ୍ତି ଅଥଚ ସମାଜର ଆବଶ୍ୟକତା କ'ଣ ତାହା ସେମାନେ ପ୍ରକୃତରେ ହୃଦୟଙ୍ଗମ କରନ୍ତି ନାହିଁ । ଏତାଦୃଶ ସେବା ସମାଜସେବା ନୁହେଁ, ମାତ୍ର ସମାଧି ସେବା ଅର୍ଥାତ୍ ନିର୍ଜୀବ, ଯାନ୍ତ୍ରିକ କାର୍ଯ୍ୟକଳାପ । ଶିକ୍ଷାପଦ୍ଧତିକୁ ଠିକ୍ କରାଗଲେ ସମାଜ ପ୍ରଗତି କରିବ । ପାଶ୍ଚାତ୍ୟ ଶିକ୍ଷା ପ୍ରତି ଆଗ୍ରହ ବଢୁଥିବାରୁ ବେଦ ଅଧ୍ୟୟନ ଉପେକ୍ଷିତ ହୋଇଛି । କ'ଣ ଭଲ ଓ କ'ଣ ଖରାପ ତାହା ପିତାମାତା ପିଲାମାନଙ୍କୁ ସେମାନଙ୍କର ପିଲାଦିନରୁ ଶିକ୍ଷା ଦେବା ଉଚିତ । ଦେଶସେବା ନିମିତ୍ତ ପିଲାମାନେ ସେମାନଙ୍କର ଶିକ୍ଷାକୁ ବିନିଯୋଗ କରିବା ସଂପର୍କରେ ପିତାମାତା ସୁନିଶ୍ଚିତ ହେବା ଉଚିତ ।

### ପ୍ରଶ୍ନ

(୧) ଶିକ୍ଷାର୍ଥୀମାନଙ୍କ ଶିକ୍ଷା କିପରି ହେବା ଉଚିତ ?

(୨) ସମାଜ ଶିକ୍ଷାର୍ଥୀମାନଙ୍କ ଠାରୁ କ'ଣ ଆଶା କରେ ?

(୩) ଏତାଦୃଶ ସେବା ସମାଜସେବା ନୁହେଁ । - ଏହା କୁହାଯାଇଛି କାହିଁକି ?

(୪) କେଉଁ ବିଷୟରେ ପିତାମାତା ସୁନିଶ୍ଚିତ ହେବାକୁ ପରାମର୍ଶ ଦିଆଯାଇଛି ?

## ନମୁନା – ଉତ୍ତର

(୧) ଶିକ୍ଷାର୍ଥୀମାନଙ୍କ ଦ୍ୱାରା ଆହରଣ କରାଯାଉଥିବା ଶିକ୍ଷା ସର୍ବଦା ସମାଜ ଉପଯୋଗୀ ଓ ବିଶ୍ୱପାଇଁ ମଙ୍ଗଳକର ହେବା ଉଚିତ ।

(୨) ଶିକ୍ଷାର୍ଥୀମାନେ କେତୋଟି ଉପାଧି ଆହରଣ କରି ଅହଂକାରୀ ନହୋଇ ସମାଜର ପ୍ରକୃତ ଆବଶ୍ୟକତା ବୁଝି ସେମାନଙ୍କର ଶିକ୍ଷାକୁ ଦେଶସେବାରେ ବିନିଯୋଗ କରନ୍ତୁ ।

(୩) ଏତାଦୃଶ ସେବା ସମାଜସେବା ନୁହେଁ, ଏହା କୁହାଯିବାର କାରଣ, ଯେଉଁମାନେ ସମାଜସେବା କରନ୍ତି ବୋଲି ଦାବି କରନ୍ତି, ସେମାନେ ପ୍ରକୃତରେ ସମାଜର ଆବଶ୍ୟକତା କ'ଣ ତାହା ବୁଝି ନଥାନ୍ତି । ଫଳରେ ସେବା ଯାନ୍ତ୍ରିକ ଓ ନିର୍ଜୀବ ହୋଇଯାଏ ।

(୪) ପିଲାମାନେ ଭଲମନ୍ଦ ସଂପର୍କରେ ତାରତମ୍ୟ ଜାଣି ଦେଶସେବା ନିମିତ୍ତ ନିଜର ଶିକ୍ଷାକୁ ବିନିଯୋଗ କରିବେ । ଏହି ବିଷୟରେ ପିତାମାତା ସୁନିଶ୍ଚିତ ହେବା ଆବଶ୍ୟକ ।

## ଅନୁଚ୍ଛେଦ – (୨)

ବିଜ୍ଞାନ ଓ କାରିଗରୀ ବିଦ୍ୟାରେ ଅଭୂତପୂର୍ବ ପ୍ରଗତି ଘଟିଛି, ମାତ୍ର ମାନବଜାତି ଅଧୋମୁଖୀ ହେବାରେ ଲାଗିଛି । ଏକଥା ନିଃସନ୍ଦେହ ଯେ ଆଜି ପୃଥିବୀରେ ଅନେକ ଓଜସ୍ୱୀ ବିଦ୍ୱାନ୍ ଓ ବୈଜ୍ଞାନିକ ଅଛନ୍ତି । କିନ୍ତୁ ବିଜ୍ଞାନ ଏକାକୀ ଯଥେଷ୍ଟ ନୁହେଁ । ବୈଜ୍ଞାନିକ ଉଦ୍ଭାବନ ଗୁଡ଼ିକୁ ଠିକ୍ ବାଟରେ ପ୍ରୟୋଗ କରିବା ପାଇଁ ବିବେକ ରହିବା ଦରକାର । ବିବେକରହିତ ବିଜ୍ଞାନ, ଶୃଙ୍ଖଳାରହିତ ମାନବୀୟ ଅସ୍ତିତ୍ୱ, କୃତଜ୍ଞତାରହିତ ମିତ୍ରତା, ରାଗରହିତ ସଙ୍ଗୀତ, ନୈତିକତା ଓ ନ୍ୟାୟରହିତ ସମାଜ ଲୋକମାନଙ୍କ ପାଇଁ କଲ୍ୟାଣକର ହୋଇନପାରେ । ଏକପକ୍ଷରେ ବୈଜ୍ଞାନିକ ଅଗ୍ରଗତି ଏବଂ ଅପରପକ୍ଷରେ ମାନବୀୟ ଆଚରଣରେ ଅଧଃପତନ । ଏହାର କାରଣ, ଜ୍ଞାନର ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ସମଭାବରେ ଅଜ୍ଞାନତା ମଧ୍ୟ ବଢ଼ି ଚାଲିଛି । ମାନବ ଚରିତ୍ରର ଅଧଃପତନ, ହିଂସା ଓ ଦ୍ୱେଷ ବୃଦ୍ଧିର କାରଣ ଏହି ଯେ ଅତୀତ ତୁଳନାରେ ବର୍ତ୍ତମାନ ଲୋକଙ୍କଠାରେ ଦୁର୍ଗୁଣ, ଦୁଷ୍କର୍ମ ଓ କ୍ରୂର ଲକ୍ଷଣର ଉଲ୍ଲେଖନୀୟ ବୃଦ୍ଧି ଘଟିଛି । ଏହି ବୃଦ୍ଧିର କାରଣଗୁଡ଼ିକୁ ପରୀକ୍ଷା କଲେ ଜଣାଯିବ ଯେ ମନୁଷ୍ୟ ଭିତରେ ପଶୁପ୍ରବୃତ୍ତିର ପ୍ରଭୁତ୍ୱ ବିସ୍ତାର ଯୋଗୁଁ ଏପରି ଘଟୁଛି । ଫଳରେ ମନୁଷ୍ୟ ନିଜର ମାନବୀୟ ମୂଲ୍ୟବୋଧ ହରାଇ ବସୁଛି ।

### ପ୍ରଶ୍ନ

(୧) ବୈଜ୍ଞାନିକ ଉଦ୍ଭାବନ ସହିତ ବିବେକର ସଂପର୍କ କିପରି ହେବା ଉଚିତ ?

(୨) ସମାଜ କିପରି ରୂପ ନେଲେ ଲୋକଙ୍କ ପାଇଁ କଲ୍ୟାଣକର ହୋଇପାରିବ ?

(୩) ଜ୍ଞାନର ଅଭିବୃଦ୍ଧି ହେଉଥିଲେ ହେଁ ଅଜ୍ଞାନତା ବୃଦ୍ଧି ପାଉଛି କିପରି ?

(୪) ମଣିଷ ନିଜର ମାନବୀୟ ମୂଲ୍ୟବୋଧ ହରାଇ ବସୁଛି କାହିଁକି ?

❖❖❖

**ନବମ ଅଧ୍ୟାୟ**

# ବିଜ୍ଞାପନ ଲିଖନ

**୯.୧** 'ବିଜ୍ଞାପନ'ର ଅର୍ଥ ହେଉଛି 'ଜଣାଇବା' । ଏହି ଜଣାଇବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷ ପାଇଁ ଉଦ୍ଦିଷ୍ଟ ନହୋଇ ସମୂହ ଅର୍ଥରେ ବ୍ୟବହୃତ ହୋଇଥାଏ । ବିଶେଷତଃ ଏହା ସମୂହ ଅବଗତି ନିମିତ୍ତ ଉଦ୍ଦିଷ୍ଟ । ଏ ଜଣାଇବା ପୁଣି ମୌଖିକ ନହୋଇ ଲିଖିତ ରୂପେ ଧାରଣ କରିଥାଏ । ଇଂରେଜୀ Notification ଓ Advertisement ର ପରିଭାଷା ରୂପେ ବିଜ୍ଞାପନକୁ ଗ୍ରହଣ କରାଯାଏ । ଅନ୍ୟ ପକ୍ଷରେ କହିଲେ ଜଣାଯାଏ ଯେ ଏହା ଏକ ଲିଖିତ ଘୋଷଣାନାମା ଯାହା ଅନେକ ବ୍ୟକ୍ତିଙ୍କ ଅବଗତି ନିମିତ୍ତ ଉଦ୍ଦିଷ୍ଟ । ମୋଟଉପରେ —

**"ବିଜ୍ଞାପନ ହେଉଛି ବ୍ୟକ୍ତି ସମୂହଙ୍କ ଅବଗତି ନିମିତ୍ତ ଏକ ଲିଖିତ ଘୋଷଣାନାମା ।"**

ବିଜ୍ଞାପନ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟଭିତ୍ତିକ ହୋଇପାରେ ଅଥବା ଅନୁଷ୍ଠାନଭିତ୍ତିକ ହୋଇପାରେ ବା କମ୍ପାନିଭିତ୍ତିକ ହୋଇପାରେ ବା ସର୍ବସାଧାରଣଙ୍କ ଅବଗତି ନିମିତ୍ତ ସରକାରୀ ଘୋଷଣାନାମା ହୋଇପାରେ । ଯାହା ହେଉନା କାହିଁକି ବିଜ୍ଞାପନ ମାଧ୍ୟମରେ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟର ଉଦ୍ଦେଶ୍ୟ ଘୋଷଣା କରାଯାଇଥାଏ ।

## ବିଜ୍ଞାପନର ନମୁନା

**(୧) ରିମୁଳି ହାଇସ୍କୁଲ, ଜି: କେନ୍ଦୁଝର**

**ବିଜ୍ଞାପନ ସଂଖ୍ୟା – ୩୬, ତା ୧୧/୪/୨୦୧୧**

ଏତଦ୍ଦ୍ୱାରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷିକା ତଥା କର୍ମଚାରୀଙ୍କୁ ଅବଗତ କରାଇ ଦିଆଯାଉଛି କି ପବିତ୍ର ଶ୍ରୀରାମ ନବମୀ ପାଇଁ ଆଗାମୀ କାଲି ତା ୧୨/୪/୨୦୧୧ ରିଖ ମଙ୍ଗଳବାର ଦିନ ବିଦ୍ୟାଳୟ କାର୍ଯ୍ୟ ବନ୍ଦ ରହିବ ।

ସ୍ୱାକ୍ଷର – ପ୍ରଧାନ ଶିକ୍ଷକ

ରିମୁଳି ହାଇସ୍କୁଲ, ଜି: କେନ୍ଦୁଝର

---

**ବି.ଦ୍ର. –** ସ୍ଥଳବିଶେଷରେ ନିଜ କାର୍ଯ୍ୟରେ ଅବହେଳା ତଥା କାର୍ଯ୍ୟାଳୟର ନିୟମକୁ ଅବମାନନା କରୁଥିବା କୌଣସି କର୍ମଚାରୀଙ୍କୁ ମଧ୍ୟ ବିଜ୍ଞାପନ ମାଧ୍ୟମରେ କାର୍ଯ୍ୟାଳୟର ନିଷ୍ପତ୍ତି ଜଣାଇ ଦିଆଯାଇଥାଏ । କିନ୍ତୁ ତାହା ଏଠାରେ ଦିଆଯାଇ ନାହିଁ ।

**(୨) ପଙ୍କପାଳ ହାଇସ୍କୁଲ, ଜି: ଜଗତସିଂହପୁର**

**ବିଜ୍ଞାପନ ସଂଖ୍ୟା - ୧୮୨ ତା ୩/୧୨/୨୦୧୦**

ଏତଦ୍ଦ୍ୱାରା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ତଥା କର୍ମଚାରୀମାନଙ୍କୁ ଜଣାଇ ଦିଆଯାଉଛି କି ତା ୬/୧୨/୨୦୧୦ ଓ ତା ୭/୧୨/୨୦୧୦ ରିଖ ଦୁଇଦିନ ଧରି ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଇଚ୍ଛୁକ ପ୍ରତିଯୋଗୀମାନେ ନିଜ ନିଜ ଶ୍ରେଣୀ ଶିକ୍ଷକ ବା ଶିକ୍ଷିକାଙ୍କ ଜରିଆରେ କ୍ରୀଡ଼ା ଶିକ୍ଷକଙ୍କ ନିକଟରେ ନାମ ଉପସ୍ଥାପନ କରିବେ । କ୍ରୀଡ଼ା ପ୍ରାଙ୍ଗଣରେ ସମସ୍ତ ଶିକ୍ଷିକ, ଶିକ୍ଷକା ଓ କର୍ମଚାରୀ ଉପସ୍ଥିତ ରହି କ୍ରୀଡ଼ା ଶିକ୍ଷକଙ୍କୁ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିବା ନିମିତ୍ତ ଅନୁରୋଧ କରାଯାଉଛି ।

ସ୍ୱାକ୍ଷର - ପ୍ରଧାନ ଶିକ୍ଷକ
ପଙ୍କପାଳ ହାଇସ୍କୁଲ, ଜି: ଜଗତସିଂହପୁର ।

**(୩) ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ,ବଣାଇ, ଜି: ସୁନ୍ଦରଗଡ଼ ।**

**ବିଜ୍ଞାପନ ସଂଖ୍ୟା – ୨୮ ତା ୨/୭/୨୦୧୧**

ଏତଦ୍ଦ୍ୱାରା ବିଦ୍ୟାଳୟର ସମସ୍ତ ଗୁରୁ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇ ଦିଆଯାଉଛି ଯେ ତା ୪/୭/୨୦୧୧ ରିଖ ଠାରୁ ତା ୨୫/୭/୨୦୧୧ ରିଖ ପର୍ଯ୍ୟନ୍ତ ନିକଟବର୍ତ୍ତୀ ବିଭିନ୍ନ ବିଦ୍ୟାଳୟରେ ଅଭ୍ୟାସ ଶିକ୍ଷାଦାନ କାର୍ଯ୍ୟ ଚାଲିବ । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସେମାନେ ନିଜର ପାଠଦାନ ଯୋଜନା ଖାତା, ଉପକରଣ ତଥା ଆବଶ୍ୟକ ଶିକ୍ଷଣ ସାମଗ୍ରୀ ସହିତ ଶ୍ରେଣୀ ପ୍ରକୋଷ୍ଠରେ ଉପସ୍ଥିତ ହେବେ । ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀବୃନ୍ଦ ଏହି କାର୍ଯ୍ୟର ସଫଳତା ନିମିତ୍ତ ସହାୟତା କରିବା ପାଇଁ ଅନୁରୋଧ।

ସ୍ୱାକ୍ଷର - ପ୍ରଧାନ ଶିକ୍ଷକ
ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ବଣାଇ,
ଜି: ସୁନ୍ଦରଗଡ଼ ।

**(୪) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ନୂଆପଡ଼ା**

**ବିଜ୍ଞାପନ ସଂଖ୍ୟା – ୩୮ ତା ୨୮/୨/୨୦୧୧**

ଏତଦ୍ଦ୍ୱାରା ଜିଲ୍ଲାର ସମସ୍ତ ଚାଷୀ-ଭାଇଙ୍କ ଅବଗତି ନିମନ୍ତେ ସୂଚନା ପ୍ରଦାନ କରାଯାଉଅଛି କି, ଜଳନିଧି ଯୋଜନାରେ କୃଷି ବିଭାଗ ଦ୍ୱାରା ଅଗଭୀର ନଳକୂପ ଖନନ ପାଇଁ ଶତକଡ଼ା ୫୦ ଭାଗ ବା ସର୍ବାଧିକ ଟ ୨୦,୦୦୦/- ରିହାତିରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ଯୋଜନାରେ ସମସ୍ତ ବର୍ଗର ଚାଷୀମାନେ ଅନ୍ତର୍ଭୁକ୍ତ ହୋଇପାରିବେ । ଆବେଦନ କରିବାର ସମୟ ସୀମା ହେଉଛି ମାର୍ଚ୍ଚ ମାସ ୩୧ ତାରିଖ ।

**କିପରି ଆବେଦନ କରିବେ :**

(୧) ପ୍ରତ୍ୟେକ ଆଗ୍ରହୀ ଚାଷୀର ଅନ୍ୟୂନ ପକ୍ଷେ ୨.୫ ଏକର ଜମି ଥିବା ଆବଶ୍ୟକ । ସ୍ଥଳ ବିଶେଷରେ ପଡ଼ୋଶୀ ଚାଷୀଙ୍କ ସହିତ ମଧ୍ୟ ବୁଝାମଣା ମାଧ୍ୟମରେ ଜଳ ବିକ୍ରୟ ଓ ବଣ୍ଟନ ହିସାବ ଅନୁଯାୟୀ ଜମିର ପରିମାଣ ୨.୫ ଏକର ହେଉଥିବ ।

(୨) ଗୋଟିଏ ଅଗଭୀର ନଳକୂପଠାରୁ ଆଉ ଗୋଟିଏ ନଳକୂପ ମଧ୍ୟରେ ଦୂରତ୍ୱ ଅନ୍ତତଃ ୩ ଶହ ମିଟର ହେଉଥିବ ।

(୩) ବିଦ୍ୟୁତ ସଂଲଗ୍ନ ପାଇଁ ଆବଶ୍ୟକ ସୁବିଧା ଥିବ ।

ଏଣୁ ଆଗ୍ରହୀ ଚାଷୀମାନେ ନିଜ ନିଜ ବ୍ଲକର ସହକାରୀ କୃଷି ଅଧିକରୀଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଦାଖଲ କରନ୍ତୁ । ଆବଶ୍ୟକତା ଅନୁଯାୟୀ କୃଷି ଅଧିକାରୀଙ୍କ ନିକଟରେ ଫର୍ମ ମହଜୁଦ ଅଛି ।

କୃଷି ଅଧିକାରୀଙ୍କ ନିକଟରୁ କାର୍ଯ୍ୟାଦେଶ ଗ୍ରହଣ କରି ଅଗଭୀର ନଳକୂପ ଖନନ କରନ୍ତୁ । ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲାପରେ ରିହାତି କୃଷି ସହାୟକଙ୍କ ଦ୍ୱାରା ମିଳିପାରିବ ।

ସ୍ୱାଃ ଜିଲ୍ଲାପାଳ

ନୂଆପଡ଼ା ।

**(୫) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଖୋରଧା**

**ବିଜ୍ଞାପନ ସଂଖ୍ୟା - ୨୨ଏମ୍ ..... ତା ୧୨/୨/୨୦୧୧**

ଜିଲ୍ଲାପାଳ ଖୋରଧାଙ୍କ ତରଫରୁ ୩୦ଟି ପଶୁଧନ ନିରୀକ୍ଷଣ ତାଲିମ ପାଇଁ ଇଚ୍ଛୁକ ପ୍ରାର୍ଥୀ, ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ / ପ୍ରାର୍ଥିନୀ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପଶୁଚିକିତ୍ସା ଅଧିକାରୀ (DVO) ଙ୍କୁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଓ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନ କରିବେ । ଚୁକ୍ତି ଭିତ୍ତିକ ନିଯୁକ୍ତି ସମ୍ବନ୍ଧରେ ଆବଶ୍ୟକ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

**ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା :**

ଇଣ୍ଟରମିଡିଏଟ ବିଜ୍ଞାନ (ଆଇ.ଏସ.ସି) କିମ୍ବା +୨ ବିଜ୍ଞାନ କିମ୍ବା ଉଚ୍ଚମାଧ୍ୟମିକ ବିଜ୍ଞାନ (Higher Secondary Science) କିମ୍ବା ତତ୍ତୁଲ୍ୟ ଶିକ୍ଷାଗତ ଯୋଗ୍ୟତା କିମ୍ବା ଯୁକ୍ତ +୨ଧନ୍ଦାମୂଳକ ଶିକ୍ଷା (Dairy Farming / Poultry Farming / Animal Production / Meal and AH) ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ପ୍ରକାଶ ଥାଉକି ଉପଯୁକ୍ତ ବିଷୟରେ ଯୁକ୍ତ +୨ ଧନ୍ଦାମୂଳକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ଅଗ୍ରାଧିକାର

ଭିତ୍ତିରେ ମନୋନୟନ କରାଯିବ । ତାହାଛଡ଼ା ପ୍ରାର୍ଥୀ / ପ୍ରାର୍ଥିନୀ ସର୍ବନିମ୍ନ ଓଡ଼ିଆ ଏକ ବିଷୟଥାଇ ଶିକ୍ଷାବିଭାଗ ଦ୍ୱାରା ନିୟନ୍ତ୍ରିତ ମଧ୍ୟଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ।

ପ୍ରଶିକ୍ଷଣ ତାଲିମରେ ଉତ୍ତୀର୍ଣ୍ଣ ହୋଇଥିବା ସଫଳ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ପଶୁଧନ ନିରୀକ୍ଷକ ଭାବେ ଏକବର୍ଷ ପାଇଁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯିବ ଏବଂ କାର୍ଯ୍ୟଦକ୍ଷତା ସନ୍ତୋଷଜନକ ହେଲେ ଉକ୍ତ ନିଯୁକ୍ତିର ମିଆଦ ବଢ଼ାଇ ଦିଆ ଯାଇପାରେ । ଚୁକ୍ତିଭିତ୍ତିକ ପଶୁଧନ ନିରୀକ୍ଷକଙ୍କୁ ମାସିକ ପାରିଶ୍ରମିକ (Consolidated) ଟ ୫୨୦୦/- ଦିଆଯିବ ।

**ବୟସ ସୀମା :**

ସାଧାରଣବର୍ଗର ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ବୟସ ସୀମା (୦୧.୦୮.୨୦୧୦) ସୁଦ୍ଧା ୧୮ ବର୍ଷରୁ ୩୨ ବର୍ଷ ହୋଇଥିବା ଆବଶ୍ୟକ । ତଫସିଲଭୁକ୍ତ ଜାତି ଓ ଜନଜାତି ପ୍ରାର୍ଥୀ / ପ୍ରାର୍ଥିନୀଙ୍କ କ୍ଷେତ୍ରରେ ଉପର ବୟସ ସୀମା ଅଧିକ ୫ ବର୍ଷ ଏବଂ ପଛୁଆବର୍ଗ ଜାତି ପ୍ରାର୍ଥୀ / ପ୍ରାର୍ଥିନୀଙ୍କ କ୍ଷେତ୍ରରେ ଅଧିକ ୩ ବର୍ଷ କୋହଳ କରାଯିବ ।

**ଶାରୀରିକ ଦକ୍ଷତା :**

ଉତ୍ତମ ସ୍ୱାସ୍ଥ୍ୟ, ସର୍ବନିମ୍ନ ଉଚ୍ଚତା ୫ ଫୁଟ ୨ ଇଞ୍ଚ ଏବଂ ଛାତି ଅଣପ୍ରସାରିତ ୩୦ ଇଞ୍ଚ ହେବା ଦରକାର । ପ୍ରାର୍ଥୀ/ ପ୍ରାର୍ଥିନୀଙ୍କର କୌଣସି ମାନସିକ ବିକୃତି ନଥିବ / ସାଇକେଲ ଚଳାଇ ଜାଣିଥିବେ ।

**ସାଧାରଣ ଯୋଗ୍ୟତା :**

ପ୍ରାର୍ଥୀ / ପ୍ରାର୍ଥିନୀ ଭାରତର ନାଗରିକ ହୋଇଥିବେ । ବିବାହିତ ପ୍ରାର୍ଥୀ ଗୋଟିଏ ସ୍ତ୍ରୀ / ସ୍ୱାମୀ ଗ୍ରହଣ କରିଥିବେ ।

ଓଡ଼ିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ । ପ୍ରାର୍ଥୀ / ପ୍ରାର୍ଥିନୀ ସେମାନଙ୍କର ନାମକୁ ଆବେଦନ କରୁଥିବା ଜିଲ୍ଲାର କର୍ମ ନିୟୋଜନ ସଂସ୍ଥାରେ ପଞ୍ଜୀକୃତ କରିଥିବେ ଓ ସେହି ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

**ଟ୍ରେନିଂ :**

ଉପଯୁକ୍ତ ପ୍ରାର୍ଥୀ / ପ୍ରାର୍ଥିନୀଙ୍କୁ ବିଭାଗୀୟ ପ୍ରଶିକ୍ଷଣ ଅନୁଷ୍ଠାନରେ ୯ ମାସ (Theory) ଓ ପଶୁଡାକ୍ତରଖାନା / ଫାର୍ମରେ ୩ ମାସ (Practical) ମୋଟ ୧ ବର୍ଷ ଟ୍ରେନିଂ ଦିଆଯିବ । ଟ୍ରେନିଂ ସମୟରେ ପ୍ରତ୍ୟେକଙ୍କୁ ମାସିକ ଟ ୭୫୦/ – ଭତ୍ତା ମିଳିବ ।

ନିମ୍ନ ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକ ପ୍ରମାଣ ପତ୍ରର ଅବିକଳ ନକଲ (Attested Copy) ସହ ସମ୍ପୃକ୍ତ ଜିଲ୍ଲା ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ (CDVO) ଙ୍କ ଅଫିସରେ ଦାଖଲ କରିବେ ।

## ଦରଖାସ୍ତ ଫର୍ମ

୧) ପ୍ରାର୍ଥୀ / ପ୍ରାର୍ଥିନୀଙ୍କ ନାମ :

୨) ପିତା / ସ୍ୱାମୀଙ୍କ ନାମ :

୩) ସ୍ଥାୟୀ ଠିକଣା :

୪) ଯୋଗାଯୋଗ ଠିକଣା :

୫) ଜାତୀୟତା :

୬) ଜନ୍ମ ତାରିଖ :

୭) ଶିକ୍ଷାଗତ ଯୋଗ୍ୟତା :

୮) ଉଚ୍ଚତା :

୯) ଜାତି (SC/SEBC/GEN) :

୧୦) ବିବାହିତ / ଅବିବାହିତ :

୧୧) ପୁରୁଷ / ସ୍ତ୍ରୀ :

୧୨) କର୍ମ ନିଯୋଜନ ସଂସ୍ଥାରେ ପଞ୍ଜୀକୃତ ହୋଇଥିବା କ୍ର:ନ: ଓ ତାରିଖ :

ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ, ମୋ ଦ୍ୱାରା ଦିଆଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

**ତାରିଖ............** **ଆବେଦନକାରୀଙ୍କ ସ୍ୱାକ୍ଷର**

**ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ – ୫/୩/୨୦୧୧**

**ସ୍ୱାକ୍ଷର -**

**ଜିଲ୍ଲାପାଳ, ଖୋରଧା**

## ଅନୁଶୀଳନୀ

୧. ବିଜ୍ଞାପନ କାହାକୁ କୁହାଯାଏ ?

୨. ଇଂରାଜୀ ଭାଷାର କେଉଁ ଶବ୍ଦ ଦ୍ୱୟର ଓଡ଼ିଆ ପରିଭାଷା ଭାବେ 'ବିଜ୍ଞାପନ'କୁ ଗ୍ରହଣ କରାଯାଇଛି ।

୩. ଆସନ୍ତା ଦୁର୍ଗାପୂଜା ପାଇଁ ତୁମ ବିଦ୍ୟାଳୟ ତା ୨୨/୧୦/୨୦୧୧ ରୁ ୩୦/୧୦/୨୦୧୨ ରିଖ ପର୍ଯ୍ୟନ୍ତ ବନ୍ଦ ରହିବ । ତୁମେ ସେହି ମର୍ମରେ ଗୋଟିଏ ବିଜ୍ଞାପନ ଲେଖ ।

୪. ଆଗାମୀ ରବିବାରରେ ତୁମ ଶ୍ରେଣୀ ତରଫରୁ କରାଯାଉଥିବା ବଣଭୋଜିରେ ଭାଗନେବା ପାଇଁ ଇଚ୍ଛୁକ ଛାତ୍ରଛାତ୍ରୀ ଶ୍ରେଣୀ ଶିକ୍ଷକଙ୍କୁ ନିଜର ନାମ ଜଣାଇବା ଉଦ୍ଦେଶ୍ୟରେ ଗୋଟିଏ ବିଜ୍ଞାପନ ଲେଖ ।

❖❖❖

**ଦଶମ ଅଧ୍ୟାୟ**

# ସରକାରୀ ପତ୍ର ଓ ଦରଖାସ୍ତ

**୧୦.୧** 'ପତ୍ର' ହେଉଛି ଯୋଗାଯୋଗର ଲିଖିତ ମାଧ୍ୟମମାନଙ୍କ ମଧ୍ୟରୁ ଅନ୍ୟତମ । ଏହା ହେଉଛି 'ଚିଠିର' ନାମାନ୍ତର ମାତ୍ର । ଅନୁଶୀଳନରୁ ପୁଣି ଜଣାଯାଏ ଯେ ଏ 'ଚିଠି' ଶବ୍ଦଟି 'ଚିଟ୍' ଧାତୁରୁ ଆନୀତ । ଏହି 'ଚିଟ୍' ଧାତୁର ଅର୍ଥ ହେଉଛି ଦୂରକୁ ପ୍ରେରଣ କରିବା ।

**ସନ୍ଦେଶ ବା ବାର୍ତ୍ତାକୁ ବହନ କରି, ଅନ୍ୟତ୍ର ପ୍ରେରିତ ହେଉଥିବା ଯୋଗାଯୋଗ ରକ୍ଷାକାରୀ କାଗଜକୁ 'ଚିଠି' ବା 'ପତ୍ର' ବୋଲି କୁହାଯାଏ ।**

'ଚିଠି' ବା 'ପତ୍ର' ହେଉଛି ସମାର୍ଥବୋଧକ ଶବ୍ଦ । ପୂର୍ବକାଳରେ ସନ୍ଦେଶ ବା ବାର୍ତ୍ତାକୁ ତାଳପତ୍ର ବା ଭୁର୍ଜ ପତ୍ରରେ ଲେଖାଯାଉଥିବାରୁ ଚିଠିକୁ ପତ୍ର ବୋଲି କୁହାଯାଉଥିଲା । ଚିଠିର ସେହି 'ପତ୍ର' ନାମଟି ଆଜି ସୁଦ୍ଧା ଅପରିବର୍ତ୍ତିତ ଅବସ୍ଥାରେ ପ୍ରଚଳିତ ହୋଇ ଆସୁଅଛି ।

ଚିଠି ଲେଖିବା ହେଉଛି ଗୋଟିଏ କଳା । କାରଣ ମନର ଭାବକୁ ଏହା ଏକ ସାହିତ୍ୟିକ ରୂପ ଦେବାରେ କ୍ଷମ ହୋଇଥାଏ । ଏଥିରେ ପ୍ରେରକ ଓ ପ୍ରାପକଙ୍କ ମଧ୍ୟରେ ସଂଯୋଗ ସ୍ଥାପିତ ହୋଇଥାଏ । ପ୍ରେରକର ପତ୍ର ଲେଖିବାର ଶୈଳୀ, ଭାଷା, ଭାବର ଗଭୀରତା ଓ ବର୍ଣ୍ଣନାଚାତୁରୀ ଆଦି ପ୍ରାପକର ହୃଦୟରେ ରେଖାପାତ କରିଥାଏ । ଫଳରେ ପ୍ରେରକର ଉଦ୍ଦେଶ୍ୟ ଗ୍ରହଣ କରିବାରେ ପ୍ରାପକ ସମର୍ଥ ହୋଇଥାଏ ।

**୧୦.୨ ଚିଠି ବା ପତ୍ରର ମୌଳିକ ଉପାଦାନ :**

ସାଧାରଣତଃ ଗୋଟିଏ ପୂର୍ଣ୍ଣାଙ୍ଗ ପତ୍ରରେ ଚାରିଟି ଉପାଦାନ ଦେଖିବାକୁ ମିଳେ । ସେଗୁଡ଼ିକ ହେଲା ଯଥାକ୍ରମେ – ସରଳତା, ସଂକ୍ଷିପ୍ତତା, ଭାବସାନ୍ଦ୍ରତା ଓ ବିନମ୍ରତା । ପ୍ରଥମରେ ଚିଠିର ବାକ୍ୟ ସରଳ ଓ ଛୋଟ ହେବା ଉଚିତ । ଏଥିରେ ପୁଣି ଚଳନ୍ତି ଭାଷାର ବ୍ୟବହାର ନିହାତି ଦରକାର ।

ଏହାର ଦ୍ୱିତୀୟ ଉପାଦାନ ହେଉଛି ସଂକ୍ଷିପ୍ତତା ଅର୍ଥାତ୍ ସନ୍ଦେଶକୁ ଅଳ୍ପରେ ପ୍ରକାଶ କରାଯିବା ଉଚିତ । ଦୀର୍ଘପତ୍ର ପାଠକ ପ୍ରାଣରେ ବିରକ୍ତିଭାବ ଜାତ କରାଇବା ସଙ୍ଗେ ସଙ୍ଗେ ସନ୍ଦେଶ ଜାଣିବାର ଇଚ୍ଛାକୁ କମାଇ ଦେଇଥାଏ ।

ତୃତୀୟ ଉପାଦାନ ହେଉଛି ଭାବସାନ୍ଦ୍ରତା ବା ଭାବର ନିବିଡ଼ତା । ପତ୍ର ଲେଖୁଥିବା ବ୍ୟକ୍ତିର ଭାବଧାରା ଗଭୀର ଓ ସାନ୍ଦ୍ର ବା ନିବିଡ଼ ହେବା ବିଧେୟ । ଚିଠିର ବର୍ଣ୍ଣନା ମଧ୍ୟରେ ଯଦି ଭାବଧାରାର ପାରସ୍ପରିକ ନିବିଡ଼ତା ନଥାଏ, ତେବେ ତାହା ଖାପଛଡ଼ା ଲାଗେ ଓ ଅପ୍ରାସଙ୍ଗିକ ବୋଧହୁଏ । ଫଳରେ ପାଠକର ପଠନ ସ୍ପୃହା କମିଯାଏ ଓ ପ୍ରେରକର ଉଦ୍ଦେଶ୍ୟ ସଫଳ ହୁଏ ନାହିଁ ।

ଶେଷ ଉପାଦାନ ହେଉଛି ବିନମ୍ରତା । ନମ୍ରତା ଓ ଶାଳୀନତା ହେଉଛି ପ୍ରସଙ୍ଗ ଉପସ୍ଥାପନର ମାର୍ଜିତ ରୂପ । ଶିଷ୍ଟଭାଷା ପାଠକ ପ୍ରାଣରେ ରେଖାପାତ କରିବାରେ କ୍ଷମ ହୋଇଥାଏ ।

ସାଧାରଣତଃ ଭାବ ଅନୁଯାୟୀ ପତ୍ରମାନ ରଚିତ ହୋଇଥାଏ । ସେହି ଭାବକୁ ଆଧାର କରି ପତ୍ରମାନଙ୍କର ବିଭାଗୀକରଣ ହୋଇଛି । ସେଗୁଡ଼ିକ ହେଲେ – ଘରୋଇ ପତ୍ର, ବାଣିଜ୍ୟିକ ପତ୍ର, ସରକାରୀ ପତ୍ର, ଦରଖାସ୍ତ, ନିମନ୍ତ୍ରଣ ପତ୍ର ଇତ୍ୟାଦି ।

ନିମ୍ନରେ ସରକାରୀ ପତ୍ର ଓ ଦରଖାସ୍ତ ବିଷୟରେ ସୂଚନା ପ୍ରଦତ୍ତ ହୋଇଛି ।

**ସରକାରୀ ପତ୍ର ଲିଖନର କୌଶଳ :**

ଏ ଧରଣର ପତ୍ର ମୁଖ୍ୟତଃ ସରକାରୀ କାର୍ଯ୍ୟସହ ପୂର୍ଣ୍ଣମାତ୍ରାରେ ଜଡ଼ିତ । ଏଥିରେ ଗୋଟିଏ ସରକାରୀ କାର୍ଯ୍ୟାଳୟରୁ କୌଣସି ବ୍ୟକ୍ତି ବିଶେଷ ବା ପଦାଧିକାରୀ ବା ଅନ୍ୟ କାର୍ଯ୍ୟାଳୟକୁ ପତ୍ର ପଠାଯାଇଥାଏ । ପୁଣି ଏଭଳି ପତ୍ରରେ ଆବେଗ ଓ ଭାବବିହ୍ୱଳତା ଅପେକ୍ଷା ଶୃଙ୍ଖଳା ଓ ଦାୟିତ୍ୱବୋଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଇଂରାଜୀରେ ଏହାକୁ ଡ୍ରାଫ୍ଟ (Draft) ବା ଚିଠା ମଧ୍ୟ କୁହାଯାଏ । ଉଚ୍ଚପଦାଧିକାରୀ ଏଭଳି ପତ୍ର ଲେଖିଲାବେଳେ ତାହା ସରକାରୀ ନିର୍ଦ୍ଦେଶନାମା ବୋଲି ଉଲ୍ଲେଖ କରାଯାଇଥାଏ ।

## ସରକାରୀ ପତ୍ର :

**ନମୁନା -୧**

### ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କର ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ପତ୍ର ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**

ପ୍ରେରକ

ଜିଲ୍ଲାପାଳ, କୋରାପୁଟ

ପତ୍ରାଙ୍କ.................. ତାରିଖ ..................

ପ୍ରାପ୍ତେଷୁ

କୋରାପୁଟ ଜିଲ୍ଲା ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ।

ବିଷୟ :ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ-ନିଯୁକ୍ତି ଯୋଜନାର ସଫଳ ରୂପାୟନ ସମ୍ବନ୍ଧରେ ।

ମହାଶୟ,

ଆପଣ ଜାଣି ଖୁସି ହେବେ ଯେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଏ ଜିଲ୍ଲାର ଉତ୍ତରୋତ୍ତର ବିକାଶ ପାଇଁ ଅଧିକ ଗୁରୁତ୍ୱ ଦେଇଛନ୍ତି । ତାଙ୍କର ପତ୍ରାଙ୍କ ୫୨୮/୨୦୧୦ ତା୨୮/୧୨/୨୦୧୦ ରିଖ ଅନୁଯାୟୀ ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଏହି ଜିଲ୍ଲାର ରାସ୍ତାଘାଟ ନିର୍ମାଣ ଓ ମରାମତି ତଥା ନଳକୂପ ଏବଂ ପୁଷ୍କରିଣୀ ଖନନ ପାଇଁ ମିଳିଥିବା ଅର୍ଥରାଶିର ଆବଣ୍ଟନ ତାଲିକା ଏଥିସହିତ ପଠାଯାଉଅଛି । ଆପଣମାନେ ନିଜ ନିଜ ଅଞ୍ଚଳର ସମସ୍ତ କାମ ୨୦୧୧ ଫେବୃୟାରୀ ମାସ ପୂର୍ବରୁ ଶେଷ କରିବା ପାଇଁ ମଧ୍ୟ ସରକାରୀ ନିର୍ଦ୍ଦେଶନାମା ରହିଅଛି ।

ଏଣୁ ଆପଣଙ୍କୁ ଦିଆଯାଇଥିବା ଅର୍ଥର ସଦୁପଯୋଗ କରି ଉପରଲିଖିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଆଶା କରୁଛି ।

ଆପଣଙ୍କର ବିଶ୍ୱସ୍ତ

ସଂଲଗ୍ନକ : ଅର୍ଥ ଆବଣ୍ଟନ ତାଲିକା

ସ୍ୱାକ୍ଷର - ଜିଲ୍ଲାପାଳ, କୋରାପୁଟ

**ନମୁନା - ୨**

## ଜାତୀୟ ପୁରସ୍କାର ପ୍ରଦାନ ନିମିତ୍ତ ଶିକ୍ଷକ ଚୟନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ପତ୍ର ।

### ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା, ଭୁବନେଶ୍ୱର

ପତ୍ରାଙ୍କ.................... ତାରିଖ ......................

ପ୍ରେରକ

ଯୁଗ୍ମ ସଚିବ,
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡ଼ିଶା, ଭୁବନେଶ୍ୱର ।

ପ୍ରାପ୍ତେଷୁ

ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଭୁବନେଶ୍ୱର ।

ବା

ନିର୍ଦ୍ଦେଶକ, ଓଡ଼ିଶା ମାଧ୍ୟମିକ ଶିକ୍ଷା (ବିଦ୍ୟାଳୟ ଓ ଗଣଶିକ୍ଷା), ଭୁବନେଶ୍ୱର ।

ବିଷୟ : ଶିକ୍ଷକମାନଙ୍କୁ ୨୦୧୦ ମସିହାର ଜାତୀୟ ପୁରସ୍କାର ପ୍ରଦାନ ସମ୍ବନ୍ଧେ ।

ମହାଶୟ,

ମୁଁ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ (ଶିକ୍ଷା) ବିଭାଗ ପତ୍ରାଙ୍କ ୫୦/୨୦୧୦ ତାରିଖ ୨୩/୩/ ୨୦୧୦ ଦ୍ୱାରା ନିର୍ଦ୍ଦେଶିତ ହୋଇ ଆପଣଙ୍କୁ ଜଣାଉଅଛି କି ଆପଣ ୨୦୧୦ ମସିହାର ଜାତୀୟ-ପୁରସ୍କାର (ରାଷ୍ଟ୍ରପତି ପୁରସ୍କାର) ପାଇଁ ଯୋଗ୍ୟ ବିବେଚିତ ହେଉଥିବା ଗୁଣୀ, ଜ୍ଞାନୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନାମ ଓ ବିବରଣୀ ତା ୩୦/୪/ ୨୦୧୦ ରିଖ ସୁଦ୍ଧା ପ୍ରେରଣ କରନ୍ତୁ । ମେଧା ତାଲିକା ଚୟନର ନିୟମାବଳୀ ମଧ୍ୟ ଏହି ଚିଠି ସହିତ ସଂଲଗ୍ନ କରାଯାଇଛି ।

ଆପଣ ଦୟାପୂର୍ବକ ଏ ପତ୍ରକୁ ଗୁରୁତ୍ୱପୂର୍ଣ୍ଣ ତଥା ଜରୁରୀ ବୋଲି ବିବେଚନା କରି ଯଥାଶୀଘ୍ର ପଦକ୍ଷେପ ନେବେ ।

ଆପଣଙ୍କର ବିଶ୍ୱସ୍ତ

ସ୍ୱାକ୍ଷର - ଯୁଗ୍ମ ସଚିବ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ,
ଓଡ଼ିଶା ସରକାର

ସଂଲଗ୍ନକ : ନିୟମାବଳୀ

ନମୁନା - ୩

## ବେତାର ଶିକ୍ଷାଦାନ ପ୍ରସାରଣ ସମ୍ବନ୍ଧରେ ଶିକ୍ଷକଙ୍କୁ ପତ୍ର ।

## ଆକାଶବାଣୀ କେନ୍ଦ୍ର, କଟକ

**ଭାରତ ସରକାର**
ଆକାଶବାଣୀ
ବାର୍ତ୍ତା / ବକ୍ତବ୍ୟ, କ୍ଷୁଦ୍ରଗଳ୍ପ / ସାକ୍ଷାତକାର / ଆଲୋଚନା
କେନ୍ଦ୍ର, କଟକ ।

ପତ୍ରାଙ୍କ................ ତାରିଖ...............

ପ୍ରାପ୍ତେଷୁ,

ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାତ୍ର,
ପ୍ରଧାନ ଶିକ୍ଷକ, ଉଛବାଲି ଉଚ୍ଚବିଦ୍ୟାଳୟ,
ପୋ:ଅ: ଉଛବାଲି, ଜି: ଯାଜପୁର ।

ମହାଶୟ,

ଆପଣ ଜାଣି ଖୁସି ହେବେ ଯେ ଆକାଶବାଣୀର ନିୟମ ଓ ସର୍ତ୍ତ ଅନୁଯାୟୀ ନିମ୍ନ ପ୍ରଦତ୍ତ ବିଷୟରେ ଆପଣଙ୍କ ବେତାର ଶିକ୍ଷାଦାନ ଓଡ଼ିଶାର ଛାତ୍ର-ଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଆମ କେନ୍ଦ୍ର ନିଷ୍ପତ୍ତି ନେଇଅଛି । ଆପଣ ଦୟା ପୂର୍ବକ ସମ୍ମତି ପତ୍ର ପ୍ରଦାନ କଲେ ଆମ୍ଭେ ଉପକୃତ ହେବୁ ।

**ଶୀର୍ଷକ – ନବମ ଶ୍ରେଣୀ – ଓଡ଼ିଆ ପଦ୍ୟ – 'ଏଣୁ କପୋତ ଗୁରୁ ମୋର'**

ପ୍ରସାରଣ ତାରିଖ -ତା ୨୭/୧/୨୦୧୧ (ରେକର୍ଡିଂ ତା ୧୫/୧/୨୦୧୧ ପୂର୍ବାହ୍ନ ୧୧ ଘଟିକା)

ପ୍ରସାରଣ ସମୟ – ପୂର୍ବାହ୍ନ ୧୧ ଘଟିକା ସ୍ଥାନ - କଟକ

ପ୍ରସାରଣ ସ୍ଥାନ – ଅଖିଳଭାରତ ଆକାଶବାଣୀ, କଟକ କେନ୍ଦ୍ର

ପାରିଶ୍ରମିକ– ଟ ୧୫୦୦ (ଏକ ହଜାର ପାଞ୍ଚଶହ ଟଙ୍କା ମାତ୍ର)

ଦୟାପୂର୍ବକ ଆପଣଙ୍କ ପାଠଦାନ ଯୋଜନାର ଏକ ଲିଖିତ ପାଣ୍ଡୁଲିପି ଦଶଦିନ ପୂର୍ବରୁ କେନ୍ଦ୍ର ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରିବେ; ଅନ୍ୟଥା ପ୍ରସାରଭାରତୀର କାର୍ଯ୍ୟ ନିର୍ଘଣ୍ଟ ସଂଯୋଜନାରେ ବ୍ୟାଘାତ ସୃଷ୍ଟି ହେବ ।

ଆପଣଙ୍କର ବିଶ୍ୱସ୍ତ
ସ୍ୱାକ୍ଷର - କେନ୍ଦ୍ର ନିର୍ଦ୍ଦେଶକ,
ଆକାଶବାଣୀ, କଟକ

**ଏହି ଧରଣର ପତ୍ର ଲେଖା ପାଇଁ ନିୟମ :**

(୧) ପ୍ରଥମରେ କାର୍ଯ୍ୟାଳୟ ଓ ସ୍ଥାନ ଲେଖାଯିବ

(୨) ଦ୍ୱିତୀୟରେ ପତ୍ରାଙ୍କ ........./ଚିଠି ସଂଖ୍ୟା............ଲେଖାଯାଇ ସେ ଦିନର ତାରିଖ..........ଲେଖାଯିବ ।

(୩) ତାପରେ ପ୍ରେରକଙ୍କ ପଦବୀ, କାର୍ଯ୍ୟାଳୟ, ବିଭାଗ ଓ ସ୍ଥାନ ଲେଖାଯିବ ।

(୪) ପ୍ରାପକଙ୍କ ପରିଚିତି ଯଥା : ନାମ ବା ପଦବୀ, ସ୍ଥାନ ଇତ୍ୟାଦି ଲେଖାଯିବ ।

(୫) ବିଷୟ ସଂପର୍କରେ ସଂକ୍ଷେପରେ ସୂଚନା ଦିଆଯିବ ।

(୬) ଯଦି କୌଣସି ସରକାରୀ ପତ୍ରର ଉତ୍ତର ଦେବା ପାଇଁ ଆବଶ୍ୟକ ହୋଇଥାଏ, ତେବେ ପ୍ରାପକଙ୍କ ପୂର୍ବ ପ୍ରେରିତ ପତ୍ରାଙ୍କ ଓ ତାରିଖର ସୂଚନା ଦେବା ବିଧେୟ । ଯଦି ଉତ୍ତର ଦିଆଯିବାର ନଥାଏ, ତେବେ ପତ୍ରାଙ୍କର ସୂଚନା ଦରକାର ହୁଏ ନାହିଁ ।

(୭) ସମ୍ବୋଧନ ଯଥା ମହାଶୟ / ମହାଭାଗ ଇତ୍ୟାଦି ପରେ 'ପ୍ରଥମଚ୍ଛେଦ' ବା 'କମା' ରହିବ । ତାପରେ ପ୍ରସଙ୍ଗ ଉଲ୍ଲିଖିତ ହେବ । ଶେଷରେ ଲେଖାଯିବ – ଆପଣଙ୍କର ବିଶ୍ୱସ୍ତ / ଆପଣଙ୍କର ଇତ୍ୟାଦି ।

ତାପରେ ............. ପ୍ରେରକଙ୍କ ସ୍ୱାକ୍ଷର..................ତାରିଖ.............. କାର୍ଯ୍ୟାଳୟର ଠିକଣା........

(୮) ଲଫାପା ଉପରେ ପ୍ରେରକ ଓ ପ୍ରାପକଙ୍କ ନାମ ଓ ଠିକଣା ଯଥା ସ୍ଥାନରେ ଲେଖାଯିବ ।

## ଦରଖାସ୍ତ

**୧୦.୨** ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତି, ବ୍ୟକ୍ତିସମୂହ, ଗ୍ରାମ, ସଂଗଠନ ବା ଅନୁଷ୍ଠାନ ନିଜର ଆବଶ୍ୟକତା ପୂରଣ ପାଇଁ ଆବେଦନ, ନିବେଦନ, ଅଭିଯୋଗ ବା ପ୍ରତିବାଦ ସୂତ୍ରରେ ପତ୍ର ଲେଖନ୍ତି । ଏଭଳି ପତ୍ରକୁ ଦରଖାସ୍ତ କୁହାଯାଏ । ଏଥିରେ ଶବ୍ଦାଡ଼ମ୍ବର ଓ ବାକ୍‌ଚତୁରୀ ପରିହାର ପୂର୍ବକ ଯଥାସମ୍ଭବ ଯୁକ୍ତି ସମ୍ମତ ପ୍ରସଙ୍ଗ ଉପସ୍ଥାପନ ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ । ଚଳନ୍ତି ଭାଷାରେ ନିଜର ଅଭାବ ଅସୁବିଧା ଦର୍ଶାଇବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ ।

**ଉଦାହରଣ - ୧**

**ମା'ଙ୍କ ସେବା ପାଇଁ ତୁମେ ଦୁଇଦିନ ବିଦ୍ୟାଳୟରେ ଅନୁପସ୍ଥିତ ଥିଲ । ସେହି ଦୁଇଦିନର ଛୁଟି ମଞ୍ଜୁର ନିମିତ୍ତ ପ୍ରଧାନ ଶିକ୍ଷକଙ୍କ ନିକଟକୁ ଦରଖାସ୍ତ ଲେଖ ।**

ମାନନୀୟ ଶ୍ରୀଯୁକ୍ତ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହୋଦୟ ।

(ଶ୍ରେଣୀ ଶିକ୍ଷକଙ୍କ ଜରିଆରେ)

ବିଷୟ : ଦୁଇଦିନ ଛୁଟି ମଞ୍ଜୁର ନିମିତ୍ତ ପ୍ରାର୍ଥନା ।

ମହାଶୟ,

ନିବେଦନର କାରଣ ଏହିକି ଯେ ରୁଗ୍‌ଣାମାତାଙ୍କ ସେବା ନିମିତ୍ତ ତା ୨୦/୧/୨୦୧୧ ଓ ୨୧/୧/୨୦୧୧ ରିଖ ଦୁଇଦିନ ମୋତେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଦିନ ଓ ରାତି ରହିବାକୁ ପଡ଼ିଲା । ଫଳତଃ ସେହି ଦୁଇଦିନ ମୁଁ ଶ୍ରେଣୀରେ ଅନୁପସ୍ଥିତ ରହିଲି ।

ଏଣୁ ବିନୀତଭାବେ ପ୍ରାର୍ଥନା କରେକି ଆପଣ ଦୟାପରବଶ ହୋଇ ଉକ୍ତ ଦୁଇଦିନ ଛୁଟି ମଞ୍ଜୁର କଲେ ଅଧୀନ ଉପକୃତ ହେବା ସଙ୍ଗେ ସଙ୍ଗେ ଆପଣଙ୍କଠାରେ ଚିରଋଣୀ ହୋଇ ରହିବ ।

ଆପଣଙ୍କର ଆଜ୍ଞାଧୀନ ଛାତ୍ର / ଆଜ୍ଞାଧୀନା ଛାତ୍ରୀ,

ନାମ - ,

ତା - ୨୨/୧/୨୦୧୧ ଶ୍ରେଣୀ - ,

ଅଭିଭାବକଙ୍କ ସ୍ୱାକ୍ଷର : ରୋ:ନ - ।

ଉଦାହରଣ - ୨

## ତୁମ ଗ୍ରାମରେ ଡାକଘର ଖୋଲିବା ପାଇଁ ମହାଡାକପାଳ (ପୋଷ୍ଟମାଷ୍ଟର ଜେନେରାଲ)ଙ୍କ ନିକଟକୁ ପତ୍ରଲେଖ ।

ମାନନୀୟ ଶ୍ରୀଯୁକ୍ତ ଓଡ଼ିଶାର ମହାଡାକପାଳ ମହୋଦୟ, ଭୁବନେଶ୍ୱର।

ବିଷୟ : ନୂତନ ଡାକ ଘର ଖୋଲିବା ନିମନ୍ତେ ।

ମହାଶୟ,

ଆମ୍ଭେ ନିମ୍ନ ସ୍ୱାକ୍ଷରକାରୀ ବୃନ୍ଦ ଉପରଲିଖିତ ବିଷୟ ପ୍ରତି ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ ପୂର୍ବକ ସୁବିଚାର ନିମିତ୍ତ ନିବେଦନ କରୁଅଛୁ । ପ୍ରକାଶଥାଉକି ଆମ୍ଭ ସରେଇ ଗ୍ରାମଟି କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବଳରାମପୁର ଗ୍ରାମ ପଞ୍ଚାୟତର ଗୋଟିଏ ବଡ଼ ଗ୍ରାମ ଅଟେ । ଏଠାରେ ପ୍ରାୟତଃ ତିନି ହଜାର ଲୋକବାସ କରନ୍ତି । ଏହାର ଅଧିକାଂଶ ଲୋକ ଦୂର ଦୂରାନ୍ତରେ କାର୍ଯ୍ୟରତ ଅଛନ୍ତି । ତେଣୁ ପ୍ରତିଦିନ ଆମ ଗ୍ରାମକୁ ଅନେକ ପତ୍ର, ମନିଅର୍ଡର, ପାର୍ସଲ ଓ ଅନ୍ୟାନ୍ୟ ଡାକ ସମ୍ବଳିତ ସାମଗ୍ରୀମାନ ଆସିଥାଏ । ପରିତାପର ବିଷୟ ଏହିଯେ ଆମ ଗ୍ରାମ ସହିତ ସଂଯୋଜିତ ହୋଇଥିବା ଡାକ ଘରଟି ଏଠାରୁ ଚାରି କିଲୋମିଟର ଦୂରରେ ଅବସ୍ଥିତ । ପୁଣି ବର୍ଷାଦିନେ ନଦୀ, ନାଳ ହେତୁ ସବୁଦିନ ଡାକ ଆସିପାରେ ନାହିଁ । ଫଳତଃ ଗ୍ରାମବାସୀ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇ ଦୁଃଖରେ କାଳାତିପାତ କରୁଛନ୍ତି । ତେଣୁ ଆମ୍ଭ ଗ୍ରାମରେ ଗୋଟିଏ ଡାକଘରର ଏକାନ୍ତ ପ୍ରୟୋଜନ ହେଉଅଛି ।

ଏଣୁ ବିନୀତ ଭାବେ ଜଣାଉଅଛିକି ଆପଣ ଦୟାପରବଶ ହୋଇ ଆମ୍ଭ ଗ୍ରାମରେ ଗୋଟିଏ ଡାକଘର ଖୋଲିଲେ ଆମ୍ଭେମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଆପଣଙ୍କଠାରେ ଚିରଋଣୀ ହୋଇ ରହିବୁ ।

ଆପଣଙ୍କର ସେବାମୁଗ୍ଧ,

ସରେଇ ଗ୍ରାମବାସୀ ବୃନ୍ଦ ।

ଶ୍ରୀ ............................. (ୱାର୍ଡମେମ୍ବର)

ସରେଇ,

ତା ................

ଶ୍ରୀ ............................. (ୱାର୍ଡମେମ୍ବର)

ଶ୍ରୀମତୀ.........................,

ଶ୍ରୀମତୀ..........................।

**ଉଦାହରଣ – ୩**

## ମେଲେରିଆ ନିରାକରଣ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଦରଖାସ୍ତ ଲେଖ ।

ମାନନୀୟ ଶ୍ରୀଯୁକ୍ତ ବରଗଡ଼ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ମହୋଦୟ ।

ବିଷୟ : ମେଲେରିଆ ନିରାକରଣ ସମ୍ବନ୍ଧେ ।

ମହାଶୟ,

ନିବେଦନର ଅଭିପ୍ରାୟ ଏହି ଯେ, ଆମ୍ଭେ ପାଇକମାଳର ଅଧିବାସୀବୃନ୍ଦ ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ ପୂର୍ବକ ନିମ୍ନ ପ୍ରସଙ୍ଗମାନ ଉପସ୍ଥାପନ କରୁଅଛୁ । ପ୍ରକାଶ ଥାଉକି ଆମ୍ଭଗ୍ରାମଟି ବରଗଡ଼ ଜିଲ୍ଲାର ଏକ ବଡ଼ ଗ୍ରାମ ଅଟେ । ଏଠାରେ ପ୍ରାୟତଃ ପାଞ୍ଚ ହଜାର ଲୋକ ବାସ କରନ୍ତି । ଆଜକୁ ତିନି ମାସ ହେଲା ଏଠାରେ ମଶାମାନଙ୍କର ପ୍ରାଦୁର୍ଭାବ ଫଳରେ ମେଲେରିଆ ରୋଗ ବଢ଼ି ବଢ଼ି ଚାଲିଛି । ଏହି ସପ୍ତାହକ ମଧ୍ୟରେ ଦୁଇଜଣ ଲୋକ ମୃତ୍ୟୁ ମୁଖରେ ପଡ଼ିଲେଣି । ଆଉ କେତେକ ରୋଗ ଜ୍ୱାଳାରେ ହନ୍ତସନ୍ତ ହେଉଛନ୍ତି । ଏ ପର୍ଯ୍ୟନ୍ତ ପ୍ରୟୋଜନ ମୁତାବକ ସରକାରୀ ଚିକିତ୍ସା ଉପଲବ୍ଧ ହୋଇନାହିଁ ।

ଏଣୁ ବିନୀତଭାବେ ଅନୁରୋଧ କରୁକି ଆପଣ ଦୟାପୂର୍ବକ ମଶା ନିବାରଣ ତଥା ମେଲେରିଆ ନିରାକରଣ ନିମିତ୍ତ ଆଶୁ ପଦକ୍ଷେପ ନେଲେ ଆମ୍ଭେମାନେ ଉପକୃତ ହେବୁ ।

ଆପଣଙ୍କର ସେବାମୁଗ୍ଧ,

ପାଇକମାଳର ଅଧିବାସୀ ବୃନ୍ଦ ।

ଶ୍ରୀ ..............................,

ଶ୍ରୀ ..............................,

ଶ୍ରୀମତୀ ..........................।

**ଉଦାହରଣ - ୪**

## ସାମୟିକ ଛୁଟି (Casual Leave) ନିମିତ୍ତ ଆବେଦନ ପତ୍ର

ମାନନୀୟ ଶ୍ରୀଯୁକ୍ତ ଭଦ୍ରକ ଶିକ୍ଷା ମଣ୍ଡଳାଧୀଶ ମହୋଦୟ,ସମୀପେଷୁ

ବିଷୟ : ଦୁଇଦିନ ସାମୟିକ ଛୁଟି ମଞ୍ଜୁର ସମ୍ବନ୍ଧେ

ମହାଶୟ,

ନିବେଦନ କରୁଅଛିକି ପାଦରେ ଯନ୍ତ୍ରଣା ହେଉଥିବା ହେତୁ ମୁଁ ଚାଲିବାବେଳେ କଷ୍ଟ ଅନୁଭବ କରୁଅଛି । ତେଣୁ ତା ୩/୧/୨୦୧୧ ରିଖ ଓ ତା ୪/୧/୨୦୧୧ ଦୁଇଦିନ ସାମୟିକ ଛୁଟି ନେବାକୁ ଇଚ୍ଛା କରୁଅଛି ।

ଏଣୁ ବିନୀତ ଅନୁରୋଧ କରେକି ଆପଣ ଦୟାପରବଶ ହୋଇ ଉପର୍ଯ୍ୟୁକ୍ତ ଦୁଇଦିନ ମୋତେ ସାମୟିକ ଛୁଟି ମଞ୍ଜୁର କଲେ ମୁଁ ଉପକୃତ ହେବି ।

ଆପଣଙ୍କର ବିଶ୍ୱସ୍ତ,<br>ଶ୍ରୀ.................<br>ପ୍ରଧାନ ଶିକ୍ଷକ,<br>ବନ୍ତ ଉଚ୍ଚ ବିଦ୍ୟାଳୟ,<br>ବନ୍ତ, ଜି: ଭଦ୍ରକ ।

ତା ୨/୧/୨୦୧୧

### କେତେକ ଜାଣିବାକଥା :

(୧) **ସରକାରୀ ସଂସ୍ଥା :-** କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ, ସଚିବାଳୟ, ଆକାଶବାଣୀ, ଡାକବିଭାଗ, ରାଜ୍ୟସରକାରଙ୍କ ମନ୍ତ୍ରଣାଳୟ, ସଚିବାଳୟ, ନିର୍ଦ୍ଦେଶାଳୟ, ଜିଲ୍ଲାସ୍ତର-ଉପଖଣ୍ଡ ସ୍ତରରେ ଥିବା ଉଚ୍ଚ ଓ ଅଧସ୍ତନ ବିଭାଗର କାର୍ଯ୍ୟାଳୟ ପ୍ରଭୃତି ।

(୨) **ଅର୍ଦ୍ଧ ସରକାରୀ ସଂସ୍ଥା :-** ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି, ଜିଲ୍ଲାପରିଷଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ପୌରପାଳିକା, ମାଧ୍ୟମିକ ଶିକ୍ଷାପରିଷଦ, ବିଶ୍ୱବିଦ୍ୟାଳୟ, ଜାତୀୟକରଣ ବ୍ୟାଙ୍କ ପ୍ରଭୃତି ।

(୩) **ଅନ୍ୟସଂସ୍ଥା :-** ସମ୍ବାଦପତ୍ରର ସମ୍ପାଦକ, ପୁସ୍ତକଦୋକାନର ସ୍ୱତ୍ୱାଧିକାରୀ ଇତ୍ୟାଦି ।

(୪) ଦରଖାସ୍ତର ପ୍ରଥମ ପର୍ଯ୍ୟାୟରେ ପ୍ରାପ୍ତେଷୁ ଲେଖିବାର ତଳେ ଶ୍ରୀଯୁକ୍ତ ବା ମାନନୀୟ ଶ୍ରୀଯୁକ୍ତ କାର୍ଯ୍ୟାଳୟର ଅଧିକାରୀ (ଯେଉଁ କାର୍ଯ୍ୟାଳୟ ପାଇଁ ଉଦ୍ଦିଷ୍ଟ) ଲେଖାଯିବ । ଯଦି ପ୍ରାପ୍ତେଷୁ ପ୍ରଥମରେ ଲେଖାଯାଏ ତେବେ ମାନନୀୟ ଶ୍ରୀଯୁକ୍ତ ତଳଉପର ଦୁଇଧାଡ଼ି କରିବା ଅନାବଶ୍ୟକ । ପ୍ରାପ୍ତେଷୁର ଅର୍ଥ ପାଇବା ବ୍ୟକ୍ତିଙ୍କ ଠାରେ ବା ପ୍ରାପକଙ୍କ ଠାରେ ହୋଇଥିବା ହେତୁ ପ୍ରାପ୍ତେଷୁ ଉପର ଧାଡ଼ିରେ ଲେଖି ପ୍ରାପକଙ୍କ ଠିକଣା ତଳ ଧାଡ଼ିରେ ଲେଖାଯିବ । କିନ୍ତୁ ମାନନୀୟ ଓ ଶ୍ରୀଯୁକ୍ତ ଦୁଇଟିଯାକ କର୍ମାଧିକାରୀଙ୍କ ସମ୍ମାନସୂଚକ ଶବ୍ଦ ହୋଇଥିବାରୁ ଦୁଇଧାଡ଼ିରେ ଲେଖିବା ଯୁକ୍ତିସମ୍ମତ ନୁହେଁ । ଯଥା :

ପ୍ରାପ୍ତେଷୁ

ମାନନୀୟ ମୟୂରଭଞ୍ଜ ଜିଲ୍ଲାର ବନବିଭାଗ ମୁଖ୍ୟ ଅଧିକାରୀ ମହୋଦୟ, ବାରିପଦା ।

ବା

ମାନନୀୟ ମୟୂରଭଞ୍ଜ ଜିଲ୍ଲାର ବନବିଭାଗ ମୁଖ୍ୟ ଅଧିକାରୀ ମହୋଦୟ, ବାରିପଦା ।

ବା

ପ୍ରାପ୍ତେଷୁ

ଶ୍ରୀଯୁକ୍ତ ଜିଲ୍ଲା ବନବିଭାଗ ମୁଖ୍ୟ ଅଧିକାରୀ, ମୟୂରଭଞ୍ଜ, ବାରିପଦା ।

ବା

ମାନନୀୟ ଶ୍ରୀଯୁକ୍ତ ଜିଲ୍ଲା ବନବିଭାଗ ମୁଖ୍ୟ ଅଧିକାରୀ, ମୟୂରଭଞ୍ଜ, ବାରିପଦା ।

(୫) ପତ୍ର ଶେଷରେ ଗୁରୁ ଛାତ୍ର ମଧ୍ୟରେ ଭକ୍ତି ହେତୁ ଆଜ୍ଞାଧୀନ ଓ ଆଜ୍ଞାଧୀନା ଲେଖାଯିବା ଉଚିତ । ଅନ୍ୟପଦସ୍ଥ କର୍ମଚାରୀ ବା ଦରଖାସ୍ତର ଅନ୍ୟ କ୍ଷେତ୍ରରେ ଆପଣଙ୍କର ବିଶ୍ୱସ୍ତ / ଆପଣଙ୍କର ସେବାମୁଗ୍ଧ / ଗୁଣମୁଗ୍ଧ ପ୍ରଭୃତି ଲେଖିବାପରେ ଦରଖାସ୍ତକାରୀଙ୍କ ନାମ ଠିକଣା ରହିବ ।

(୬) ଆହୁରି ମନେ ରଖିବାକୁ ହେବ ଯେ କେଉଁ ବିଭାଗର କେଉଁ କର୍ମାଧିକାରୀଙ୍କ ପାଖକୁ ପତ୍ର ଲେଖାଯିବ ତାହା ଠିକ୍ ଭାବେ ଜାଣି ଲେଖିବା ଉଚିତ୍ ।

## ଅନୁଶୀଳନୀ

(୧) ବିଦ୍ୟାଳୟର ଶ୍ରେଣୀ କକ୍ଷରେ ଥିବାବେଳେ ତୃତୀୟ ନିର୍ଘଣ୍ଟରେ ତୁମେ ହଠାତ୍ ପେଟ ଯନ୍ତ୍ରଣା ଅନୁଭବ କଲ । ସେତେବେଳେ ତୁମେ କାହାପାଖକୁ କିପରି ଦରଖାସ୍ତ ଲେଖିବ ତାହା ଲେଖ ।

(୨) ଆଗକୁ ପିଲାମାନଙ୍କର ପରୀକ୍ଷା ରହିଛି । ଦ୍ୱିତୀୟରେ ଗରମଦିନ । ତୁମ ଅଞ୍ଚଳରେ ଏ ସମୟରେ ଘନଘନ ବିଜୁଳି କାଟ ହେଉଛି । ଏହାର ପ୍ରତିକାର ନିମିତ୍ତ ବିଦ୍ୟୁତ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ପାଖକୁ ଦରଖାସ୍ତ ଲେଖ ।

(୩) ଗ୍ରାମାଞ୍ଚଳ ରାସ୍ତାଘାଟର ଉନ୍ନତି ନିମିତ୍ତ ସରକାର ପ୍ରଚୁର ଅର୍ଥ ଦେଉଛନ୍ତି । କିନ୍ତୁ ତୁମଗ୍ରାମକୁ ଆସିଥିବା ରାସ୍ତା ମରାମତି ଅର୍ଥର ଉପଯୁକ୍ତ ବିନିଯୋଗ ନହୋଇ ନିମ୍ନମାନର କାମ ହୋଇଛି । ତା'ର ପ୍ରତିବାଦ ଜଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ଲେଖ ।

(୪) ବହି କିଣିବାପାଇଁ ପୁସ୍ତକ ବିକ୍ରେତାଙ୍କ ନିକଟକୁ ପତ୍ର ଲେଖ ।

(୫) ମାଟ୍ରିକ ପରୀକ୍ଷା ପରେ କୁକୁଡ଼ା ଚାଷ କରିବା ପାଇଁ ତୁମେ ମନସ୍ଥ କରିଛ । ସେହି ଉଦ୍ଦେଶ୍ୟରେ ଋଣ ପ୍ରଦାନ କରିବା ପାଇଁ ବ୍ୟାଙ୍କ ମ୍ୟାନେଜରଙ୍କୁ ପତ୍ର ଲେଖ ।

(୬) ମାଟ୍ରିକ ପରେ ତୁମେ ଯେଉଁ କଲେଜରେ ପଢ଼ିବାକୁ ଚାହୁଁଛ, ସେଠାରୁ ଫର୍ମ ମଗାଇବା ପାଇଁ ଅଧ୍ୟକ୍ଷଙ୍କୁ ପତ୍ର ଲେଖ ।

(୭) ନଳକୂପ ଖନନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କ ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପତ୍ର ଲେଖ।

❖❖❖